ISSN 2583-9543
VOL. NO. 01, ISSUE NO. 06

REFEREED PEER-REVIEWED JOURNAL

# ବାଗୀଶ

BA ESHA ● ନଭେମ୍ବର- ଡିସେମ୍ବର ୨୦୨୩



BAGEESHA

# ବାଗୀଶ

ସମାଲୋଚନାଧର୍ମୀ ପତ୍ରିକା

Refereed Peer-Reviewed Journal

ISSN 2583-9543 (ONLINE)

■

ପ୍ରଥମ ବର୍ଷ, ଷଷ୍ଠ ସଂଖ୍ୟା
ନଭେମ୍ବର - ଡିସେମ୍ବର ୨୦୨୩

Volume No. 01
Issue No. 06
November - December 2023

■

ଯୋଗାଯୋଗ
ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍,
ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼

E-mail :
bageesha.magazine@gmail.com
Phone No. 9337166172
Visit Us : www.bageesha.in

II ଓମ୍ ଗଣନାଥାୟ ନମଃ II

---

ପ୍ରତିଷ୍ଠାତା-ସଂପାଦକ
**ବିକେଶ ସାହୁ**

---

Founder & Editor
**Bikesh Sahu**

Edited and Published
By
**Bikesh Sahu**
At - Bhuslad, Po - Dedhagaon,
P.S - Sindhekela
Dist - Balangir - 767035

## BOARD OF PEERS

**Prof. Dash Benhur**
Retired Principal,
S.C.S (Autonomous) College,
Puri

**Prof. B.N Pattnaik**
Retired Prof. of English &
Linguistics,
IIT, Kanpur, India

**Prof. Satya P. Mohanty**
Prof., Department of
English Cornell University,
United States

**Dr. Satyapriya Mahalik**
Associate Professor
Jamshedpur Workers' College
Jamshedpur, Jharkhand

**Dr. Gopinath Bag**
Asst. Professor, Dept. of Odia
Samabalpur University,
Jyoti Vihar, Burla

**Dr. Bijayalaxmi Dash**
Asst. Professor, Dept. of Odia
Revenshaw University,
Cuttack

**Dr. Rabindra Kumar Das**
Asst. Professor, Dept. of Odia
Visva Bharati University,
Shantiniketan

## ABOUT US

- 'Bageesh' is a bi-monthly research and discussion ISSN recognized refereed peer-reviewed journal.
- The special research section of 'Bageesha' publishes research discussions on literature, society, culture, art, history, anthropology, philosophy, science, etc.
- 'Bageesha' has been successful in recent years with a unique approach to make the youth research minded and has also prepared a new framework for the future.
- 'Bageesha' is rich in the following directed sections:

  Essay and Discussion Section: You can submit any basic essay and discussion for this section.
  New Book: For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
  'Bageesha' Barenya: An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be sent.

Visit our website www.bageesha.in for details on sending articles and books.

## ସମୀକ୍ଷକ ମଣ୍ଡଳୀ

**ପ୍ରଫେସର ଦାଶ ବେନହୁର**
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ.ଶା) ମହାବିଦ୍ୟାଳୟ,
ପୁରୀ

**ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି,
କାନପୁର

**ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି**
ପ୍ରଫେସର, ଇଂରାଜୀ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ,
ଆମେରିକା

**ଡ. ସତ୍ୟପ୍ରିୟ ମହାଲିକ**
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ
ଜାମସେଦପୁର ମହିଳା ମହାବିଦ୍ୟାଳୟ,
ଜାମସେଦପୁର, ଝାଡ଼ଖଣ୍ଡ

**ଡ. ଗୋପୀନାଥ ବାଗ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ବୁର୍ଲା

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ,
କଟକ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,
ଶାନ୍ତିନିକେତନ


## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ରେଫରିଡ୍ ପିଅର ରିଭିଉଡ୍ ଜର୍ଣ୍ଣାଲ (Refereed Peer-Reviewed Jornal) ।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

  **ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

  **ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

  **'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ( ୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ ( ୭-୮ ଧାଡ଼ି ଭିତରେ ), ସଂପୂର୍ଣ୍ଣ ଲେଖା MS-Word File( ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

## ସଂପାଦନା ମଣ୍ଡଳୀ
EDITORIAL BOARD

ସହ-ସଂପାଦକ
**କନକ ବର୍ଦ୍ଧନ ସାହୁ**

କାର୍ଯ୍ୟନିର୍ବାହୀ ସଂପାଦକ
**ରିତମ୍ ମିଶ୍ର**

**ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା**

**ଡ. ବିଦ୍ୟୁଲତା ଷଣ୍ଢ**
ଓଡ଼ିଆ ଅଧ୍ୟାପିକା, ନୟାଗଡ଼(ସ୍ୱ.ଶା) ମହାବିଦ୍ୟାଳୟ, ନୟାଗଡ଼

**ସୁଜାତା ସାହାଣି**
ଓଡ଼ିଆ ଅଧ୍ୟାପିକା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

**ତୃପ୍ତିମୟୀ ଭୋଇ**
ଓଡ଼ିଆ ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

**ସଙ୍ଘମିତ୍ରା ଦାସ**
ଓଡ଼ିଆ ଅଧ୍ୟାପିକା, ଚୌଦ୍ୱାର ମହାବିଦ୍ୟାଳୟ, ଚୌଦ୍ୱାର, କଟକ

**ସୁବାସ ଚନ୍ଦ୍ର ଭୋଇ**
ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**
ଗବେଷକ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା


## ଆପଣଙ୍କ ଚିଠି

'ବାଗୀଶ' ଅଳ୍ପଦିନ ଭିତରେ ମନଲୋଭା ହୋଇପାରିଛି ତାହାରି ସ୍ୱତନ୍ତ୍ରତା ସକାଶେ ।

**--- କ୍ଷୀରୋଦ ପରିଡ଼ା, ବରିଷ୍ଠ ଲେଖକ**

ଓଡ଼ିଆ ସାହିତ୍ୟର ଗବେଷଣା ଓ ଆଲୋଚନା ନିମନ୍ତେ ଏକ ସ୍ୱତନ୍ତ୍ର ପତ୍ରିକାର ପରିକଳ୍ପନା ପାଇଁ ବାଗୀଶ ପରିବାରକୁ ମୋର ଅନେକ ଅନେକ ଶୁଭେଚ୍ଛା। ପତ୍ରିକାର କଳେବର ଓ ସଂଯୋଜନା ଦେଖି ମୁଁ ବେଶ୍ ଖୁସି ଅନୁଭବ କଲି। ପ୍ରକାଶିତ ଲେଖା ସବୁ ଉପାଦେୟ। ରବି ସାର୍ ଓ ବିଜୟଲକ୍ଷ୍ମୀ ମ୍ୟାମ୍ ଙ୍କ ଲେଖା ଶିକ୍ଷଣୀୟ।  ନଟବର ଶତପଥୀଙ୍କ ସାକ୍ଷାତକାର ସମକାଳୀନ ଗବେଷଣା ଓ ଗବେଷକମାନଙ୍କ ପାଇଁ ଅନୁକରଣୀୟ। ତାଙ୍କୁ ମୋର ଯଥେଷ୍ଟ ସମ୍ମାନ।

'ବାଗୀଶ' ଅବାଧରେ ଏମିତି ଆଗେଇ ଚାଲୁ ଈଶ୍ୱରଙ୍କ ପାଖରେ ମୋର ପ୍ରାର୍ଥନା।

**--- ସନ୍ତୋଷ ଭୋଇ, ଗବେଷକ**

ବାଗୀଶର ଉଦ୍ୟମକୁ ସାଧୁବାଦ । ବାଗୀଶର ଲେଖା ଚୟନ ଓ ସଜ୍ଜୀକରଣ ନିଆରା । ପ୍ରକାଶିତ ଲେଖାଗୁଡ଼ିକ ଖୁବ୍ ଉପାଦେୟ । ଏହା ନିଶ୍ଚୟ ଆଗାମୀ ଦିନରେ ଆହୁରି ସମୃଦ୍ଧ ହେବ ।

**--- ଅରୂପାନନ୍ଦ ରାଉତ, ଅଧ୍ୟାପକ**

ମୋ ଚିତ୍ରକୁ ପତ୍ରିକାର ପ୍ରଚ୍ଛଦରେ ସ୍ଥାନ ଦେଇଥିବାରୁ ଅନେକ ଧନ୍ୟବାଦ । ପତ୍ରିକାରେ ସ୍ଥାନିତ ସମସ୍ତ ଲେଖା ବହୁତ ଉଚ୍ଚକୋଟିର ।

**--- ସିପ୍ରା ମହାପାତ୍ର, ଛାତ୍ରୀ**

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।


ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)। ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯ ।

# ସଂପାଦକୀୟ

## ଦାୟିତ୍ୱହୀନତା+ଅଭୟ+କରୁଣା = ବର୍ତ୍ତମାନର ଗବେଷଣା

ସୁଧୀ ସର୍ଜନମଣ୍ଡଳୀ! ଗତଥର ତ କହିଥିଲି, କିଛି କଥା କହିଲେ କୁଳକୁଟୁମ୍ବକୁ ଲାଜ ଆଉ ନ କହିଲେ କୁଳ ଭାସିଯାଉଛି। ଅବଶ୍ୟ ସଂପାଦକୀୟ ଶୀର୍ଷକ ଦେଖି କଥାଟା ଟିକିଏ ଅସ୍ୱାଭାବିକ ମନେ ହେଉଥିବ। ଭାବୁଥିବେ, ସମ୍ପାଦକ ମହୋଦୟ ସାହିତ୍ୟ ସମ୍ପର୍କରେ ଆଲୋଚନା କରିବା ବଦଳରେ ଗଣିତ ବିଷୟକୁ ଆଣି ପୁରେଇଲେଣି। ଯୁକ୍ତ-ବିଯୁକ୍ତ କରି ଗବେଷଣାର ସୂତ୍ର ନିର୍ଣ୍ଣୟ କଲେଣି। ଜ୍ଞାନୀଜନେ କ୍ଷମା କରିବେ, ମୁଁ ଅଜ୍ଞାନ ଏ ସବୁ କହି, ଆପଣମାନଙ୍କର ବୋଧଶକ୍ତିକୁ ଅପମାନ କରୁନାହିଁ ତ! ଯଦି ମୋ ଅଜ୍ଞାତରେ ସେ ଧୃଷ୍ଟତା କରୁଥାଏ ତେବେ ଏଥି ପାଇଁ କ୍ଷମା ପ୍ରାର୍ଥୀ। ତେବେ ବିଷୟକୁ ଫେରିବା।

ଗବେଷଣା ଏକ ଜାତୀୟ କର୍ମ। ଗବେଷଣା ଦ୍ୱାରା ହିଁ ଅନେକ ଅଜଣା ବିଷୟ ଜଣାପଡ଼େ; ଭ୍ରାନ୍ତ ଧାରଣା ଦୂର ହୁଏ; ନୂତନ ଜ୍ଞାନ ଓ ତଥ୍ୟର ସନ୍ଧାନ ସମ୍ଭବ ହୋଇପାରେ। ତେଣୁ ଗବେଷଣା ସାହିତ୍ୟର ହେଉ ଅବା ସମାଜର; ହେଉ ଅବା ସଭ୍ୟତାର ଅଥବା ବିଜ୍ଞାନର ସବୁଠି ଗବେଷକର ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ସର୍ବଦା ଗବେଷଣା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଗବେଷଣା ନିମନ୍ତେ ଉପଯୁକ୍ତ ପ୍ରକ୍ରିୟା ବା ଉପଯୁକ୍ତ ମାର୍ଗ ଚୟନ ଯଦି ନ କରାଯାଏ; ଗବେଷକ ପଥଭ୍ରଷ୍ଟ ହେବା ସହ ନିଜ ମୂଳ ପ୍ରସ୍ତାବିତ ଲକ୍ଷ୍ୟ ପାଖରେ ପହଞ୍ଚିବା ସମ୍ଭବପର ହୋଇନପାରେ। ତେଣୁ ଗବେଷଣା କର୍ମ ପାଇଁ ସର୍ବଦା ଏକ ମୁକ୍ତ ହୃଦୟ ଆବଶ୍ୟକ। ଯହିଁରେ ନୂଆ ଜାଣିବାର ଆଗ୍ରହ, ନୂଆ କରିବାର କ୍ଷମତା ଓ ସବୁ ବିଷୟକୁ ନୂଆ ଦୃଷ୍ଟିରେ ଦେଖିବାର ଓ ପରଖିବାର ଦୃଷ୍ଟିକୋଣ ରହିଥିବା ଆବଶ୍ୟକ। ଏ ସମ୍ପର୍କରେ କିଛି ବିଶେଷ ମତ ଏଠାରେ ଉଲ୍ଲେଖ କରାଯାଇପାରେ - "ଗବେଷକ କେବଳ ପ୍ରାଚୀନ ତଥ୍ୟର ସଂଗ୍ରାହକ ନୁହେଁ, ତନ୍ମଧ୍ୟରେ ନିହିତ ନୂତନ ଉପାଦାନ ବା ଦୃଷ୍ଟିଭଙ୍ଗୀ ଉଦ୍‌ଘାଟନ କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ଗବେଷକର ମୌଳିକ ଦୃଷ୍ଟିଭଙ୍ଗୀ, ଅନୁସନ୍ଧାନୀ ମନ ଓ ଗୂଢ଼ ବିଶ୍ଳେଷଣୀ ପ୍ରତିଭା ଉପରେ ଗବେଷଣାର ସଫଳତା ନିର୍ଭରଶୀଳ। ନବୀନ ବ୍ୟାଖ୍ୟା ଦ୍ୱାରା ଜ୍ଞାନର ପରିସୀମା ଏବଂ କ୍ଷେତ୍ରକୁ ବିସ୍ତାରିତ କରିବା ମାଧ୍ୟମରେ ଜ୍ଞାନ ରାଜ୍ୟର ବହୁ ରହସ୍ୟ ଉଦ୍‌ଘାଟିତ ହୋଇଥାଏ। ସତ୍ୟ ଓ ପ୍ରାମାଣିକ ତଥ୍ୟ ଉପରେ ଗବେଷଣାର ସଫଳତା ନିର୍ଭର କରୁଥିବାରୁ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଏହା ଅନାହତ ରହିବା ବାଞ୍ଛନୀୟ। ତଥ୍ୟ ଏବଂ ଯୁକ୍ତିର ସୁ-ସମନ୍ୱୟ ଏବଂ ସ୍ୱୀକୃତ ପଦ୍ଧତି ମାଧ୍ୟମରେ ବିଶ୍ଳେଷଣ ଓ ସତର୍କ ସିଦ୍ଧାନ୍ତ ସାପେକ୍ଷ ସତ୍ୟ ଆବିଷ୍କାର ହିଁ ଗବେଷଣାର ପ୍ରମୁଖ ଉଦ୍ଦେଶ୍ୟ। ଏଥିପାଇଁ ଜ୍ଞାନ ଓ ଅଭିଜ୍ଞତାର ଯେପରି ପ୍ରୟୋଜନ ରହିଛି, ସେହିପରି ରହିଛି ସୂକ୍ଷ୍ମ ଦୃଷ୍ଟିଭଙ୍ଗୀର ଆବଶ୍ୟକତା। କାର୍ଯ୍ୟ-କାରଣ ମଧ୍ୟରେ ସୁ-ସମନ୍ୱୟ ସାଧିତ ହୋଇ ନପାରିଲେ, ଗବେଷଣା କର୍ମଟି ବିଫଳତାରେ ପର୍ଯ୍ୟବସିତ ହୋଇଥାଏ ।" (ଗବେଷଣା ପ୍ରକରଣ : ସମ୍ପାଦନା ଓ ଅନୁବାଦ ପ୍ରବିଧି) କହିବାର ତାତ୍ପର୍ଯ୍ୟ ଏକ ପବିତ୍ର ହୃଦୟ ନେଇ କରାଯାଉଥିବା ଗବେଷଣା ହିଁ ନିଜର ମୂଲ୍ୟ ରକ୍ଷା କରିପାରେ। ଯାହା ଆଗାମୀ ପିଢ଼ି ପାଇଁ ମାଇଲଖୁଣ୍ଟି ହୋଇ ଠିଆ ହୁଏ। ବନ୍ଧୁଗଣ ଆପଣମାନେ ଭାବୁଥିବେ ସଂପାଦକ ଆଜି କ'ଣ ଗବେଷଣା ଉପରେ ପାଠ ପଢେଇବା ଆରମ୍ଭ କରିଦେଲେ ! ନାଇଁ ଆଜ୍ଞା। ଆପଣ ସମସ୍ତେ ଏ ସଂପର୍କରେ ସବିଶେଷ ଜ୍ଞାତା। ମୁଁ ଏ ଯାଏ କେବଳ ମଙ୍ଗଳାଚରଣ ମାତ୍ର ଆରମ୍ଭ କରିଛି। 'ସମ୍ପାଦକୀୟରେ ପୁଣି ମଙ୍ଗଳାଚରଣ?' - ଏ ପ୍ରଶ୍ନ ଗୋଟାକ ଆସିବା ଅମୂଳକ ନୁହେଁ। ହଉ ଆପଣମାନଙ୍କ ଧୈର୍ଯ୍ୟର ପରୀକ୍ଷା ନେବି ନାହିଁ। ସିଧାସଳଖ ପ୍ରକୃତ ବିଷୟକୁ ଫେରୁଛି ।

ମୁଁ ପୂର୍ବରୁ ବି ଅନେକ ଥର କହିଛି ବର୍ତ୍ତମାନ ଓଡ଼ିଆ ସାହିତ୍ୟର ସବୁଠାରୁ ଦୁର୍ବଳ ବିଭାଗ ହେଉଛି ଗବେଷଣା। କେବଳ ଓଡ଼ିଆ ସାହିତ୍ୟ କହିବା ଠିକ୍ ହେବନି ପ୍ରାୟ ବିଭାଗରେ ଗବେଷଣା ଦିଗଟି ବର୍ତ୍ତମାନ ଅବହେଳିତ ହେବା ସହ ନିଜର ମୂଲ୍ୟବୋଧ ହରେଇବାରେ ଲାଗିଛି - ଏକଥା ଆପଣମାନେ ଅସ୍ୱୀକାର କରିବେନି। ଏଥିପାଇଁ ଅନେକ କାରଣ ଦାୟୀ। ଆଉ ସେଇ ସବୁ କାରଣ ବିଷୟରେ ଆପଣ ସମସ୍ତେ ମଧ୍ୟ ଅଳ୍ପେ ବହୁତେ ପରିଚିତ। ମୁଁ ପୂର୍ବରୁ ଉଲ୍ଲେଖ କରିଛି, ଗବେଷଣା ଏକ ବ୍ୟକ୍ତିଗତ କାର୍ଯ୍ୟ ନୁହେଁ। ଏକ ଜାତୀୟ କର୍ମ ପାଇଁ କେବଳ ବ୍ୟକ୍ତିଗତ ନିଷ୍ଠା ରହିଲେ ଏହା ସଫଳ ହୋଇ ନପାରେ। ଏଥିପାଇଁ ସମସ୍ତଙ୍କର ଉତ୍ସର୍ଗୀକୃତ ସହଯୋଗର ମଧ୍ୟ ଅବଶ୍ୟକତା ରହିଛି। କେବଳ ଗବେଷକମାନଙ୍କ ଉପରେ ଦୋଷ ଲଦିଦେଇ ଖସି ଯିବାକୁ ମୁଁ ଚାହୁଁନି। ତଥାପି ଗବେଷଣାର ପ୍ରଥମ ଓ ମୌଳିକ ଉପାଦାନ ହେଉଛି ଗବେଷକ। ଯାହା ଉପରେ ଗବେଷଣାର ଗତି, ସ୍ଥିତି ଓ ପ୍ରଗତି ସବୁକିଛି ନିର୍ଭର କରିଥାଏ। ପୂର୍ବରୁ ମୁଁ ଗବେଷକର ନିଷ୍ଠା ଓ ସହୃଦୟତା ପ୍ରସଙ୍ଗରେ ନିଜର ଅଭିମତ ଦେଇସାରିଛି- ଯାହା ଜଣେ ଗବେଷକ ପାଇଁ ନିତାନ୍ତ ଆବଶ୍ୟକ। କିନ୍ତୁ ଗବେଷକ ମଧ୍ୟରେ ବର୍ତ୍ତମାନ ସେହି ନିଷ୍ଠା ନାହିଁ କହିବା ଭୁଲ୍ ହେବ ନାହିଁ। ଅବଶ୍ୟ ଏଥିପାଇଁ ଗବେଷକ ଏକା ଦାୟୀ ନୁହଁନ୍ତି। ଏହା ପଛରେ ରହିଛି ବିଭିନ୍ନ ସମସ୍ୟା ଯାହାଦ୍ୱାରା ଗବେଷଟିଏ ପ୍ରଭାବିତ ହୋଇଆସିଛି। ସେଇସବୁ ମଧ୍ୟରେ କିଛି ପ୍ରମୁଖ ସମସ୍ୟା ହେଉଛି - ଚିରାଚରିତ ଡିଗ୍ରୀ ସର୍ବସ୍ୱ ମନୋଭାବ, ଚିରାଚରିତ ଢଙ୍ଗରେ ଗବେଷଣା ପ୍ରତି ଆଗ୍ରହ, ଗବେଷଣା ଶୀଘ୍ର ସାରିବା ପାଇଁ ବିଶ୍ୱବିଦ୍ୟାଳୟର ତାଗିଦ୍ ଆଦି। ଏହାର ପ୍ରଭାବ ଗବେଷଣା କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ ପଡ଼ିଥାଏ। ଯାହାର ଫଳସ୍ୱରୂପ ଆଜି ଅନେକ ବିଶ୍ୱବିଦ୍ୟାଳୟରେ ଅନାବଶ୍ୟକ ଓ ମୂଲ୍ୟହୀନ ବିଷୟକୁ ନେଇ ମାଳମାଳ ଗବେଷଣା ନିବନ୍ଧ ଦାଖଲ ହେଉଛି। ଯାହାର ମୂଲ୍ୟ ସାହିତ୍ୟ ସହ ନୂତନ ତଥ୍ୟ ଓ ତତ୍ତ୍ୱ ଯୋଡ଼ିବା ବଦଳରେ ଏହାକୁ ଭାରାକ୍ରାନ୍ତ ହିଁ କରିଚାଲିଛି।

ଅନୁରୂପ ଭାବେ ବିଶ୍ୱବିଦ୍ୟାଳୟ ଓ ମାର୍ଗଦର୍ଶକ ସ୍ତରରେ ମଧ୍ୟ ଗବେଷକମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେଇସବୁ ମଧ୍ୟରେ ବିଶ୍ୱବିଦ୍ୟାଳୟରେ ଆବଶ୍ୟକୀୟ ଯୋଗ୍ୟ ମାର୍ଗଦର୍ଶକ ଅଭାବ, ଛାତ୍ର-ଶିକ୍ଷକ ମଧ୍ୟରେ ପ୍ରିୟାପ୍ରୀତି ତୋଷଣ, ନିଜ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର-ଛାତ୍ରୀଙ୍କୁ ଅଗ୍ରାଧିକାର, ମାର୍ଗଦର୍ଶକଙ୍କ ରସିକତା, ଆଞ୍ଚଳିକ ମନୋଭାବ, ଜେ.ଆର.ଏଫ୍ ବା ଫେଲୋସିପ୍ ପ୍ରାପ୍ତ ଛାତ୍ର-ଛାତ୍ରୀଙ୍କୁ ଗବେଷଣା ନିମନ୍ତେ ସର୍ବାଗ୍ରେ ଯୋଗ୍ୟ ଭାବେ ବିବେଚନା, ତା' ଭିତରେ ପୁଣି ସଂରକ୍ଷଣ ବ୍ୟବସ୍ଥା ଆଦି ବିବିଧ ପ୍ରସଙ୍ଗ ଦେଖିବାକୁ ମିଳୁଛି।

ଆମ ଗବେଷଣା କ୍ଷେତ୍ରରେ ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଆମ ମାର୍ଗଦର୍ଶକମାନଙ୍କ ଅଭୟ ମୁଦ୍ରା। ଆଜ୍ଞା ହଁ। ଏମିତି ବି ଅନେକ ମାର୍ଗଦର୍ଶକ ଅଛନ୍ତି ଯେଉଁମାନେ ଗବେଷଣା କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରୁ ଦୀର୍ଘ ସମୟ ଅତିକ୍ରାନ୍ତ ହେଲା ପରେ ମଧ୍ୟ ଗବେଷକଙ୍କୁ ପଚାରିବାକୁ ସମୟ ନଥାଏ ଯେ, ସେ କ'ଣ କରିଛନ୍ତି, ଆଉ କେମିତି କରିଛନ୍ତି! ଯଦିଓ ପଚାରନ୍ତି ତାକୁ ପୁନଃପରୀକ୍ଷଣ କରି ଠିକ୍ ଭୁଲ୍ ଜଣେଇବା ପାଇଁ ତାଙ୍କ ପାଖରେ ସମୟର ଅଭାବ। ସବୁପରେ ସେମାନଙ୍କ ମୁହଁରେ କେବଳ ସେଇ ଗୋଟିଏ ମନ୍ତ୍ର - 'ଦେଖିବା ଯାହା ହେବ!' ଏବଂ ମୁଦ୍ରା - 'ଅଭୟ !' ଯାହା ଦର୍ଶନ କରି ଗବେଷକଙ୍କ ସମସ୍ତ ଚିନ୍ତା ଓ ଦୁଶ୍ଚିନ୍ତା ନାଶ ହୁଏ। ଏଠୁ ଯୋଡ଼ି- ସେଠୁ ଯୋଡ଼ି- ପାଞ୍ଚରୁ ଛ'ମାସ ସାଧନ ମୁଦ୍ରା ଧାରଣ କରି ଗବେଷକ ଏକ ପୂର୍ଣ୍ଣବିଗ୍ରହ ନିର୍ମାଣ କରନ୍ତି ତା' ପୁଣି ଅତି ସନ୍ତର୍ପଣରେ। ଏହାପରେ ଆୟୋଜିତ ହୁଏ ପ୍ରାଣପ୍ରତିଷ୍ଠାର ମହାଯଜ୍ଞ। ଯହିଁରେ ନିମନ୍ତ୍ରିତ ହୋଇ ଆସନ୍ତି ମାର୍ଗଦର୍ଶକଙ୍କ ପରିଚିତ କର୍ମକାଣ୍ଡି ବ୍ରାହ୍ମଣ(ପରୀକ୍ଷକ)। ତାଙ୍କ ଆତିଥେୟ ପାଇଁ ହୁଏ ସ୍ୱତନ୍ତ୍ର ବ୍ୟବସ୍ଥା। ଭବ୍ୟ ସଭାର ହୁଏ ଆୟୋଜନ। ଗବେଷକ ମହୋଦୟଙ୍କ ଅଭିଳଷିତ ପରୀକ୍ଷଣ ଓ ଅନୁମୋଦନ କର୍ମ ସମାପନ ହୁଏ ଖୁବ୍ ମୋଟା ଅଙ୍କର ଦକ୍ଷିଣା ବିନିମୟରେ- ଯାହା ଥାଏ ପୂର୍ବ ନିର୍ଦ୍ଧାରିତ। ସଭାକାର୍ଯ୍ୟର ସମସ୍ତ କାର୍ଯ୍ୟକ୍ରମ ପରିସମାପ୍ତି ପରେ ପରୀକ୍ଷକ ମହୋଦୟ ଅମିତ କରୁଣାର ସହ ହସ ହସ ବଦନରେ ଘୋଷଣା କରନ୍ତି - 'ଯଜମାନଙ୍କ ମନସ୍କାମନା ପୂର୍ଣ୍ଣ ହେଲା'। ଏହାପରେ କରତାଳି ଓ ଶୁଭେଚ୍ଛାରେ ଉଛୁଳି ଉଠେ ସଭାକକ୍ଷ। ସେତେବେଳେ ପରୀକ୍ଷକ ମହୋଦୟ ଲାଗୁଥାନ୍ତି ସର୍ବମୟକର୍ତ୍ତା। ମହାଯଜ୍ଞର ମୁଖ୍ୟ ଦେବତାଙ୍କ ପରି। ଆଉ ଏଇଠି ପୂର୍ଣ୍ଣାହୁତି ପଡ଼େ ମହାଯଜ୍ଞରେ। ଗବେଷକ ମହୋଦୟ ହୁଅନ୍ତି କଳାବିଭୂଷଣ ବିଭୂଷିତ। ମାର୍ଗଦର୍ଶକ ଯୋଡ଼ନ୍ତି ନିଜ ନାଁରେ ଏକ ନୂତନ ଗବେଷକର ଗୌରବ। ଆଉ ଆମ ସାହିତ୍ୟ...? ଆମ ପରବର୍ତ୍ତୀ ପିଢି...? ତାଙ୍କ ଭାଗ୍ୟରେ...? ଏ ସବୁ ପ୍ରଶ୍ନର ଉତ୍ତର ନିର୍ଣ୍ଣୟ କରିବାର ଦାୟିତ୍ୱ ଆପଣମାନଙ୍କ ହାତରେ ଅର୍ପଣ କଲି। ଅବଶ୍ୟ ସବୁ ଗବେଷକ, ମାର୍ଗଦର୍ଶକ ଓ ପରୀକ୍ଷକ ଏମିତି ନୁହନ୍ତି। ଯାହାର ପ୍ରମାଣ ଆପଣ ଆମର ବିଗତ ସଂଖ୍ୟାରେ ପ୍ରଫେସର ନଟବର ଶତପଥୀଙ୍କ ସାକ୍ଷାତକାରରୁ ହୃଦବୋଧ କରିପାରିବେ।


ବନ୍ଧୁଗଣ, ନବବର୍ଷର ନବରାଗ ଏ ଯାଏଁ ଆମ ମନରୁ ଯାଇନି। ଏଇ ନବରାଗ ସର୍ବଦା ନବୀନ ହୋଇ ରହୁ ଏହା ହିଁ ମୋର ଶୁଭେଚ୍ଛା ଆପଣମାନଙ୍କୁ। ଏଇ ପୁଲକିତ ମୁହୂର୍ତ୍ତରେ ଆମ ପାଇଁ ଆଉ ଏକ ଉପଲବ୍ଧି ହେଉଛି ଆଜି 'ବାଗୀଶ'କୁ ବର୍ଷେ ପୁରିଲା। ଏଇ ଗୋଟିଏ ବର୍ଷ ଭିତରେ 'ବାଗୀଶ' ନିଜକୁ ଆହୁରି ଭଲ ଭାବରେ ଗଢିବାର ପ୍ରୟାସ ହିଁ କରିଆସିଛି। ଏଥି ନିମନ୍ତେ ଆପଣମାନଙ୍କ ସହଯୋଗ ଓ ମାର୍ଗଦର୍ଶନ ଆମେ ସର୍ବଦା ପାଇଛୁ ଆଉ ଆଗକୁ ଏହା ଅବ୍ୟାହତ ରହିବ ସେ ବିଶ୍ୱାସ ଆମର ଅଛି। ମୁଁ ଅଗରୁ ବି କହିଛି, 'ବାଗୀଶ' ଆପଣମାନଙ୍କର, ଆପଣମାନେ ହିଁ ଏହାର ଅଭିଭାବକ। ଓଡ଼ିଆ ସାହିତ୍ୟ ଗବେଷଣା କ୍ଷେତ୍ରରେ କିଛି କରିପାରିଲେ ତାହା ହିଁ ହେବ 'ବାଗୀଶ'ର ମହୋତ୍ତର ଉପଲବ୍ଧି।

ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ମହୋଦୟ 'ବରେଣ୍ୟ ବାଗୀଶ'ର ସାକ୍ଷାତକାର୍ ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି। ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ଷଷ୍ଠ ସଂଖ୍ୟା ଆପଣମାନଙ୍କ ହାତରେ ନିବେଦନ କଲି।

ମୁଖ୍ୟ ସମ୍ପାଦକ

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୬ | ନଭେମ୍ବର - ଡିସେମ୍ବର ୨୦୨୩
Volume No. 01 | Issue No. 06 | Nov-Dec 2023
Refereed Peer-Reviewed Jornal

# ଏଇ ସଂଖ୍ୟାରେ




ପ୍ରଚ୍ଛଦ : ବିକେଶ ସାହୁ
ଚିତ୍ରଶିଳ୍ପୀ : ସୁଶ୍ରୀ ସିପ୍ରା ମହାପାତ୍ର

[ନବଗୁଞ୍ଜର ସାରଳା ମହାଭାରତରେ ବର୍ଣ୍ଣିତ ଏକ ବିଚିତ୍ର ପ୍ରାଣୀ। ବର୍ଣ୍ଣନା ଅନୁସାରେ ଏହି ପ୍ରାଣୀ ନଅଗୋଟି ପଶୁପକ୍ଷୀଙ୍କ ଅଙ୍ଗର ଏକ ସମ୍ମିଶ୍ରଣ। ବିଷ୍ଣୁ ବା କୃଷ୍ଣଙ୍କ ଏକ ଅବତାର ଭାବେ ନବଗୁଞ୍ଜର ଗୃହୀତ।]



## ପ୍ରବନ୍ଧ ଓ ଆଲୋଚନା

୦୯ ll ଚସର ଓ ସାରଳା ସାହିତ୍ୟର ଗାଠନିକ ସ୍ୱରୂପ: ଏକ ଅଧ୍ୟୟନ
- ଡ. ଇନ୍ଦ୍ରମଣି ସାହୁ

୧୭ ll ଅଥର୍ ସରୋଗେଟ୍ ଓ ଓଡ଼ିଆ ଉପନ୍ୟାସ
- ଅଶୋକ କୁମାର ନାଏକ

୨୫ ll ଓଡ଼ିଆ ଉପନ୍ୟାସରେ ଆଦିବାସୀ ଜୀବନଚର୍ଯ୍ୟାର ସମାଜତାତ୍ତ୍ୱିକ ବିଶ୍ଳେଷଣ
- ରୁବିନା ପାତ୍ର

୨୯ ll ମାନବିକତାର ମାନଦଣ୍ଡରେ 'ଶିବଭାଇ' ଉପନ୍ୟାସ
- ଡ. ପ୍ରମିଳା ପାଟୁଳିଆ

୩୨ ll ଓଡ଼ିଆ ଲୋକଗୀତର ସାମାଜିକ ଆବେଦନ
- ଡ. ଜ୍ୟୋସ୍ନା ରାଣୀ କର

## ସମାଲୋଚନା : ନୂଆ ଫର୍ଦ୍ଦ

୩୫ ll ଗ୍ରାଫିକ୍ କଥା ରଚନା ବନାମ ବସ୍ତୁନିଷ୍ଠ ସହସମ୍ବନ୍ଧ ବନାମ ଆତ୍ୟନ୍ତିକ ବାସ୍ତବତା ବନାମ ଚଳମାନତା ବନାମ 'ସ୍ଥାବର ଜଙ୍ଗମ'
- ଡ. ରବୀନ୍ଦ୍ର କୁମାର ଦାସ

## ସମାଲୋଚନା : ପ୍ରସଙ୍ଗ ନୂଆ

୪୦ ll ଲୋହିତ କୋକିଳ : କବି ବ୍ରଜନାଥ ରଥ
- ଡ. ବିଜୟଲକ୍ଷ୍ମୀ ଦାଶ

## ବାଗୀଶ ବରେଣ୍ୟ

୪୬ ll ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର

## ବହିକଥା

୪୯ ll କ୍ଷୀରୋଦ ପରିଡ଼ାଙ୍କ ଉପନ୍ୟାସ 'ଅଭିନବ ଚୈତନ୍ୟ'

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୬ | ନଭେମ୍ବର - ଡିସେମ୍ବର ୨୦୨୩
Volume No. 01 | Issue No. 06 | Nov-Dec 2023
Refereed Peer-Reviewed Jornal
https://bageesha.in
OPEN ACCESS

# ଚସର ଓ ସାରଳା ସାହିତ୍ୟର ଗାଠନିକ ସ୍ୱରୂପ: ଏକ ଅଧ୍ୟୟନ

■ ଡ. ଇନ୍ଦ୍ରମଣି ସାହୁ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ,
ଶାନ୍ତିନିକେତନ, ପଶ୍ଚିମବଙ୍ଗ
DOI : https://orcid.org/0009-0000-2040-9573
Article Received : 15.11.2023 | Accepted : 12.12.2023 | Published : 01.01.2024

**ସାରାଂଶ**

ସୃଷ୍ଟି ବା ଚିନ୍ତାର ସାର୍ବଜନୀନତା ତଥା ଉତ୍କର୍ଷ ଅପକର୍ଷ ବିଚାର ଆଲୋଚନା ନିମନ୍ତେ ଅତ୍ୟାବଶ୍ୟକ ହୁଏ ତୁଳନାତ୍ମକ ପଦ୍ଧତି। ତୁଳନାତ୍ମକ ସାହିତ୍ୟର ବିବିଧ ପଦ୍ଧତି ମଧ୍ୟରୁ ସମାନ୍ତରାଳ ଅଧ୍ୟୟନ (parallel study) ଅନ୍ୟତମ। ଚସର ଓ ସାରଳା ନିଜ ନିଜ ଭାଷାସାହିତ୍ୟର ଆଦିକବି। ଜଣେ ପୁରାଣର କବି ତ ଅନ୍ୟଜଣେ କାବ୍ୟକବିତାର ସ୍ରଷ୍ଟା। ଉଭୟ ଚତୁର୍ଦ୍ଦଶ-ପଂଚଦଶ ଶତାବ୍ଦୀର ପରିବେଶ, ସମାଜ ଓ ସଂସ୍କୃତିର ଅନୁକୂଳ ପ୍ରତିକୂଳତାରେ ପହଁରି ନିଜର ସ୍ରଷ୍ଟାପଣକୁ ନିର୍ମାଣିଛନ୍ତି। ନିଜ ରଚନାରେ ଉପଲବ୍ଧ ସାହିତ୍ୟ କୃତିର ଉପଯୋଗ କରିଛନ୍ତି ମଧ୍ୟ। କିନ୍ତୁ, ସେ ଆହରଣରେ ସେମାନଙ୍କର ମୌଳିକତା ମ୍ଳାନ ହୋଇଯାଇନାହିଁ। ପରିଚିତ କାହାଣୀକୁ ନେଇ ସ୍ୱୟ କଳ୍ପନା, ଧୀଶକ୍ତି ଓ ରସ ଚେତନାରେ ନବାୟନ କରିବା ସାଧାରଣ ପ୍ରତିଭାସାପେକ୍ଷ ନୁହେଁ। ଏହି ନବାୟନ କୃତିଗୁଡ଼ିକର ଗାଠନିକ ସ୍ୱରୂପ, ଚରିତ୍ରଚିତ୍ରଣ, ଭାଷାପ୍ରୟୋଗ ଓ ଛନ୍ଦ ଯୋଜନାରେ ପରିଦୃଷ୍ଟ। ଚସର ଓ ସାରଳାଙ୍କ ସାହିତ୍ୟକୃତି ସବୁର ଗାଠନିକ ସ୍ୱରୂପକୁ ବିନ୍ୟାସଗତ ଓ ବିଷୟଗତ-ଏପରି ଦୁଇଟି ଦିଗରୁ ବିଚାର ବିଶ୍ଳେଷଣ କରାଯାଇ ପାରେ। ଗାଠନିକ ସ୍ୱରୂପ ଓ ସେଥିରେ ପରିଦୃଷ୍ଟ ସର୍ଜନାତ୍ମକ ସ୍ପର୍ଶ ସ୍ରଷ୍ଟା ଚସର ଓ ସାରଳାଙ୍କୁ ଏକାଧିକ ଲକ୍ଷ୍ୟ ପୂରଣ କରିବାରେ ସହାୟକ ହୋଇଛି। ସେସବୁର ଏକ ତୁଳନାତ୍ର ଅଧ୍ୟୟନ ବିଶ୍ୱସାହିତ୍ୟ ଅବବୋଧର ଅନୁପନ୍ଥୀ ।

ସାରଳା ଦାସ ଓଡ଼ିଆ ସାହିତ୍ୟର ଆଦିକବି। ଇଂରାଜୀ ଭାଷାର ଆଦିକବି ଜିଓଫ୍ରେ ଚସର। ଚସରଙ୍କ ସମୟ ଚତୁର୍ଦ୍ଦଶ ଶତାବ୍ଦୀ ଓ ପଂଚଦଶ ଶତାବ୍ଦୀ ହେଉଛି ସାରଳାଙ୍କ କାଳଖଣ୍ଡ। ସବୁ ଯୁଗରେ ସବୁ ଦେଶରେ ଚତୁର୍ଦ୍ଦିଗର ପରିମଣ୍ଡଳକୁ ଯେଉଁ ଆଦର୍ଶ ଓ ଭାବଧାରା ଅଜ୍ଞାତକାଳରୁ ପରିପ୍ଲାବିତ କରୁଥାଏ, ତାକୁଇ ଆପଣା ବାଣୀରେ ରୂପ ଦେଇ ଜାତୀୟ ସଭ୍ୟତା ଓ ସଂସ୍କୃତିର ସଂବାହକ ହୁଅନ୍ତି କବି। ଚସର ଚତୁର୍ଦ୍ଦଶ ଶତାବ୍ଦୀ ଇଂଲଣ୍ଡର ଇଂରାଜୀ ଜନଜୀବନ ଓ ଚିନ୍ତନକୁ ନିଜର ଶିଳ୍ପୀମନରେ ଯେପରି ଦେଖିଥିଲେ ଓ ଉପଲବ୍ଧି କରିଥିଲେ ତାକୁ ହିଁ ରୂପଦେଇଛନ୍ତି ଓ ସେଥିଲାଗି ତାଙ୍କ ସାହିତ୍ୟ ତତ୍କାଳୀନ ଇଂରେଜୀ ଜୀବନଚଳନୀର ବିଶ୍ୱସ୍ତ ଦଲିଲ୍ ହୋଇପାରିଛି। ସେହିପରି ସାରଳାଙ୍କ ସାହିତ୍ୟ ତା'ର ସବୁ ପୌରାଣିକତା ସତ୍ତ୍ୱେ ପଂଚଦଶ ଶତାବ୍ଦୀର ଓଡ଼ିଶାକୁ ଧରି ରଖିବାରେ ସମର୍ଥ ହୋଇଛି। ଚସର ଓ ସାରଳା ଯେଉଁ ସମୟକୁ ବଂଚିଥିଲେ ତାହା ଥିଲା ସେମାନଙ୍କ ଜାତିର ଇତିହାସର କ୍ରାନ୍ତିକାରୀ କାଳଖଣ୍ଡ। ସେହି ସମୟର ବିକ୍ଷୁବ୍ଧ ତରଙ୍ଗରୁ ସେମାନଙ୍କ ରସଦୃଷ୍ଟି ଯାହାସବୁ ଉପଳଖଣ୍ଡ ଆପଣେଇ ଥିଲା ସେସବୁ ତାଙ୍କ ସାହିତ୍ୟକୁ କରିଛି ସମୃଦ୍ଧ। ସେମାନଙ୍କ ଦୁଇ ଜନ୍ମଭୂମିର ଭୌଗୋଳିକ ଦୂରତା ଯେପରି ଥିଲା ବିରାଟ, ସେହିପରି ସେମାନଙ୍କର ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନବଳୟ ଥିଲା ସାମଞ୍ଜସ୍ୟହୀନ। ନଗରର ସମ୍ଭ୍ରାନ୍ତ ପରିବେଶ ଓ ରାଜକୀୟ ସୌଖ୍ୟଲାଭ ଜଣକ ପାଇଁ ସୁଲଭ ଥିଲା ବେଳେ ଅନ୍ୟ ଜଣେ ଥିଲେ ସାଧାରଣ ଗ୍ରାମ୍ୟ ପରିବେଶର ସନ୍ତାନ। କିନ୍ତୁ, ସାହିତ୍ୟଚେତନା ଓ ରସଦୃଷ୍ଟିରେ ଉଭୟ ଥିଲେ ଯେପରି ପଡ଼ୋଶୀ। ଜୀବନ ଥିଲା ଦୁଇଜଣଙ୍କ ସାହିତ୍ୟର ଭାରକେନ୍ଦ୍ର।

ଚସର ତାଙ୍କର ରଚନାର ସଂଖ୍ୟା ପ୍ରାୟ ଷାଠିଏ ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ, ତାଙ୍କର ସମସ୍ତ ରଚନା ଉଦ୍ଧାର କରାଯାଇପାରି ନାହିଁ। ସଂଖ୍ୟା ଓ ବିବିଧତା ଦୃଷ୍ଟିରୁ ଚସରଙ୍କ ରଚନାର ବର୍ଣ୍ଣାଳୀ ବ୍ୟାପକ। ସାରଳାଙ୍କ ରଚନାର ସଂଖ୍ୟା ଓ ପ୍ରକାର ସୀମିତ। ତଥାପି, କେବଳ 'ମହାଭାରତ'ର କଳେବର ଚସରଙ୍କ ରଚନା ସମଗ୍ରର ସ୍ଫୀତତାକୁ କଟାକ୍ଷ କରିପାରେ। ଅଧିକନ୍ତୁ, ଏଥିସହିତ ରହିଛି 'ବିଚିତ୍ର ରାମାୟଣ'

ଓ 'ଚଣ୍ଡୀପୁରାଣ'। ଚସରଙ୍କ ଗଦ୍ୟ ରଚନା ବିପୁଳ। କିନ୍ତୁ, 'ସାରଳା ମହାଭାରତ' ଓ 'ଚଣ୍ଡୀପୁରାଣ'ରେ ସ୍ଥାନିତ କେତୋଟି ଗଦ୍ୟପଦ୍ୟାତ୍ମକ ଆଜ୍ଞାପତ୍ର ଏଦିଗରେ ସୀମିତ ନମୁନା ମାତ୍ର। କତିପୟ ଗୀତିକବିତାର ସ୍ରଷ୍ଟା ଜିଓଫ୍ରେ ଚସର। ମାତ୍ର, ସାରଳା ଦାସ ପୁରାଣର କବି, କୌଣସି ଗୀତିକବିତା ରଚନା କରିଥିବାର କଥା ଜଣାଯାଏ ନାହିଁ ।

(୧)

ଚସର ଓ ସାରଳାଙ୍କ ସାହିତ୍ୟକୃତି ସବୁର ଗାଠନିକ ସ୍ୱରୂପକୁ ବିନ୍ୟାସଗତ ଓ ବିଷୟଗତ-ଏପରି ଦୁଇଟି ଦିଗରୁ ବିଚାର ବିଶ୍ଳେଷଣ କରାଯାଇ ପାରେ। ସାରଳାଙ୍କ ସମଗ୍ର ରଚନା ପୁରାଣ ପର୍ଯ୍ୟାୟର। ସଂସ୍କୃତ ପୁରାଣର ଲକ୍ଷଣରେ ଓଡ଼ିଆ ପୁରାଣର ବିଚାର ହୁଏ ନାହିଁ। ସ୍ଥୂଳତଃ, ଯେକୌଣସି ଧାର୍ମିକ ରଚନା ଓଡ଼ିଆଙ୍କ ଲାଗି ପୁରାଣ। ସଂସ୍କୃତ ପୁରାଣ ପରମ୍ପରାର ଅଷ୍ଟାଦଶ ପୁରାଣ ସଦୃଶ ଓଡ଼ିଆ ପରଂପରାରେ ମହାଭାରତ, ରାମାୟଣ, ହରିବଂଶ, ନୃସିଂହ ପୁରାଣ ଓ ଭାଗବତ-ଏହି ପଂଚପୁରାଣର ମହତ୍ତ୍ୱ ସ୍ୱୀକୃତ। ଓଡ଼ିଆ ପୁରାଣ ଓ କାବ୍ୟ ମଧ୍ୟରେ ଅନେକତ୍ର ସୀମାରେଖା ଅସ୍ପଷ୍ଟ। ସାରଳା ଦାସଙ୍କ ସମସ୍ତ ପୁରାଣ ମଙ୍ଗଳାଚରଣ ବା ଇଷ୍ଟସ୍ତୁତିରୁ ଆରମ୍ଭ ହୋଇଛି। ବିଚିତ୍ର ରାମାୟଣ, ମହାଭାରତ ଓ ଚଣ୍ଡୀପୁରାଣରେ ଗଣେଶଙ୍କ ବନ୍ଦନାରୁ ଗ୍ରନ୍ଥର ଆରମ୍ଭ। ଅଧିକନ୍ତୁ, ମହାଭାରତ ଓ ଚଣ୍ଡୀପୁରାଣରେ ଗଣେଶଙ୍କ ବନ୍ଦନାର ଠିକ୍ ପରେ ପରେ ସାରଳା ଦେବୀଙ୍କ ବନ୍ଦନା ସ୍ଥାନ ପାଇଛି। କିନ୍ତୁ ବିଚିତ୍ର ରାମାୟଣରେ ସେପରି ହୋଇନାହିଁ।

ସଂବାଦ ବା ଉବାଚ-ପ୍ରତ୍ୟୁବାଚ ଦେଇ ପୁରାଣକାର କାହାଣୀର ଉପସ୍ଥାପନା କରିଥାନ୍ତି। 'ବିଚିତ୍ର ରାମାୟଣ'ରେ ମାର୍କଣ୍ଡ ଋଷି ଓ ଦ୍ରୌପଦୀଙ୍କ ସହ ପାଣ୍ଡବ ପାଂଚଭାଇ; 'ଚଣ୍ଡୀପୁରାଣ'ରେ ଶୁକମୁନି ଓ ରାଜା ପରୀକ୍ଷିତ; ମହାଭାରତରେ ଅଗସ୍ତି ମହର୍ଷି ଓ ବୈବସ୍ୱତ ମନୁ ଯଥାକ୍ରମେ ବକ୍ତା ଓ ଶ୍ରୋତାର ଭୂମିକାରେ ଅଛନ୍ତି। ଉଭୟ 'ବିଚିତ୍ର ରାମାୟଣ' ଓ 'ଚଣ୍ଡୀପୁରାଣ'ର ସଂପାଦକଦ୍ୱୟ ମୂଳପୋଥିରେ ଅଧ୍ୟାୟ ବିଭାଜନ ନଥିବା କଥା ସୂଚାଇଛନ୍ତି। କିନ୍ତୁ ସାରଳା ମହାଭାରତର ସଂକଳକଙ୍କଠାରୁ ଏହାର ଅଧ୍ୟାୟ ବିଭାଜନକୁ ନେଇ ସେପରି କୌଣସି ସୂଚନା ମିଳେନା। ଅଧିକାଂଶ କ୍ଷେତ୍ରରେ ଆରାଧ୍ୟ ଦେବଦେବୀଙ୍କ ବନ୍ଦନା ସହ ନିଜ ବିଷୟରେ ସଂକ୍ଷିପ୍ତ ସୂଚନା, ଏକ ପ୍ରସଙ୍ଗର ସମାପ୍ତି ସୂଚକ ହୋଇଥାଏ। ସେହିଭଳି 'ଶୁଣହୋ ରାଜନ,' 'ଯେଥୁ ଅନନ୍ତରେ', 'ବଦୟନ୍ତି' ଦେଇ କବି ପରବର୍ତ୍ତୀ ବର୍ଣ୍ଣିତ ବିଷୟର ଆରମ୍ଭ କରିଥାନ୍ତି-

"ଯେଥୁ ଅନନ୍ତରେ ବଇବସୁତ ମନୁ ରାଜା / ଅଗସ୍ତିଙ୍କ ପାଦ ପଦ୍ମେ କଲା ଦିବ୍ୟ ପୂଜା। /ବ୍ରହ୍ମପଦ ସାଧକ କୁମ୍ଭ ଋଷିର ତନୁ / କଥାଏ ପୁଚ୍ଛା କରିବି କହିବା ବ୍ରହ୍ମ ଗ୍ୟାଂନୁ।"[୧]

ସାରଳା ସାହିତ୍ୟରେ ସମ୍ବାଦ ବା ଉବାଚ-ପ୍ରତ୍ୟୁବାଚ ମୁଖ୍ୟତଃ, ନୂତନ କଥାର ସଂଯୋଜନ, ପୂର୍ବ ପ୍ରସଙ୍ଗ ସମ୍ପର୍କିତ ବିଭିନ୍ନ ସନ୍ଦେହର ବିମୋଚନ ଲାଗି ବ୍ୟବହୃତ ହୋଇଛି। ଚରିତ୍ରର ନାମକରଣ, ବ୍ୟବହାର, ସାମର୍ଥ୍ୟ ତଥା ଘଟଣାର ସମୟ, ପରିପ୍ରେକ୍ଷୀ ଆଦି କାରଣର ଉନ୍ମୋଚନ କରିବାରେ ଏହା ସହାୟକ ହୋଇଥାଏ।

'କାହାଣୀ ମଧ୍ୟରେ କାହାଣୀ' ପୁରାଣର ଅନ୍ୟ ଏକ ବିନ୍ୟାସଗତ ବୈଶିଷ୍ଟ୍ୟ ଯାହା ସାରଳାଙ୍କ ସମସ୍ତ ରଚନାରେ ପରିଦୃଷ୍ଟ। ମୂଳ କାହାଣୀରୁ ଶାଖା ଓ ପ୍ରଶାଖା କାହାଣୀର ସୃଷ୍ଟି ତାଙ୍କ ପୁରାଣମାନଙ୍କର ଏକ ପରିଚିତ ବିଭବ।

"ପନ୍ନଗ ନାମ ସ୍ୱାମୀ ବହିଲୁ କିସ ଅର୍ଥେ / ଯେଥିର ଚରିତ ସ୍ୱାମୀ କହିବାକ ମୋତେ।"[୨]

ଜୟଦ୍ରଥ ଓ ଭୀମଙ୍କ ମଧ୍ୟରେ ସଂଘଟିତ ପ୍ରବଳ ସଂଗ୍ରାମ କୌଣସି ନିର୍ଣ୍ଣାୟକ ମୋଡ଼ରେ ନପହଂଚିବାରୁ ଅସ୍ଫାଳନ ଓ ଉକ୍ତି-ପ୍ରତ୍ୟୁକ୍ତି ମଧ୍ୟରେ ଜୟଦ୍ରଥ ନିଜର ମୃତ୍ୟୁଭେଦ ଭୀମଙ୍କୁ ବତାଇ ଦେବାର କଥା ସାରଳା ଦାସ ଲେଖିଛନ୍ତି। ପରବର୍ତ୍ତୀ କାଳରେ ଅର୍ଜୁନ ଓ ଜୟଦ୍ରଥର ସଂଗ୍ରାମ କାଳରେ ଜୟଦ୍ରଥର ଶିରଚ୍ଛେଦନ ପରେ ବି ତା'ର ମୃତ୍ୟୁ ନହେବାରୁ ସହଦେବଙ୍କୁ ଏହାର ରହସ୍ୟ କହିବାକୁ ଅନୁରୋଧ କରାଯାଇଛି ଓ ସହଦେବ ଜୟଦ୍ରଥର ମୃତ୍ୟୁଭେଦ କହିବାକୁ ଯାଇ ଏହାର ପୃଷ୍ଠଭୂମିରେ ଥିବା ଘଟଣା ବର୍ଣ୍ଣନା କରିଛନ୍ତି। ସାରଳାଙ୍କ ମହାଭାରତରେ 'ଗଳ୍ପ ଭିତରେ ଗଳ୍ପର' ଗୁମ୍ଫନ ଲାଗି ବିଭିନ୍ନ ଚରିତ୍ର, ସହଦେବ, ଋଷିଗଣ, କଥକ ଅଗସ୍ତି, ଏପରିକି ଶୃଗାଳ ଭଳି ମାନବେତର ଜୀବର ସହାୟତା ନେବାକୁ ହୋଇଛି। ଯେଉଁଠି ନୂଆ ଘଟଣାଟିଏର ସଂଯୋଜନ ହୋଇଛି, ସେଠାରେ ଏହି କୌଶଳଦ୍ୱାରା ସାଧାରଣ ପାଠକଙ୍କୁ ତାହାର ପୃଷ୍ଠଭୂମି ଜଣାଇଦେବାକୁ ଚେଷ୍ଟା କରିଛନ୍ତି କବି। ପଣ୍ଡୁଙ୍କ ମୃଗୟା ଓ ଅମ୍ବିକା ମହର୍ଷିଙ୍କ ଶାପ ପ୍ରଦାନ ପ୍ରସଙ୍ଗରେ ଏହି କୌଶଳ ବି ପ୍ରୟୋଗ ହୋଇଛି। ସ୍ୱୟଂ ମହର୍ଷି ମୃଗୀ ସହ ସଙ୍ଗମର କାରଣ ପଣ୍ଡୁଙ୍କୁ କହିବା ମଧ୍ୟ ଦେଇ ଏକ ଶାଖା ପ୍ରସଙ୍ଗର ଅବତାରଣା ହୋଇଛି। ବନପର୍ବର ଶେଷରେ ବାରବର୍ଷ ବନବାସ ପରେ ଯେତେବେଳେ ପାଣ୍ଡବମାନେ ବିରାଟ ରାଜ୍ୟରେ ଅଜ୍ଞାତବାସ ପାଇଁ ପ୍ରସ୍ତୁତ ହେଉଛନ୍ତି, ସେତେବେଳେ ସମବେତ ଋଷିମାନଙ୍କ ମଧ୍ୟରେ ମାରକଣ୍ଡ ଋଷି ଦ୍ରୌପଦୀଙ୍କୁ ଭ୍ରଷ୍ଟ କୌଶିକ ବ୍ରାହ୍ମଣର ସତୀ ସ୍ତ୍ରୀ 'ସତ୍ୟା'ର କାହାଣୀ କହି ନିକଟ ଭବିଷ୍ୟତ ଜୀବନରେ ଆସିବାକୁ ଥିବା ବିଚ୍ଛେଦ ଓ ସେହି ଅବସରରେ କୀଚକର ଲୋଲୁପତାକୁ ସାମ୍ନା କରିବା ଲାଗି ଯେପରି ପ୍ରସ୍ତୁତ କରୁଛନ୍ତି। ପାଣ୍ଡବମାନଙ୍କ ଅସ୍ତ୍ରଶସ୍ତ୍ରର ଗରିମା ଅକ୍ଷୁର୍ଣ୍ଣ ଲକ୍ଷ୍ୟରେ ସେ 'ଶମୀଶିଂଶୁପା' ବୃକ୍ଷର ଇତିହାସ କହିବାକୁ ଯାଇ ସେହି ବୃକ୍ଷଦ୍ୱୟକୁ ଈଶ୍ୱର ପାର୍ବତୀ ବୋଲି ସୂଚାଇବା ଲକ୍ଷ୍ୟରେ ଏକ ଅଦ୍ଭୁତ ପ୍ରସଙ୍ଗର ଅବତାରଣା କରିଛନ୍ତି। ଯୁଧିଷ୍ଠିରଙ୍କ ସତ୍ୟବଚନରେ କ୍ଷୁର୍ଣ୍ଣ ହୋଇ ବିରାଟ ରାଜା ତାଙ୍କ ମସ୍ତକରେ ଆଘାତ କଲେ। ଫଳରେ ତାଙ୍କୁ ଲହୁଲୁହାଣ ହେବାକୁ ହେଲା। ଏଭଳି ପୁଣ୍ୟାତ୍ମାଙ୍କ ଏପରି ଅବସ୍ଥାର କାରଣ ଦର୍ଶାଇବାକୁ ଯାଇ ସାରଳା ଦାସ ଏକ କାହାଣୀର ଅବତାରଣା କରିଛନ୍ତି। ସାରଳା ଦାସ ବର୍ଣ୍ଣିତ ପ୍ରସଙ୍ଗକୁ ଯାଥାର୍ଥ୍ୟ ପ୍ରଦାନ

ନିମନ୍ତେ ଅନେକ ଲୋକଗଳ୍ପର ସଂଯୋଜନା କରିଛନ୍ତି। କିନ୍ତୁ, କୁରୁସଭାରେ ଦ୍ରୌପଦୀ ଦୁଃଶାସନର ହାତରେ ବିବସନା ହେବାର ଅବ୍ୟବହିତ ପୂର୍ବରୁ ସମସ୍ତଙ୍କଠାରୁ ନ୍ୟାୟଭିକ୍ଷା ଅବସରରେ ଦୁର୍ଯ୍ୟୋଧନ-ଦୁଃଶାସନ-କର୍ଣ୍ଣର ଦୁର୍ବ୍ୟବହାର ଓ ବିଦ୍ରୂପର ଉତ୍ତର ଦେବାକୁ ସେହି ମୁହୂର୍ତ୍ତରେ ଗଳ୍ପଟିଏ ବୟାନ କରିବା ପରିସ୍ଥିତି ସଙ୍ଗତ ହୋଇନାହିଁ। ସାରଳାଙ୍କ ଅତ୍ୟୁତ୍ସାହୀ ଗଳ୍ପକାରିତାର ଏହା ଫଳଶ୍ରୁତି ବୋଲି କୁହାଯାଇପାରେ।

ବିଶିଷ୍ଟ ଋଷୀୟ ସଂରଚଣବାଦୀ ଆଇ. ଏ. ନିକିଫୋରଭ୍‌ଙ୍କ ତତ୍ତ୍ୱାନୁସାରେ କାହାଣୀରେ ଏକ କେନ୍ଦ୍ରୀୟ ଘଟଣା(Nuclear action) ରହିଥାଏ ଓ ଏହା ସହ ଅନେକ ପ୍ରାକ୍(Prefix) ଓ ପର(Suffix) ଘଟଣା ରହିଥାନ୍ତି। ସବୁବେଳେ ପ୍ରାକ୍ ଘଟଣା ବିଳମ୍ବିତ ଲୟରେ ଓ ପର ଘଟଣା ଗୁଡ଼ିକ ଦ୍ରୁତ ଲୟରେ ପରିଣତି ଆଡ଼କୁ ଗତି କରିଥାନ୍ତି ।୩ ସାରଳା ମହାଭାରତର ସାମଗ୍ରିକ ରୂପରେ ଲୋକ କାହାଣୀର ଏହି ଧର୍ମ ସଂରକ୍ଷିତ। ଓଡ଼ିଆ ମହାଭାରତର ଆରମ୍ଭ କେତୋଟି ପର୍ବ, ଯଥା-ଆଦି, ମଧ୍ୟ, ସଭା, ବନ, ବିରାଟ ଓ ଉଦ୍‌ଯୋଗ ବହୁ ସଂଖ୍ୟକ ହରଣ, ମରଣ, ଶରଣରେ ସ୍ଫୀତ ଏବଂ ଅବଶିଷ୍ଟ ପର୍ବ କ୍ଳୁପ୍ତ। ବଳରାମଙ୍କର ଦୁର୍ଯ୍ୟୋଧନକୁ, ଭୀମସେନଙ୍କ ବିରାଟ ରାଜାଙ୍କୁ, ଅର୍ଜୁନଙ୍କ ଦରଦସେନ ରାଜାଙ୍କୁ ତଥା ମହିଷାସୁରର ଦେବତାମାନଙ୍କୁ ଗଦ୍ୟପଦ୍ୟାତ୍ମକ ଭାଷାରେ ଲିଖିତ କେତେଗୋଟି ଶ୍ରୀମୁଖ ଲିଖନ ବା ଆଜ୍ଞାପତ୍ର ମହାଭାରତ ଓ ଚଣ୍ଡୀପୁରାଣରେ ସ୍ଥାନ ପାଇଛି।

ଚସରଙ୍କ ପ୍ରମୁଖ ରଚନା 'କ୍ୟାଂଟରବରୀ ଟେଲ୍‌ସ'ର ଆରମ୍ଭ ହୋଇଛି ଏକ ଦୀର୍ଘ ଅନୁକ୍ରମଣିକା(Prologue) ରୁ। ଏଥିରେ ସ୍ଥାନିତ ଚବିଶଗୋଟି କାହାଣୀରୁ ଉଣେଇଶଟିର ସ୍ୱତନ୍ତ୍ର ଅନୁକ୍ରମଣିକା ସହ ଦୁଇଟିର ଅତିରିକ୍ତ ଉପକ୍ରମ(Introduction) ମଧ୍ୟ ରହିଛି। The Squire's Taleର ଉପକ୍ରମ ଅଛି, ଅନୁକ୍ରମଣିକା ନାହିଁ। The Night's Taleରେ ଅନୁକ୍ରମଣିକା(Prologue) କି ଉପକ୍ରମ(Introduction) ନାହିଁ, କେବଳ ଅଛି ନିଜ ଉତ୍ସ ରଚନାର ଏକ ଉଦ୍ଧୃତି। ଅବଶିଷ୍ଟ ତିନୋଟି କାହାଣୀର ଆରମ୍ଭ ହୋଇଛି ବିନା କିଛି ଅବତରଣିକାରେ। 'କ୍ୟାଂଟରବରୀ ଟେଲ୍‌ସ'ର ଗ୍ରନ୍ଥାରମ୍ଭରେ ସ୍ଥାନିତ ସୁବିଦିତ ପ୍ରୋଲଗ୍ ବା ଅନୁକ୍ରମଣିକା ଯେପରି ଗ୍ରନ୍ଥର ମୁଖଶାଳା ରୂପେ କାମ କରିଛି, ସେହିପରି ଏକକ ଗଳ୍ପର ଅନୁକ୍ରମଣିକାମାନ ମୁଖ୍ୟ କାହାଣୀକୁ ଗତିଶୀଳ କରିବା ସହ ଗଳ୍ପଗୁଡ଼ିକ ମଧ୍ୟରେ ସଂଯୋଜକର ଭୂମିକା ତୁଲାଇଛନ୍ତି। କତିପୟ ଅନୁକ୍ରମଣିକା ଇଷ୍ଟସ୍ତୁତି(ମାତା ମେରୀ), ବସ୍ତୁନିର୍ଦ୍ଦେଶରେ ଶୋଭିତ। ଅଧିକନ୍ତୁ, ଉକ୍ତି-ପ୍ରତ୍ୟୁକ୍ତି, ବ୍ୟଙ୍ଗ ବିଦ୍ରୂପ ଭରା ଏହି ପ୍ରାକ୍ କଥନ ସବୁ ମୂଳ କାହାଣୀର ଚରିତ୍ର ରୂପେ ସନ୍ନିବେଶିତ କଥକମାନଙ୍କର ବ୍ୟକ୍ତିତ୍ୱ, ମାନସିକତା ଓ ସାମାଜିକ ସ୍ଥିତିକୁ ପାଠକ ସମ୍ମୁଖରେ ସ୍ପଷ୍ଟ କରେ। The Wife of Bath's Taleର ଉପକ୍ରମଣିକା ମୂଳ କାହାଣୀର ଦୁଇ ଗୁଣ। ଏହା ନାରୀ ପୁରୁଷ ସମ୍ପର୍କ, ନାରୀ ଅଧିକାର ଓ ସ୍ୱାଧୀନତାର ଏକ ବିମର୍ଶରେ ପରିଣତ ହୋଇଛି। ଏଗାରଟି ଗଳ୍ପର ପରିସମାପ୍ତି ବିଭୁ ବନ୍ଦନା ବା ସ୍ମରଣ ଦେଇ ହୋଇଅଛି। ଦୁଇଟି କାହାଣୀ The Clerk's Tale I The Physician Taleର ସମାପନ ଯଥାକ୍ରମେ ନାରୀମାନଙ୍କ ପ୍ରତି ଉପଦେଶ ଓ ପାପରୁ ନିବୃତ୍ତ ରହିବାର ସଦୁପଦେଶ ସହ ହୋଇଛି। ଅଧିକନ୍ତୁ, The Man of Law's Tale, The Merchant's Tale I The Nun's Priest's Taleରେ ଉପସଂହାର ( Epilogue) ଦେଖିବାକୁ ମିଳେ। ଏହି ଉପସଂହାର ( Epilogue) ଗୁଡ଼ିକ ପରବର୍ତ୍ତୀ ଗପର ଭୂମିକା ନିର୍ମାଣ ଓ କଥକ ନିର୍ଣ୍ଣୟ କରିବା ସହିତ ବର୍ଣ୍ଣିତ ଗଳ୍ପର କିଂଚିତ୍ ମୂଲ୍ୟାୟନରେ ପ୍ରୟାସୀ। କେତୋଟି ଗଳ୍ପ ବିଭିନ୍ନ ଭାଗ ବା ପର୍ଯ୍ୟାୟରେ ବିଭକ୍ତ ହୋଇଛି ଠିକ୍ ଭାରତୀୟ ରଚନାଧାରାର ସର୍ଗ ଭଳି। The Clerk's Taleର କାହାଣୀ ସର୍ବାଧିକ ଛଅଟି ଭାଗରେ ଓ The Canon's Yeoman's Tale ସର୍ବନିମ୍ନ ଦୁଇଟି ଭାଗରେ ବିଭକ୍ତ। The Tale of Melibee I The Parson's Tale ଗଦ୍ୟରେ ରଚିତ ହୋଇଥିବା ବେଳେ The Tale of Sir Thopas ସଂଗୀତାକାରରେ ରଚିତ। The Squire's Tale ଏବଂ The Cook's Tale ଦ୍ୱୟ ଅସଂପୂର୍ଣ୍ଣ।

'କ୍ୟାଂଟରବରୀ ଟେଲ୍‌ସ' ବ୍ୟତୀତ ଚସରଙ୍କ ଅନ୍ୟ ରଚନା The House of Fame, Anelida and Arcite, The Parliament of Fowls, Troilus and Criseyde, The Legend of Good Women ଉପକ୍ରମଣିକା ବା ବିନା ଉପକ୍ରମଣିକାରେ ଇଷ୍ଟସ୍ତୁତି(Invocation), ଖଳନିନ୍ଦା, ସାଧୁସ୍ତୁତି, ବସ୍ତୁନର୍ଦ୍ଦେଶ ଆଦିରୁ ଆରମ୍ଭ ହୋଇଛନ୍ତି। ଏକାଧିକ ଭାଗ ବା ସର୍ଗଯୁକ୍ତ The House of Fame, Troilus and Criseyde ଓ The Legend of Good Womenର ପ୍ରତି ସର୍ଗର ଆରମ୍ଭରେ ଇଷ୍ଟସ୍ତୁତି(Invocation), ଖଳନିନ୍ଦା, ସାଧୁସ୍ତୁତି, ବସ୍ତୁନିର୍ଦ୍ଦେଶ ସ୍ଥାନିତ। ପ୍ରଭୁ ଯୀଶୁ, ମାତା ମେରୀ, ମାର୍ସ ଦେବତା, କଳାସାହିତ୍ୟର ଅନ୍ୟତମ ଦେବୀ ପଲିହାଏମ୍‌ନିଆ, ଭାଗ୍ୟଦେବୀ ପ୍ରଭୃତିଙ୍କ ମହିମାବନ୍ଦନ ସହିତ ପ୍ରେମର ବନ୍ଦନା ଇଷ୍ଟସ୍ତୁତିର ଅଂଶବିଶେଷ। ଅଧିକାଂଶ ରଚନା ଅସଂପୂର୍ଣ୍ଣ ହୋଇଥିବାରୁ ପରିସମାପ୍ତି ବିଷୟରେ କୌଣସି ନିର୍ଦ୍ଦିଷ୍ଟ ଧାରଣା ମିଳେ ନାହିଁ। ତେବେ ଚସରଙ୍କ ଅନ୍ୟତମ ପ୍ରମୁଖ କୃତି Troilus and Criseydeର ତୃତୀୟ ସର୍ଗ ଶେଷରେ ନିମ୍ନୋକ୍ତ ଦୟିନୀ ସନ୍ନିବେଶିତ-

"You beautiful lady, daughter to Dione, and your blind and winged son Lord Cupid aa well, you nine sisters that by the Helican River on Mount Parnassus choose your abode, since you must leave me now, I can say no more but

may you be praised forever, without end. Through you I have told in my song fully the joyous course of Troilus' love, albeit there may have been some distress mingled in it, as my author chooses to describe. My third book thus I now end and leave Troilus in joy and peace with Criseyde, his own sweet heart."୪

ଚସରଙ୍କ ସାତଟି ପ୍ରମୁଖ କୃତି ମଧ୍ୟରୁ ଚାରୋଟିରେ ସ୍ୱପ୍ନବୃତ୍ତାନ୍ତ(Dream Vision) କୌଶଳ ପ୍ରୟୋଗ କରି କଥାନକ ପ୍ରସ୍ତୁତ କରାଯାଇଛି। କବି ସ୍ୱପ୍ନରେ ଦେଖିଥିବା ଘଟଣା ବା ପ୍ରାପ୍ତ ଅନୁଭୂତିର ବର୍ଣ୍ଣନା ମଧ ଦେଇ The Book of The Duchess, The House of Fame, The Parliament of Fowls ଓ The Legend of Good Womenର ଗଳ୍ପପଞ୍ଜର ନିର୍ମିତ।

(୨)

ଉଭୟ ଚସର ଓ ସାରଳା ନିଜ ରଚନାରେ ଉପଲବ୍ଧ ସାହିତ୍ୟ କୃତିର ଉପଯୋଗ କରିଛନ୍ତି। କିନ୍ତୁ, ସେ ଆହରଣରେ ସେମାନଙ୍କର ମୌଳିକତା ମ୍ଳାନ ହୋଇଯାଇନାହିଁ। 'କ୍ୟାଂଟରବରୀ ଟେଲ୍ସ'ର ବିବିଧ କାହାଣୀ ଭଳି ତାଙ୍କ ଅନ୍ୟ ପ୍ରମୁଖ କୃତି ସବୁ କୌଣସି ନା କୌଣସି ପ୍ରଭାବ ବା ଉତ୍ସକୁ ଆଶ୍ରୟ କରି ନିର୍ମିତ। ଗୁଇଲାମ୍ ଡ଼ି ଲୋରିସ୍ଙ୍କ ପ୍ରସିଦ୍ଧ ଫରାସୀ ରଚନା Roman de la Rose, ଷ୍ଟାଟିଅସ୍ଙ୍କ Thebiad, ଜିଓଭାନୀ ବୋକାସିଓଙ୍କ Filostrato, Teseida, Decameron, Filocolo ଓଭିଡ଼ଙ୍କ Ars Amatoria, Remedia Amoris, ଜିଓଭାନୀ ସରକାମ୍ବୀଙ୍କ Novelle, ବାଇବେଲ୍ ମୁଖ୍ୟତଃ ଚସରଙ୍କ ଲେଖନୀକୁ ପୁଷ୍ଟ କରିବା ସହିତ ପେଟ୍ରାର୍କ, ଦାନ୍ତେ, ଭର୍ଜିଲ ପ୍ରଭୃତି ଇଉରୋପୀୟ ସାରସ୍ୱତ ସ୍ରଷ୍ଟା କମ୍ ପ୍ରେରିତ କରିନାହାନ୍ତି। ଏହି ସବୁର ପ୍ରଭାବ, ପ୍ରେରଣା, ଉତ୍ସରୁ ଆହରିତ ସାରସ୍ୱତ ଉର୍ଜା ନିଜ ରଚନାର ବିଷୟ ନିର୍ମାଣକୁ କରିଛି ହୃଦ୍ୟ ଓ ଶ୍ଳାଘ୍ୟ। ନିମ୍ନରେ କେତୋଟି ଉଦାରଣକୁ ଦେଖାଯାଇପାରେ ।

ଚସରଙ୍କ The Reeve's Talere ପ୍ରସିଦ୍ଧ ଇଟାଲୀୟାନ୍ କବି ଜିଓଭାନୀ ବୋକାସିଓଙ୍କ Decameron ନବମ ଦିବସର ଷଷ୍ଠ ଗଳ୍ପ। ଏହି ଗଳ୍ପର କଥକ ପାନ୍‌ଫିଲୋ। ଯାତ୍ରୀମାନଙ୍କୁ ନିଜ ଘରେ ଖାଦ୍ୟ ଓ ଆଶ୍ରୟ ଦେଇ ସ୍ୱଳ୍ପ ଆୟରୁ ଜନୈକ ଗରିବ ବ୍ୟକ୍ତି ଚଳେ। ଘରେ ତା'ର ସୁନ୍ଦରୀ ସ୍ତ୍ରୀ ଓ ପଂଚଦଶ ବର୍ଷୀୟା କିଶୋରୀ କନ୍ୟା ନିକୋଲୋସା। ନିକୋଲୋସାକୁ ଭଲପାଇ ବସେ ଜନୈକ ଯୁବକ ପିନୁସିଓ। ନିକୋଲୋସା ବି ଏହାକୁ ଗ୍ରହଣ କରିନିଏ। ପିନୁସିଓ ନିକୋଲୋସା ସହ ଶାରୀରିକ ସମ୍ବନ୍ଧ ଲାଭ ନିମନ୍ତେ ବନ୍ଧୁ ଆଡ୍ରିଆନୋର ସାହାଯ୍ୟ ନିଏ। ଦୁହେଁ ଯାତ୍ରୀର ଛଳନା କରି ନିକୋଲୋସାର ଘରେ ରାତ୍ରିରେ ଆଶ୍ରୟ ନିଅନ୍ତି। ଦରିଦ୍ର ଗୃହସ୍ଥର କ୍ଷୁଦ୍ର କୋଠରୀରେ ତିନୋଟି ଶଯ୍ୟାରେ ରାତ୍ରିଶୟନର ସଂକୁଚିତ ବ୍ୟବସ୍ଥାର ସୁବିଧା ନିଅନ୍ତି ଦୁଇ ବନ୍ଧୁ। ନିକୋଲୋସା ଓ ପିନୁସିଓ ପରବର୍ତ୍ତୀ ସମୟରେ ମିଳନର ଏହି ତରିକା ଆପଣାନ୍ତି। ଚସର ବୋକାସିଓଙ୍କ ଏହି ଗଳ୍ପରେ ସାମାନ୍ୟ ପରିବର୍ତ୍ତନ ଆଣି ଯେପରି ଭାବରେ The Reeve's Tale କୁ ରୂପ ଦେଲେ ତାହା ନାରୀ ମନର ଜଟିଳ ମାନଚିତ୍ରକୁ ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରେ। ଚସରଙ୍କ ଗଳ୍ପରେ ଚରିତ୍ରର ନାମ ବଦଳି ଯାଇଛି। ଗୃହସ୍ଥ ଗରିବ ନୁହନ୍ତି। ଅକ୍ସଫୋର୍ଡ଼ ଅଂଚଳରେ ଜଣାଶୁଣା ମିଲର୍। ସମସ୍ତେ ତାଙ୍କରି ପାଖକୁ ବିଭିନ୍ନ ଶସ୍ୟ ପେଶିବାକୁ ଆସନ୍ତି। ଲୋକଙ୍କ ଶସ୍ୟର ଅନେକାଂଶ ହାତସଫେଇ କରି ରଖିନିଏ ସେ। ଶସ୍ୟ ପେଶିବାକୁ ଆସିଥିବା ଅକ୍ସଫୋର୍ଡ଼ର ଦୁଇ ଶିକ୍ଷିତ ଯୁବକଙ୍କୁ ମିଲ୍ ସ୍ଥାନରୁ ଟିକେ ଦୂରେଇ ଦେଇ ତାଙ୍କ ଶସ୍ୟରୁ କିଛି ମାରିନେବାକୁ ସେ ଯୁବକଙ୍କ ବନ୍ଧା ଘୋଡ଼ାକୁ ସେମାନଙ୍କ ଅଜାଣତରେ ଫିଟାଇ ଦିଏ। ଫଳରେ ଘୋଡ଼ାଟିକୁ ଖୋଜି ଆଣିବା ବେଳକୁ ସଂଧ୍ୟା ଯାଇ ରାତି। ଅଗତ୍ୟା, ରହିବା ଖାଇବାର ଶୁଳ୍କ ଦେଇ ମିଲ୍‌ର ଘରେ ଆଶ୍ରୟ ନେବାକୁ ହେଲା ଦୁଇ ବନ୍ଧୁଙ୍କୁ। କୌଣସି ପୂର୍ବ ପରିଚୟ ନଥାଇ ମିଲ୍‌ରର ସୁନ୍ଦରୀ ପତ୍ନୀ ଓ ଯୁବତୀ କନ୍ୟା ସହ ପୂର୍ବ କଥିତ କାହାଣୀ ଭଳି ଅନ୍ଧାରର ସୁଯୋଗ ନେଇ ଦୁଇ ବନ୍ଧୁ ସମ୍ପର୍କ ରକ୍ଷା କରିବାକୁ ସକ୍ଷମ ହେଲେ। ମିଲ୍‌ରର ପତ୍ନୀ ଅଗତ୍ୟା ନିଜର ଭ୍ରମ ବୁଝିପାରି ସ୍ୱାମୀଙ୍କ ସହାୟତାରେ ଉକ୍ତ ଦୁଇ ଯୁବକଙ୍କୁ ଆକ୍ରମଣ କରିବାରୁ ସେମାନେ ଗୃହସ୍ଥକୁ ଲହୁଲୁହାଣ କରି, ମିଲ୍‌ରର କନ୍ୟାର ଇସାରାରେ ମିଲ୍‌ରଦ୍ୱାରା ଲୁକ୍କାୟିତ ଶସ୍ୟକୁ ଧରି ପଳାୟନ କଲେ।

ସେହିଭଳି The Merchant's Tale ରେ ଲୋକକାହାଣୀର ଅନ୍ୟତମ ପ୍ରାରୂପ Pear –Tree Episode କୁ ଗ୍ରହଣ କରିଛନ୍ତି ଚସର। ସାଧାରଣ ଏକ ଲୋକ କାହାଣୀର ଅନୁସଙ୍ଗ ବ୍ୟବହାର କରି ନିଜ ଗାଳ୍ପିକତାରେ ସୃଷ୍ଟି କରିଛନ୍ତି ଜାନୁଆରୀ ଭଳି ଚରିତ୍ର। କାହାଣୀଟି ଏହିଭଳି-

ଇଟାଲୀସ୍ଥ ଲୋମବାର୍ଡ଼ିର ପାଭିଆ ସହର। ସେଠାରେ ବାସକରନ୍ତି ଜନୈକ ସମ୍ଭ୍ରାନ୍ତ ବୀରପୁରୁଷ(Knight) ଜାନୁଆରୀ। ନିଜର ଯୌନାକାଂକ୍ଷାର ସାମୟିକ ପରିପୂରଣ ତଥା ଏକ ଭବିଷ୍ୟତ ବଂଶଧର ଲାଗି ସେ ବିବାହ କରିବାକୁ ମନସ୍ଥ କରନ୍ତି। ବୃଦ୍ଧ ଜାନୁଆରୀ ଯୁବତୀ ମେ'ଙ୍କ ସହ ବିବାହ ସୂତ୍ରରେ ଆବଦ୍ଧ ହୁଅନ୍ତି। ଜାନୁଆରୀଙ୍କ ଦରବାରରେ କାର୍ଯ୍ୟରତ ଜନୈକ ଯୁବ ପରିକର ଡାମିୟାନ୍, ଯୁବତୀ ସ୍ତ୍ରୀ ମେ'ଙ୍କୁ ଭଲପାଇ ବସନ୍ତି। ଏହି ମର୍ମରେ ମେ'ଙ୍କୁ ଲିଖିତ ତାଙ୍କ ପତ୍ରରେ ସେ ନିଜ ମନର କଥା ଜଣାଇ ଦିଅନ୍ତି। ମେ' ଡାମିୟାନ୍‌ଙ୍କ ପ୍ରେମକୁ ସ୍ୱୀକାର କରି ତାଙ୍କ ସହ ପ୍ରଣୟଲିପ୍ତ ରହନ୍ତି। ଜାନୁଆରୀ ନିଜ ବୈବାହିକ ଜୀବନକୁ ଅଧିକ ରଙ୍ଗିନ କରିବାକୁ ମଧ୍ୟଯୁଗୀୟ ପ୍ରେମକାବ୍ୟ ବର୍ଣ୍ଣିତ ପ୍ରମୋଦୋଦ୍ୟାନ ଭଳି ପ୍ରାଚୀରାବଦ୍ଧ ଉପବନଟିଏ ନିର୍ମାଣ କଲେ, ଯାହା ବାଇବେଲ୍ ଉଲ୍ଲିଖିତ ଇଡ଼େନ୍ ଗାର୍ଡ଼ନର ଭ୍ରମ ସୃଷ୍ଟି କରିବାକୁ ସକ୍ଷମ। ଏହାର ନିର୍ମାଣ

ପରେ ପରେ ଅଚାନକ ତାଙ୍କ ଦୃଷ୍ଟିଶକ୍ତି ଲୋପପାଇଯାଇଥିଲା। ଏହାର ନିର୍ଦ୍ଦିଷ୍ଟ କାରଣ ଜଣା ପଡ଼ିନଥିଲେ ବି ଚସରଙ୍କ ମତରେ ଜାନୁଆରୀର ଅନ୍ଧତ୍ୱ ଥିଲା ଉଭୟ ଶାରୀରିକ ଓ ନୈତିକ ଏବଂ ଏହା ତା'ର ଗର୍ବ, କାମଲାଳସା ଓ ଅନୈତିକ ଜୀବନର ପରିଣାମ। ଜାନୁଆରୀର ଅନ୍ଧତ୍ୱ ତା'ର ଆଚରଣ ଓ ଉଚ୍ଚାରଣରେ ଆଣିଥିଲା ଗୁଣାତ୍ମକ ପରିବର୍ତ୍ତନ। ତା'ର କଥା ଓ ବ୍ୟବହାର ମଧୁର, କୋମଳ ତଥା ପ୍ରେମସ୍ନିଗ୍ଧ ହୋଇଉଠିଥିଲା। ମେ' ପ୍ରତି ତା'ର ଆବେଗ କାମବାସନାରେ ଜର୍ଜର ହେବା ବଦଳରେ ହୋଇଥିଲା ପ୍ରୀତିପୂର୍ଣ୍ଣ ।

କୌଣସି ଏକ ଜୁନ୍ ଆଠ ତାରିଖରେ ଉଭୟ ମେ' ଓ ଜାନୁଆରୀ ସ୍ୱନିର୍ମିତ ଉପବନରେ ପ୍ରବେଶ କଲେ। ଏହି ସମୟରେ ଡାମିୟାନ୍ ମେ' ପ୍ରଦତ୍ତ ଚାବିକାଠିର ନକଲ ସାହାଯ୍ୟରେ ଉପବନ ମଧ୍ୟକୁ ପ୍ରବେଶ କରି ଏକ ପିଜୁଳି ଗଛରେ ଆତ୍ମଗୋପନ କରି ରହିଲା। ମେ' ଅନ୍ତଃସତ୍ତ୍ୱାର ବାହାନାରେ ଏକ ପିଜୁଳି ଖାଇବାର ଇଚ୍ଛାପ୍ରକାଶ କରି ଜାନୁଆରୀକୁ ତାହା ଆଣିଦେବାପାଇଁ ଅନୁରୋଧ କଲା। ସେ ଜାଣିଥିଲା ଯେ, ବୃଦ୍ଧ ଜାନୁଆରୀ ବୃକ୍ଷ ଆରୋହଣ କରିବାକୁ ଅକ୍ଷମ। ତେଣୁ, ଅବଶେଷରେ ତାକୁ ହିଁ ସେହି କାର୍ଯ୍ୟ କରିବାକୁ ହେବ। ଅଗତ୍ୟା, ଜାନୁଆରୀକୁ ନଇଁପଡ଼ି ନିଜପିଠି ଉପର ଦେଇ ମେ'କୁ ପିଜୁଳି ଗଛକୁ ଚଢ଼ିବାରେ ସାହାଯ୍ୟ କରିବାକୁ ହେଲା। ଏଣିକି ଅବାଧରେ ପ୍ରିୟ ସହ ମିଳନରେ ମେ' ଲାଗି କୌଣସି ସମସ୍ୟା ରହିଲା ନାହିଁ। ବିଚରା ପୁରୁଷ ଜାନୁଆରୀର ଦୁର୍ଦ୍ଦଶାରେ କବି ଚିତ୍ତ ସମବେଦନାରେ ଆର୍ଦ୍ର ହୋଇଉଠିଛି। ଯେଉଁ ଜାନୁଆରୀର ଚରିତ୍ରକୁ କବି ରଚନା ଆରମ୍ଭରୁ ଦୁଷ୍ଟ, ଗର୍ବୀ ଓ କାମୁକ ଭାବେ ଚିତ୍ରଣ କରିଥିଲେ, ତାହା ଏଠାରେ ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଇଛି। ତେବେ ମେ' ଓ ଡାମିୟାନ୍‌ଙ୍କ ଏହି ଅବୈଧ କାମଲୀଳାକୁ ପ୍ରତ୍ୟକ୍ଷ କରୁଥିଲେ ସୁର ଦମ୍ପତି ପ୍ଲୁଟୋ ଓ ପ୍ରସର୍ପିନା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ସଘନ ଆଲୋଚନା ଚାଲେ। ମେ'ର ଏପରି ଶୈରାଚାରକୁ ସହିପାରିନାହାନ୍ତି ପ୍ଲୁଟୋ। ଏହାର ତୀବ୍ର ନିନ୍ଦାକରି ସେ ଜାନୁଆରୀକୁ ତା'ର ଦୃଷ୍ଟିଶକ୍ତି ଫେରାଇଦେବାକୁ ଚାହାନ୍ତି। ଦୃଷ୍ଟିଶକ୍ତିପ୍ରାପ୍ତ ସ୍ୱାମୀ ସମ୍ମୁଖରେ ମେ'ର ସାମ୍ଭାବ୍ୟ ଦୁର୍ଦ୍ଦଶାରୁ ମେ'କୁ ଉଦ୍ଧାର କରିବାକୁ ପ୍ରସର୍ପିନା ବଦ୍ଧପରିକର ହୁଅନ୍ତି। ସେ ତାଙ୍କ ଦୈବୀକୃପାରେ ସମଗ୍ର ନାରୀ ଜାତିକୁ ନିଜର ଅବୈଧ ଗୁପ୍ତ ସମ୍ପର୍କ ସାଧନ ଜନିତ ସମସ୍ୟାରୁ ନିଜକୁ ରକ୍ଷାକରିବା ନିମନ୍ତେ ଆବଶ୍ୟକୀୟ ବାକ୍‌ଚତୁରତା ପ୍ରଦାନ କରନ୍ତି। ପ୍ଲୁଟୋଙ୍କ ଦୈବୀଶକ୍ତି ବଳରେ ଜାନୁଆରୀ ଦୃଷ୍ଟିଶକ୍ତି ଫେରିପାଆନ୍ତି। ଫଳରେ, ସେ ତାଙ୍କ ସ୍ତ୍ରୀଙ୍କୁ ପିଜୁଳି ବୃକ୍ଷରେ ଡାମିୟାନ୍‌ଙ୍କ ସହ ପ୍ରଣୟଲିପ୍ତ ଥିବାର ଦେଖିପାରନ୍ତି। କିନ୍ତୁ, ପ୍ରସର୍ପିନାଙ୍କ କୃପାରୁ ମେ' ନିଜ ସ୍ୱାମୀ ଜାନୁଆରୀଙ୍କୁ ବୁଝାଇଦେଇ ପାରିଥିଲେ ଯେ, ସେ ଦେଖିଥିବା ଦୃଶ୍ୟ ତାଙ୍କ ବହୁଦିନ ପରେ ଫେରିପାଇଥିବା ଦୃଷ୍ଟିଶକ୍ତିର ଭ୍ରମଦୃଷ୍ଟି ମାତ୍ର। ଏବଂ, ପିଜୁଳି ଗଛରେ ଜଣେ ଯୁବକଙ୍କ ସହ ତାଙ୍କୁ ଧସ୍ତାଧସ୍ତି ହେବାର ଯାହା ସେ ଦେଖିଲେ ତାହା ତାଙ୍କର ଦୃଷ୍ଟିଶକ୍ତି ଫେରାଇଆଣିବା ଲାଗି ମେ'ଙ୍କର ଏକ ପତ୍ନୀସୁଲଭ ଉଦ୍ୟମ ବ୍ୟତୀତ ଅନ୍ୟକିଛି ନଥିଲା। ତତ୍ପରେ, ଠକିଥିବା ଓ ଠକିଯାଇଥିବା ମେ' ଓ ଜାନୁଆରୀ ସୁଖରେ ଘରସଂସାର କରି ରହନ୍ତି।

'ଦ କ୍ୟାଂଟରବରୀ ଟେଲସ୍' ଅନ୍ତର୍ଗତ 'ନାଇଟ୍‌ସ ଟେଲ୍'ର ବିଷୟ ବିନ୍ୟାସରେ କବିଙ୍କ ମୌଳିକତା ଲକ୍ଷ୍ୟଣୀୟ। ଏହାର ଇଟାଲୀୟ ଉତ୍ସଠାରୁ ଏହା ଭିନ୍ନତା ସ୍ପଷ୍ଟ। ପ୍ରଥମତଃ,ଏହା ଉତ୍ସରଚନାର କଳେବରର ଏକ ଚତୁର୍ଥାଂଶ। ଥେସିଅସ୍‌ଙ୍କ ଆମାଜନ୍‌ମାନଙ୍କ ବିରୋଧରେ ଯୁଦ୍ଧାଭିଯାନର ବିବରଣୀ ଦେବାକୁ ବୋକାସିଓ ତାଙ୍କ ସମଗ୍ର କୃତିର ପ୍ରଥମ ଭାଗକୁ ନିଃଶେଷ କରିଦେଇଥିବା ସ୍ଥଳେ, ଚସର ତାହାର ବର୍ଣ୍ଣନା କେତେଗୋଟି ପଙ୍‌କ୍ତିରେ ଶେଷ କରିଛନ୍ତି। ବୋକାସିଓଙ୍କ ଶିଥିଳ ଦୀର୍ଘ ବର୍ଣ୍ଣନାକୁ ପରିହାର କରିଛନ୍ତି ଚସର। ଅଧିକନ୍ତୁ, 'ନାଇଟ୍‌ସ ଟେଲ୍'ରେ କବିଙ୍କ ମୌଳିକତା ଅନେକତ୍ର ସଂରକ୍ଷିତ। ମୂଳ ଇଟାଲୀୟ କୃତିର ମାତ୍ର ଏକ ତୃତୀୟାଂଶ ଅନୁବାଦ କରିଛନ୍ତି ସେ। ସୃଷ୍ଟିଉତ୍ସ 'ତେସେଇଡ଼ା(Teseida)'ର ମନ୍ଦିର ବର୍ଣ୍ଣନା, ଦ୍ୱନ୍ଦ୍ୱଯୁଦ୍ଧର ବର୍ଣ୍ଣନା, ଜୀବନସତ୍ୟର ଦାର୍ଶନିକ ବିଚାର ଆଦି କ୍ଷେତ୍ରରେ ଚସର ସ୍ରଷ୍ଟା ଜିଓଭାନୀଙ୍କଠାରୁ ନିରାପଦ ଦୂରତ୍ୱ ରକ୍ଷା କରି 'ନାଇଟ୍‌ସ ଟେଲ୍'କୁ ନିଜ ସମୟର ଚିନ୍ତାଧାରା ଓ ରୁଚି ଅନୁକୂଳ କରିପାରିଛନ୍ତି। ଯଦିଓ ଚସରଙ୍କ ଏପରି ସର୍ଜନଶୀଳ କର୍ତ୍ତନ ମୂଳ ରଚନାର କତିପୟ ଆକର୍ଷଣୀୟ ବର୍ଣ୍ଣନା ଓ ସ୍ୱାଦ୍ୟ ପଦ୍ୟାଂଶରୁ ପାଠକକୁ ବଂଚିତ କରିଛି।

ଦ ମିଲର୍‌ସ ଟେଲ୍, ରିଭ୍‌ସ ଟେଲ୍ ଓ କୁକ୍‌ସ ଟେଲ୍ ମଧ୍ୟଯୁଗୀୟ ଫ୍ରାନ୍ସରେ ବହୁପ୍ରଚଳିତ ଗଳ୍ପ ପ୍ରାରୂପ ଫାବ୍ଲ୍ୟୁ(-Fabliau) ପର୍ଯ୍ୟାୟର। ନାତିଦୀର୍ଘ କଳେବର, ସମାଜର ନିମ୍ନଶ୍ରେଣୀ ଜୀବନଚିତ୍ରର ବାସ୍ତବ ଅଙ୍କନ ଓ ହାସ୍ୟବ୍ୟଙ୍ଗଭରା ଅଶ୍ଳୀଳତା ଏହାର ସ୍ୱରୂପ। ଏହା କୌଣସି ଉଚ୍ଚାଙ୍ଗ ବର୍ଣ୍ଣନା ବା ଆବେଗ ପ୍ରକାଶ ବଦଳରେ କଥାବସ୍ତୁର ଘନତା ଓ ଜଟିଳତାକୁ ବହନ କରିଥାଏ। ମାତ୍ର, ଚସରଙ୍କ ସୃଷ୍ଟିଶୀଳ ଲେଖନୀରେ ଏହାର ସ୍ୱରୂପରେ ପରିବର୍ତ୍ତନ ଆସିଛି। ପୂର୍ବବତ୍ କଳେବର କ୍ଷୁଦ୍ର ରହିଛି, ମାତ୍ର ପରିବେଶ (setting) ହୋଇଛି ବିସ୍ତୃତ। ଫଳରେ, ଏହା କବିଙ୍କ ବର୍ଣ୍ଣନାବିଳାସକୁ ପ୍ରଦାନ କରିଛି ଉପଯୋଗୀ ବିସ୍ତୃତି। ଏହା ପୂର୍ବପରି ସରଳ ସାବଲୀଳ ଏପରିକି କିଛି ମାତ୍ରାରେ ଅଶ୍ଳୀଳ ହେଲେ ବି ଫରାସୀ ଫାବ୍ଲ୍ୟୁ(Fabliau)ର ଜାନ୍ତବତାକୁ ବହନ ନକରି ହୋଇଛି ନୀତିଆଦର୍ଶ ପ୍ରକ୍ଷ୍ୟାପକ।

'ଦ ମ୍ୟାନ୍ ଅଫ୍ ଲଅସ୍ ଟେଲ୍' ଏକ ମାର୍‌ସିନ୍(march-en) ପର୍ଯ୍ୟାୟର ରଚନା। ଲୋକବିଦ୍ୟାର ପରିଭାଷାରେ ଏହା 'କଲ୍‌ମିନେଟେଡ଼ ୱାଇଫ୍' ବର୍ଗର। ଚସର ଯେଉଁ କାହାଣୀକୁ ଏହି ଗଳ୍ପରେ ଗ୍ରହଣ କରିଛନ୍ତି ତା'ର ଅନ୍ତତଃ ଷାଠିଏ ପ୍ରକାର ରୂପ ଇଉରୋପରୁ ସଂଗୃହୀତ ହୋଇଛି। ଏହାରି ମଧ୍ୟରେ 'ଦ ଲେ ଅଫ୍ ଏମାରେ(The Lay of Emare)' ଅନ୍ୟତମ ଓ ଏହି ଗଳ୍ପକୁ ଚସରଙ୍କ ସାମସମୟିକ ଗୋଏର୍ ତାଙ୍କ

'କନ୍‌ଫେସିଓ ଆମାନଟିସ୍' ରେ ମଧ୍ୟ ଗ୍ରହଣ କରିଛନ୍ତି। ଉଭୟ ଗୋଏର୍ ଓ ଚସରଙ୍କଦ୍ୱାରା ଗୃହୀତ କାହାଣୀର ମୁଖ୍ୟ ଉତ୍ସ ନିକୋଲାସ୍ ଟ୍ରାଇଭେଟ୍‌ଙ୍କ 'ଆଂଗ୍ଲୋ-ନରମାନ୍ କ୍ରୋନିକିଲ୍'। ଚସର ଏହି ଲୋକଗଳ୍ପକୁ ପୁନଃରୂପ ଦେବାରେ ଆବଶ୍ୟକୀୟ ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାଧୀନତା ଉପଭୋଗ କରିଛନ୍ତି। ବର୍ଣ୍ଣନାର ଧାରେ ଧାରେ ନୈତିକ ଓ ଦାର୍ଶନିକ ମତମନ୍ତବ୍ୟର ପ୍ରୟୋଗ କରିବା ସହ ଏହାର ଲୋକଗଳ୍ପ ସୁଲଭ ଅକିଂଚନତାକୁ ଲୋପକରି କିମ୍ବଦନ୍ତୀ(Legend) ସୁଲଭ ଭବ୍ୟତା ପ୍ରଦାନ କରିଛନ୍ତି। ଚସରଙ୍କ ରଚନାରେ ଖ୍ରୀଷ୍ଟିୟାନ୍ ତ୍ୟାଗୀବୀରଙ୍କ ରୋମାଂଚକର ଜୀବନକାହାଣୀ ଭଳି କନଷ୍ଟାନ୍‌ସର ଦୁର୍ଭୋଗ ଓ ଦୁଃସ୍ଥିତି ଏବଂ ସେଥିରୁ ତା'ର ବିସ୍ମୟଜନକ ଉଦ୍ଧାର ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ଅଧିକନ୍ତୁ, ଚସରଙ୍କ ଅନ୍ୟ ଆଉ ସମସ୍ତ ଚରିତ୍ରଙ୍କ ପରି ଏହି ଗଳ୍ପର ମୁଖ୍ୟ ଚରିତ୍ର କନଷ୍ଟାନ୍‌ସ କବିଙ୍କ ତୂଳିକାରେ ଅଧିକ ବାସ୍ତବ ଓ ପ୍ରାଣବନ୍ତ ହେବା ବଦଳରେ ମଧ୍ୟଯୁଗୀୟ ଛାପ ବହନ କରି ଧୈର୍ଯ୍ୟ ଓ ଦୃଢ଼ତାର ଏକ ଟାଇପ୍ ଚରିତ୍ରରେ ପରିଣତ ହୋଇଛି।

ଖ୍ରୀ.ଅ. ୧୩୭୪ର ଜିଓଭାନୀ ସରକାମ୍ବୀଙ୍କ ରଚନା 'ନୋଭେଲେ(Novelle)'ରେ ତୀର୍ଥଯାତ୍ରାକୁ କାହାଣୀ ବ୍ୟାଖ୍ୟାନର ପୃଷ୍ଠଭୂମି ରୂପେ ଗ୍ରହଣ କରାଯାଇଛି। ସରକାମ୍ବୀଙ୍କ 'ନୋଭେଲେ(Novelle)' ଓ ଚସରଙ୍କ 'ଦ କ୍ୟାଂଟରବରୀ ଟେଲ୍‌ସ' ମଧ୍ୟରେ ବହୁ ଉଲ୍ଲେଖନୀୟ ପାର୍ଥକ୍ୟ ପରିଦୃଷ୍ଟ। ସରକାମ୍ବୀଙ୍କ କୃତିରେ ତୀର୍ଥଯାତ୍ରୀଙ୍କ ସଂଖ୍ୟା ଚସରଙ୍କଠୁଁ ବେଶୀ ଏବଂ ସମଗ୍ର ଇଟାଲୀରେ ଏମାନଙ୍କ ପରିଭ୍ରମଣ। 'ନୋଭେଲେ(Novelle)'ରେ ସନ୍ନିବିଷ୍ଟ କାହାଣୀମାନ ଚସରଙ୍କ ପରି ସହତୀର୍ଥଯାତ୍ରୀମାନଙ୍କଦ୍ୱାରା କଥିତ ନହୋଇ କେବଳ ରଚକଙ୍କ ମୁଖରେ ବର୍ଣ୍ଣିତ। ମାତ୍ର ଦୁଇଟି କାହାଣୀରେ ସମାନତା ନୁହେଁ, ଆପାତ ସାଦୃଶ୍ୟ ପରିଲକ୍ଷିତ। ଚସରଙ୍କ 'ହୋଷ୍ଟ' ସହ ସରକାମ୍ବୀଙ୍କ ପ୍ରୋପୋଷ୍ଟ(Proposto) ତୁଳନୀୟ। 'ନୋଭେଲେ(Novelle)'ରେ ସମସ୍ତ କାହାଣୀ ରଚକଙ୍କଦ୍ୱାରା କୁହାଯିବା ଫଳରେ ସମାଜର ପ୍ରାୟ ସବୁବର୍ଗର ଚରିତ୍ରର ମନୋଭୂମି, ସାମାଜିକ ସ୍ଥିତି, ଧାରଣା ଅବଧାରଣାର ଚିତ୍ର ମିଳିବା ସହଜ ହୋଇ ନଥାନ୍ତା। ଚସର Canterbury Talesରେ ତୀର୍ଥଯାତ୍ରାରେ ବାହାରିଥିବା ସାଥୀମାନଙ୍କଠାରୁ ଗଳ୍ପ ଆଦାୟ କରିବାର ଯୋଜନା କରି ମଧ୍ୟଯୁଗୀୟ ଇଂଲଣ୍ଡର ସାରସ୍ୱତ ଦିଗନ୍ତରେ ପ୍ରଭାତୀତାରାର ଭୂମିକା ନେଇଥିଲେ।

"ନୟନେ ଦେଖଇ ଗୋ ମୁଂ ଲିହଇ ଶାସ୍ତ୍ର ଯୋଗେ/ଯେ ବିରାଟ ପର୍ବକୁ ବଂଚାଇଲି ଶ୍ଳୋକକୁ ଗୀତବାଗେ ॥ "[୫]

ମହାଭାରତକୁ ପ୍ରାନ୍ତୀୟ ଭାଷାରେ ଗୀତ କଲାବେଳେ ସାରଳା ତାଙ୍କ ଅନର୍ଗଳ ସର୍ଜନ ସାମର୍ଥ୍ୟର ଯେ ପରିଚୟ ଦେଇଛନ୍ତି, ତାହା ଯେକୌଣସି ସ୍ଥୂଳବୁଦ୍ଧିଧାରୀ ବ୍ୟକ୍ତିର ମଧ୍ୟ ଅନୁଭବ ହୋଇଥାଏ। ତାଙ୍କ ସୃଷ୍ଟିର ଭୂମିପର୍ବର ନିର୍ଣ୍ଣୟ କରିବାକୁ ଯାଇ ପ୍ରଫେସର ଉଦୟନାଥ ସାହୁ ଭାରତୀୟ ସର୍ଜନଧାରାର ବହୁ ସାରସ୍ୱତ ସମ୍ଭାରକୁ ଭେଟିଛନ୍ତି।[୬] ମହାଭାରତୀୟ ମହାକାବ୍ୟର କେବଳ ଭାଷା ଯେ ବଦଳାଇଦେଲେ ତାହା ପ୍ରାନ୍ତୀୟ ଶ୍ରୋତା ଓ ପାଠକଙ୍କଦ୍ୱାରା ଗ୍ରହଣୀୟ ହେବ ଏ କଥା ସାରଳାଙ୍କ ଲେଖନୀ ଗ୍ରହଣ କରିନାହିଁ। ତେଣୁ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ମତରେ ସେ ମୂଳଗ୍ରନ୍ଥର ପ୍ରଗାଢ଼ ଶୁଶ୍ରୂଷାରେ ଏକାନ୍ତ ଅନୁରକ୍ତ ଥାଇ ସମଗ୍ର ଭାରତର ସ୍ଥୂଳ ସ୍ଥୂଳ ବିଷୟ ଓ ଆମୂଳାନ୍ତ ଘଟଣାଂଶମାନ ମାତ୍ର ସ୍ୱୟ ଅବ୍ୟାହତ ସ୍ମୃତିକୋଷରେ ପ୍ରଦୀପ୍ତ ରଖି ଅସାମାନ୍ୟ କଳ୍ପନାଶକ୍ତି ଓ ବିଷୟ ସମ୍ବିଧାନ ପ୍ରବୀଣତାର ବଳରେ ବଳୀୟାନ୍ ହୋଇ ଅଙ୍ଗୀକରଣ, ବିସ୍ତୃତୀକରଣ, ଅନୁକ୍ତ ପ୍ରକ୍ଷେପ ଓ ଉକ୍ତ ନିକ୍ଷେପାଦି କ୍ରମରେ ତାଙ୍କ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି।[୭]

ବ୍ୟାସଙ୍କ ମହାଭାରତର ଗୀତା ବ୍ୟାଖ୍ୟାନ ଅର୍ଜୁନଙ୍କ ବିଷାଦ ଓ ମୋହ ଦୂର କରିଥିଲା। କିନ୍ତୁ, ସାରଳା ଦାସଙ୍କ ମହାଭାରତରେ ଏହା ଅନୁପସ୍ଥିତ। କାହାଣୀ ପ୍ରିୟ ଗ୍ରାମ୍ୟ ଜନତାକୁ ଦୃଷ୍ଟିରେ ରଖି ସେ ଭଗବଦ୍ ଗୀତାକୁ ଭୀଷ୍ମ ପର୍ବରୁ ବାଦ୍ ଦେଇଛନ୍ତି। କିନ୍ତୁ, ଅର୍ଜୁନଙ୍କ ବିଷାଦ ଯୋଗ ସେ ଭାଙ୍ଗିବେ କିପରି? ଏଥି ଲାଗି ସାରଳା ବିଷୟ ସମ୍ବିଧାନରେ ଆଣିଛନ୍ତି ଆବଶ୍ୟକୀୟ ପରିବର୍ତ୍ତନ। ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଯୁଧିଷ୍ଠିର ଶେଷଥର ଲାଗି ଯୁଦ୍ଧଭୂମିରେ ଦୁର୍ଯ୍ୟୋଧନ ସମୀପକୁ ଯାଇ ଶାନ୍ତିର ଶେଷ ଚେଷ୍ଟା କରନ୍ତି। ଏଥିରେ ବିଫଳ ହୋଇ ଯୁଦ୍ଧ ଅଂଶଗ୍ରହଣକାରୀଙ୍କୁ ପକ୍ଷ ପରିବର୍ତ୍ତନର ଶେଷ ସୁଯୋଗର କଥା ଘୋଷଣା କରନ୍ତି। ଦୁର୍ଯ୍ୟୋଧନର ଅନ୍ୟତମ ଭାଇ 'ଦୁର୍ଦ୍ଦକ୍ଷ' ଯୁଧିଷ୍ଠିରଙ୍କ ଆହ୍ୱାନର ଉତ୍ତରରେ ପାଣ୍ଡବ ପକ୍ଷରେ ଆସି ଯୋଗଦିଏ। ଏହି ଘଟଣାରେ ଅସହଣୀୟ କୌରବ ଯୁଧିଷ୍ଠିରଙ୍କୁ କରନ୍ତି ଆକ୍ରମଣ। ସେତେବେଳ ଯାଏ କୃଷ୍ଣଙ୍କ ସବୁ ଉଦ୍ୟମ ସତ୍ତ୍ୱେ ଅର୍ଜୁନଙ୍କ ବୈରାଗ୍ୟ ଓ ବିଷାଦ କଟି ନଥାଏ। କୌରବ କର୍ତ୍ତୃକ ଯୁଧିଷ୍ଠିରଙ୍କୁ ଆକ୍ରମଣର ସମ୍ବାଦ ଶ୍ରୀକୃଷ୍ଣ ଅର୍ଜୁନକୁ ଅବଗତ କରାନ୍ତେ ସେ ନିଜର ଜ୍ୟେଷ୍ଠ ଭ୍ରାତାଙ୍କ ସୁରକ୍ଷା ଲାଗି ତାଙ୍କୁ ଅନୁରୋଧ କରିବସନ୍ତି। ଏହି ସୁଯୋଗରେ ଅର୍ଜୁନଙ୍କ ମୋହଯୁକ୍ତ ଯୁଦ୍ଧ ବୈରାଗ୍ୟକୁ ବିଦ୍ରୁପ କରିବାକୁ ଭୁଲନ୍ତି ନାହିଁ-

"ଗୋବିନ୍ଦେ ବୋଇଲେ ପାର୍ଥ ନୁହଇଟି ଯେମନ୍ତ/ ସମସ୍ତେ ଅଭିନ୍ନ ତୋହୋର ସୋଦରରେ ପାର୍ଥ। / ଭୀଷ୍ମେ ତୋହୋର ଅଜା ଦ୍ରୋଣେ ତୋହୋର ଗୁରୁ/ ଶଲ୍ୟ ମାତୁଳ କର୍ଣ୍ଣ ତୋହୋର ଭ୍ରାଥ କିମ୍ପେ ମନେ ଅନ୍ତର ଧରୁ।"[୮]

ଏପରି ବିଦ୍ରୁପ ଅର୍ଜୁନଙ୍କୁ ନିଜର କର୍ତ୍ତବ୍ୟାକର୍ତ୍ତବ୍ୟ ନେଇ ସନ୍ଦେହମୁକ୍ତ କରେ ଓ ସେ ଯୁଦ୍ଧରେ ପ୍ରବୃତ୍ତ ହୁଅନ୍ତି।

ସେହିପରି ଦ୍ରୋଣପର୍ବରେ ସ୍ଥାନିତ 'ଅଭିମନ୍ୟୁ ବଧ' ପ୍ରସଙ୍ଗ ସାରଳାଙ୍କ ଉଜ୍ଜ୍ୱଳ କଳ୍ପନା ଶକ୍ତି ଓ ଅଦ୍ଭୁତ ବିଷୟ ନିର୍ମାଣର କ୍ଷମତାର ସ୍ପର୍ଶରେ ବହୁ ଆୟାମଯୁକ୍ତ ତାତ୍ପର୍ଯ୍ୟରେ ପରିଣତ ହୋଇପାରିଛି। ଶ୍ରୀକୃଷ୍ଣଙ୍କ ଆଗ୍ରହରେ ମାତ୍ର ଚଉଦ ବର୍ଷର ମର୍ତ୍ତ୍ୟ ଜୀବନର ସର୍ତ୍ତ ରଖି 'ଆଦି' ସୁଭଦ୍ରାଙ୍କ କୋଳରେ ଅଭିମନ୍ୟୁ ରୂପରେ ଜନ୍ମଗ୍ରହଣ କରନ୍ତି। ପୂର୍ବରୁ ସେ ତାଙ୍କ ମାତା ଉଗ୍ରତାରାଙ୍କ ସହ ସ୍ୱର୍ଗରାଜ୍ୟକୁ ଦୈତ୍ୟମାନଙ୍କ ଆକ୍ରମଣରୁ

ରକ୍ଷା କରିଆସିଥିଲେ। ତେଣୁ ତାଙ୍କ ଅନୁପସ୍ଥିତିରେ ଉଦେକବନ୍ଧ ନାମକ ଦୈତ୍ୟ ଚଉଦ ବର୍ଷ ଧରି ସ୍ୱର୍ଗପୁରୀକୁ ସନ୍ତ୍ରସ୍ତ କରି ରଖିଲା। ଫଳରେ, ଦେବରାଜ ଇନ୍ଦ୍ର ବିହନ୍ତାପୁରୁଷକୁ ଅଭିମନ୍ୟୁ ନିଧନର ତୁରନ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଲେ। ଅଭିମନ୍ୟୁ ସଂଗ୍ରାମରେ ଥିବା ପର୍ଯ୍ୟନ୍ତ ଅର୍ଜୁନ ମୋହମୁକ୍ତ ଭାବେ ସଂଗ୍ରାମ କରିପାରିବେ ନାହିଁ ଜାଣି, କୃଷ୍ଣ ତାଙ୍କୁ ରଣକ୍ଷେତ୍ରରୁ କୌଶଳରେ ଦୂରେଇ ନେଇଛନ୍ତି। ଅଭିମନ୍ୟୁର ନିଧନରେ ଅର୍ଜୁନଙ୍କ ଉପୁଜିଥିବା ଶୋକକୁ କୃଷ୍ଣ ଦୂର କରିନପାରି ଶେଷରେ ତାଙ୍କୁ ନେଇଯାଇଛନ୍ତି ସ୍ୱର୍ଗକୁ। ସ୍ୱର୍ଗରେ ଉଦେକବନ୍ଧ ସହ ଅଭିମନ୍ୟୁକୁ ସମରଲିପ୍ତ ଥିବାର ଦେଖିବାକୁ ପାଆନ୍ତି ଅର୍ଜୁନ। ଆବେଗରେ ଅଭିମନ୍ୟୁକୁ କୋଳାଗ୍ରତ କରିବାକୁ ଆଗଭର ହୁଅନ୍ତେ ସେ ତାଙ୍କୁ ଚିହ୍ନି ନପାରି ଆଡ଼ ହୋଇଯିବାକୁ କହନ୍ତି। ଏଥିରେ ଅର୍ଜୁନଙ୍କ ପିତୃହୃଦୟ ବିଳପି ଉଠେ। ଶ୍ରୀକୃଷ୍ଣ ମାନବୀୟ ସମ୍ପର୍କ ଓ ଜାଗତିକ ଜୀବନର ଅଳିକତା ସ୍ୱର୍ଗ ରାଜ୍ୟରେ ଅସ୍ୱୀକୃତ ବୋଲି କହି ପ୍ରବୋଧନା ଦିଅନ୍ତି। ସ୍ୱର୍ଗରାଜ୍ୟର ଏହି ମୋହମୁକ୍ତିକର ବାତାବରଣରୁ ତ୍ରାହି ଲୋଡ଼ି ଅର୍ଜୁନ କହନ୍ତି-

"ଅର୍ଜୁନ ବୋଇଲେ ହରି ଯେସନେକ ବିଚାର ଯେବେ ସ୍ୱର୍ଗେ / ନିପ୍ରୋହି ଭୁବନ ଯେଟି ଯେଥୁଂ ଚାଲ ଯିବା ବେଗେ।"[୯]

ଉପରୋକ୍ତ ବିଷୟଗତ ସଂଘଟନ ଦେଇ ସାରଳା ଏକାଧିକ ଲକ୍ଷ୍ୟ ପୂରଣ କରିବାକୁ ସମର୍ଥ ହୋଇଛନ୍ତି। ବାଳକ ଅଭିମନ୍ୟୁ ମୃତ୍ୟୁ ଜନିତ ଶୋକକୁ ପାଠକମାନଙ୍କ ନିମନ୍ତେ ସହନୀୟ କରିବା, ଗୀତା ଶ୍ରବଣ ଓ ବିଶ୍ୱରୂପ ଦର୍ଶନ ବଂଚିତ ମୋହଶୀଳ ଅର୍ଜୁନ ମନକୁ ଜାଗତିକ ସାଂସାରିକ ସମ୍ପର୍କର ଅଳୀକତାକୁ ଚିହ୍ନାଇ ଦେଇ ତାକୁ ଯୁଦ୍ଧାଗ୍ରହୀ କରିବା ଏବଂ ସ୍ୱର୍ଗ ନୁହେଁ ମର୍ତ୍ତ୍ୟର ଜୀବନ ହିଁ ପରମ ସୁନ୍ଦର ଓ ଉପଭୋଗ୍ୟ ତା'ର ବାଣୀ ପ୍ରଚାର କରିବା ପ୍ରଭୃତି ସେହି ଲକ୍ଷ୍ୟ ମଧ୍ୟରେ ଅନ୍ୟତମ।

ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ସାରଳା ଦାସ ଭାରଦା ବୃତ୍ତାନ୍ତ ସଂଯୋଗ କରି ମହାଭାରତ ଯୁଦ୍ଧର ପରିଣାମ ସମ୍ପର୍କରେ ଅଗ୍ରୀମ ସୂଚନା ଦେଇଛନ୍ତି। ଭାରତୀୟ ପାଠକ ଓ ଶ୍ରୋତାଙ୍କ ସମୀପରେ ଏହା ଅଜ୍ଞାତ ନଥିଲେ ବି ମହାଭାରତର ଚରିତ୍ରଙ୍କ ପାଇଁ ଥିଲା ଅଦୃଷ୍ଟ। ମହାଭାରତ ଯୁଦ୍ଧର ପରିଣତିକୁ ଆଗୁଆ ଜାଣିବା ଲକ୍ଷ୍ୟରେ ଅନ୍ୟାନ୍ୟ ବହୁ ପ୍ରସଙ୍ଗରେ ଅଗ୍ରିମ ସୂଚନା ପ୍ରଦାନ କରୁଥିବା ସହଦେବଙ୍କ ସାହାଯ୍ୟ ନନେଇ ସାରଳା ଦାସ କାହିଁକି ଭାରଦା ବୃତ୍ତାନ୍ତର ଅବତାରଣା କଲେ। ସ୍ୱୟଂ ସହଦେବ ଏହି ଯୁଦ୍ଧର ଏକ ପକ୍ଷ ରୂପେ ଅବତୀର୍ଣ୍ଣ- ସମ୍ଭବତଃ ଏହା ଏକ କାରଣ ହୋଇପାରେ। ସହଦେବ ମୁଖରେ ନିଜ ବିଜୟର ଭବିଷ୍ୟବାଣୀ କରିବା ଚରିତ୍ରର ସ୍ୱଭାବ ଓ ଗରିମାନୁକୂଳ ହେବ ନାହିଁ ଜାଣି କବି ଏପରି ଭିନ୍ନ କୌଶଳ ଗ୍ରହଣ କରିଛନ୍ତି। ଏହା ସାରଳାଙ୍କ ବିଷୟ ନିର୍ମାଣର ସହଜାତ ଦକ୍ଷତାକୁ ପ୍ରମାଣିତ କରିଥାଏ।

କିମ୍ବଦନ୍ତୀ ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆଗ୍ରହରେ ବ୍ରାହ୍ମଣ ବସୁଦେବ ଜାରାଶବର, ନାମାନ୍ତରରେ ବସୁ ଶବର, କନ୍ୟା ସହ ପ୍ରୀତି ରଚନା କରି ନୀଳମାଧବଙ୍କ ସନ୍ଧାନ ପାଇ ଶ୍ରୀକ୍ଷେତ୍ରକୁ ଆଣିବାର ପ୍ରଯତ୍ନ କରିଥିଲେ। କିନ୍ତୁ, ସାରଳା ଦାସ ଏହି ପ୍ରସଙ୍ଗରେ ଆଣିଛନ୍ତି ଗୁଣାତ୍ମକ ପରିବର୍ତ୍ତନ। ବ୍ରାହ୍ମଣ ବସୁଦେବ ଅରଣ୍ୟରେ ବସୁ ଶବରକୁ ଭେଟିଛି। ବସୁ ଶବର ବ୍ରାହ୍ମଣ ଦୃଷ୍ଟିରେ ତା'ର ପୂଜା କରିଛି। ନିଜ ନାମର ସାମଞ୍ଜସ୍ୟରେ ସେ ଏହି ଅତିଥିଙ୍କୁ ମଇତ୍ର ଜ୍ଞାନ କରିଛି। ପରସ୍ପର ମୈତ୍ରୀ ସୂତ୍ରରେ ଆବଦ୍ଧ ହୋଇ ବସୁଦେବ ସେଠାରେ କିଛିକାଳ ଅବସ୍ଥାନ କରନ୍ତି। ମଇତ୍ରାଣୀର ବିଶ୍ୱାସ ଲାଭ କରି ନୀଳମାଧବଙ୍କୁ ଦର୍ଶନ କରାଇଦେବାକୁ ବସୁ ଶବରକୁ ସମ୍ମତ କରାଇପାରିଛନ୍ତି। ସାରଳା ଦାସ ରାଜାଙ୍କ ନାମ ଇନ୍ଦ୍ରଦ୍ୟୁମ୍ନ ପରିବର୍ତ୍ତେ ଗାଲମାଧବ ବୋଲି ଲେଖିଛନ୍ତି। ଶବରର ପୁତ୍ରୀ ସହ ବାସୁ ବ୍ରାହ୍ମଣର ପ୍ରେମ ପ୍ରସଙ୍ଗଠାରୁ ନାମ ସାମଞ୍ଜସ୍ୟରୁ ଆଶୁ ବନ୍ଧୁତ୍ୱ ସୃଷ୍ଟିର ସାମାଜିକ ଚଳଣିକୁ ତାଙ୍କ ଆଖ୍ୟାନର ପଞ୍ଜର ଭାବେ ଗ୍ରହଣ କରି ସାରଳା ଦାସ ତାଙ୍କ ବିଷୟନିର୍ମାଣକୁ ଅଧିକ ବାସ୍ତବତା ଯୋଗାଇଛନ୍ତି।

ସ୍ୱର୍ଗାରୋହଣ ପର୍ବରେ ଯୁଧିଷ୍ଠିର ଗୃହବାସ ଓ ରାଜତ୍ୱ ତ୍ୟାଗ କରି ସ୍ୱର୍ଗପଥର ଯାତ୍ରୀ ହୋଇଥିବାବେଳେ ଅମରାବତୀ ନଗରରେ ହରିସାହୁ କନ୍ୟା ସୁହାଣୀକୁ ବିବାହ କରିବା କାହାଣୀ ସଂଯୋଗ କରି ଶେଷପର୍ବରେ କିଛି ଚମକ ଆଣିବାକୁ ଚେଷ୍ଟା କରିଛନ୍ତି। ଏଥିରେ ଅଗ୍ର ପାଣ୍ଡବଙ୍କ ବିବାହ ତଥା ଯମ ଓ ତା'ର ଅନୁଚର ସହ ଯୁଦ୍ଧର ବିବରଣୀ ରହିଛି। ପାଣ୍ଡବଙ୍କ ପାର୍ଥିବ ଜୀବନର ଅନ୍ତ ହେବା ପୂର୍ବରୁ ଏହିପରି ଭାବେ ଜାଗତିକ ସାଂସାରିକ ଜୀବନ ଭିତରକୁ ସେମାନଙ୍କୁ ପୁନରାୟ ଆଣି ପାଠକ ଓ ଶ୍ରୋତା ମନକୁ ଚରମ ପରିଣତି ଲାଗି ସାରଳା ଦାସ କ'ଣ ପ୍ରସ୍ତୁତ କରିଛନ୍ତି? ସାରଳା ଦାସଙ୍କ ଅଦ୍ଭୁତ ବିଷୟ ନିର୍ମାଣ କ୍ଷମତା ଓ ପ୍ରଚଣ୍ଡ କଳ୍ପନାଶକ୍ତିର ପରିଚୟ ତୁଳାକର୍ଣ୍ଣ ଗନ୍ଧର୍ବର ଶ୍ରୀଖଣ୍ଡୀକୁ ନିଜ ଲିଙ୍ଗ ପ୍ରଦାନ କରିବା ଆଖ୍ୟାନରୁ ମିଳିଥାଏ। ପ୍ରସଙ୍ଗଟି ଏହିପରି-

ତୁଳାକର୍ଣ୍ଣ ଦେଖିବାକୁ ଥିଲା ଅତୀବ ସୁନ୍ଦର ପୁରୁଷ। ଇନ୍ଦ୍ରଙ୍କ ସମୀପକୁ ନଯାଇ ଅଧିକାଂଶ ସ୍ୱର୍ଗସୁନ୍ଦରୀ ଏହି ଗନ୍ଧର୍ବ ପ୍ରତି ଆକୃଷ୍ଟ ହୋଇ ତାହା ସହ ରତିକ୍ରୀଡ଼ାରେ ମଜ୍ଜି ରହୁଥିଲେ। ଏକଦା କାମଜର୍ଜର ତୁଳାକର୍ଣ୍ଣ ମାତା ପଦ୍ମାବତୀଙ୍କ ସହ ଶୃଙ୍ଗାର କରିବାରୁ ବାସବ ତାଙ୍କୁ ସ୍ୱର୍ଗରୁ ବିତାଡ଼ିତ କଲେ। ଫଳରେ ତାକୁ ବନରେ ବାସ କରିବାକୁ ହେଲା। ତା'ର ମୁହଁ କେହି ଚାହିଁଲେ ନାହିଁ। ନିଜର ଏହି ଅପକର୍ମ ଲାଗି ଅନୁତପ୍ତ ହୋଇ ସେ ବଣରେ ଘୁରିବୁଲିଲା। ନିଜ ଲିଙ୍ଗକୁ ନେଇ କ୍ରୋଧାନ୍ୱିତ ତୁଳାକର୍ଣ୍ଣ ପୁରୁଷତ୍ୱହୀନ ଶ୍ରୀଖଣ୍ଡୀର ଦୁଃଖ ଦେଖି ନିଜ ଲିଙ୍ଗକୁ ଛେଦନ କରି ତାକୁ ପ୍ରଦାନ କଲା। ସାରଳାଙ୍କ ବିଷୟ ନିର୍ମାଣ କ୍ଷମତା, ଦୂରଦୃଷ୍ଟି, ଯାଥାର୍ଥ୍ୟବୋଧ ଓ ପ୍ରଚଣ୍ଡ କଳ୍ପନାଶକ୍ତିର ସ୍ପର୍ଶ ତାଙ୍କ ମହାଭାରତର ଛତ୍ରେ ଛତ୍ରେ ପରିଲକ୍ଷିତ।

ପରିଚିତ କାହାଣୀକୁ ନେଇ ସ୍ୱୟ କଳ୍ପନା, ଧୀଶକ୍ତି ଓ ରସ ଚେତନାରେ ନବାୟନ କରିବା ସାଧାରଣ ପ୍ରତିଭାସାପେକ୍ଷ ନୁହେଁ। ଚସରଙ୍କ ପ୍ରତ୍ୟେକଟି ରଚନାର ଉତ୍ସ ରହିଛି, ପ୍ରାୟ କୌଣସିଟି ମୌଳିକ ବୋଲି କୁହାଯାଇ ପାରିବ ନାହିଁ। ଯାହା

ତାଙ୍କର ମୌଳିକ ତାହା ଚରିତ୍ରଚିତ୍ରଣ, ଭାଷାପ୍ରୟୋଗ, ବିଷୟ ସଂଗଠନ ଓ ଛନ୍ଦ ଯୋଜନାରେ ପରିଦୃଷ୍ଟ। ସାରଳା ଦାସଙ୍କ ବିଷୟ ନିର୍ମାଣ ଦକ୍ଷତା ଯେକୌଣସି ସାହିତ୍ୟ ସ୍ରଷ୍ଟାଙ୍କ ଲାଗି ଈର୍ଷଣୀୟ। ସାରଳା ଓ ଚସରଙ୍କ ଦୁଇ ଭିନ୍ନ ଭୂମି ଓ ସମୟରେ ଜନ୍ମ ଓ ସାଧନା। ଉଭୟେ ନିଜ ନିଜ ସମୟର ସ୍ପନ୍ଦନକୁ ଅନୁଭବ କରି ପାରମ୍ପରିକ ରୂପ ଓ ଭାବସମ୍ପଦରେ ଆବଶ୍ୟକୀୟ ପରିବର୍ତ୍ତନ ଆଣି ସେମାନଙ୍କ ସମାଜ ଓ ଭାଷାସାହିତ୍ୟର ସେବା କରିଯାଇଛନ୍ତି। ଉଭୟଙ୍କ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ ବିଶ୍ୱସାହିତ୍ୟ ଅବବୋଧର ଅନୁପନ୍ଥୀ ।

**ପ୍ରାନ୍ତଟୀକା:**


୧. ସାରଳା ମହାଭାରତ, ଆଦିପର୍ବ, କଟକ, ସାରଳା ସାହିତ୍ୟ ସଂସଦ, ପ୍ରକାଶ କାଳ-୨୦୦୭, ପୃଷ୍ଠା-୨୫୫

୨. ତତ୍ରୈବ, ପୃଷ୍ଠା-୨୯୭

୩. ପଟ୍ଟନାୟକ କଇଳାଶ, ସାରଳା ମହାଭାରତ: ମୌଖିକ ପରମ୍ପରା, ସହକାର, ପୂଜାସଂଖ୍ୟା - ୨୦୧୩

୪. Robinson F. N., The works of Geoffrey Chaucer; London, Oxford University Press, 2nd Edn, 1974, Page-440

୫. ବିରାଟ ପର୍ବ, ସାରଳା ମହାଭାରତ, କଟକ, ସାରଳା ସାହିତ୍ୟ ସଂସଦ, ପ୍ରକାଶ କାଳ-୨୦୦୭, ପୃଷ୍ଠା-୧୭୫୯

୬. ସାହୁ ଉଦୟନାଥ, ସାରଳା ମହାଭାରତର ସୃଷ୍ଟିପର୍ବ, କଟକ, ଚିନ୍ମୟ ପ୍ରକାଶନ, ପ୍ରଥମ ପ୍ରକାଶ-୨୦୧୪

୭. ନନ୍ଦଶର୍ମା ଗୋପୀନାଥ, ଶ୍ରୀଭାରତ ଦର୍ପଣ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରକାଶ କାଳ-୧୯୬୪, ପୃଷ୍ଠା-୧୦

୮.ଭୀଷ୍ମ ପର୍ବ, ସାରଳା ମହାଭାରତ, କଟକ, ସାରଳା ସାହିତ୍ୟ ସଂସଦ, ପ୍ରକାଶ କାଳ-୨୦୦୭, ପୃଷ୍ଠା-୨୧୨୧

୯. ଦ୍ରୋଣ ପର୍ବ, ସାରଳା ମହାଭାରତ, କଟକ, ସାରଳା ସାହିତ୍ୟ ସଂସଦ, ପ୍ରକାଶ କାଳ-୨୦୦୭, ପୃଷ୍ଠା-୨୨୫୫


●

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୬ | ନଭେମ୍ବର - ଡିସେମ୍ବର ୨୦୨୩
Volume No. 01 | Issue No. 06 | Nov-Dec 2023
Refereed Peer-Reviewed Jornal
https://bageesha.in
OPEN ACCESS

# ଅଥର୍ ସରୋଗେଟ୍ ଓ ଓଡ଼ିଆ ଉପନ୍ୟାସ

■ ଅଶୋକ କୁମାର ନାଏକ
ଓଡ଼ିଆ ଅଧ୍ୟାପକ, ବେଳାଭୂମି ମହାବିଦ୍ୟାଳୟ,
ଅଭଣା, ବାଲେଶ୍ୱର
DOI : https://orcid.org/0009-0000-2040-9573

Article Received : 07.11.2023 | Accepted : 12.12.2023 | Published : 01.01.2024

**ସାରାଂଶ**

ବିଜ୍ଞାନର ଉପାଦାନ ସାହିତ୍ୟରେ କଳାତ୍ମକ ରୂପ ନେଇ ବିଜ୍ଞାନ ଭିତ୍ତିକ ସାହିତ୍ୟ ସୃଷ୍ଟି କରେ। କିନ୍ତୁ ବିଜ୍ଞାନର ପଦ୍ଧତି ସାହିତ୍ୟର ଶୈଳୀ ଭାବେ ପରିଣତ ହେବ ସବୁଠୁ ଆକର୍ଷଣୀୟ ମନେ ହୁଏ। ଯେମିତି ସରୋଗେଟ୍ ମଦରର ପ୍ରକ୍ରିୟା ଅଳ୍ପ ବହୁତ ଅଥର୍ ସରୋଗେସି ଭଳି ସାହିତ୍ୟିକ କୌଶଳକୁ ସୃଷ୍ଟି କରିବାରେ ସହାୟକ। ଅଥର୍ ସରୋଗେଟ୍ ଲେଖକର ଏକ ପ୍ରକାର ଛଦ୍ମ ରୂପ; କିନ୍ତୁ ସମ୍ପୂର୍ଣ୍ଣ ରୂପେ ଲେଖକ ନୁହେଁ। ଲେଖକ ନିଜ ଚିନ୍ତା-ଚେତନା, ଉଦ୍ଦେଶ୍ୟ ଆଦିକୁ ଅଥର୍ ସରୋଗେଟ୍ ମାଧ୍ୟମରେ ସଫଳ ଭାବେ ପାଠକଙ୍କ ନିକଟରେ ଉପସ୍ଥାପନା କରିପାରେ। ଓଡ଼ିଆ ଉପନ୍ୟାସରେ ଲରା ୱାକର୍, କହ୍ନେଇ, ନବନୀତା ଓ ପୁରନ୍ଦର, ଅମରନାଥ, ଗୋଲମ ଦାସ, ରୂପାନନ୍ଦ, ବିକ୍ରମ ଆଦି ଚରିତ୍ର ଅଥର୍ ସରୋଗେସିର ଏକ ଏକ ସଫଳ ଉଦାହରଣ। ଏଭଳି ଏକ ସାହିତ୍ୟିକ କୌଶଳ ପାଶ୍ଚାତ୍ୟ ସାହିତ୍ୟରେ ବହୁଳ ଭାବେ ଲକ୍ଷିତ ହେଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ବିରଳ। ତେଣୁ ଏ ନେଇ ଲେଖକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ତଥା ପାଠକଙ୍କ ଜିଜ୍ଞାସାକୁ ଦ୍ୱିଗୁଣିତ କରିବାରେ ଆଲୋଚନାଟି ପ୍ରଥମ ପଦକ୍ଷେପ ଭାବେ ସହାୟକ ହେବ ବୋଲି ବିଶ୍ୱାସ।

ସାହିତ୍ୟ କହିଲେ ଯଦି ଗଳ୍ପ, ଉପନ୍ୟାସ, କବିତା, ନାଟକ ଆଦିକୁ ବୁଝାଯାଏ; ତେବେ ବିଜ୍ଞାନ ଏହାର ବିପରୀତ ମନେହେବ। ଯାହାର କାରଣ ହୋଇପାରେ ସାହିତ୍ୟର "କଳ୍ପନା" ଓ ବିଜ୍ଞାନର "ଯୁକ୍ତିନିଷ୍ଠ ସତ୍ୟ"। କିନ୍ତୁ ବିଜ୍ଞାନ ମଧ୍ୟ ପ୍ରଥମେ କଳ୍ପନା କରେ, ତା' ପରେ ତାକୁ ବାସ୍ତବର ରୂପ ଦିଏ; ଅବିକଳ ସାହିତ୍ୟ ପରି। ପୁଣି ସାହିତ୍ୟକୁ ବ୍ୟାପକ ଦୃଷ୍ଟିକୋଣରୁ ଦେଖିଲେ ଏହା ଭିତରେ ବିଜ୍ଞାନ, ଇତିହାସ, ଭୂଗୋଳ, ନୃତତ୍ତ୍ୱ ଆଦି ବିଭିନ୍ନ ପ୍ରସଙ୍ଗର ସମାହିତ ହୋଇପାରେ। ସାହିତ୍ୟ ଓ ବିଜ୍ଞାନରେ ପ୍ରଥମେ କଳ୍ପନା ବା ମନର ଧାରଣା ହିଁ ପ୍ରାଧାନ୍ୟ ପାଉଥିବାରୁ ଉଭୟେ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଯାହାକୁ ବିଜ୍ଞାନ ଧର୍ମୀ କଥାସାହିତ୍ୟ ସଫଳ ଭାବେ ରୂପାୟନ କରିଛି ବୋଲି କହିଲେ ଭୁଲ୍ ହେବନାହିଁ।

ସାହିତ୍ୟରେ ବିଜ୍ଞାନର ଉପାଦାନ ଥିବା ଆଶ୍ଚର୍ଯ୍ୟ କମ୍ ଉତ୍କଣ୍ଠିତ ବେଶୀ କରିଥାଏ। ସ୍ରଷ୍ଟାଠାରୁ ପାଠକ ବେଶ୍ ଚମତ୍କୃତ ହୁଏ। ଆନନ୍ଦ ସହ ଶିକ୍ଷା, ଜ୍ଞାନ ଆଦି ପାଏ। ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ବା ଲକ୍ଷ୍ୟର ସାମନା କରେ। ଚିକିତ୍ସା ବିଜ୍ଞାନ (Medical science) ପଦ୍ଧତିର ଉପାଦାନ ସାହିତ୍ୟର କଥା ସହ ଯୋଡ଼ି ହୋଇ ଏକ ନୂତନ ଦିଗନ୍ତକୁ ଦର୍ଶନ କରେଇବା ଏକ ଅଭିନବ ଶୈଳୀ। ଆଲୋଚ୍ୟ ଅଥର୍ ସରୋଗେଟ୍ (Author Surrogate) ସାହିତ୍ୟିକ ଶୈଳୀ ସରୋଗେଟ୍ ମଦର୍ (Surrogate mother) ସହ ଶାବ୍ଦିକ ଦିଗରେ ଏବଂ କିଛି ମାତ୍ରାରେ ଆନ୍ତଃଗୁଣ କ୍ଷେତ୍ରରେ ମଧ୍ୟ ସାମ୍ୟତା ରଖେ। ତେଣୁ ସରୋଗେଟ୍ ମଦରର ସରୋଗେସି (surrogacy) ପ୍ରକ୍ରିୟା ସମ୍ପର୍କରେ ଅବଗତ ହେବା ପରେ ଅଥର୍ ସରୋଗେସି ଉପରେ ଚର୍ଚ୍ଚା କରାଯାଇପାରେ।

ସରୋଗେସିର ହିନ୍ଦୀ (ଭାରତୀୟ ଭାଷା) ପରିଭାଷା ହେଉଛି "କିରାଏ କି କୋଖ" (**किराए की कोख**)।(୧) ଯାହାକୁ ଅତି ସାଧାରଣ ଅର୍ଥରେ "ଭଡ଼ାର ଗର୍ଭ" ବୋଲି ଓଡ଼ିଆରେ କୁହାଯାଇପାରେ। କିନ୍ତୁ "Surrogate" ଶବ୍ଦର ଓଡ଼ିଆ ପରିଭାଷା ହେଉଛି "ସ୍ଥାନାପନ୍ନ"। ଯାହାର ଅର୍ଥ "ଜଣେ ବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କ ସ୍ଥାନରେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବା।(୨)

ସରୋଗେସି ହେଉଛି ଏକ ବ୍ୟବସ୍ଥା। ପ୍ରାୟତଃ ଆଇନଗତ ଚୁକ୍ତି ଦ୍ୱାରା ସମର୍ଥିତ। ଯେଉଁଥିରେ ଜଣେ ମହିଳା, ଏକ ଦମ୍ପତ୍ତିଙ୍କ ସନ୍ତାନକୁ ଗର୍ଭରେ ଧରି ପ୍ରସବ କରିବାକୁ ରାଜି ହୁଅନ୍ତି। ସନ୍ତାନ ଜନ୍ମ ପରେ ସନ୍ତାନ ଉପରେ ଦମ୍ପତ୍ତିଙ୍କ ଅଧିକାର ହୁଏ। ଏହି

ପ୍ରକ୍ରିୟାରେ ଉଦ୍ଦିଷ୍ଟ ପିତା (Intended father)ଙ୍କ ଶୁକ୍ରାଣୁ ବା ବୀର୍ଯ୍ୟ (Sperm) ଓ ଉଦ୍ଦିଷ୍ଟ ମା' (Intended mother)ଙ୍କ ଅଣ୍ଡା (egg)କୁ ବ୍ୟବହାର କରି ଭ୍ରୁଣ (embryo) ସୃଷ୍ଟି କରାଯାଏ। ତାକୁ ଅନ୍ୟ ଜଣେ ନାରୀର ଗର୍ଭରେ ପ୍ରବେଶ କରାଇ ଦିଆଯାଏ। ତାକୁ ଆବଶ୍ୟକ ସମୟ ଗର୍ଭରେ ରଖି ଜନ୍ମିତ ଶିଶୁକୁ ଉଦ୍ଦିଷ୍ଟ ଦମ୍ପତ୍ତି (Intended couple)କୁ ଦିଆଯାଏ। ଏହି ଗର୍ଭଧାରଣ କରୁଥିବା ମହିଳାଙ୍କୁ ସରୋଗେଟ୍ ମଦର୍ ବୋଲି କୁହାଯାଏ।

କାହିଁକି କରାଯାଏ?ଯଦି କୌଣସି ନାରୀ ଗର୍ଭ ଧାରଣ କରିବା ପାଇଁ ଅକ୍ଷମ ହୁଏ କିମ୍ବା ତା'ର ଗର୍ଭାଶୟ (uterus) କୌଣସି କାରଣ ବଶତଃ କାଢି ଦିଆଯାଇଥାଏ ବା ଗର୍ଭାଶୟ ଗର୍ଭଧାରଣ ପାଇଁ ଉପଯୁକ୍ତ ନହୁଏ ବା ହୃଦୟରୋଗ ବା କର୍କଟ ରୋଗ ଭଳି କୌଣସି ବିପଦପୂର୍ଣ୍ଣ ରୋଗ ଆଦି ରହିବା ଦ୍ୱାରା ସେ ଶିଶୁ ପ୍ରଜନନ କରିନପାରନ୍ତି; ତେବେ ସ୍ୱଇଚ୍ଛାରେ ବା ଟଙ୍କା ନେଇ ଭଡ଼ାରେ (ଯାହା ଭାରତରେ ନିଷିଦ୍ଧ ହେଲାଣି) ଜଣେ ନାରୀ ବା ସରୋଗେଟ୍ ମା' ସାହାଯ୍ୟର ହାତ ବଢାଏ।

ସରୋଗେସିରେ ଆହୁରି ବିଭିନ୍ନ ପ୍ରକ୍ରିୟା ଥିଲେ ମଧ୍ୟ ତାହା ଏଠାରେ ଅନାବଶ୍ୟକ ମନେ ହୁଏ। ସର୍ବଶେଷରେ ଗୋଟେ କଥା ସ୍ପଷ୍ଟ ହୁଏ ଯେ, ଜଣେ ଦମ୍ପତ୍ତି ଶିଶୁ ପ୍ରଜନନରେ ଅସୁବିଧାର ସମ୍ମୁଖୀନ କରୁଥିଲେ ବା ଅକ୍ଷମ ଥିଲେ ସରୋଗେଟ୍ ମା'ର ସାହାଯ୍ୟ ନିଆଯାଏ।

ଅନୁରୂପ ଭାବେ କଥାସାହିତ୍ୟରେ ଲେଖକ ନିଜ ଭାବ, ଚିନ୍ତା-ଚେତନା ବା ଲକ୍ଷ୍ୟ ଉଦ୍ଦେଶ୍ୟ ଆଦିକୁ ପ୍ରକାଶ କରିବା ପାଇଁ (ପ୍ରତ୍ୟକ୍ଷ ଭାବରେ) ଅକ୍ଷମ ବା ଅନିଚ୍ଛା ଥିଲେ; ସେ କଥାସାହିତ୍ୟ (Fiction) ମଧ୍ୟରେ ଜଣେ କାଳ୍ପନିକ ଚରିତ୍ର ବା ଲେଖକ ସୃଷ୍ଟି କରନ୍ତି। ଯିଏକି ଲେଖକଙ୍କ ବକ୍ତବ୍ୟକୁ ନିର୍ଭୀକରେ ପ୍ରକାଶ କରିବାର ସାମର୍ଥ୍ୟ ରଖେ ବା ମାଧ୍ୟମ ସାଜେ। ଯାହାକୁ ଅଥର୍ ସରୋଗେଟ୍ ବା ସ୍ଥାନାପନ୍ନ ଲେଖକ ବୋଲି କୁହାଯାଇପାରେ। ଅଥର୍ ସରୋଗେଟ୍ ହେଉଛି ଲେଖକ ଉପରେ ଆଧାରିତ ଏକ କାଳ୍ପନିକ ଚରିତ୍ର (Fictional character)। ଯାହାକୁ ବହୁ ପ୍ରସିଦ୍ଧ ଲେଖକ ଏକ ସାହିତ୍ୟିକ କୌଶଳ (Literature technique) ଭାବରେ ବ୍ୟବହାର କରନ୍ତି। ଏହି ଚରିତ୍ର ବା ଅଥର୍ ସରୋଗେଟ୍ ଅବିକଳ ଲେଖକଙ୍କ ଅନ୍ତର୍ନିହିତ ଗୁଣର ଅଧିକାରୀ ହୋଇଥାଏ। ବେଳେ ବେଳେ ସେ ଲେଖକଙ୍କ ନାମକୁ କିମ୍ବା କୌଣସି ଏକ ଛଦ୍ମ ବା ଭିନ୍ନ ନାମରେ ପରିଚିତ ହୋଇଥାଏ। ବିଶେଷ କରି କେତେକ ଲେଖକ ବର୍ଣ୍ଣନାରେ ଦାର୍ଶନିକ କିମ୍ବା ରାଜନୈତିକ ଦୃଷ୍ଟିକୋଣ ଆଦି ପ୍ରକାଶ କରିବା ପାଇଁ ଲେଖକ ସରୋଗେଟର ପ୍ରୟୋଗ କରନ୍ତି। ଅନେକାଂଶ ବର୍ଣ୍ଣନାରେ ହାସ୍ୟରସ ବା ବାସ୍ତବବାଦୀର ପ୍ରଭାବ ପାଇଁ ନିଜ କାର୍ଯ୍ୟ ବା ନାମ ଆଦିର ଛାପ ଛାଡ଼ନ୍ତି।

ଅଥର୍ ସରୋଗେଟ୍ ମୁଖ୍ୟ ଚରିତ୍ର ବା କଥାନାୟକ ବା ବର୍ଣ୍ଣନାକାରୀ ସହ ସମତା ରକ୍ଷା କରେ। ଉଦାହରଣ ସ୍ୱରୂପ ଲେଖକ ସରୋଗେଟ୍, ହୁଏତ ଯିଏ ରାଜନୈତିକ ଅଭିଯୋଗକାରୀ ଭାଷଣ (diatribe) ବିତରଣ କରନ୍ତି ବା ଲେଖକଙ୍କ ବିଶ୍ୱାସକୁ ପ୍ରକାଶ କରନ୍ତି କିମ୍ବା ଅନ୍ୟ ଚରିତ୍ରମାନଙ୍କ ଶକ୍ତି ବା ସାମର୍ଥ୍ୟ ବା ଦୁର୍ବଳତା ଆଦି ଉପରେ ବର୍ଣ୍ଣନା କରନ୍ତି; ଯାହା ଦ୍ୱାରା ପ୍ରଶ୍ନ ମାଧ୍ୟମରେ ଚରିତ୍ରଗୁଡ଼ିକ ଉପରେ ଲେଖକଙ୍କ ମତାମତକୁ ସିଧାସଳଖ ଯୋଗାଯୋଗ କରନ୍ତି। ବିଶେଷତଃ ଯଦି ଏହା ଲୋକପ୍ରିୟ ନୁହେଁ; କିନ୍ତୁ ପ୍ରତିଷ୍ଠିତ ଦିଗକୁ କାଉଣ୍ଟର କରେ। (୩)

ପାଶ୍ଚାତ୍ୟ ସାହିତ୍ୟରେ ଲେଖକ ସରୋଗେଟର ବହୁଳ ବ୍ୟବହାର ଦୃଷ୍ଟିଗୋଚର ହୁଏ। ବିଶେଷ ଭାବରେ ନିଜର ଦାର୍ଶନିକ ଓ ରାଜନୈତିକ ଦୃଷ୍ଟିକୋଣକୁ ଅଭିବ୍ୟକ୍ତ କରିବା ପାଇଁ ଏହାକୁ ଏକ କୌଶଳ ଭାବେ ବ୍ୟବହାର କରାଯାଇଛି। ଯେପରି ଡେଭିଡ୍ ହ୍ୟୁମ୍ (David Hume) ପ୍ରାକୃତିକ ଧର୍ମ ସମ୍ବନ୍ଧୀୟ ସଂଳାପରେ ଅଥର୍ ସରୋଗେଟ୍ "ଫିଲୋ" (Philo)କୁ ବ୍ୟବହାର କରିଥିଲେ। ଜର୍ଜ ବର୍କେଲେ (George Berkeley)ଙ୍କ "Three Dialogue Between Hylas and Philonous" ଆଧିଭୌତିକ ବା ଆଦର୍ଶବାଦ ଉପରେ ଲିଖିତ ଉପନ୍ୟାସରେ ହାଇଲାସ୍ ଏବଂ ଫିଲୋନାସ୍ ଅଥର୍ ସରୋଗେସି ଅନ୍ତର୍ଗତ।

ମାଇକେଲ୍ କ୍ରିକ୍ଟନଙ୍କ ଜୁରାସିକ୍ ପାର୍କ (Jurrasic park) ୧୯୯୦ ମସିହାରେ ଲିଖିତ ଏକ ବୈଜ୍ଞାନିକ ଉପନ୍ୟାସ। ଯାହା ଡାଇନୋସରଙ୍କ ପୁନର୍ଜୀବିତ ପ୍ରକ୍ରିୟା ଉପରେ ଆଧାରିତ। ଉପନ୍ୟାସ ଆନୁବଂଶିକ ଇଂଜିନିୟରିଂଙ୍କ ବିଷୟରେ ଏକ ସତର୍କ କାହାଣୀ। ଏହା ବିଶୃଙ୍ଖଳା ସିଦ୍ଧାନ୍ତ (chaos theory)ର ଗାଣିତିକ ଅବଧାରଣା ଏବଂ ଏହାର ବାସ୍ତବିକ ଦୁନିଆର ନିହିତାର୍ଥକୁ ସ୍ପଷ୍ଟ କରିବା ପାଇଁ ଆନୁବଂଶିକ ରୂପରେ ପୁଣିଥରେ ତିଆରି କରୁଥିବା ଡାଇନୋସରକୁ ପ୍ରଦର୍ଶିତ କରୁଥିବା ଏକ ମନୋରଞ୍ଜନକାରୀ ପାର୍କରେ ପତନକୁ ପ୍ରସ୍ତୁତ କରିଥାଏ। ଏହି ଉପନ୍ୟାସର ଏକ ସହାୟକ ଚରିତ୍ର ଡ. ଆୟନ ମାଲକମ୍ (Ian Malcom) ଏକ କାଳ୍ପନିକ ଚରିତ୍ର ଓ ଅଥର୍ ସରୋଗେଟ୍। ମାଲକମ୍ ଜଣେ ଦକ୍ଷ ଗଣିତଜ୍ଞ ଯିଏ ବିଶୃଙ୍ଖଳା ସିଦ୍ଧାନ୍ତ (chaos theory)ର ବିଶେଷଜ୍ଞ। ଉପନ୍ୟାସରେ ଜୁରାସିକ୍ ପାର୍କର ଧାରଣା ବିଷୟରେ ଅତ୍ୟନ୍ତ ନିରାଶବାଦୀ ଏବଂ ବିଚାରରେ ଅନେକ ତ୍ରୁଟି ରହିଥିବା ଏବଂ ପାର୍କର ପତନ ହେବା ସମ୍ପର୍କରେ ସୂଚନା ଦିଅନ୍ତି। ଯାହା ସତ ହୁଏ। ଏହାର ପର୍ଯ୍ୟାୟବାଚୀ ଉପନ୍ୟାସ "The lost world" ରେ ଆୟନ ମାଲକମ୍ ପ୍ରତିନିଧିତ୍ୱମୂଳକ (protagonist) ଚରିତ୍ର ଭାବରେ ଉଭା ହୁଅନ୍ତି। ପ୍ରଥମ ଉପନ୍ୟାସରେ ତାଙ୍କ ମୃତ୍ୟୁର ଘୋଷଣା ହୋଇଥିଲେ ମଧ୍ୟ ତାହା ଭ୍ରମ ଓ କ୍ଷଣିକ ଥିଲା ବୋଲି ଦର୍ଶାଯାଇଛି। ମାଲକମ୍ ମନା କରୁଥିଲେ ମଧ୍ୟ ତାଙ୍କୁ ପୁଣି ସେହି ନଷ୍ଟ ହୋଇଥିବା ଜଗତର ଆବିଷ୍କାର ପାଇଁ ପଲିଓଣ୍ଟୋଲୋଜିଷ୍ଟ ରିଚାର୍ଡ ଲେଭିନେ (Paleontologist Richard Levine) ରାଜି କରନ୍ତି।

ଅଥର୍ ସରୋଗେଟର ଜୀବନ ଲେଖକ ସହିତ ବହୁତ ମାତ୍ରାରେ ସମତା ରକ୍ଷାକରେ। ବେଳେ ବେଳେ ସେ ଲେଖକଙ୍କ ପ୍ରତିବିମ୍ବ ହୋଇ ଦେଖାଯାଏ। ଜେମ୍ସ କ୍ଲାଭେଲଙ୍କ ଏଭଳି ଅଥର୍ ସରୋଗେଟ୍ ହେଉଛନ୍ତି "ପିଟର୍ ମାର୍ଲୋ" (Peter Marlowe)। ଔପନ୍ୟାସିକ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଚାଙ୍ଗି ଜେଲରେ ଜାପାନୀ ଶିବିରରେ ଜଣେ ଯୁଦ୍ଧବନ୍ଦୀ ଭାବରେ କଟାଇଥିବା ଜୀବନ ତାଙ୍କ "କିଙ୍ଗ୍ ରେଟ୍" (King Rat) ଉପନ୍ୟାସରେ ଏବଂ ଆଧୁନିକ ହଂକଂର ଇତିହାସ ବିଷୟରେ ଗବେଷଣା କରି ପୁସ୍ତକଟିଏ ରଚନା କରୁଥିବା "ନୋବଲ ହାଉସ" (Noble house) ଉପନ୍ୟାସରେ ପିଟର୍ ମାର୍ଲୋ ଦେଇ ସ୍ପଷ୍ଟ ହୁଏ। "ଏନିମଲ୍ ଫାର୍ମ" (Animal Farm) ଉପନ୍ୟାସରେ ବେଞ୍ଜାମିନ୍ (ଯିଏକି ଏକ ଗଧ) ମାଧ୍ୟମରେ ଜର୍ଜ ଓରୱେଲ୍ (George orwell)ଙ୍କ ବିଦ୍ରୋହୀ ଚିନ୍ତାକୁ ପ୍ରକାଶ କରିଛନ୍ତି। "ୱାନ୍ ହଣ୍ଡରେଡ୍ ଇଅର୍ସ ଅଫ୍ ସଲିଟ୍ୟୁଡ୍" (One hundred years of solitude) କଲମ୍ବିଆ ଲେଖକ ଗେବ୍ରିଏଲ ଗାର୍ସିଆ ମାର୍କେଜଙ୍କ ଏକ ଐତିହାସିକ ଉପନ୍ୟାସ ଅଟେ। ଯାହା ବ୍ୟୁଣ୍ଡିଆ (Buendia) ପରିବାରର ୭ ଗୋଟି ପିଢ଼ିର କାହାଣୀ କହେ, ଯାହାର ପିତୃପୁରୁଷ ଜୋସ୍ ଅର୍କାଡ଼ିଓ ବ୍ୟୁଣ୍ଡି ଆ ମାକୋଣ୍ଡେ (କାଳ୍ପନିକ) ସହରର ପ୍ରତିଷ୍ଠା କରିଥିଲେ।

ଏହି ଉପନ୍ୟାସରେ ଗାବ୍ରିଏଲ ଗାର୍ସିଆ ମାର୍କେଜ କେବଳ ଏକ ଛୋଟ ଚରିତ୍ର କିନ୍ତୁ ଲେଖକ ସହିତ ସମାନ ନାମ ବହନ କରିଛି। ସେ ଏବଂ ଆରେଲିଆନୋ ବାବିଲୋନିଆ ଘନିଷ୍ଠ ବନ୍ଧୁ। ସେମାନେ ସହରର ଇତିହାସ ଜାଣନ୍ତି ଯାହାକୁ କେହି ବିଶ୍ୱାସ କରନ୍ତି ନାହିଁ ସେ ମାକୋଣ୍ଡେ ସହର ଧ୍ୱଂସ ହେବା ପର୍ଯ୍ୟନ୍ତ ସେଠାରେ ହିଁ ରହନ୍ତି।

ମାର୍ଭେଲ କମିକ୍ସ (marvel comics)ରେ ମଧ୍ୟ ଅଥର୍ ସରୋଗେଟର ବହୁଳ ବ୍ୟବହାର ଦେଖାଯାଏ। ମାର୍ଭେଲ କମିକ୍ସର ଅନ୍ତିମ ସଂଖ୍ୟାରେ ଷ୍ଟିଭ୍ ଗର୍ବର (steve gerber) ନିଜକୁ ବ୍ରହ୍ମାଣ୍ଡକୁ ବଞ୍ଚାଇବାର ରୂପରେ ଚିତ୍ରଣ କରିଥିଲେ। କ୍ରିସ୍ କ୍ଲାରେମଣ୍ଟ (chris claremont) ମଧ୍ୟ ଗର୍ବରଙ୍କ କାର୍ଯ୍ୟ ନିଷ୍କ୍ରିୟ ଥିବା ବେଳେ ତାଙ୍କୁ ଟାଇଟଲ୍ ଚରିତ୍ର ସହ ସଂକ୍ଷେପରେ ମିଶ୍ରଣ କରିଥିଲେ। ଉଭୟ କ୍ଷେତ୍ରରେ ଲେଖକମାନଙ୍କର ଅନ୍ୟାନ୍ୟ ଚରିତ୍ର ଥିଲା, ଯାହାକି ଅଧିକ ପାରମ୍ପରିକ ଅଥର୍ ସରୋଗେଟ୍ ରିଚାର୍ଡ ରୋରୀ (Richard Rory) ଏବଂ ଜନ୍ ଡାଲ୍ଟ୍ରି (John Daltri)।

ଅନୁରୂପ ଭାବେ ଫ୍ୟାନ୍ ଫିକ୍ସନ୍ (Fan Fiction)ରେ ମଧ୍ୟ ଅଥର୍ ସରୋଗେଟର ବ୍ୟବହାର ଦେଖାଯାଏ। ଏହାର ସମାଲୋଚକମାନେ ଏକ ଆଦର୍ଶ ଅଥର୍ ସରୋଗେଟକୁ ସୂଚାଇବା ପାଇଁ "ମେରୀ ସ୍ୟୁ" ( Mary syu) ଶବ୍ଦର ବିକାଶ କରିଛନ୍ତି। ଏହି ଶବ୍ଦଟି ଜଣେ ଲେଖକଙ୍କ କ୍ଲିଚେ (cliché) ସୃଷ୍ଟି କରିବାକୁ ଚିନ୍ତା କରାଯାଏ। ଯିଏ ଲେଖକଙ୍କ ଆତ୍ମ-ଆଦର୍ଶକରଣ ପାଇଁ ଏକ ଯାନ ଭାବରେ ବ୍ୟବହାର କରେ। ପୁରୁଷ ଅଥର୍ ସରୋଗେଟ୍ ପାଇଁ "ମାର୍ଟି ସ୍ଟୁ" (Marty stu) ବା "ଗ୍ରେ ସ୍ଟୁ" (Grey stu) ଭଳି ସମାନ ନାମ ଅନେକ ସମୟରେ ବ୍ୟବହାର କରାଯାଏ। (୪)

ଭାରତୀୟ ସାହିତ୍ୟରେ ଏହାର ବ୍ୟବହାର ହୋଇଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ନିରାଶ। ତେବେ ଜଣେ ଭାରତୀୟ ଲେଖକ ସନ୍ତୋଷ ଆୱାନ୍ନାୱର (SantoshAwannaar)ଙ୍କ "ସରୋଗେଟ୍ ଅଥର୍" ନାମରେ ଏକ ଉପନ୍ୟାସ ରହିଛି। ଏହି ଉପନ୍ୟାସ ଗୋଟେ ମଜାଦାର କାହାଣୀ ପରିବେଷଣ କରିଛି। ଯେଉଁଠି ଚରିତ୍ର ଅଥୋଦାସ (Authodas) ବା କଥାନାୟକ ଦେବଦାସ ଫିଲ୍ମର ଦେବଦାସ ଚରିତ୍ରର ନକଲ ବା ପ୍ରତିବିମ୍ବ କହିଲେ ଭୁଲ୍ ହେବ ନାହିଁ। ଏହି ଅଥୋଦାସ ମଧ୍ୟ ପ୍ରେମ କରିଛି "ପାରୋ"କୁ, କିନ୍ତୁ ଏଠାରେ "ପାରୋ" ଏକ "ପୁସ୍ତକ"। ଅଥୋଦାସର ବହୁ ଦିନର ସ୍ୱପ୍ନ ଯେ, ସେ ଜଣେ ଲେଖକ ହେବ ଓ ପାରୋ ପୁସ୍ତକ ଲେଖିବ। କିନ୍ତୁ ବାପା ମା'ତାକୁ ଇଂଜିନିୟରିଂ ପଢ଼ାଇବା ପାଇଁ ଲଣ୍ଡନ ପଠାଇଛନ୍ତି, ସେ ଆସିବା ପରେ ପୁନଃ ପାରୋ ପ୍ରତି ଆକର୍ଷଣ ବଢ଼ିଛି। ତା' ମଧ୍ୟରେ ଅନେକ ପ୍ରତିବନ୍ଧକ ଦେଖାଦେବା ସହ ଉପନ୍ୟାସର କାହାଣୀରେ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠାକୁ ଲକ୍ଷ୍ୟ କରିହେବ। ଜଣେ ଲେଖକର ସଂଘର୍ଷମୟ ଜୀବନ ଓ ପୁସ୍ତକ ପ୍ରେମୀର ଏକ ରୋମାଞ୍ଚକର ପେରୋଡ଼ିଧର୍ମୀ ଉପନ୍ୟାସ ହେଉଛି "ସରୋଗେଟ୍ ଅଥର୍"।

ଅଥର୍ ସରୋଗେଟ୍ ବା ସ୍ଥାନାପନ୍ନ ଲେଖକର ଅନୁସନ୍ଧାନ ଓଡ଼ିଆ ସାହିତ୍ୟରେ ପ୍ରଥମ ବୋଲି ଅନୁମେୟ ହୁଏ। ନାମଟି ଶୁଣିବାକୁ ଯେତିକି ନୂତନ ସେତିକି ରୋମାଞ୍ଚିତ ଓ ପୁଲକିତ କରେ। ତେବେ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଦେଖାଦେଇଥିବା କେତୋଟି ଚରିତ୍ରକୁ ଏହା ଅନ୍ତର୍ଗତ କରିବା ପାଇଁ ଆଗ୍ରହ ପ୍ରକାଶ ପାଇଛି। ପର୍ଯ୍ୟାୟକ୍ରମେ ସେଗୁଡ଼ିକର ଯଥାର୍ଥତାକୁ ମଧ୍ୟ ପ୍ରମାଣ କରାଯାଇଛି। ତେବେ ପାଶ୍ଚାତ୍ୟ ଅଥର୍ ସରୋଗେଟ୍ ଓ ଓଡ଼ିଆ ସାହିତ୍ୟରେ ଦେଖାଯାଉଥିବା ସ୍ଥାନାପନ୍ନ ଲେଖକ ଯେ ଅବିକଳ (ଶହ ପ୍ରତିଶତ) ଗୁଣଧର୍ମକୁ ହିଁ ବହନ କରିବ ସେଥିରେ କୌଣସି ଯୁକ୍ତିକତା ନାହିଁ। ତେବେ ଲେଖକଙ୍କ କୌଣସି ଉଦ୍ଦେଶ୍ୟ, ଚିନ୍ତା ଚେତନା ବା ଦାର୍ଶନିକ ଓ ରାଜନୈତିକ ଦୃଷ୍ଟିକୋଣକୁ ପ୍ରକାଶ କରିବା ପାଇଁ ଅଥର୍ ସରୋଗେଟ୍ ଆବଶ୍ୟକତା ଏହି କୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଅଥର୍ ସରୋଗେଟର ଭୂମିକା ଓ ତା' ଗୁରୁତ୍ୱ ଦର୍ଶାଇବା ପାଇଁ କେତେଗୋଟି ଉପନ୍ୟାସକୁ ଉଦାହରଣ ସ୍ୱରୂପ ଗ୍ରହଣ କରାଯାଇଛି। ଯଥା:-

ଗୋକୁଳାନନ୍ଦ ମହାପାତ୍ରଙ୍କ 'ପୃଥିବୀ ବାହାରେ ମଣିଷ' (୧୯୮୩) ଉପନ୍ୟାସର "ଲରା ୱାକର୍", କହ୍ନେଇଲାଲ ଦାସଙ୍କ 'ଆହତ ସ୍ୱପ୍ନ' (୧୯୮୫) ଉପନ୍ୟାସର "କହ୍ନେଇ", ମହାପାତ୍ର ଯତୀନ୍ଦ୍ର କୁମାରଙ୍କ 'ରାଧା, ରୁକ୍ମିଣୀ, ଚନ୍ଦ୍ରାବଳୀ' (୧୯୯୪)ର "ନବନୀତା ଓ ପୁରନ୍ଦର", ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଚିଦାଭାସ' (୧୯୯୪)ର "ଗୋଲାମ ଦାସ", ମନୋଜ

ଦାସଙ୍କ 'ଅମୃତଫଳ' (୧୯୯୪) ଉପନ୍ୟାସର "ଅମରନାଥ", ଦିନନାଥ ପାଠୀଙ୍କ 'ଗଙ୍ଗାବତରଣ' (୨୦୦୨) ଓ 'ରୂପ ରଙ୍ଗ ଅନଙ୍ଗ' (୨୦୧୦) ଉପନ୍ୟାସର "ରୂପାନନ୍ଦ", ସ୍ୱରାଜ୍ୟ ଲକ୍ଷ୍ମୀ ମିଶ୍ରଙ୍କ 'ମେଘ ମହ୍ଲାରର ଚିଠି' (୨୦୧୧)ର "ମେଘାମ୍ବରୀ", ମନୋଜ ଦାସଙ୍କ 'ଶେଷ ତାନ୍ତ୍ରିକର ସନ୍ଧାନରେ' (୨୦୧୮) ଉପନ୍ୟାସର "ବିକ୍ରମ" ଚରିତ୍ର ଆଦି। ଏଗୁଡ଼ିକ ସଂକ୍ଷେପରେ ଆଲୋଚନା କରାଯାଇପାରେ।

**ଲରା ୱାକର୍ :** ବିଜ୍ଞାନ ଓ କଥାକୁ ଏକତ୍ର କରିବାରେ ଓଡ଼ିଆ ସାହିତ୍ୟରେ ଗୋକୁଳାନନ୍ଦ ମହାପାତ୍ର ପ୍ରଥମ ଓ ଅବିସ୍ମରଣୀୟ। ତାଙ୍କ ସୃଜନରୁ ସୃଜିତ ପ୍ରଥମ ବୈଜ୍ଞାନିକ ଉପନ୍ୟାସ 'ପୃଥିବୀ ବାହାରେ ମଣିଷ' (୧୮୮୩) ବେଶ୍ ଚର୍ଚ୍ଚିତ। ଏହା ଏକ ଓଡ଼ିଆ ଉପନ୍ୟାସ ହେଲେ ମଧ ଓଡ଼ିଶା ପୃଷ୍ଠଭୂମି ନାହିଁ। ଆମେରିକା ଓ ମଙ୍ଗଳ ଗ୍ରହର ପରିବେଶ ଓ ଚରିତ୍ର ଆଦି ଏଥିରେ ଚିତ୍ରିତ। ଉପନ୍ୟାସର ଦୁଇଟି ମୁଖ୍ୟ ଚରିତ୍ର ଅଧ୍ୟାପକ ଏଲ୍. ରିଚାର୍ଡସନ୍ ଓ ତାଙ୍କ ଛାତ୍ରୀ ବା ଗବେଷିକା ଲରା ୱାକର୍। ଏହି ଲରା ୱାକରକୁ ଏକ ଅଥର୍ ସରୋଗେଟ୍ ଭାବେ ଗ୍ରହଣ କରାଯାଇପାରେ।

ଲରାଙ୍କୁ ଦେଶଦ୍ରୋହୀ ବୋଲି ପ୍ରାଣଦଣ୍ଡ ଶୁଣାଇବା ପରେ ପରେ ଜେଲରେ ଦୀର୍ଘ ପନ୍ଦର ଦିନ ଧରି କାହାଣୀକୁ ଲିପିବଦ୍ଧ କରୁଛନ୍ତି। ଯାହା ଉପନ୍ୟାସର ସମଗ୍ର କାହାଣୀ। ଅଧ୍ୟାପକ ରିଚାର୍ଡସନ୍ ଓ ଲରା କିଭଳି ପରମାଣୁ ଯାନ ତିଆରି କରି ମଙ୍ଗଳ ଗ୍ରହକୁ ଯାଇଛନ୍ତି, ସେଠାକାର ଲୋକଙ୍କ ସୁସ୍ଥ ସୌନ୍ଦର୍ଯ୍ୟ ଶରୀର, ବିଜ୍ଞାନର ଉନ୍ନତି ଓ ତାକୁ ଦେଶ ବା ଲୋକଙ୍କ ହିତରେ ପ୍ରୟୋଗ କରାଯାଇ ଏକ ନୂତନ ଜଗତ ସୃଷ୍ଟି ହୋଇଛି, ସେ ସବୁର ବର୍ଣ୍ଣନା ଅତି ଆକର୍ଷଣୀୟ ଓ ଉତଫୁଲିତ କରେ। କାହାଣୀକୁ ଲେଖକ ସିଧାସଳଖ ଉପସ୍ଥାପନ ନକରି ଏକ ବିଜ୍ଞାନର ଗବେଷିକା (କାଳ୍ପନିକ ଚରିତ୍ର) ମାଧମରେ ଡାଏରୀରେ ଲିପିବଦ୍ଧ କରୁଥିବା ଭଳି ଢଙ୍ଗରେ ଉପସ୍ଥାପନା କରିବା ଏକ ନୂତନ ସାହିତ୍ୟିକ କୌଶଳ।

ଏଭଳି କାଳ୍ପନିକ ଚରିତ୍ର ବା ଅଥର୍ ସରୋଗେଟ୍ ସୃଷ୍ଟି ପଛରେ ନିହାତି କିଛି ବିଶିଷ୍ଟ ଉଦ୍ଦେଶ୍ୟ ରହିଥାଇପାରେ। ଅନୁମାନ କରାଯାଇପାରେ ଯେ ଲେଖକ ନିଜ ବୈଜ୍ଞାନିକ ଚିନ୍ତା ଚେତନା ଏବଂ ବିଜ୍ଞାନ ମାଧମରେ ଏକ ନୂତନ ଜଗତର କଳ୍ପନାକୁ ରୂପାୟିତ କରିବା ପାଇଁ ଲରା ବେଶ୍ ସହାୟକ। ତେଣୁ ବାରମ୍ବାର ପୃଥିବୀ ଓ ମଙ୍ଗଳ ଗ୍ରହର ଲୋକ, ପ୍ରଶାସନିକ, ରାଜନୈତିକ, ଧର୍ମ, ବିଶ୍ୱାସ, ଖାଦ୍ୟ, ଜୀବନୀ, ଚାଲି ଚଳଣି, ସଂସ୍କୃତି ଆଦି ପ୍ରତିଟି ବିଷୟର ତୁଳନା ହୋଇଛି। ଯାହା ପଛରେ ରହିଛି ପୃଥିବୀକୁ କଳ୍ପିତ ମଙ୍ଗଳ ଗ୍ରହ ଭାବେ ରୂପାନ୍ତରିତ କରିବାର ଅଭିପ୍ସା। ଯେଉଁଠି ସର୍ବଦା ବିରାଜୁଥିବ ଶାନ୍ତି ଓ ଉନ୍ନତି ଏବଂ ବିଜ୍ଞାନର ଉଚିତ ଓ ଉପଯୁକ୍ତ ପ୍ରୟୋଗରେ ମଣିଷ ତଥା ମଣିଷ ଜାତିର ବିକାଶ।

**କହ୍ନେଇ :** ଗାଳ୍ପିକ କହ୍ନେଇଲାଲ ଦାସଙ୍କ ଔପନ୍ୟାସିକ ହେବାର ସ୍ୱପ୍ନ ଓ ଲେଖିବାର ପ୍ରୟାସରୁ ଆହତ ହୋଇଥିବା ବିଷୟକୁ ନେଇ 'ଆହତ ସ୍ୱପ୍ନ' (୧୯୮୫) ଉପନ୍ୟାସ। ଯାହାକୁ "ଉପନ୍ୟାସରେ ଉପନ୍ୟାସ ସମ୍ପର୍କୀୟ ଚର୍ଚ୍ଚା"ର ପ୍ରଥମ ପ୍ରୟାସ ବୋଲି କୁହାଯାଇପାରେ। ଉକ୍ତ ଉପନ୍ୟାସରେ "ମୁଁ" ଚରିତ୍ରର ପ୍ରାଧାନ୍ୟ ଓ ପ୍ରଥମ ପୁରୁଷୀୟ ବର୍ଣ୍ଣନା ଶୈଳୀକୁ ଲକ୍ଷ୍ୟ କରାଯାଇପାରେ। କିନ୍ତୁ ଏହି "ମୁଁ" ହିଁ ଲେଖକ କହ୍ନେଇଲାଲ ଦାସ ବୋଲି ଉପନ୍ୟାସର କେତୋଟି ସଂଳାପରୁ ଜଣାଯାଏ। ଲେଖକଙ୍କ ନାମ ବହନ କରୁଥିବା ଏକ କାଳ୍ପନିକ ଚରିତ୍ର "କହ୍ନେଇ"। ଯାହାଙ୍କ ପ୍ରେମିକା "ଦେବୀ"। ସେହି ଦେବୀକୁ ନେଇ ଉପନ୍ୟାସ ଲେଖିବାର ଯୋଜନା। ସେ ଗଳ୍ପ, କବିତା ଲେଖିବାରେ ପାରଙ୍ଗମ। କିନ୍ତୁ ଉପନ୍ୟାସ ଲେଖିବାର ପ୍ରଥମ ପ୍ରୟାସ ଓ ଲେଖିବାରେ ଅକ୍ଷମତା ଯୋଗୁଁ ସେଥିରେ ଆହତ ହେବାକୁ ପଡୁଛି। ଆଗ୍ରହ ରହିଛି ଉପନ୍ୟାସ ଲେଖିବାରେ; ତେଣୁ ଦେବୀ, କୁନିଅପା, ତାଙ୍କ ମା' ଆଦି ଚରିତ୍ରକୁ ନେଇ ଉପନ୍ୟାସ ଲେଖିବାର ପରିକଳ୍ପନା ହେଉଛି। କିନ୍ତୁ କିଛି ଧାଡ଼ି ଲେଖିବା ପରେ, ସେଥିରେ ଥିବା ତ୍ରୁଟି ନିଜେ ଖୋଜି ସେଥିରୁ କ୍ଷାନ୍ତ ହେବା, ଆଉ ଆଉ ଅନ୍ୟ ଏକ ପ୍ରକାରେ ଉପନ୍ୟାସ ଲେଖିବାର ଯୋଜନାରେ କିଛି ଧାଡ଼ି ଆରମ୍ଭ ହୋଇ ଅନ୍ୟ ଘଟଣା ଗୁଡ଼ିକର ବର୍ଣ୍ଣନା କରିବସିବା ହାସ୍ୟାତ୍ମକ ପରିବେଶ ସୃଷ୍ଟି କରେ। ଉପନ୍ୟାସ ଲେଖିବାର ଯୋଜନାବେଳେ ଅନେକ ଘଟଣା ଅନେକ ଚରିତ୍ରମାନଙ୍କ ସହ ଘଟିଥିବା ଦୃଶ୍ୟାବଳୀ ମନକୁ ଚାଲିଆସେ। ଯାହାକୁ ଚେତନା ପ୍ରବାହ ଧାରାରେ ଲିଖିତ ହୋଇଛି ବୋଲି କୁହାଯାଇପାରେ। ତେଣୁ କାହାଣୀ ପ୍ରବାହରେ କ୍ରମତା ରକ୍ଷା ହୋଇନାହିଁ। ପ୍ରେମିକା ଦେବୀ, କୁନିଅପା, ବନ୍ଧୁ ବସନ୍ତ ଗଦାଧର ଆଦି ଚରିତ୍ରଙ୍କ ସହ ଘଟିଥିବା ଘଟଣା ହୁଏତ କାଳ୍ପନିକ ହୋଇପାରେ; କିନ୍ତୁ ତାକୁ ବାସ୍ତବାୟିତ ରୂପରେ ସଜ୍ଜିତ କରିବା ପାଇଁ ଗାଳ୍ପିକ ଓ କବି କହ୍ନେଇଲାଲ ଦାସଙ୍କ ପ୍ରତିବିମ୍ବ "କହ୍ନେଇ" ଚରିତ୍ରର ସଂଯୋଜନା ଅଥର୍ ସରୋଗେଟର ବୈଶିଷ୍ଟ୍ୟକୁ ହିଁ ଧାରଣା କରେ।

**ନବନୀତା ଓ ପୁରନ୍ଦର :** 'ଆହତ ସ୍ୱପ୍ନ' ଉପନ୍ୟାସ ଲେଖିବାର ବର୍ଣ୍ଣନା ଶୈଳୀ ବା "ଉପନ୍ୟାସରେ ଉପନ୍ୟାସ ସମ୍ପର୍କୀୟ ଚର୍ଚ୍ଚା" ଶୈଳୀରେ ମହାପାତ୍ର ଯତୀନ୍ଦ୍ର କୁମାରଙ୍କ ଉପନ୍ୟାସ 'ରାଧା, ରୁକ୍ମିଣୀ, ଚନ୍ଦ୍ରାବଳୀ' (୧୯୯୪)କୁ ଲକ୍ଷ୍ୟ କରିହୁଏ। ଉପନ୍ୟାସର ଦୁଇଟି ମୁଖ୍ୟ ଚରିତ୍ର ନବନୀତା ଓ ପୁରନ୍ଦର। ଉଭୟଙ୍କୁ ଅଥର୍ ସରୋଗେଟ୍ ଅନ୍ତର୍ଗତ କରାଯାଇପାରେ। ଉଭୟେ ଉପନ୍ୟାସ ମଧରେ ଲେଖକ ଓ ଲେଖିକାର ଭୂମିକାରେ ଅବତୀର୍ଣ୍ଣ। 'ରାଧା, ରୁକ୍ମିଣୀ, ଚନ୍ଦ୍ରାବଳୀ' ଉପନ୍ୟାସର ଆରମ୍ଭ ନବନୀତାର ଡାଏରୀରୁ ହୁଏ ଏବଂ ଶେଷରେ ଜଣାପଡ଼େ ଯେ, ତାହା ଏକ ଅର୍ଦ୍ଧ ସମ୍ପୂର୍ଣ୍ଣ ଉପନ୍ୟାସ। ତା'ର ଉତ୍ତରାର୍ଦ୍ଧ ଲେଖିବା ପାଇଁ ନବନୀତା, ଅନୁରୋଧ କରୁଛି ବିଶିଷ୍ଟ ଓ ବରିଷ୍ଠ ଲେଖକ ପୁରନ୍ଦରଙ୍କୁ। ନବନୀତାର ଡାଏରୀ, ତା' ମଧରେ ଲିପିବଦ୍ଧ

ଦେବସୁତ ପ୍ରତି ଥିବା ଗଭୀର ପ୍ରେମ, ଦେବସୁତର ପ୍ରତାରଣା ଓ ନବନୀତାର ପ୍ରତିଶୋଧ। ଜଣେ ନାରୀର ମନସ୍ତତ୍ତ୍ୱ, ମୁକ୍ତ ସ୍ୱୀକାରୋକ୍ତି ପାଇଁ ଏଭଳି ଅଥର୍ ସରୋଗେଟର ଭୂମିକା ରହିଛି ବୋଲି ଅନୁମାନ କରାଯାଇପାରେ। ଯିଏ ଉପନ୍ୟାସ ଲେଖିବା ଆଳରେ କହିପାରୁଛି- "ସୁନ୍ଦର ପୁରୁଷମାନଙ୍କ ପ୍ରତି ମୋର ଆକର୍ଷଣ ସହଜାତ", ସ୍ୱାମୀ ଥାଇ ମଧ୍ୟ ପ୍ରେମ କରିପାରେ ଅନ୍ୟକୁ, ପ୍ରେମକୁ ମନୋରଞ୍ଜନ ପାଇଁ ଗ୍ରହଣ କରିପାରେ, ସାମାଜିକ ଅପବାଦରୁ ବଞ୍ଚିବା ପାଇଁ ସ୍ୱାମୀ ରଖିବା, କିନ୍ତୁ ଶରୀର ଓ ମନର ତୃପ୍ତି ବା satisfaction ପାଇଁ ପ୍ରେମିକଟିଏ ରହିବାର ଆବଶ୍ୟକତା ମଣୁଛି, ପଶୁପକ୍ଷୀ, ଗାଈ ଆଦି ଜୀବଜନ୍ତୁଙ୍କୁ ଖାଦ୍ୟ ଦେଇ ବଶ କଲା ପରି ସ୍ପୋର୍ଟସ୍ ମ୍ୟାନ୍ ଦେବସୁତକୁ ବିପୁଳ ଖାଦ୍ୟ, ଐଶ୍ୱର୍ଯ୍ୟ ଦେଇ ବଶ କରିଛି। ତା' ସହ ସମ୍ପର୍କ ରଖିଛି। ଆଉ ଯେତେବେଳେ ସେ ସେଥିରୁ ମୁକୁଳିବା ପାଇଁ ଚାହିଁଛି ନବନୀତା କରିଛି କେସ୍। ଏଭଳି ଏକ ଘଟଣାକୁ ଉପନ୍ୟାସର ରୂପ ଦେବାକୁ କରୁଥିବା ନବନୀତାଠାରେ ଆଧୁନିକ ଓ ସମ୍ଭ୍ରାନ୍ତୀୟ ନାରୀର ଉଗ୍ରବାଦୀ ଚେତନା ଓ ସ୍ୱେଚ୍ଛାଚାରିତାକୁ ଅନୁଭବ କରି ହୁଏ। କିନ୍ତୁ ଡାଏରୀଧର୍ମୀ ଅର୍ଦ୍ଧ ଉପନ୍ୟାସର ପାଠ ମଧ୍ୟରେ ନାରୀର କେଉଁ ଏକ ନିଭୃତ ଅନ୍ଧାରିଆ କୋଣକୁ ମଧ୍ୟ ଦେଖି ହୁଏ।

ପୁରନ୍ଦର ଉତ୍ତରାର୍ଦ୍ଧ ଲେଖିବା ପାଇଁ ଯୋଜନା କରୁଥିବା ବେଳେ ନବନୀତାର ଅର୍ଦ୍ଧ ଉପନ୍ୟାସର ଷ୍ଟଡ଼ି କରୁଛନ୍ତି। ସେଠାକାର ଚରିତ୍ରମାନଙ୍କ ବାସ୍ତବତା ସମ୍ବନ୍ଧରେ ଜାଣିବାକୁ ଚାହୁଁଛନ୍ତି। ଉପନ୍ୟାସର କାଳ୍ପନିକତା ଓ ଅବାସ୍ତବତାର ସମୀକ୍ଷା କରୁଛନ୍ତି ଯେ, ଜଣେ ଲେଖକ ବା ଲେଖିକା ନିଜକୁ ନାୟକ ବା ନାୟିକା ମନେ କରେ ଉପନ୍ୟାସରେ ନିଜର ମହାନତା ପାଇଁ ଅର୍ଦ୍ଧ ସତ୍ୟ ମଧ୍ୟରେ ବହୁ କଳ୍ପନା ପୁରାଇ ଦିଅନ୍ତି। ଏ ମଧ୍ୟରେ ପୁରନ୍ଦର ନିଜ ଜୀବନକୁ ମଧ୍ୟ ନବନୀତାର ଉପନ୍ୟାସରେ ସମତାଳରେ ସମୀକ୍ଷା କରିଚାଲିଛନ୍ତି। ନିଜ ପ୍ରେମ, ପ୍ରତାରଣା, ବହୁ ନାରୀର ଯୌବନର ସ୍ୱପ୍ନ ପୁରୁଷ ପୁରନ୍ଦରକୁ ପୁଣିଥରେ ଖୋଜିଛନ୍ତି। କିନ୍ତୁ ନିତାର ଦେବସୁତ ପ୍ରତି ଥିବା ପ୍ରଗାଢ଼ ପ୍ରେମରେ ଈର୍ଷାନ୍ୱିତ ହୋଇ ନିଜେ ଲେଖୁଥିବା ଉପନ୍ୟାସର ସାଜୁଛନ୍ତି ଖଳନାୟକ। ନବନୀତା ଓ ପୁରନ୍ଦର ମଧ୍ୟରେ ସଂଳାପ ବେଳେ ଉପନ୍ୟାସର ପ୍ଲଟ୍, ଚରିତ୍ର, ନାମ ଆଦିର ପରିବର୍ତ୍ତନ କରିବା ପ୍ରସଙ୍ଗରେ ରୋମାଣ୍ଟିକ୍ ଆଇରନି (romantic irony)କୁ ଲକ୍ଷ୍ୟ କରି ହେବ। ଯାହା ହାସ୍ୟ ଧର୍ମୀ ଓ ଉପନ୍ୟାସର କାଳ୍ପନିକତାର ଖୋଲାସା ବାସ୍ତବତା ଉପରେ କୁଠାରଘାତ କରୁଥିଲେ ମଧ୍ୟ ତା' ଭିତର କାହାଣୀର ବାସ୍ତବତାକୁ ସତ୍ୟ ବୋଲି ପ୍ରମାଣ କରିବାର ପ୍ରୟାସ କରେ। ଯତୀନ୍ଦ୍ର କୁମାର ମହାପାତ୍ରଙ୍କ ମୁଖବନ୍ଧରେ ବକ୍ତବ୍ୟ ଯେ, ସେ ପ୍ଲଟ୍ ଦେଇଛନ୍ତି କେହି ଜଣେ ଉପନ୍ୟାସ ଲେଖିଲେ ସେ ଖୁସି ହେବେ। ପୁଣି ଉପନ୍ୟାସ ମଧ୍ୟରେ ଏହି ଦୁଇଟି ଲେଖକ ଲେଖିବାର ଅବତୀର୍ଣ୍ଣ ଉପନ୍ୟାସର ଉପାଦାନଗୁଡ଼ିକର ସମୀକରଣ ଓ ଉପନ୍ୟାସ ଲେଖିବାର ପରିକଳ୍ପନା ମଧ୍ୟରେ ନବନୀତା ଓ ପୁରନ୍ଦରର ସରୋଗେସି (surrogacy)କୁ ସହଜରେ ଲକ୍ଷ୍ୟ କରିହୁଏ।

**ଅମରନାଥ :** ମନୋଜ ଦାସଙ୍କ 'ଅମୃତଫଳ' (୧୯୯୪) ଉପନ୍ୟାସର ରୂପ ଏକ ଅଭିନବ ବର୍ଣ୍ଣନା ଶୈଳୀରେ ରଚିତ। ଅତୀତ ଓ ବର୍ତ୍ତମାନ ମଧ୍ୟରେ ସମତାଳ ରକ୍ଷା ହୋଇ ଦୁଇଗୋଟି କାହାଣୀ ଏକତ୍ର ଗତି କରିଛି। ଯେଉଁଠି ବର୍ତ୍ତମାନ ଦେଇ ଅତୀତକୁ ଦେଖିବାର ପ୍ରୟାସ ହୋଇଛି। ଯାହାକୁ ଲେଖକ ଭିନ୍ନ ଏକ ଚରିତ୍ର ଲିଖନ କର୍ମ କରୁଛି। ଯାହାଙ୍କର ଲେଖିବାର ଅଭ୍ୟାସ ନଥାଇ ମଧ୍ୟ ଲେଖକର ଭୂମିକା ନେଇଛନ୍ତି। ତାହା ପୁଣି "ମାମୁଲି ପ୍ରଚାର ସର୍ବସ୍ୱ" ଲେଖକ ହେବା ପାଇଁ ନୁହଁ। କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ (ଫିଲ୍ମ ପାଇଁ କାହାଣୀ ସେତେ ଗୁରୁତ୍ୱପୂର୍ଣ୍ଣ ହୋଇନପାରେ) ନଥିଲେ ମଧ୍ୟ ବନ୍ଧୁ ବଳଦେବଙ୍କ ପ୍ରୋତ୍ସାହରେ ଅମରନାଥ ଭର୍ତ୍ତୃହରିଙ୍କ ପାଣ୍ଡୁଲିପି ପୁନର୍ଲିଖନ କରୁଛନ୍ତି।

ଏହି ଅମରନାଥଙ୍କୁ ମନୋଜ ଦାସଙ୍କର ଅଥର୍ ସରୋଗେଟ୍ ବୋଲି କୁହାଯାଇପାରେ। ଭର୍ତ୍ତୃହରିଙ୍କ ବିବାଦୀୟ ଜୀବନର କିମ୍ବଦନ୍ତୀ ମଧ୍ୟରୁ ଏକ ନିର୍ଦ୍ଦିଷ୍ଟ ତାତ୍ପର୍ଯ୍ୟପୂର୍ଣ୍ଣ କାହାଣୀ ଭାଗ ଉପନ୍ୟାସରେ ସ୍ଥାନ ପାଇଛି। ଯାହା କୌଣସି ଇତିହାସ ବା ବାସ୍ତବ ତଥ୍ୟପୂର୍ଣ୍ଣ ନୁହେଁ; ପାଠକ ବିଚାର ଉପରେ ନିର୍ଭର। ଲେଖକ ମନୋଜ ଦାସ ସ୍ୱୟଂ କିମ୍ବଦନ୍ତୀର ଉପସ୍ଥାପନା ନକରି ଅମରନାଥ ମାଧ୍ୟମରେ ବର୍ଣ୍ଣନା କରେଇବା ପଛରେ କି ଉଦ୍ଦେଶ୍ୟ ନିହିତ, ତାହା ଅଜ୍ଞାତ। କିନ୍ତୁ ଲେଖିବାକୁ ପ୍ରସ୍ତୁତ ହେଉଥିବା ବେଳେ ଅମରନାଥ ଓ ତାଙ୍କ କନ୍ୟା ମନୀଷା ଧସେଇ ପଶିବା, ବର୍ତ୍ତମାନ (ଅମରନାଥ) ଆଖିରେ ଅତୀତ (ଭର୍ତ୍ତୃହରି) କୁ ଦେଖିବା ଭଳି କିଛି ବକ୍ତବ୍ୟ ରହିଛି।

ଉପନ୍ୟାସରେ ଅମରନାଥ ଓ ଭର୍ତ୍ତୃହରିଙ୍କ ଜୀବନ କାହାଣୀ ସମାନ୍ତରାଳ ଭାବେ ଗତି କରିଛି। ଅମରନାଥ ଆଚ୍ଛନ୍ନ ଅବସ୍ଥାରେ ପାଣ୍ଡୁଲିପିର ପୁନର୍ଲିଖନ କରୁଛନ୍ତି, କୌଣସି କାରଣରୁ ଧ୍ୟାନ ବ୍ୟାହତ ହେଲେ ପୂର୍ବବସ୍ଥାକୁ ଫେରି ନିଜ ଜୀବନ କାହାଣୀ ସହ ସଂଯୋଗ ହୋଇଯାଉଛନ୍ତି। ଉଭୟ ଅମରନାଥ ଓ ଭର୍ତ୍ତୃହରି ଜୀବନୀ ମଧ୍ୟରେ ବହୁତ ଘଟଣା, ଚରିତ୍ର, ଅବସ୍ଥାର ସାମଞ୍ଜସ୍ୟ ସେ ନିଜେ ଖୋଜିଛନ୍ତି। ଯେମିତି ସରୋଜିନୀ ସହ ରାଣୀ ପିଙ୍ଗଳା, ସମରଜିତ୍ ସହ ପ୍ରମୋଦ ସିଂ ଆଦି। ଭର୍ତ୍ତୃହରିଙ୍କ ରାଣୀ ପିଙ୍ଗଳାର ମୃତ୍ୟୁପରେ ସନ୍ୟାସୀ ହେବା, ପୁଣି ସିନ୍ଧୁମତୀର ସୌନ୍ଦର୍ଯ୍ୟରେ ମୋହିତ ହୋଇ ସଂସାରୀ ଜୀବନକୁ ପ୍ରବେଶିବା, ଅମୃତଫଳ ଘଟଣାକ୍ରମକୁ ବଦଳେଇଦେବା, ସିନ୍ଧୁମତୀର ପ୍ରତାରଣା ସନ୍ୟାସୀ କରେଇବା, ସତ୍ୟର ଉଦଘାଟନ ପରେ ପୁନଶ୍ଚ ସଂସାରୀ ହେବା ଭଳି କଳା ହାସ୍ୟ (Black humours) ପରିବେଶ ସୃଷ୍ଟି ହେବା କିଛି ମାତ୍ରାରେ ଅମରନାଥଙ୍କୁ ପ୍ରଭାବିତ କରିଛି।

ଏଭଳି ବିବାଦୀୟ, କାଳ୍ପନିକ ବା ବୈକଳ୍ପିକ ଇତିହାସ ବା କିମ୍ବଦନ୍ତୀ (Alternative history/legend) ରେ

ଜୈନ, ବୌଦ୍ଧ, ଆଜୀବକ, ନାସ୍ତିକ ଚାର୍ବାକପନ୍ଥୀ ଆଦି ଦର୍ଶନର ତତ୍ତ୍ୱ ଓ ବ୍ୟାଖ୍ୟା ରହିବା ସହ ସେଗୁଡ଼ିକର ମୂଳ ଉତ୍ସ ବା କାହାଣୀ ବର୍ଣ୍ଣିବା ପାଇଁ ଅମରନାଥ ଭଳି ଅଥର୍ ସରୋଗେଟର ଅବତାରଣା ଉପନ୍ୟାସର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ।

**ଗୋଲାମ ଦାସ :** କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ପ୍ରଥମ ଉପନ୍ୟାସ 'ଚିଦାଭାସ' (୧୯୯୯) ଉପନ୍ୟାସରେ ରାଜନୈତିକ ଓ ପ୍ରଶାସନିକ ବ୍ୟଙ୍ଗର ପରିସରକୁ ଲକ୍ଷ୍ୟ କରି ହୁଏ। ଯାହାକୁ ଲେଖକ "ଅଗତାନୁଗତିକ, କଥନରେ ଗଦ୍ୟ-ପଦ୍ୟ ସମନ୍ୱିତ ଏକ ସାଙ୍କେତିକ ଉପନ୍ୟାସ" ବୋଲି ଅଭିହିତ କରିଛନ୍ତି।

ଉକ୍ତ ଉପନ୍ୟାସର କଥାନାୟକ "ଗୋଲାମ ଦାସ" ମୁଖ୍ୟ ଚରିତ୍ର। ଯାହାଙ୍କ ଠାରେ ଲେଖକଙ୍କ ପ୍ରତିଫଳିତ ଗୁଣ ଆଦିକୁ ଲକ୍ଷ୍ୟ କରାଯାଏ। ଅନେକ ସମାଲୋଚକ ଗୋଲାମ ଦାସଙ୍କୁ ରାଜେନ୍ଦ୍ର ପଣ୍ଡା ବୋଲି ହିଁ ମାନି ନିଅନ୍ତି। ଯାହାର କାରଣ ହୋଇପାରେ ଡ୍ୟାମ୍ ପ୍ରକଳ୍ପ ଯୋଗୁଁ ବୁଡ଼ି ଅଞ୍ଚଳ ବାସୀଙ୍କ ସ୍ଥାନାନ୍ତରଣ, ଛୋଟ ସମୟରୁ ହିଁ ବିଭିନ୍ନ ପତ୍ରିକାରେ କବିତାଗୁଡ଼ିକ ପ୍ରକାଶ ପାଇବା ଓ ଜଣେ କବି ଭାବରେ ପରିଚିତ ହେବା, ପ୍ରଶାସନିକ ସେବାରେ ଯୋଗଦେବା ଆଦି।

ଉପନ୍ୟାସ ଆରମ୍ଭରେ ଅନୁପ୍ରବେଶକାରୀ ଲେଖକକୁ ଦେଖାଯାଏ। ଯିଏ ଉପନ୍ୟାସ ସମ୍ପର୍କରେ ପ୍ରାଥମିକ ପରିଚୟ ଦେବା ସହ ଏକ କାଳ୍ପନିକ ଚରିତ୍ର ବା କଥାନାୟକଙ୍କୁ ସୃଷ୍ଟି କରୁଛନ୍ତି। ପାଠକଙ୍କୁ ସମ୍ବୋଧନ କରୁଛନ୍ତି ଯେ ଉପନ୍ୟାସ ଆରମ୍ଭ ହେଲାଣି, ନାୟକର ନାମ କ'ଣ ଦିଆଯାଇପାରେ ଆଦି। ଶେଷରେ ସେ ଗୋଲାମ ଦାସଙ୍କୁ ସୃଷ୍ଟି କରୁଛନ୍ତି। ତା' ମାଧ୍ୟମରେ କାହାଣୀ ଗତିଶୀଳ ହେଉଛି। କିନ୍ତୁ କାହାଣୀ ପ୍ରବାହରେ ଧାରାବାହିକତା ବା ଗତାନୁଗତିକତା ରକ୍ଷା ହୋଇ ନାହିଁ। ଯଦ୍ଦ୍ୱାରା ଉପନ୍ୟାସଟି ଅବୋଧ ହୋଇପଡ଼େ।

ଉପନ୍ୟାସ ମଧ୍ୟରେ ଗୋଲାମ ଦାସଙ୍କ ବହୁ କବିତାର ସଂଯୋଜିତ ହୋଇଛି। ଯାହା ପ୍ରାୟତଃ ରାଜନୈତିକ ଓ ପ୍ରଶାସନିକ ବ୍ୟଙ୍ଗଧର୍ମୀ ତଥା ଆଧିଭୌତିକ ଚେତନାଯୁକ୍ତ। ଏହି କବିତାଗୁଡ଼ିକ ଉପନ୍ୟାସର କଥା ସହ ଭାରସାମ୍ୟ ରକ୍ଷା କରେ; ତେଣୁ ଲେଖକ ଏହାକୁ ଗଦ୍ୟ-ପଦ୍ୟ ସମନ୍ୱିତ ବୋଲି କହିଛନ୍ତି। ପରିଶିଷ୍ଟ ନାମରେ ଶେଷରେ ଏକ ପରିଚ୍ଛେଦ ରହିଛି; ଯେଉଁଠି ଉପନ୍ୟାସ ମଧ୍ୟରେ ସ୍ଥାନିତ ଗୋଲାମ ଦାସଙ୍କ ଗଦ୍ୟ ଧର୍ମୀ ଏବଂ ପଦ୍ୟ ଧର୍ମୀ କବିତାଗୁଡ଼ିକର ଏକ ଦୀର୍ଘ ତାଲିକା ସଂଯୋଜିତ ହୋଇଛି। ଯାହା ଉପନ୍ୟାସର ଗଠନରେ ଏକ ନୂତନତା ଆଣିଦିଏ।

ଅଥର୍ ସରୋଗେଟ୍ ଗୋଲାମ ଦାସଙ୍କ ବାଲ୍ୟ ଜୀବନ, ପ୍ରଶାସନିକ ଜୀବନ, ମାର୍କସବାଦୀ ଚେତନା, ଲେଖକୀୟ ଜୀବନ, ଆଧ୍ୟାତ୍ମିକ ଦର୍ଶନ ଆଦି ଉପନ୍ୟାସ ମଧ୍ୟରେ ବିକ୍ଷିପ୍ତ ଭାବେ ସଂଯୋଜିତ ହୋଇଛି। କବି ପଣ୍ଡାଙ୍କ ଅବିକଳ ରୂପ ଧାରଣ କରି ତାଙ୍କ ଜୀବନର ମହତ୍ୱପୂର୍ଣ୍ଣ ଦିଗ, ରାଜନୈତିକ/ ପ୍ରଶାସନିକ ଚିନ୍ତା, ଆଧ୍ୟାତ୍ମିକ ବା ଦର୍ଶନ ତତ୍ତ୍ୱକୁ ଉପଯୁକ୍ତ ଭାବରେ ଉପସ୍ଥାପିତ କରିବାରେ ଅଥର୍ ସରୋଗେଟ୍ ଗୋଲାମ ଦାସଙ୍କ ଭୂମିକା ଯଥାର୍ଥ ଭାବେ ଉପଲବ୍ଧି କରିହୁଏ।

**ରୂପାନନ୍ଦ :** ଚିତ୍ରଶିଳ୍ପୀ ଦିନନାଥ ପାଠୀଙ୍କ ଏକ କଳ୍ପିତ ଚରିତ୍ର ବା ଅଥର୍ ସରୋଗେଟ୍ ଭାବରେ "ରୂପାନନ୍ଦ" ଙ୍କୁ ଗ୍ରହଣ କରାଯାଇପାରେ। ଦିନନାଥଙ୍କ 'ଗଙ୍ଗାବତରଣ' (୨୦୦୨) ଓ 'ରୂପ ରଙ୍ଗ ଅନଙ୍ଗ' (୨୦୧୦) ଉପନ୍ୟାସରେ ରୂପାନନ୍ଦ ଚରିତ୍ର ଦେଖାଯାଏ।

ଜଣେ ଚିତ୍ରଶିଳ୍ପୀ ହିଁ ଚିତ୍ରୋପନ୍ୟାସ ଲେଖିବାର ସାମର୍ଥ୍ୟ ରଖେ। ତେଣୁ ଦିନନାଥଙ୍କ ଚିତ୍ରକାର ବା ଜଣେ ଶିଳ୍ପୀର ବ୍ୟକ୍ତିତ୍ୱ ତାଙ୍କ ପ୍ରତ୍ୟେକ ଉପନ୍ୟାସରେ ପାଇ ହୁଏ। କିନ୍ତୁ 'ଗଙ୍ଗାବତରଣ' ଓ 'ରୂପ ରଙ୍ଗ ଅନଙ୍ଗ' ଉପନ୍ୟାସର ରୂପାନନ୍ଦଙ୍କୁ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ।

ଦିନନାଥ ପାଠୀ ଏକଦା ଆଧୁନିକ ଏଲିସ ବୋନର ଗବେଷଣା ପ୍ରତିଷ୍ଠାନ (ବାରଣାସୀ)ର ଅଧ୍ୟକ୍ଷ ଥିଲେ, ସେ ସମୟରେ ବାରଣାସୀ, ଗଙ୍ଗା, କାଶୀ ସଂସ୍ପର୍ଶରେ ଆସିବା, ଏଲିସଙ୍କ ଡାଏରୀ ପଢିଥିବା, ତାଙ୍କ ଜୀବନୀକୁ ତୁଳନା କରିଥିବା ଆଦି ସ୍ୱାଭାବିକ ଅଟେ। ଯାହା 'ଗଙ୍ଗାବତରଣ'ର ରୂପାନନ୍ଦଙ୍କ ଠାରେ ଉପଲବ୍ଧି କରିହେବ। ଏଠାରେ କଇଳାଶ ପଟ୍ଟନାୟକଙ୍କ ମତକୁ ଉଦ୍ଧାର କରାଯାଇପାରେ-"ଯେପରି ରୂପାନନ୍ଦଙ୍କ ଭିତରେ ଦିନନାଥଙ୍କ ଉପସ୍ଥିତି ଭାରି ସହଜରେ ଧରାପଡ଼ିଯାଏ। ଦିଗପହଣ୍ଡିରୁ ବନାରସ ଆସିବା, ଏଲିସ ଡାଏରୀ ପଢୁ ପଢୁ ଗଞ୍ଜାମର ସଉରା ପଲ୍ଲୀର ଅନୁଭୂତି ସ୍ମରଣ, ରୂପାନନ୍ଦଙ୍କ ଶିଳ୍ପୀ ଜୀବନ ଓ ଦିଗପହଣ୍ଡି ରୂପଭାଷା ଓ କାବ୍ୟ ଭାଷାଗତ ଚିନ୍ତାଧାରା ଏ ସବୁ ଭିତରେ "ଦିଗପହଣ୍ଡିର ଡ୍ରଇଂ ମାଷ୍ଟ୍ରେ" ହିଁ ଧରା ପଡ଼ିଯାନ୍ତି। ତେବେ ଏ ଧରା ପଡ଼ିଯିବା କଥା ସୌନ୍ଦର୍ଯ୍ୟକୁ କୌଣସି ମତେ ହୀନ କରାଉ ନାହିଁ ବରଂ ସ୍ଥଳ ବିଶେଷରେ କୌତୂହଳ ଉଦ୍ରେକ କରାଇପାରୁଛି"।[୪] ଏହି ମତ ହିଁ ସ୍ପଷ୍ଟ କରେ ଯେ, ଦିନନାଥ ପାଠୀଙ୍କ ପ୍ରତିବିମ୍ବ ରୂପାନନ୍ଦ ଏକ ଅଥର୍ ସରୋଗେଟ୍।

ରୂପାନନ୍ଦ ଦେଇ ଲେଖକଙ୍କ ଚିତ୍ରଶିଳ୍ପୀ ମାନସ, ଗଙ୍ଗାର ମାହାତ୍ମ୍ୟ ପାଇଁ କାହାଣୀ କିମ୍ବଦନ୍ତୀଗୁଡ଼ିକର ଉପସ୍ଥାପନା ଓ ପ୍ରଚକ୍ଷୁ ଧାରଣ କରିବା ଭଳି ଅବିଶ୍ୱାସନୀୟ ଘଟଣା ଆଦି ଉପସ୍ଥାପିତ ହୋଇଛି। ସେ ଲେଖକଙ୍କ ଶିଳ୍ପୀ ଓ ଦାର୍ଶନିକ ଦୃଷ୍ଟିକୋଣକୁ ଯଥାର୍ଥ କରିଛନ୍ତି। ସମାଲୋଚକ କଇଳାଶ ପଟ୍ଟନାୟକଙ୍କ ମତ ରୂପାନନ୍ଦଙ୍କ ଠାରେ ଦିଗପହଣ୍ଡିର ଡ୍ରଇଂ ମାଷ୍ଟ୍ରେ ଦିନନାଥଙ୍କୁ ଭେଟିବା ଅନୁରୂପ ଭାବେ 'ରୂପ ରଙ୍ଗ ଅନଙ୍ଗ'ର ରୂପାନନ୍ଦଙ୍କ ଠାରେ ମଧ୍ୟ ପ୍ରଯୁଜ୍ୟ। ସୁଇଜରଲ୍ୟାଣ୍ଡର ଜୁରିକ ସ୍ଥିତ ରିଟବର୍ଗ ସଂଗ୍ରହାଳୟରେ ସଂରକ୍ଷିତ "ଅମରୁଶତକ" ଚିତ୍ର ପୋଥିକୁ ସଂଗ୍ରହାଳୟର ନିର୍ଦ୍ଦେଶକ ଡକ୍ଟର ଏବରହାର୍ଡ ଫିସର୍ ଓ ଡକ୍ଟର ଦିନନାଥ ପାଠୀ "Amorous Delight" ନାମରେ ଇଂରାଜୀରେ ଏକ ସୁଦୃଶ୍ୟ ଓ ସଚିତ୍ର ପୁସ୍ତକ ସମ୍ପାଦନା କରିଛନ୍ତି। ଏହି କାହାଣୀ ରୂପ ପାଇଛି 'ରୂପ ରଙ୍ଗ

ଅନଙ୍ଗ' ଉପନ୍ୟାସରେ। ଯେଉଁଠି କେବଳ ଦିନନାଥ ସ୍ଥାନରେ ରୂପାନନ୍ଦଙ୍କୁ ରଖି ବର୍ଣ୍ଣିତ କରାଯାଇଛି।

ଉପନ୍ୟାସରେ ନାରୀ-ପୁରୁଷ, ସ୍ତ୍ରୀ-ସ୍ତ୍ରୀ, ପୁରୁଷ-ପୁରୁଷ ମଧ୍ୟରେ ଯୌନସମ୍ପର୍କ ଓ ଯୌନତତ୍ତ୍ୱର ସମ୍ପର୍କ ଅମରୁଶତକ କାବ୍ୟର ଚିତ୍ରପୋଥି ଆଧାରରେ ସମୀକ୍ଷା କରିବା ବେଶ୍ ରୋଚକୀୟ। ଲେଖକଙ୍କ ଚିତ୍ର ଓ ଯୌନ ଦର୍ଶନକୁ ରୂପାୟିତ କରିବାରେ ରୂପାନନ୍ଦ ଅଥର୍ ସରୋଗେଟ୍ ଭାବରେ ସଫଳ।

**ମେଘାମ୍ବରୀ :** ସ୍ୱରାଜ୍ୟ ଲକ୍ଷ୍ମୀ ମିଶ୍ରଙ୍କ ପତ୍ରୋପନ୍ୟାସ 'ମେଘ ମଲ୍ଲାରର ଚିଠି' (୨୦୧୧)ର ଅଥର୍ ସରୋଗେଟ୍ ଭାବରେ "ମେଘାମ୍ବରୀ" ଏକ କାଳ୍ପନିକ ଚରିତ୍ର ଉଲ୍ଲେଖନୀୟ। ଲେଖିକା ମଧ୍ୟ ଏଠାରେ ଏକ ଚରିତ୍ର ଭାବରେ ଉଭା ହୁଅନ୍ତି। ସେଥିପାଇଁ ଅଥର୍ ସରୋଗେଟ୍ କିଏ ସେ ପ୍ରଶ୍ନ ମଧ୍ୟ ଉଠିପାରେ। କିନ୍ତୁ ତାଙ୍କୁ ଅଥର୍ ସରୋଗେଟ୍ ବ୍ୟତୀତ ସରୋଗେଟ୍ ଦର୍ଶକ (surrogate audience) କହିବା ଯୁକ୍ତିଯୁକ୍ତ ମନେହୁଏ। ଯାହାର କାରଣ ହୋଇପାରେ ଲେଖିକାଙ୍କ ନାରୀବାଦୀ ଦର୍ଶନକୁ ମେଘାମ୍ବରୀ ମାଧ୍ୟମରେ ଉପସ୍ଥାପିତ କରାଇବା। ଏବଂ ଲେଖିକା ଜଣେ ପାଠକ ଭାବରେ ଉଭା ହୋଇ ମେଘାମ୍ବରୀର ଚିଠିକୁ ପାଠ କରିବା। ମେଘାମ୍ବରୀ ଚିଠି ମାଧ୍ୟମରେ ନିଜ ଜୀବନରେ ଘଟିଥିବା ଅଘଟଣ ଓ ଲୋମ ହର୍ଷଣକାରୀ ଅନୁଭୂତି ଆଦିକୁ ଲେଖିକାଙ୍କ ନିକଟରେ ଉପସ୍ଥାପନ କରୁଛନ୍ତି। ଲେଖିକା ଚିଠି ପଢିବା ମାଧ୍ୟମରେ ମେଘାମ୍ବରୀର ଜୀବନକୁ ପ୍ରକୃତ ପାଠକ ନିକଟରେ ଦୃଶ୍ୟାୟିତ କରୁଛନ୍ତି। ବେଳେ ବେଳେ ଲେଖିକା ଚିଠି ପଢିବା ବେଳେ ଅଟକି ଯାଇ ପ୍ରଶ୍ନ କରିଛନ୍ତି ସମାଜକୁ, ସାମାଜିକ ମଣିଷ ଓ ସାମାଜିକ ବ୍ୟବସ୍ଥାକୁ। ନାଟକୀୟ ଢଙ୍ଗରେ ଆଗକୁ କ'ଣ ହେବ, ସେଭଳି ନହେଉ, ସେଭଳି କଥା କହନି ଆଦି ପ୍ରକାର ବାକ୍ୟ କହି ପାଠକ ମନରେ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ସୃଷ୍ଟି କରୁଛନ୍ତି। ଯାହା ସରୋଗେଟ୍ ଦର୍ଶକର ଏକ ଗୁଣ ବୋଲି କୁହାଯାଇଥାଏ।

ମେଘାମ୍ବରୀ ଚିଠି ମାଧ୍ୟମରେ ଲିପିବଦ୍ଧ କରିଛି ନାରୀର କଷଣ, ସମାଜର ସଂକୁଚ ମାନସିକ, ପୁରୁଷ ତାନ୍ତ୍ରିକ ସମାଜର ହୀନମନ୍ୟତା, ସାମାଜିକ ମଣିଷ ଆଳରେ ଭାଇ ବନ୍ଧୁର ମୁଖା ପିନ୍ଧି କରୁଥିବା ଶୋଷଣ, ସମାଜର ବ୍ୟବସ୍ଥା ନାମରେ ନାରୀର ସ୍ୱାଧୀନତା ଛଡ଼ାଇନେବା ଭଳି ପୁରୁଷ ତାନ୍ତ୍ରିକ ସମାଜ ବିରୁଦ୍ଧରେ ବିକ୍ଷୋଦ୍ଗାର। ଏଥିରେ ପ୍ରତିଫଳିତ ଲେଖିକାଙ୍କ ନାରୀବାଦୀ ଦୃଷ୍ଟିକୋଣକୁ ମେଘାମ୍ବରୀର ଚିଠି ମାଧ୍ୟମରେ ଉପସ୍ଥାପିତ କରାଇବା ମଧ୍ୟରେ ସରୋଗେସି ପ୍ରକ୍ରିୟା ଓ ମେଘାମ୍ବରୀ ଠାରେ ଜଣେ ଅଥର୍ ସରୋଗେଟକୁ ଲକ୍ଷ୍ୟ କରୁ।

**ବିକ୍ରମ :** "ବିକ୍ରମ" ଚରିତ୍ରର ଆଲେଖ୍ୟ ମନୋଜ ଦାସଙ୍କ 'ଶେଷ ତାନ୍ତ୍ରିକର ସନ୍ଧାନରେ' (୨୦୧୮) ଉପନ୍ୟାସ। ମନୋଜ ଦାସଙ୍କ ଦ୍ୱିତୀୟ ଓ ଶେଷ ପ୍ରାୟୋପନ୍ୟାସ। ଆଲୋଚ୍ୟ ଉପନ୍ୟାସରେ ବିକ୍ରମ ଚରିତ୍ରଙ୍କୁ ଏକ ଅଥର୍ ସରୋଗେଟ୍ ଭାବରେ ଗ୍ରହଣ କରାଯାଇପାରେ। ଗାର୍ଗୀ (ଚରିତ୍ର)ଙ୍କ ଅନୁରୋଧ/ ଉପଦେଶରେ ବିକ୍ରମ ଲେଖୁଛନ୍ତି ଏକ ଆଲେଖ୍ୟ। ଯାହାକୁ ସେ ଅଙ୍ଗେ ନିଭାଇଛନ୍ତି। ଏହାକୁ ବିକ୍ରମଙ୍କ ଆତ୍ମଜୀବନୀ ବୋଲି କୁହାଯାଇପାରେ। ସେଥିପାଇଁ ଉପନ୍ୟାସଟି ପ୍ରଥମ ପୁରୁଷୀୟ ଶୈଳୀରେ ବର୍ଣ୍ଣିତ ହୋଇଛି।

ଉପନ୍ୟାସର କାହାଣୀ ବିନ୍ୟାସ ବା ରୂପ ସଜ୍ଜା (ଆଙ୍ଗିକ)ରେ ଏକ ବୈଚିତ୍ର୍ୟ ପରିଲକ୍ଷିତ ହୁଏ। ଯାହା ପାରମ୍ପରିକ ଉପନ୍ୟାସଠାରୁ ବ୍ୟତିକ୍ରମ ତେଣୁ ଲେଖକ ଏକ ପ୍ରାୟୋପନ୍ୟାସ କହିଲାବେଳେ ପାଠକଙ୍କ ଅବଗତ ନିମନ୍ତେ ବିକ୍ରମ (ଅଥର୍ ସରୋଗେଟ୍)ଙ୍କ ଏକ ଆଲେଖ୍ୟ ବୋଲି ଉପନ୍ୟାସକୁ ଉପସ୍ଥାପିତ କରିଛନ୍ତି। ଉପନ୍ୟାସର ପୃଷ୍ଠଭୂମି/ ପରିବେଶ ଅବଗତ ନିମନ୍ତେ ପ୍ରଥମେ ରହିଛି "ତଥ୍ୟ ସୂଚନା", ବିଷୟ କେଉଁଠି, କିପରି ଆରମ୍ଭ ହେଉଛି ଏବଂ ଲେଖିବାର ଅଭିପ୍ସା କାହିଁକି ରହିଛି, ତା' ପାଇଁ ଏକ "ଉପକ୍ରମଣିକା" ରହିଛି। ପୁଣି ପରିଚ୍ଛେଦ "ଏକ"ରୁ "ଚାଳିଶ" ଓ ଶେଷରେ "ଉପସଂହାର" ରହିଛି। ଉପନ୍ୟାସର କଥାନାୟକ "ବିକ୍ରମ" କିନ୍ତୁ "ହୈମବତୀ" ଚରିତ୍ରକୁ କେନ୍ଦ୍ରକରି ସମଗ୍ର ବିଷୟବସ୍ତୁ ଗତିଶୀଳ କରାଇଛନ୍ତି। ରତନ ଝର ଓ ରଙ୍ଗିଲି ଗଡ଼ ଭଳି ଦୁଇ କଳ୍ପିତ ରାଜ୍ୟରୁ ମାନାଲି ଦେଇ ହିମାଳୟର କେଉଁ ଏକ ଅଜ୍ଞାତ ସ୍ଥାନ ପର୍ଯ୍ୟନ୍ତ ଲମ୍ବିଛି। ରାଜା ସମରଜିତ ସିଂ, ରାଜକୁମାର, ବିକ୍ରମ, ଟୟ, ହିମାଦ୍ରୀ ବାବା, ଭୂମାବାବା, ମହାକପାଳିକ ଜୟାର୍ଣ୍ଣବ, ହୈମବତୀ ଆଦି ଏକାଧିକ ଚରିତ୍ରଙ୍କର ଲୀଳାଖେଳା ଓ ସେମାନଙ୍କ ପୂର୍ବଜନ୍ମ ବା ଅତୀତର କାହାଣୀ ଦେଇଛି ନୂତନ ରହସ୍ୟମୟ କଥାଭାଗ।

ବିକ୍ରମ ଜଣେ ଲେଖକ। ହୈମବତୀକୁ କେନ୍ଦ୍ରକରି ଘଟିଥିବା ରହସ୍ୟମୟ ବା ଅବାସ୍ତବ ଘଟଣାର ଲିପିବଦ୍ଧ କରିବା ପାଇଁ ଗାର୍ଗୀର ଶେଷ ଇଚ୍ଛା। ବିକ୍ରମ ହିମାଳୟଠାରେ ବହୁ ସାଧୁସନ୍ଥଙ୍କ ସଂସ୍ପର୍ଶରେ ଆସିବା, ତନ୍ତ୍ର ଓ ଯୋଗ ଦର୍ଶନର ବିଭିନ୍ନ ତତ୍ତ୍ୱ ଉପଲବ୍ଧ କରିବା, ବିଭିନ୍ନ ଚରିତ୍ରର ଦୋଷ ଦୁର୍ବଳତାକୁ ପ୍ରଶ୍ନ କରିବା ଓ ପ୍ରକାଶ କରିବା ଆଦି ଲେଖକ ସରୋଗେଟର ଭୂମିକାକୁ ସଫଳ କରେ। ସିଧାସଳଖ କହିବାକୁ ଗଲେ ମନୋଜ ଦାସଙ୍କ ଦାର୍ଶନିକ ଦୃଷ୍ଟିକୋଣ ବା ଦର୍ଶନତତ୍ତ୍ୱକୁ ଉପସ୍ଥାପନ କରିବାର ଅଭିପ୍ରାୟରୁ ହିଁ ବିକ୍ରମ ଭଳି ଏକ ଅଥର୍ ସରୋଗେଟର କୌଶଳ ପ୍ରୟୋଗ ହୋଇଛି ବୋଲି କୁହାଯାଇପାରେ।

ଆଲୋଚନାରୁ ପ୍ରାପ୍ତ କିଛି ମୌଳିକ ବୈଶିଷ୍ଟ୍ୟକୁ ପରିଶେଷରେ କୁହାଯାଇପାରେ ଯେ, ଅଥର୍ ସରୋଗେଟ୍ କୌଶଳ ପ୍ରୟୋଗ ହୋଇଥିବା ଉପନ୍ୟାସ ପ୍ରାୟତଃ ଲେଖକ ବା ଅଥର୍ ସରୋଗେଟର ଜୀବନୀମୂଳକ ହୋଇଥାଏ ବା ସେଭଳି ଛାପ ରହିଥାଏ। ଯେଉଁଥିରେ ପ୍ରାୟତଃ ଫ୍ଲାସବ୍ୟାକ୍ ଶୈଳୀରେ କାଳ୍ପନିକ ଚରିତ୍ର ବା ଅଥର୍ ସରୋଗେଟ୍ ନିଜ ସହ ଜଡ଼ିତ ଅତୀତ ଘଟଣାକୁ ମନେ ପକାଇଥାଏ। ଅଧିକାଂଶ ଏଭଳି ଉପନ୍ୟାସରେ ଅଥର୍ ସରୋଗେଟ୍ ଉପନ୍ୟାସ ଭିତରେ ଜଣେ ଲେଖକର ଭୂମିକା ହିଁ ଗ୍ରହଣ

କରିଥାଏ। ଅଥର୍ ସରୋଗେଟ୍ ବା ଲେଖକର ଜୀବନୀମୂଳକ ହୋଇଥିବାରୁ କାହାଣୀ ପ୍ରଥମ ପୁରୁଷୀୟ ବର୍ଣ୍ଣନା ଶୈଳୀରେ ଲେଖାଯାଇଥାଏ। ଅନୁପ୍ରବେଶକାରୀ କଥାକାରର ଭୂମିକା ଥିଲେ ତାହା ତୃତୀୟ ପୁରୁଷୀୟ ବର୍ଣ୍ଣନା ଶୈଳୀରେ ମଧ ବେଳେ ବେଳେ ଉପସ୍ଥାପିତ ହୋଇଥାଏ। ଏଥିରେ ବିଷୟବସ୍ତୁ ଉପସ୍ଥାପନ ପାଇଁ ଲିଖନ, ପଠନ, ବା କଥନ ମାଧମକୁ ଗ୍ରହଣ କରାଯାଏ, କିନ୍ତୁ ଲେଖିବାର ପ୍ରକ୍ରିୟା ହିଁ ସର୍ବାଧିକ ରହିଛି।

ଓଡ଼ିଆ ଉପନ୍ୟାସରେ ଅଥର୍ ସରୋଗେଟ୍ ଆଧାରିତ ବହୁ ଉପନ୍ୟାସ ରହିଥାଇପାରେ। କିନ୍ତୁ ସେହି ଉପନ୍ୟାସଗୁଡ଼ିକରେ ଅଥର୍ ସରୋଗେସି ପ୍ରକ୍ରିୟାକୁ ସଫଳ ଭାବେ ପ୍ରୟୋଗ କରାଯାଇପାରି ନାହିଁ। ପୁଣି ଲେଖକଗଣ ଏଥିପ୍ରତି ସଚେତନ ହୋଇ ରଚନା ସୃଷ୍ଟି କରୁଥିବେ ବୋଲି ସନ୍ଦେହ ହୁଏ। ତଥାପି ଦାଶରଥି ନନ୍ଦ, ଅଧାପକ ବିଶ୍ୱରଞ୍ଜନ, ଅଜୟ ସ୍ୱାଇଁ, ଭୀମ ପୃଷ୍ଟି, ସାରଦା ପ୍ରସାଦ ମିଶ୍ର ଏଭଳି କୌଶଳ ପ୍ରୟୋଗ କ୍ଷେତ୍ରରେ ଅଗ୍ରସର। ତାଙ୍କ ଉପନ୍ୟାସଗୁଡ଼ିକରେ ଲେଖକଙ୍କ ପ୍ରତିଛବିକୁ ପାଠକ ସହଜରେ ଅନୁଧାନ କରିପାରିବ। ଯାହା ଅଥର୍ ସରୋଗେସି ଅନ୍ତର୍ଗତ। ଉପନ୍ୟାସରେ ଅଥର୍ ସରୋଗେସିର ପ୍ରୟୋଗ ଯୋଗୁଁ ସେହି ଚରିତ୍ର ମଧରେ ଲେଖକଙ୍କ ଭ୍ରମ ସୃଷ୍ଟି ହୁଏ; ଯାହା ପାଠକଙ୍କୁ ବିଶେଷ ଆକର୍ଷଣ କରେ ଏବଂ ସେଥିରେ ଲେଖକଙ୍କ ବକ୍ତବ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇଥାଏ।

ତେବେ ସମସ୍ୟା ହେଉଛି "ଆତ୍ମ-ସନ୍ନିବେଶ", "ଆତ୍ମଜୀବନୀମୂଳକ", "ପ୍ରଥମ ପୁରୁଷୀୟ ବର୍ଣ୍ଣନା ଶୈଳୀ" ଆଦି ମଧ ବହୁ ପ୍ରସିଦ୍ଧ ବର୍ଣ୍ଣନା କୌଶଳ ଗୁଡ଼ିକ; ଯାହା ଅଥର୍ ସରୋଗେଟ୍ ବର୍ଣ୍ଣନା କୌଶଳ ସହ ସମତା ରକ୍ଷା କରେ। କିନ୍ତୁ ଏ କ୍ଷେତ୍ରରେ ଏହା ପ୍ରଥମ ଆଲୋଚନା ହୋଇଥିବାରୁ (ଯାହା ଅନୁମାନ) ଏଥିରେ ବହୁ ସମସ୍ୟା ଦେଖାଯିବା ସହ ଅନେକ ପ୍ରଶ୍ନ ଉଠିପାରେ। ଯାହା ଗବେଷଣାର ବ୍ୟାପ୍ତ ଦିଗ ଆଡ଼କୁ ହିଁ ଅଗ୍ରସର କରିବ। ତେଣୁ ବିଜ୍ଞ ସମାଲୋଚକ ଓ ପାଠକ ଏ ଆଲୋଚନାକୁ ଗ୍ରହଣଶୀଳ ମାନସିକତା ନେଇ ବିଚାର କରିବେ।

ପ୍ରାନ୍ତଟିକା:


୧. https:/www.haribhoomi.com>amp/lifestyle/surrogacy information

୨. ପ୍ରହରାଜ, ଗୋପାଳଚଂଦ୍ର, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସପ୍ତମ ଖଣ୍ଡ, ଉତ୍କଳ ସାହିତ୍ୟ ପ୍ରେସ, କଟକ, ୧୯୪୦

୩. https:/ en.m.wikipedia.org>wiki>author surrogate

୪. https:/ the net writers.com>character

୫. ପଟ୍ଟନାୟକ, କଇଳାଶ, ଶବ୍ଦରେ ମୃଗୟା, କଟକ ଟ୍ରେଣ୍ଡିଙ୍ଗ କମ୍ପାନୀ, କଟକ, ୨୦୦୩


●

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୬ | ନଭେମ୍ବର - ଡିସେମ୍ବର ୨୦୨୩
Volume No. 01 | Issue No. 06 | Nov-Dec 2023
Refereed Peer-Reviewed Jornal

# ଓଡ଼ିଆ ଉପନ୍ୟାସରେ ଆଦିବାସୀ ଜୀବନଚର୍ଯ୍ୟାର ସମାଜତାତ୍ତ୍ୱିକ ବିଶ୍ଳେଷଣ

OPEN ACCESS
https://bageesha.in

■ ରୁବିନା ପାତ୍ର
ଗବେଷିକା, ମହମ୍ମଦପୁର, କଟକ, ଓଡ଼ିଶା
DOI : https://orcid.org/0009-0000-2040-9573

Article Received : 06.09.2023 | Accepted : 12.12.2023 | Published : 01.01.2024

**ସାରାଂଶ**

ଆଜିର ସମାଜରେ ସାହିତ୍ୟ ଓ ବିଜ୍ଞାନ ଅତି ଦ୍ରୁତ ବେଗରେ ବିକାଶ ଘଟୁଛି। ବିଜ୍ଞାନର ପ୍ରତିଟି ପରିବର୍ତ୍ତନ ସାହିତ୍ୟ ମଧ୍ୟରେ ସ୍ଥାନ ପାଉଛି। ସାହିତ୍ୟର ବିଭିନ୍ନ ଦିଗରେ ପରିବର୍ତ୍ତନର ଉନ୍ମାଦ ସ୍ୱରୂପ ପ୍ରତ୍ୟେକ ମଣିଷର ସମାଜ ଓ ଜୀବନରେ ମଧ୍ୟ ପରିବର୍ତ୍ତନ ଘଟିଥାଏ। ଉପନ୍ୟାସ ହେଉଛି ସାହିତ୍ୟର ବଳିଷ୍ଠତମ ଦିଗ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଆଦିବାସୀ ସମାଜ ଜୀବନର ଯେଉଁ ସବୁ ପରିବର୍ତ୍ତନ ଘଟିଛି ତାହା ଔପନ୍ୟାସିକମାନେ ସମୟାନୁକ୍ରମରେ ସାହିତ୍ୟରେ ସ୍ଥାନ ଦେଇଛନ୍ତି। ଆଦିବାସୀ ସମ୍ପ୍ରଦାୟର ସମାଜତାତ୍ତ୍ୱିକ ବିଶ୍ଳେଷଣ କରିବାକୁ ଗଲେ ଆମେ ଲକ୍ଷ୍ୟ କରୁ, ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି ଓ ଅନ୍ୟାନ୍ୟ ଔପନ୍ୟାସିକ ମାନେ ସେହି ସମୟ ଖଣ୍ଡରେ ଆଦିବାସୀମାନଙ୍କର ଜୀବନ ଶୈଳୀକୁ ସେମାନଙ୍କ ଉପନ୍ୟାସରେ ସ୍ଥାନ ଦେଇଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଦିବାସୀ ଉପନ୍ୟାସରେ ଦେଖାଦେଇଛି ଗାନ୍ଧୀବାଦୀ ଓ ମାର୍କ୍ସବାଦୀ ଚେତନା। ୧୯୮୦ ବା ଉତ୍ତରଅଶି ପରବର୍ତ୍ତୀ ସମୟ ଖଣ୍ଡରେ ଜଗତୀକରଣର ପ୍ରଭାବ ଓଡ଼ିଆ ଆଦିବାସୀ ଉପନ୍ୟାସରେ ପଡ଼ିଛି। ଜଗତୀକରଣ ଫଳରେ ଶିକ୍ଷା ,ସ୍ୱାସ୍ଥ୍ୟ ,ଶିଳ୍ପ ସଂସ୍ଥାନରେ ବିକାଶ ଘଟିଛି। ସରକାରଙ୍କର ବିଭିନ୍ନ ଯୋଜନାରେ ଆଦିବାସୀମାନେ ଉପକୃତ ହେଉଛନ୍ତି। କାଳଖଣ୍ଡ ଅନୁସାରେ ସମାଜ ପରିବର୍ତ୍ତନଶୀଳ ଓ ସମାଜର ଲୋକମାନଙ୍କର ଜୀବନଶୈଳୀ ମଧ୍ୟ ପରିବର୍ତ୍ତନଶୀଳ।

ଓଡ଼ିଶାର ଆଦିବାସୀ: ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ। ଓଡ଼ିଶାର ମୋଟ ଜନସଂଖ୍ୟାର ଶତକଡ଼ା ପ୍ରାୟ ପଚିଶିଭାଗ ହେଉଛନ୍ତି ଆଦିବାସୀ। ସମଗ୍ର ଦେଶ ମଧ୍ୟରେ ଯେଉଁ ୪୨୭ ପ୍ରକାର ଆଦିବାସୀ ଦେଖାଯାଆନ୍ତି, ସେମାନଙ୍କ ମଧ୍ୟରେ ୬୨ ପ୍ରକାର ଓଡ଼ିଶାରେ ବସବାସ କରନ୍ତି। ଏମାନଙ୍କ ମଧ୍ୟରୁ କନ୍ଧ, ଗଣ୍ଡ, ସାନ୍ତାଳ, ସଉରା, କୋହ୍ଲ, ମୁଣ୍ଡା, ପରଜା, ଭୂୟାଁ, କିଶାନ୍, ଓରାଓଁ, କୋୟା, ଗଦବା, ବିଞ୍ଝାଲ ଆଦି ସଂପ୍ରଦାୟ ପ୍ରଧାନ। ଏମାନଙ୍କ ବସତି କୋରାପୁଟ, ଫୁଲବାଣୀ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ବଲାଙ୍ଗୀର, ସମ୍ବଲପୁର, ଗଞ୍ଜାମ, ଗଜପତି ଆଦି ଜିଲ୍ଲାରେ ଅବସ୍ଥିତ। ବଣଜଙ୍ଗଲ ପାହାଡ଼ ଝରଣା ଘେରାରେ ଏମାନେ ବାସ କରନ୍ତି। ଦ୍ରାବିଡ଼ ଗୋଷ୍ଠୀ ଅନ୍ତର୍ଭୁକ୍ତ ଏହି ଗିରିଜନବାସୀ କେଉଁ ଆବାହମାନ କାଳରୁ ପ୍ରକୃତି କୋଳରେ ବାସ କରୁଅଛନ୍ତି। ଉପରେ ଆକାଶ (ଦର୍ମୁ) ଓ ତଳେ ଧରତ୍ରୀ (ଧରତନୀ) ଆଉ ମଝିରେ ଏଇ ଅମୃତର ସନ୍ତାନ। ଏଇ ସେ ଅମୃତର ସନ୍ତାନ ଯାହାର ନିର୍ମଳ ହୃଦୟ, ସରଳ ବିଶ୍ୱାସୀ, ନିରହଂକାରୀ, ଅତିଥି ପରାୟଣ, ଅପମା ସହିଷ୍ଣୁ, ସେବା ମନୋବୃତ୍ତି ରହିଛି। କିନ୍ତୁ ନାଁ ଏମାନଙ୍କର ରାଜନୈତିକ କ୍ଷେତ୍ରରେ ବିକାଶ ଘଟୁଛି ନାଁ ସାଂସ୍କୃତିକ କ୍ଷେତ୍ରରେ, ଏମାନେ ତ ଆଧୁନିକ ସଭ୍ୟ ସମାଜଠାରୁ ଏକପ୍ରକାର କରଛଡ଼ା ହୋଇ ଆପଣାର ଐତିହ୍ୟପୂର୍ଣ୍ଣ ରୀତି-ନୀତି, ଚାଲି-ଚଳଣି, ସଂଜ୍ଞା-ସଂସ୍କାର ଧରି ଜୀବନ ଯାପନ କରୁଛନ୍ତି। କେତେକ କ୍ଷେତ୍ରରେ ହିନ୍ଦୁ, ମୁସଲମାନ ତଥା ଖ୍ରୀଷ୍ଟିୟାନ୍ ସଂସ୍କାର ପଦ୍ଧତି ଏମାନଙ୍କୁ ପ୍ରଭାବିତ କରିଛି ସତ୍ୟ; ତଥାପି ସ୍ୱ ସଂସ୍କୃତି ଓ ଜୀବନଯାପନ ପ୍ରଣାଳୀ ଅନେକାଂଶରେ ଏମାନଙ୍କୁ ଏବେସୁଦ୍ଧା ସ୍ୱତନ୍ତ୍ର କରି ଥୋଇଛି। ଉନ୍ନତ ସଭ୍ୟତାର ଦୂରରେ ଥିବା ଏହି ଆଦିବାସୀ ସଂପ୍ରଦାୟ ସ୍ୱ-ସଂସ୍କୃତ ଓ ପରମ୍ପରାକୁ ନେଇ ନୃତ୍ୟ ଓ ଗୀତର ସମାରୋହ କରିଥାନ୍ତି। ଆଦିବାସୀ ସଂପ୍ରଦାୟର ଏହି ନୃତ୍ୟ ଓ ଗୀତ ଓଡ଼ିଆ ସାହିତ୍ୟକୁ ବେଶ୍ ସ୍ୱଷ୍ଟ ଓ ରଙ୍ଗିମନ୍ତ କରିଛି। ଗୀତ କେବଳ ନିୟନ୍ତ୍ରଣ କରୁଥିବା ଅଦୃଷ୍ଟ ଶକ୍ତି ଏବଂ ଦୃଶ୍ୟମାନ ପ୍ରାକୃତିକ ବିଭବ ମାନଙ୍କର ତୁଷ୍ଟୀକରଣର ମାଧ୍ୟମ। ଶିକାର, କୃଷି, ସନ୍ତାନଜନ୍ମ, ବିବାହ, ମୃତ୍ୟୁ, ପିତୃପୁରୁଷଙ୍କ ସନ୍ତୁଷ୍ଟୀକରଣ, ଯାନିଯାତ୍ରା ଆଦି

ପ୍ରତ୍ୟେକ ସାମାଜିକ ଉତ୍ସବରେ ସେମାନେ ସମବେତ ହୋଇ ନୃତ୍ୟ, ଗୀତରେ ରତ ହୋଇଥାନ୍ତି। ସେମାନେ ସାଧାରଣତଃ ବର୍ଷର ବିଭିନ୍ନ ସମୟରେ ଚଇତି ପରବ୍, ପୁଷ୍ପରବ୍, ମାଘପରବ୍, ନୂଆଖାଇ, କରମା, ମେରିଆ/କେଡୁପରବ୍, ଟୋକିମରାପରବ୍, କାରଜ୍/ ଗୋତର ପରବ୍ ପଭୃତି ପାଳନ କରିଥାନ୍ତି; ଏଥିରେ ନୃତ୍ୟ ଗୀତ ମାଧ୍ୟମରେ ଦେବାଦେବୀଙ୍କୁ ସ୍ତୁତିକରି କୃତଜ୍ଞତା ଜଣାନ୍ତି। ଏହାର ମୂଖ୍ୟ ଉଦ୍ଦେଶ୍ୟ ସମୂହର ମଙ୍ଗଳକାମନା ଓ ମନୋରଞ୍ଜନ। ସେମାନେ ଗାଉଥିବା ଗୀତର ନାମ ହେଉଛି କରମାସାନୀ ଗୀତ, ଛେର୍‌ଛେରା ଗୀତ, ମାଣ୍ଡଲ୍‌ପଟା ଗୀତ, କିନ୍ଦିରୀ ଗୀତ, ଫନ୍ଦି ଗୀତ, ରିଂଜେଡ଼ି ଗୀତ, ଲାଗଣେ ଗୀତ, କନ୍ଧ ସଂପ୍ରଦାୟଙ୍କ ଢ଼ାପ୍‌ଗୀତ, ଢ଼କା ଗୀତ, ଡ଼ାଲଖାଇଗୀତ, ବେରଡ଼ିଏ ଲଏନ୍ଦା ଓ କ୍ରାହାନ୍ଦୋ ଗୀତ, କୋରାପୁଟ ଜିଲ୍ଲାର ଭୂମିଆ, ଉତରା, ଓ ଓମାନୃତ୍ୟ, ପେଣ୍ଟିଆ ଆଦି ସଂପ୍ରଦାୟ କେତେକ କାହାଣୀ ମାନ ଗାନ କରନ୍ତି ଯାହାକୁ କଥାନି କୁହାଯାଏ।

ସେହିପରି ନୃତ୍ୟ ମଧ୍ୟ ସେମାନଙ୍କର ଏକ ପରମ୍ପରା, ଦକ୍ଷିଣ ଓଡ଼ିଶାର ଆଦିବାସୀ ନୃତ୍ୟ ଭାବରେ ଢ଼େମ୍‌ସା, ତଡ଼୍‌ରା, ଦାଣ୍ଡାହୁଲିଆ, ଶିଙ୍ଗବାଜା, ସଉରା, ପତରସଉରା/ ଘୁଡ୍ଡୁକି, କୋୟା, କନ୍ଧ, ଛେର୍‌ଛେରା, ବଣ୍ଡା, ଶିକାର ନୃତ୍ୟ ଆଦି ପରିଚିତ, ପଶ୍ଚିମ ଓଡ଼ିଶାର ଆଦିବାସୀ ନୃତ୍ୟ ଭାବରେ କରମାନୃତ୍ୟ, ଡ଼ାଲଖାଇ, ଢ଼ାପ୍/ ଚାଙ୍ଗୁନୃତ୍ୟ, ଘୁମୁରା, ମାନ୍ଦଲ, ଶୁଆ, ହୋଲି, ଭୁଆଁନୃତ୍ୟ ଆଦି ପରିଚିତ। ଆଦିବାସୀ ସଂପ୍ରଦାୟର ଏହିସବୁ ପରମ୍ପରା, ରୀତି-ନୀତି, ଜୀବନ-ଯାପନ ପ୍ରଣାଳୀ ଓଡ଼ିଆ ସାହିତ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ। ଆଦିବାସୀଙ୍କ ପାହାଡ଼ ଝରଣା ଏବଂ ସବୁଜିମା ଘେରରେ ଯେଉଁ ଜୀବନ ଶୈଳୀ ତାହା ଅତ୍ୟନ୍ତ ସୁନ୍ଦର ଓ ମନୋରମ। ବହୁକାଳ ଧରି ସଭ୍ୟତାର ଆଲୋକଠାରୁ ଦୂରରେ ଥିବା ଏହି ଆଦିବାସୀ ସଂପ୍ରଦାୟ ସ୍ୱାଧୀନତା ପରେ ଏକ ପରିବର୍ତ୍ତନ ଦେଇ ଗତି କରିବାକୁ ଲାଗିଲା। 'ଆଦିବାସୀ' ଶବ୍ଦର ବିଶେଷ ତାତ୍ପର୍ଯ୍ୟ ଅନୁଭୂତି ହେଲା ଦେଶ ସ୍ୱାଧୀନ ହେବାପରେ। ଆନ୍ତର୍ଜାତିକ ସ୍ତରରେ ସାମ୍ୟବାଦର ପ୍ରସାର ଫଳରେ ସର୍ବହରା ମେହେନତି ଶ୍ରମିକ କୃଷକ ଶ୍ରେଣୀ ସହିତ ଅବହେଳିତ ସଂପ୍ରଦାୟ ମଧ୍ୟରେ ଯେଉଁ ନବଜାଗରଣ ସୃଷ୍ଟି ହୋଇଥିଲା, ତାର ଫଳ ସ୍ୱରୂପ ଅବହେଳିତ ଆଦିବାସୀ ସଂପ୍ରଦାୟ ପ୍ରତିଲେଖକ ସଚେତନ ହୋଇଉଠିଲା।

ଓଡ଼ିଆ ସାହିତ୍ୟରେ ପ୍ରଥମ ଉପନ୍ୟାସର ପରିଚୟ ବହନ କରିଥିବା ଉମେଶ ଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' ଉପନ୍ୟାସ ୧୮୮୮ ମସିହାରେ ପ୍ରକାଶ ପାଇଲା। ଏହାର ପୂର୍ବରୁ ରାମଶଙ୍କର ରାୟ 'ସୌଦାମିନୀ' ୧୮୭୭-୭୮ ମସିହାରେ ଉତ୍କଳ ମଧୁପ ପତ୍ରିକାରେ ପ୍ରକାଶ ପାଇଥିଲେ ମଧ୍ୟ ଏହି ଉପନ୍ୟାସ ଅସମ୍ପୂର୍ଣ୍ଣ ହୋଇ ରହିଗଲା। ଦଶବର୍ଷ ପରେ ୧୮୮୮ ମସିହାରେ ଉମେଶ ଚନ୍ଦ୍ର ସରକାର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ ପ୍ରକାଶ କଲେ। ଉପନ୍ୟାସ ମନୁଷ୍ୟ ଜୀବନର ଗଦ୍ୟ କାହାଣୀ, ଯାହାଦ୍ୱାରା ମନୁଷ୍ୟ ଜୀବନର ଓ ସମାଜର ପ୍ରତ୍ୟେକ ଛବିକୁ ନିଖୁଣ ଭାବରେ ବର୍ଣ୍ଣନା କରାଯାଇପାରେ। ସେଥି ମଧ୍ୟରେ ଆଦିବାସୀ ସମ୍ପ୍ରଦାୟ ବାଦ୍ ପଡ଼ିଯିବେ ବା କିପରି ।

ଆଦିବାସୀ ସମ୍ପ୍ରଦାୟକୁ ନେଇ ବହୁତଗୁଡ଼ିଏ ଉପନ୍ୟାସ ସୃଷ୍ଟି ହୋଇଛି। ଆଦିବାସୀ ସାମାଜିକ ଜୀବନ ଭିତରେ ବହୁତ ପରିବର୍ତ୍ତନର ମୋଡ଼ ନେଇଛି ସମୟ ଅନୁସାରେ। ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଆଦିବାସୀଙ୍କ ସମାଜ, ଜୀବନ ଯେପରି ଥିଲା, ତାହା ସ୍ୱାଧୀନତା ପରବର୍ତ୍ତୀ କାଳରେ ଅବ୍ୟାହତ ହୋଇ ରହିନାହିଁ। ସେମାନଙ୍କ ଚଳଣିରେ ପରିବର୍ତ୍ତନର ମୋଡ଼ ଦେଖାଦେଇଛି। ଏକବିଂଶ ଶତାବ୍ଦୀରେ ମଧ୍ୟ ଆଦିବାସୀଙ୍କ ସାମାଜିକ ଜୀବନ ପରିବର୍ତ୍ତନ ହୋଇଚାଲିଛି।

୧୯୩୬ ରୁ ୧୯୬୦ ମସିହା ମଧ୍ୟରେ ଭାରତୀୟ ସାହିତ୍ୟକୁ ମୁଖ୍ୟତଃ ତିନୋଟି ବିଚାରଧାରା ଗଭୀର ଭାବରେ ପ୍ରଭାବିତ କରିଥିଲା। ବିଚାରଧାରା ଗୁଡ଼ିକ ହେଲା ମହାତ୍ମାଗାନ୍ଧୀଙ୍କ ଗାନ୍ଧୀବାଦୀ ଦର୍ଶନ, କାର୍ଲ୍‌ମାର୍କ୍ସଙ୍କ ସାମ୍ୟବାଦୀ ଦର୍ଶନ ଓ ସିଗ୍‌ମଣ୍ଡଫ୍ରଏଡ଼ଙ୍କ ଅବଚେତନ ମନର ପ୍ରଭାବ। ଗାନ୍ଧୀବାଦୀ ଓ ମାର୍କ୍ସବାଦୀ ବିଚାରଧାରା ସାହିତ୍ୟକୁ ବହୁଳ ଭାବରେ ଅସ୍ପୃଶ୍ୟତା ଓ ଶ୍ରେଣୀ ଚେତନାକୁ ଉଦ୍ଦୀପ୍ତ କରିଥିଲା। ଏହି ପୃଷ୍ଠଭୂମିର ପରିପ୍ରେକ୍ଷୀରେ କେତେକ ଉପନ୍ୟାସ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି।

**ସ୍ୱାଧିନତା ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସ:**

ଓଡ଼ିଶାର ପ୍ରଥମ ଆଦିବାସୀ ଉପନ୍ୟାସ ଗୋପଳ ବଲ୍ଲଭ ଦାସଙ୍କ ଦ୍ୱାରା ଉଚିତ ଓ ୧୯୦୮ ମସିହାରେ ପ୍ରକାଶିତ 'ଭୀମାଭୂୟାଁ' ଏକ ଅନବଦ୍ୟ ସାମାଜିକ ତଥା ଜନଜାତି ସମ୍ପର୍କିତ ଉପନ୍ୟାସ। କେନ୍ଦୁଝର ଜିଲ୍ଲାରେ ବାସ କରୁଥିବା ଭୂୟାଁ ସମ୍ପ୍ରଦାୟର ସାମାଜିକ ଜୀବନ ଚିତ୍ରକୁ ଆଧାର କରି ଏହି ଉପନ୍ୟାସ ରଚିତ। ପର୍ବପର୍ବାଣୀ ଆଦି ସମଗ୍ର ସାମାଜିକ ବ୍ୟବସ୍ଥାର ବାସ୍ତବ ଚିତ୍ର ଉପନ୍ୟାସଟିରେ ପ୍ରଦତ ହୋଇଛି। ଗୋପୀନାଥ ମହାନ୍ତିଙ୍କ 'ପରଜା', 'ଦାଦିବୁଢ଼ା' କନ୍ଧ ସମାଜ ଓ ସଂସ୍କୃତିର ଚିତ୍ର ପ୍ରଦାନ କରାଯାଇଛି। 'ପରଜା' ଉପନ୍ୟାସରେ ଯେଉଁ ସଂଘର୍ଷର କଥା କୁହାଯାଇଛି। ସେମାନଙ୍କର ଶିକ୍ଷା, ଦୀକ୍ଷା, ସଂସ୍କୃତି ସବୁ ସେତେବେଳର ସମୟରେ ଏକ ଅନ୍ଧବିଶ୍ୱାସ ବୋଲି ମନାଯାଉଥିଲା ।

କନ୍ଧ ପରଜାର ଆର୍ଥିକ ଶୋଷଣ ସମ୍ପର୍କରେ ଗୋପୀନାଥ ମହାନ୍ତିଙ୍କ 'ପରଜା' (୧୯୪୫) ଉପନ୍ୟାସ ସର୍ବଶ୍ରେଷ୍ଠ ବଲିଲ୍। ଏହି ଉପନ୍ୟାସରେ ଶୋଷଣ ବିରୁଦ୍ଧରେ ଯେଉଁ ସ୍ୱର ଉତ୍ତୋଳନ କରାଯାଇଛି ତାର ନିଖୁଣ ଚିତ୍ର ଉପନ୍ୟାସରେ ମିଳେ। ଓଡ଼ିଶାର ଆଦିବାସୀ ସମାଜର ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିବା ପରଜା ସମ୍ପ୍ରଦାୟର ଆର୍ଥନୀତିକ ଅସହାୟତା ଏବଂ ସାମାଜିକ ଶୋଷଣର ବିଷଦ ଚିତ୍ର ଏହି ଉପନ୍ୟାସରେ ଦେଖିବାକୁ ମିଳୁଛି। ଧୀର ମାତ୍ରାରେ ଦେଖିବାକୁ ମିଳିଲା ଯେ, ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଆଦିବାସୀ ସମ୍ପ୍ରଦାୟର ସମାଜରେ ସେମାନଙ୍କ ସଂସ୍କୃତି ଚାଲିଚଳଣି। ଧର୍ମୀୟଭାବନା, ବିଶ୍ୱାସ ଏବଂ ବଡ଼

ଲୋକ ମାନଙ୍କର ଶୋଷଣ ଆଦି ଦ୍ୱାରା ଉପନ୍ୟାସର ଧାରା ଚାଲିଥିଲା କିନ୍ତୁ ସମୟ ଅତିବାହିତ ପ୍ରମେ ଆଦିବାସୀ ସମାଜର ଚାଲି ଚଳଣି, ସୁବିଧା ଓ ସୁଯୋଗ ସବୁ ପରିବର୍ତ୍ତନ ହୋଇଛି ।

**ସ୍ୱାଧୀନତା ପରବର୍ତ୍ତୀ ଆଦିବାସୀ ଉପନ୍ୟାସ:**

ସ୍ୱାଧୀନତା ପରବର୍ତ୍ତୀ ଆଦିବାସୀ ବା ଜନଜାତି ଭିତିକ ଉପନ୍ୟାସରେ ଆଦିବାସୀମାନଙ୍କ ସମାଜ ଅନ୍ୟ ଏକ ମୋଡ଼ ନେଇଛି। ଏହି ପୃଷ୍ଠ ଭୂମିରେ ଦେଖାଦେଇଛି ଅତିମାତ୍ରାରେ ଶୋଷଣ, ନିର୍ଯ୍ୟାତନା, ଦାରିଦ୍ର୍ୟ, ଅନ୍ଧବିଶ୍ୱାସ ଓ ଆଦିବାସୀଙ୍କ ସ୍ୱାଭିମାନର କଥା କୁହାଯାଉଛି।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଗୋପୀନାଥ ମହାନ୍ତି ଆଦିବାସୀ ସଂପ୍ରଦାୟକୁ ନେଇ ବହୁ କାଳଜୟୀ ସୃଷ୍ଟି କରିଛନ୍ତି। ତାଙ୍କର ଅମୃତର ସନ୍ତାନ ୧୯୫୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ପ୍ରଥମ ଓଡ଼ିଆ ଉପନ୍ୟାସ। ଏହି ଉପନ୍ୟାସରେ ଶୋଷଣ, ନିର୍ଯ୍ୟାତନା, ଦାରିଦ୍ର୍ୟ, ଲାଞ୍ଛନା ଆଦି ଦେଖାଦେଇଛି। ଏ ଜାତିର ସଂସ୍କୃତି ଓ ଆଦର୍ଶ ଯେ ମରଣଶୀଳ ନୁହେଁ, ତାହା ହିଁ ଏ ଉପନ୍ୟାସର କଥା। ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ 'ଶିବଭାଇ' (୧୯୫୫)ରେ କନ୍ଧ ଆଦିବାସୀ ସମାଜରେ ଗାନ୍ଧିଜୀ ଓ ବିନୋବାଙ୍କ ଅହିଂସା ଓ ଭୂଦାନ ଆନ୍ଦୋଳନ ପ୍ରଚାର ଓ ପ୍ରସାର କଥା ରହିଛି। ନିରକ୍ଷର ଶିବଭାଇ ମାନବ ସମାଜର ସାମୂହିକ କଲ୍ୟାଣ କରିବାପାଇଁ ଆଗେଇ ଆସିଛି। ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଛି। 'ଅପଂହଚ' ଉପନ୍ୟାସରେ (୧୯୬୧) କନ୍ଧ ସମାଜର ଆଧୁନିକ ଶିକ୍ଷା ସଭ୍ୟତାର ଯେଉଁ ପ୍ରଭାବ ପଡ଼ିଛି ତାହା ମେଲାବାଡ଼ିରେ ବୀମାକନ୍ଧର ପୁଅ ଟିମା ଚରିତ୍ର ମାଧ୍ୟମରେ ବର୍ଣ୍ଣନା କରିଛନ୍ତି। ଶିକ୍ଷା ସମାପ୍ତ ପରେ ସେ ସାଜିଛି ଲୋକ ପ୍ରତିନିଧି। ଭୋଗବିଳାସରେ ମାତି ରହି ସେ ଘୃଣା କରିଛି ନିଜ ସଂପ୍ରଦାୟର ଲୋକଙ୍କୁ ଏହାପରେ ସେ ଅନୁତାପ ନଳରେ ହୋଇଛି ଦଗ୍ଧୀଭୂତ। ସମସ୍ତଙ୍କୁ ଏକାଠି କରିଛି ଓ କହିଛି ଆସ ଜମି କାଢ଼ିବା, କାମ କରିବା ଓ ବାଂଟି ଖାଇବା, ଏଥିରେ ଗାନ୍ଧୀଙ୍କ ଦର୍ଶନ ସହିତ ବିନୋବାଙ୍କ ଚିନ୍ତାଧାରାର ସଫଳ ରୂପାୟନ ଘଟିଛି।

କାହ୍ନୁଚରଣ ମହାନ୍ତିଙ୍କ 'ମନଗହନର ତଳେ'(୧୯୪୬) ଓ 'କାଟ୍ରାକାଲେଲି' (୧୯୫୯) ଉପନ୍ୟାସରେ ମଧ୍ୟ କନ୍ଧ ଜନଜାତି ସଂପ୍ରଦାୟର ଚିତ୍ର ଉପସ୍ଥାପନ ହୋଇଛି। 'ମନଗହନର ତଳେ' ଉପନ୍ୟାସରେ ପ୍ରେମ ଓ ପ୍ରଣୟ, ବିବାହ, ସାହୁକାରର ଶୋଷଣ, ମିଥ୍ୟାକପଟତା ମଧ୍ୟରେ ସତ୍ୟର ବିଜୟ ପ୍ରଭୃତି ଘଟଣାର ବର୍ଣ୍ଣନା କରାଯାଇଛି। ସେହିପରି 'କାଟ୍ରାକାଲେଲି' ଉପନ୍ୟାସରେ ଧର୍ମବିଶ୍ୱାସ ବଜାୟ ରହିଛି ।

ପର୍ଶୁରାମ ମୁଣ୍ଡଙ୍କ 'ମୂଲିଆ ପିଲା' (୧୯୫୧) ଓ 'ବସୁନ୍ଧରାର ମାଟି' ଉପନ୍ୟାସ ମଧ୍ୟ ଦୁଇ ସଫଳ ଜନଜାତିଭିତ୍ତିକ ଉପନ୍ୟାସ। ଏହି ଉପନ୍ୟାସ ମାଧ୍ୟମରେ ସାହୁକାରର ଶୋଷଣ, ଅତ୍ୟାଚାର ଏବଂ ଅତ୍ୟାଚାରର ସମାଧାନ। ଖଟିଖାଇ ବଂଚିବାର ନୀତି ଅଥବା କୁଟୀର ଶିଳ୍ପର ଗୁରୁତ୍ୱ ରହିଛି। କୁଟୀର ଶିଳ୍ପ ଦ୍ୱାରା ଆଦିବାସୀମାଙ୍କ ଆର୍ଥିକ ସ୍ଥିତି ଉପକୃତ ହୋଇଛି ।

ସ୍ୱାଧୀନତା ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସରେ ଆଦିବାସୀଙ୍କ ସମାଜରେ କୁସଂସ୍କାର, ଅନ୍ଧବିଶ୍ୱାସ, ଧର୍ମବିଶ୍ୱାସ, ଧର୍ମାନ୍ତରୀକରଣ, ଶୋଷଣ ଅତ୍ୟାଚାର ଦେଖିବାକୁ ମିଳେ। ସ୍ୱାଧୀନତା ପରବର୍ତ୍ତୀ ଆଦିବାସୀଙ୍କ ସମାଜର ସମାଜରେ ଚାଲିଚଳଣି, ଆଚାର ବିଚାର ଭିନ୍ନ ହେବାକୁ ଲାଗିଲା। ଗାନ୍ଧୀ ଓ ମାର୍କ୍ସଙ୍କ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ଆଦିବାସୀମାନେ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତୋଳନ କଲେ। ଅତ୍ୟଧିକ ଶୋଷଣର ଭାର ସମ୍ଭାଳି ନପାରି ସ୍ୱର ଉତ୍ତୋଳନ କରିବା ସହିତ, ନିଜେ କାର୍ଯ୍ୟକ୍ଷମ ହେଲେ, ଅର୍ଥାତ୍ କୁଟୀର ଶିଳ୍ପକୁ ଗୁରୁତ୍ୱ ଦେଲେ। ଯେଉଁ ଆଦିବାସୀ ସଂପ୍ରଦାୟର ଲୋକମାନେ ଶିକ୍ଷିତ ଗୋଷ୍ଠୀର ହେଲେ ଆଧୁନିକ ଶିକ୍ଷା ପାଇଁ ନିଜ ଜାତିକୁ ଘୃଣା କରିବାକୁ ଲାଗିଲେ, ଯାହା ଫଳରେ ଆଦିବାସୀଙ୍କ ମଧ୍ୟରେ ଜାତିଗତ ଅନ୍ତଦ୍ୱର୍ନ୍ଦ୍ୱ ଲାଗିରହିଲା।

ଉତ୍ତରଅଶୀ (୧୯୮୦) ପରବର୍ତ୍ତୀ ଆଦିବାସୀ ଉପନ୍ୟାସ:

ଉତ୍ତର ଅଶୀ ବା ୧୯୮୦ ମସିହାପରେ ଉପନ୍ୟାସରେ ଆଦିବାସୀ ସମ୍ପ୍ରଦାୟର ଚିତ୍ର ଅତୁଟ ରହିଛି। ସମୟାନୁକ୍ରମେ ଆଦିବାସୀ ସମ୍ପ୍ରଦାୟର ସାମାଜିକ ବ୍ୟବସ୍ଥା ଦୃଢ଼ ଭିତ୍ତି ସ୍ଥାପନ କରିଛି। ଆଦିବାସୀ ସମ୍ପ୍ରଦାୟର ବିକାଶ ଅଗ୍ରଗତି ହେଉଛି। ଉତ୍ତର ଅଶୀ ପରେ ରଚିତ ହୋଇଥିବା ଆଦିବାସୀ ଉପନ୍ୟାସ ମଧ୍ୟରେ ଗୋବିନ୍ଦ ଦାସଙ୍କ 'ଲାସୁ'(୧୯୮୧), ଅନାଦି ସାହୁଙ୍କ 'ମୁଣ୍ଡ ମେଖଳା' (୧୯୮୨) ଭାଗିରଥୀ ନେପାକଙ୍କ 'ରାଉରକେଲାର ରାତ୍ରୀ', ବଳରାମ ମିଶ୍ରଙ୍କର 'ଡୁମା', ନକୁଳନାୟକଙ୍କ 'ଡ଼ାଳିମ୍ବ', ଜ୍ଞାନେନ୍ଦ୍ରବର୍ମାଙ୍କ 'ଅରଣ୍ୟର କୁଜଟ୍ଟିକା', ସାତକଡ଼ି ହୋତାଙ୍କ 'ଅଶାନ୍ତ ଅରଣ୍ୟ', ହୃଷୀକେଶ ପଣ୍ଡାଙ୍କ 'ସୁନାପୁଟର ଲୋକେ' ଓ 'ସୁବର୍ଣ୍ଣଦୀପ'। ଶଶୀଭୂଷଣ ମହାପାତ୍ରଙ୍କ 'କାଡ଼େଗୋମାଙ୍ଗ' (୧୯୮୧) ଓ 'କାହାଣୀ': ସବୁଜ ଉପତ୍ୟକାର' (୧୯୮୫) ଉପନ୍ୟାସରେ କୋରାପୁଟରେ ଥିବା ଆଦିବାସ ସଂପ୍ରଦାୟ ବିଭିନ୍ନ ଯୋଜନା ଦ୍ୱାରା କିପରି ଉପକୃତ ହୋଇପାରୁଛନ୍ତି, ତାହା ଏଥିରେ ବର୍ଣ୍ଣିତ। ଶଶୀଭୂଷଣ ମହାପାତ୍ରଙ୍କ 'କ୍ରାନ୍ତିରଅବବାହିକା' (୧୯୮୦) ଉପନ୍ୟାସରେ ରାଉରକେଲାର ଶ୍ରମିକଙ୍କ ଶିଳ୍ପାୟନ ଦ୍ୱାରା ବାସଚ୍ୟୁତ ହେବାକଥା କୁହାଯାଇଛି। ମାତ୍ର ସେମାନେ ଶିକ୍ଷିତ ବର୍ଗ ସଂସ୍ପର୍ଶରେ ଆସି ନିଜର ମୌଳିକ ଦାବି ସମ୍ପର୍କରେ ସଚେତନ ହୋଇଛନ୍ତି।

ଓଡ଼ିଆ ଉପନ୍ୟାସରେ ଔପନ୍ୟାସିକମାନେ ଆଦିବାସୀଙ୍କ ସମାଜ ଓ ଜୀବନ ପ୍ରତି ହେଉଥିବା ଅତ୍ୟାଚାର, ଶୋଷଣ, ନିର୍ଯ୍ୟାତନା, ଶୋଷଣ, ବିରୁଦ୍ଧରେ ସ୍ୱରଉତ୍ତୋଳନ ଇତ୍ୟାଦି ବର୍ଣ୍ଣନା କରିଛନ୍ତି। ଆଦିବାସୀ ଉପନ୍ୟାସର ପ୍ରଥମ ପ୍ରର୍ଯ୍ୟାୟରେ ଅଥବା ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ଆଦିବାସୀଙ୍କ ସଂସ୍କୃତି, ପରମ୍ପରା, ଧର୍ମବିଶ୍ୱାସ, ଧର୍ମପ୍ରତିଥିବା ଭୟ ଓ ସେମାନଙ୍କର ଶୋଷଣ ଓ ଅତ୍ୟାଚାରର ଚିତ୍ର ଦେଖିବାକୁ ପାଇଲୁ। କିନ୍ତୁ ତତ୍ ପରବର୍ତ୍ତୀ ୧୯୪୭ ମସିହା ପରେ ପରେ ଯେତେବେଳେ

ଦେଶକୁ ସ୍ୱାଧୀନତା ମିଳିଲା ସେତେବେଳେ ମହାତ୍ମାଗାନ୍ଧୀ, କାର୍ଲମାର୍କ୍ସ ଓ ବିନୋବାଙ୍କ ଦର୍ଶନ ଓ ବିଚାରଧାରା ଓଡ଼ିଆ ଆଦିବାସୀ ଉପନ୍ୟାସରେ ଦେଖି ମିଳିଲା। ଯେଉଁ ଆଦିବାସୀମାନେ ଶୋଷଣର ଶିକାର ହେଉଥିଲେ, ନିର୍ଯ୍ୟାତିତ ହେଉଥିଲେ ସେମାନେ ସାମ୍ୟବାଦ ଜରିଆରେ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଲାଗିଲେ। ଏହାର ପରବର୍ତ୍ତୀ ମୁହୂର୍ତ୍ତରେ ସେମାନେ କୁଟୀରଶିଳ୍ପ ଆରମ୍ଭ କଲେ।

ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଆଦିବାସୀ ଉପନ୍ୟାସରେ ଆମେ ଦେଖିବାକୁ ପାଉ ବିକାଶର ଏକ ପ୍ରତିଫଳନ। ସରକାରଙ୍କ ଯୋଜନାଦ୍ୱାରା ଉପକୃତ ହୋଇ ପଦବୀ ସଂରକ୍ଷଣ ଜରିଆରେ ପାଠ ପଢ଼ି ଶିକ୍ଷିତ ହେବାକୁ ଲାଗିଲା ଆଦିବାସୀ ସମ୍ପ୍ରଦାୟ। ଶିଳ୍ପସଂସ୍ଥାନ ଦ୍ୱାରା ଅନେକ ଆଦିବାସୀ ଆତ୍ମନିର୍ଭରଶୀଳ ହେଲେ। ଅତଏବ ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ଆଦିବାସୀ ମାନଙ୍କ ଜୀବନ ଓ ସାମାଜିକ ବ୍ୟବସ୍ଥା ଯେପରି ଥିଲା ସ୍ୱାଧିନତା ପରବର୍ତ୍ତୀ କାଳରେ ତାର ପରିବର୍ତ୍ତନ ଘଟିଛି ଏବଂ ବିଂଶ ଶତାବ୍ଦୀ ଶେଷାର୍ଦ୍ଧ ଓ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜଗତୀକରଣର ପ୍ରଭାବରେ ଆଦିବାସୀ ସମ୍ପ୍ରଦାୟ ବହୁତ ଉପକୃତ ହୋଇଛନ୍ତି।

**ଉପସଂହାର**: ଓଡ଼ିଆ ଉପନ୍ୟାସରେ ଆଦିବାସୀମାନଙ୍କର ଜୀବନ ଚର୍ଯ୍ୟାର ସମାଜତାତ୍ତ୍ୱିକ ବିଶ୍ଳେଷଣ କଲେ ଆମେ ଦେଖିବାକୁ ପାଇବାଯେ, ଆଦବାସୀମାନଙ୍କର ସାମାଜିକ ଚଳଣି, ରୀତି, ନୀତି, ପରମ୍ପରା ସ୍ୱାଧୀନତା ପୂର୍ବରୁ ଯାହାଥିଲା, ତାହା ସ୍ୱାଧୀନତା ପରେ ପରିବର୍ତ୍ତନ ହୋଇଛି। ଏହି ପରିବର୍ତ୍ତନକୁ ଔପନ୍ୟାସିକମାନେ ସେମାନଙ୍କ ଉପନ୍ୟାସରେ ସ୍ଥାନ ଦେଇଛନ୍ତି। ସ୍ୱାଧୀନତା ପୂର୍ବବର୍ତ୍ତୀକାଳରେ ଆଦିବାସୀଙ୍କ ଜୀବନ ଏକ ଧର୍ମୀୟ ବିଶ୍ୱାସର ସହିତ ବନ୍ଧାଥିଲା। ଧର୍ମ, ସଂସ୍କୃତି, ପରମ୍ପରା, ଚାଲିଚଳଣି ସେମାନଙ୍କର ମୁଖ୍ୟ ଥିଲା। ନିଜର ସ୍ୱରୀତିକୁ ନେଇ ସେମାନେ ଜୀବନ ବିତାଉଥିଲେ। ଅନ୍ୟପଟେ ସାହୁକାର, ମହାଜନମାନେ ସେମାନଙ୍କ ଶୋଷଣ କରୁଥିଲେ। କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଦିବାସୀମାନେ ଗାନ୍ଧୀ ଓ ମାର୍କ୍ସବାଦରେ ପ୍ରଭାବିତ ହୋଇଛନ୍ତି ଏବଂ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇଛନ୍ତି। ଆଦିବାସୀ ଉପନ୍ୟାସର ତୃତୀୟ ପର୍ଯ୍ୟାୟରେ ଆମେ ଦେଖିବାକୁ ପାଉ ଆଦିବାସୀ ସମ୍ପ୍ରଦାୟରେ ଉନ୍ନତି ଓ ବିକାଶ। ଶିଳ୍ପସଂସ୍ଥାନ ଓ ଜଗତୀକରଣର ପ୍ରଭାବ ଆଦିବାସୀମାନଙ୍କ ଉପରେ ପଡ଼ିଛି। ସରକାରଙ୍କର ବିଭିନ୍ନ ଯୋଜନାର ସୁବିଧା ପାଉଛନ୍ତି ଆଦିବାସୀ ସମ୍ପ୍ରଦାୟ। ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ଯୋଗୁଁ ଆଦିବାସୀମାନଙ୍କର ବିକାଶ ଘଟୁଛି। ଶିକ୍ଷାଦ୍ୱାରା ସଂସ୍କାର ଆଣିହେବ। ଶିକ୍ଷା ଫଳରେ ସବୁ କ୍ଷେତ୍ରରେ ବିକାଶ ଘଟିବ।

ସହାୟକ ସୂଚୀଗ୍ରନ୍ଥ:


୧)ବେହେରା, କୃଷ୍ଣଚରଣ – ଓଡ଼ିଆ ଉପନ୍ୟାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨, ୧ମ ସଂସ୍କରଣ – ୧୯୬୮, ଚତୁର୍ଥ ସଂସ୍କରଣ -୨୦୧୩।

୨)ସାହୁ, ନାରାୟଣ- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ, ସତ୍ୟ ନାରାୟଣ ବୁକ୍ ଷ୍ଟୋର୍, ବିନୋଦ ବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ-୨୦୧୮ ।

୩)ସାହୁ, ନୃସିଂହ ଚରଣ – ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଓଡ଼ିଶା ବୁକ୍ଷ୍ଟୋର୍, ବିନୋଦବିହାରୀ, କଟକ-୭୫୩୦୦୨, ୧ମ ସଂସ୍କରଣ-୨୦୧୧।

୪)ଦାସ, ଦାଶରଥି, ଆଚାର୍ଯ୍ୟ, ସୁଦର୍ଶନ, ଦାଶ, ଦେବେନ୍ଦ୍ର କୁମାର, ଦାଶ, ଗୌରାଙ୍ଗ ଚରଣ- ସମ୍ବାଦ- ଆମ ଓଡ଼ିଶା- ସାହିତ୍ୟ କୋଷ, ଆମ ଓଡ଼ିଶା, ଇଉନିଟ୍-୩, ଭୁବନେଶ୍ୱର-୭୫୧୦୦୧, ୧ମ ପ୍ରକାଶ – ୨୦୧୮।


●

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୬ | ନଭେମ୍ବର - ଡିସେମ୍ବର ୨୦୨୩
Volume No. 01 | Issue No. 06 | Nov-Dec 2023
Refereed Peer-Reviewed Jornal

# ମାନବିକତାର ମାନଦଣ୍ଡରେ 'ଶିବଭାଇ' ଉପନ୍ୟାସ

■ ଡ. ପ୍ରମିଳା ପାଟ୍ଟଲିଆ

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ,

ଶାନ୍ତିନିକେତନ, ପଶ୍ଚିମବଙ୍ଗ

https://bageesha.in
OPEN ACCESS
DOI : https://orcid.org/0009-0000-2040-9573
Article Received : 12.11.2023 | Accepted : 12.12.2023 | Published : 01.01.2024

**ସାରାଂଶ**

ସ୍ୱାଧୀନତା ପରେ ମଧ୍ୟ ଭାରତୀୟ ସମାଜ ଜୀବନ ସାହୁକାର ଓ ଜମିଦାରଙ୍କ ଶୋଷଣ କବଳରୁ ମୁକ୍ତ ହୋଇପାରିନଥିଲା। ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ସହୃଦୟତା ସମତାର ଭାବଧାରା ପ୍ରବାହିତ କରିବା ପାଇଁ ସମାଜବାଦ ଓ ଭୂଦାନ ଆନ୍ଦୋଳନ ଆରମ୍ଭ ହେଲା ଏବଂ ଏହାର ନେତୃତ୍ୱ ନେଉଥିଲେ ମହାତ୍ମା ଗାନ୍ଧୀ ଓ ବିନୋବା ଭାବେ। ଔପନ୍ୟାସିକ ଗୋପୀନାଥ ମହାନ୍ତି ସାଂପ୍ରତିକ ଭାରତୀୟ ସମାଜ ଜୀବନର ବାସ୍ତବ ଓ ଜୀବଂତ ଚିତ୍ର ପ୍ରଦାନ କରିଥିଲେ ସୁଦ୍ଧା ପାଶ୍ଚାତ୍ୟ ସାହିତ୍ୟର ବହୁ ଦାର୍ଶନିକଙ୍କ ଦର୍ଶନ ଦ୍ୱାରା ପ୍ରଚ୍ଛନ୍ନ ଭାବରେ ପ୍ରଭାବିତ ହୋଇଛନ୍ତି। ତାଙ୍କର 'ଶିବଭାଇ' ଉପନ୍ୟାସ ତାର ଏକ ଜ୍ୱଳନ୍ତ ପ୍ରତିଫଳନ। ଏହି ଉପନ୍ୟାସରେ ନୂତନ ସମାଜ ଗଠନ ପାଇଁ ଆହ୍ୱାନ ରହିଛି। ଏଥିରେ ଔପନ୍ୟାସିକ ଗୋପୀନାଥ ମହାନ୍ତି କୋରାପୁଟର କନ୍ଧ ଆଦିବାସୀଙ୍କ ସାମାଜିକ, ସାଂସ୍କୃତିକ ଓ ଆର୍ଥନୈତିକ ଦିଗକୁ ବିଶେଷ ଭାବରେ ଗୁରୁତ୍ୱ ଦେଇଛନ୍ତି। ମାନବିକତାର ରୂପକାର ଭାବରେ ଔପନ୍ୟାସିକ ମହାନ୍ତି କେତେଦୂର ସଫଳ ହୋଇଛନ୍ତି ତାହା ଆକଳନ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ।

୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ହୋଇଥିଲା। ପୃଥିବୀ ମହାସମରର ଏହି ଲୋମହର୍ଷଣକାରୀ ହୃଦୟ ବିଦାରକ ଇତିହାସକୁ ଅତି ସୁନ୍ଦର ଭାବରେ ଗୋପୀନାଥ ମହାନ୍ତି ତାଙ୍କ ଆତ୍ମଜୀବନୀରେ ସ୍ମରଣ କରିଛନ୍ତି, " ମୁଁ ଜନ୍ମ ହେଲି ୧୯୧୪ ଏପ୍ରିଲ ୨୦।" ଗୋପୀନାଥ ମହାନ୍ତିଙ୍କ 'ଶିବଭାଇ' ଉପନ୍ୟାସଟି ୧୯୫୫ ମସିହାରେ ପ୍ରକାଶିତ ହୋଇଥିଲା। ଏହି ଉପନ୍ୟାସରେ ଔପନ୍ୟାସିକ କୋରାପୁଟର କନ୍ଧ ଆଦିବାସୀଙ୍କର ସାମାଜିକ, ସାଂସ୍କୃତିକ ଓ ଆର୍ଥନୈତିକ ଦିଗକୁ ବିଶେଷ ଭାବେ ଗୁରୁତ୍ୱ ଦେଇଛନ୍ତି ।

୧୯୪୭ ମସିହା ଦେଶ ସ୍ୱାଧୀନତା ପାଇଲାପରେ ଇଂରେଜମାନେ ଦେଶଛାଡ଼ି ଚାଲିଗଲେ ସତ କିନ୍ତୁ ରଜା, ସାହୁକାର ଓ ଜମିଦାରମାନଙ୍କ ଅତ୍ୟାଚାରରେ ନିରୀହ ଆଦିବାସୀମାନଙ୍କର ସାମାଜିକ ଓ ଆର୍ଥନୈତିକ ଦୁର୍ଗତିର କାରଣ ହେଲା। ଏହି ସମୟରେ ସାରା ଭାରତବର୍ଷର ସମସ୍ତଙ୍କ ଅନ୍ତରରେ ସହାୟତା, ସହୃଦୟତା ଓ ସମତାର ଭାବଧାରା ପ୍ରବାହିତ କରିବା ପାଇଁ ସମାଜବାଦ ଓ ଭୂଦାନ ଆନ୍ଦୋଳନ ଚାଲିଥିଲା। ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଜାତିର ପିତା ମହାତ୍ମାଗାନ୍ଧୀ ଓ ଆଚାର୍ଯ୍ୟ ବିନୋଭା ଭାବେ। ଦେଶର ପ୍ରତ୍ୟେକ ଗଳିକନ୍ଦିରେ ବିଭିନ୍ନ କର୍ମୀ ଓ ସ୍ୱେଚ୍ଛାସେବକମାନଙ୍କ ସହାୟତାରେ ଆଶ୍ରମ ମାନ ଗଢି ଉଠିଥିଲା। ଏହି ସମୟରେ ଓଡ଼ିଶାର ସମାଜ ଜୀବନରେ ଏହାର ପ୍ରଭାବ ମଧ୍ୟ ପଡ଼ିଥିଲା। ଫଳରେ ଜାତୀୟ ଜୀବନର ଚେତନାରେ ଗଢିଉଠିଥିବା ସର୍ବୋଦୟ ସମନ୍ୱୟ ଓ ବିଶ୍ୱକଲ୍ୟାଣର ଭାବଧାରା ଲେଖକଙ୍କୁ ଯଥେଷ୍ଟ ପ୍ରଭାବିତ କରିଥିଲା ଏବଂ ଆଲୋଚ୍ୟ ଉପନ୍ୟାସଟି ତାହାର ଏକ ପ୍ରତିଫଳନ ।

ଗାନ୍ଧିଜୀ ଓ ବିନୋବାଙ୍କ ନୀତି ଓ ଆଦର୍ଶର ପ୍ରଭାବ ବଣପାହାଡ଼ ଘେରା କୋରାପୁଟ ଅଂଚଳକୁ ମଧ୍ୟ ବ୍ୟାପିଯାଇଥିଲା। ଫଳରେ କୋରାପୁଟର ବିଭିନ୍ନସ୍ଥାନରେ ଆଶ୍ରମ ମାନ ଗଢିଉଠିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ସେହି ଅଂଚଳରେ ରହୁଥିବା କନ୍ଧ ଆଦିବାସୀଙ୍କର କଲ୍ୟାଣ ସାଧନ ଓ ସାମୂହିକ ଉନ୍ନତିବିଧାନ କରିବା।

ସ୍ରଷ୍ଟା ଗୋପୀନାଥ ମହାନ୍ତି ଅନ୍ୟାୟ, ଅତ୍ୟାଚାରରେ କବଳିତ ହେଉଥିବା ଆଦିବାସୀ ଜୀବନକୁ କେବଳ ହୃଦ୍ ବୋଧ କରିନାହାନ୍ତି ବରଂ ଏଥିପାଇଁ ସାମାଜିକ ଅଙ୍ଗୀକାରବଦ୍ଧତା ସଂପର୍କରେ ଉପନ୍ୟାସରେ ପ୍ରତିଫଳିତ କରିଛନ୍ତି। ଉପନ୍ୟାସରେ ବର୍ଣ୍ଣିତ 'ଅପା' କୋରାପୁଟ ଜିଲ୍ଲା ଅନ୍ତର୍ଗତ ଡୁମ୍ରିଗୁଡ଼ା ଆଶ୍ରମର ଜଣେ ନାରୀକର୍ମୀ। ଡୁମ୍ରିଗୁଡ଼ା ଗ୍ରାମର ପାରିପାର୍ଶ୍ୱର ଘଂଚ ଅରଣ୍ୟରେ ପରିପୂର୍ଣ୍ଣ। ଏହି ଅରଣ୍ୟରେ ରହୁଥିବା ମହାବଳ

ବାଘ, ଭାଲୁ, ହାତୀ, ମାଙ୍କଡ଼ ପ୍ରଭୃତି ବନ୍ୟଜନ୍ତୁଙ୍କର ସେ ପଡ଼ୋଶୀ। ସେ ସୁଦୂର ଉତ୍ତର ବାଲେଶ୍ୱରରୁ ଆସି କନ୍ଧ ଆଦିବାସୀ ଅଂଚଳରେ ଖାଲି ପାଦରେ ଚାଲି ଚାଲି ଗାନ୍ଧି ଓ ବିନୋବାଙ୍କ ନୀତି ଓ ଆଦର୍ଶକୁ ପ୍ରଚାର କରିଥିଲେ। ଡୁମ୍ରିଗୁଡ଼ା ଗ୍ରାମରେ ସମୁଦାୟ ଷାଠିଏ ଘର କନ୍ଧ। ଅପା ଆଦିବାସୀଙ୍କ ପରମ୍ପରିକ ଜୀବନ ଶୈଳୀକୁ ପରିବର୍ତ୍ତନ କରିବା ପାଇଁ ଡୁମ୍ରିଗୁଡ଼ାରେ ଯେଉଁ ଆଶ୍ରମ ଗଢିଛନ୍ତି, ତାହାକୁ କନ୍ଧ, ସଓରା ଆଦିବାସୀ ସାଦରେ ଗ୍ରହଣ କରିଛନ୍ତି ।

ଅପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଞ୍ଚ ଅଶିକ୍ଷିତ ଚାଳିଶ ବର୍ଷର ଆଦିବାସୀ ଯୁବକ ଶିବଭାଇ ମଧ୍ୟ ସେବାକର୍ମୀ ଭାବେ ଆଶ୍ରମ ସହିତ ସଂପୃକ୍ତ ହୋଇଛନ୍ତି। ଯାହାର ଧୋବଦାନ୍ତ, ଧୋବପାଟି, ଧୋବ ଖଦଡ଼ ସାଙ୍ଗକୁ ଗୋରାଦେହ ଆଉ ଧୋବଲା ଆତ୍ମା ଆସି ଠିଆ ହୁଏ। ଏମାନେ ସମସ୍ତେ ମାନବିକତାର ମହାମନ୍ତ୍ରକୁ ପ୍ରଚାର ପୂର୍ବକ ଓ ଭୂଦାନ ଆନ୍ଦୋଳନରେ ପୂର୍ଣ୍ଣଆସ୍ଥା ସ୍ଥାପନ କରି ଦିନରାତି ଜାତି ଓ ଦେଶପାଇଁ ଚିନ୍ତା କରିଛନ୍ତି। ଏ ଶିବ ଭାଇ ମରି ମଧ୍ୟ ତାର ଆତ୍ମା ଅମର ରହିଛି। ଡୁମ୍ରିଗୁଡ଼ା କନ୍ଧ ଯେତେବେଳେ ଅନ୍ଧ ନିଦରେ ଶୋଇଥିଲେ, ଆଗ ନିଦ ଭାଙ୍ଗିଥିଲା ତା'ର, ତା'ପରେ ସେ ଲାଗିରହିଥିଲା ଏ ସଂସାରକୁ ଟିକିଏ ସୁନ୍ଦର କରିବାକୁ ।

ନାରୀକର୍ମୀ ଅପାଙ୍କ ସହାୟତାରେ କନ୍ଧ ସାମାଜିକ ଜୀବନରେ ଏକ ବିରାଟ ପରିବର୍ତ୍ତନ ଦେଖାଯାଇଛି। ଅପା କନ୍ଧମାନଙ୍କ ସହିତ ପାରସ୍ପରିକ ସ୍ନେହ, ପ୍ରେମ ଓ ସହୃଦୟତାର ଭାବ ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି। ସେ କର୍ମକୁ ଜୀବନରେ ଏକମାତ୍ର ବ୍ରତ ମନେକରି ପ୍ରତିଶ୍ରୁତିବଦ୍ଧ ହୋଇ କାମକରିଛନ୍ତି। ଡୁମ୍ରିଗୁଡ଼ା ଆଶ୍ରମ ତାଙ୍କର ସେବାଶ୍ରମ। କନ୍ଧ ପ୍ରତି ଆନ୍ତରିକ ସହଯୋଗ ଓ ସହାନୁଭୂତି ଥିବାରୁ ଦେହରେ ଶହେ ତିନି ଜ୍ୱର ହୋଇସୁଦ୍ଧା ମଝିରେ ମଝିରେ ଷାଠିଏ ଘର କନ୍ଧର ଅଗଣା ଓ ପିଣ୍ଡା ସଫା କରନ୍ତି, ଲିପିବା କାର୍ଯ୍ୟ ମଧ୍ୟ କରିଥାନ୍ତି। ଗାଁରେ ଯେତେବେଳେ ବସନ୍ତରୋଗ ବ୍ୟାପିଯାଏ କନ୍ଧ ପ୍ରଥା ଅନୁସାରେ ଗାଁଲୋକେ ସଫେଇ କରନ୍ତି ନାହିଁ। କିନ୍ତୁ ଅପା ନିଜେଯାଇ ସଫାକରନ୍ତି। ଗାଁ ଲୋକ ଯେତେବେଳେ ଜଳସେଚନ ଯୋଜନାରେ, ମାଟିଖୋଳା କାମରେ, ପଥର ବୁହା କାମରେ ମୂଲ ଲାଗୁଥିଲେ, ଅପା ସେତେବେଳେ ତାଙ୍କ ସଙ୍ଗେ ମିଶି ବୁଢାବୁଢୀଙ୍କ କାମ ଛଡ଼େଇ ନେଇ ନିଜେ ମାଟି ପଥର ବୋହୁଥିଲେ। ଗାଁ ଲୋକ କହନ୍ତି, 'ଅପାର ମାନ ଲୋଡ଼ା ନାହିଁ' - କନ୍ଧ ପିଲାର ଘୁଅ ସେ ନିର୍ବିକାର ଭାବେ ହାତରେ ଗୋଟେଇ ନିଏ। ଅପା ସଢା ପଚା ଘା' ଧୋଇ ଧୋଇ ସଫା କରେ, ଗନ୍ଧ କି ଅସନା କିଛି ତାଙ୍କୁ ରୋକି ପାରେନାହିଁ। ନା, ତାର ମାନ ଲୋଡ଼ା ନାହିଁ। ଗାଁକୁ କୁଣିଆ ଆସିଲେ ଅପା ଏକ ତସଲା ମୁଣ୍ଡେଇ ଘରଘର ବୁଲି ମାଣ୍ଡିଆ ପେଜ ମାଗି ଆଣୁଥିଲେ। ହସି ହସି ଲୋକେ ଅଜାଡ଼ି ଦିଅନ୍ତି। ସେ ମଧ୍ୟ ସେମିତି ହସି ହସି ମାଗିପାରେ, ଥିଲାବାଲାଠୁ ନ ଥିଲା ଲୋକପାଇଁ, କୋଡ଼ିଏ ଥର ଧାଇଁ ପାରେ ଗୋଟିଏ ଗରିବ ପାଇଁ ନେହୁରା ହେବାକୁ।[୨]

ଡୁମ୍ରିଗୁଡ଼ାର ଲୋକ ସକାଳେ ଦି' ଘଣ୍ଟା ଯାଏ ଘରେ ବସି ବସି ଖାଲି ଘରତଳଯାକ ଛେପ ପକାଉଥିଲେ, ଅଳସଗପ କରୁଥିଲେ, ଅପା ସମସ୍ତିଙ୍କ ପାଖରେ ଥୋଇ ଆସିଲେ ଗୋଟିଏ ଲେଖାଏଁ ପତ୍ରଠୁଙ୍ଗା। ଆଉ କହିଲେ, "ହଉ, ମୁଁ କହି କହି ତ କାମକୁ ଯାଉନ, ଏଇଥିରେ ଛେପ ପକାଅ, ମୁଁ ଫୋପାଡ଼ି ଦେଉଥିବି।" ଥରକୁ ଥର ସତକୁ ସତ ଛେପ ଠୁଙ୍ଗା ନେଇ ନେଇ ଫୋପାଡ଼ି ଦେଇଆସିଲା। ତା'ପରେ ପଥର ତରଳିଲା ପରି ଲୋକେ ଲଜ୍ଜା ପାଇ କାମକୁ ଗଲେ ଓ ପାହାନ୍ତିଆରୁ ଉଠି କାମକୁ ଯିବା ଅଭ୍ୟାସ କଲେ ।[୩]

କନ୍ଧ ପୂଜା ସାରି ଗୋରୁ ହାଣୁଥିଲେ। ଅପା ମନା କଲା। କନ୍ଧମାନେ ଅପାଙ୍କ କଥାକୁ ମାନି ଗୋରୁ ହାଣିବା ବନ୍ଦ କରିଦେଲେ।

ଅପାଙ୍କ ଉଦ୍ୟମରେ କେତେ ଅତ୍ୟାଚାରର ଅନ୍ଧାରିଦୁର୍ଗ ଭୁଷୁଡ଼ି ପଡ଼ିଛି। ରେଳ ଲାଇନ୍ ପାଖ ଗାଁରେ ପ୍ରାୟ ପ୍ରତିଦିନ ଦେଖାଯାଉଥିଲା ଅନ୍ତତଃ ଗୋଟିଏ ଛେଳି ଦି'ଖଣ୍ଡ ହୋଇ ପଡୁଥିଲା। ସେହି ଛେଳିକୁ ରେଳଲାଇନ ଲୋକେ ନେଇଯାଉଥିଲେ। କନ୍ଧମାନେ ଜାଣନ୍ତି ରେଳଲାଇନରେ ଜନ୍ତୁ କଟିଗଲେ ସେଇଟା ରେଳବାଲାଙ୍କର। ଅପାଙ୍କ ସହାୟତାରେ କନ୍ଧମାନେ ସଚେତନ ହୋଇଗଲେ, କଟା ଛେଳିକୁ ରେଳବାଲାଙ୍କୁ ଦେଲେନାହିଁ। ଦେଖାଗଲା ଛେଳି ଆଉ କଟିଲେ ନାହିଁ। ଯଦିବି କଟୁଥିଲେ ନିଜେ ନେଇ ଯାଉଥିଲେ। ସେହିପରି ରେଳକୁଲି ଗାଁ ପାଖ ତେନ୍ତୁଳିଗଛରୁ ତେନ୍ତୁଳି ତୋଳି ନେଇ ପଳାଉଥିଲେ, କହୁଥିଲେ ଏଇଟା ଆମର ଗଛ। କନ୍ଧର ଆପତ୍ତି ନଥିଲା। ଦିନେ ଦେଖାଗଲା, ରେଳକୁଲି କଜିଆ କରିବାକୁ ଆସିଥିଲେ, ଅପାର କଥାଶୁଣି କିଛି ନ କହି ଚାଲିଗଲେ। ତା'ପରଠାରୁ ରେଳ କୁଲିର ଗାଁ ପାଖ ତେନ୍ତୁଳି ଗଛ ପ୍ରତି ଅଧିକାର ରହିଲା ନାହିଁ। କନ୍ଧମାନେ ଗାଁ ପାଖ ତେନ୍ତୁଳି ଗଛ ନିଜର ବୋଲି ଦାବି କରିବାକୁ ବସିଲେ। ରେଳଲାଇନ କରେ କରେ ରାୟଗଡ଼ା ଆସିଲା ବେଳକୁ ନାଗାବଳୀ ନଦୀ ଉପରେ ରେଳପୋଲ ପଡୁଥିଲା। ପୋଲ ଉପରେ ପାଦ ନ ଦେଉଣୁ ଜଗୁଆଳି କହୁଥିଲା ଆଗ ଦେ ଅଣାଏ ପଇସା ମହାସୁଲ୍। କନ୍ଧ ଅଣ୍ଟାରୁ ଗଣ୍ଠି ଖୋଲେ। ଖାଲି କନ୍ଧ ନୁହେଁ କେତେ କର୍ମୀଭାଇଙ୍କ ଠାରୁ ମଧ୍ୟ ମହାସୁଲ୍ ଆଦାୟ କରୁଥିଲା। ଅପା ପାଖରୁ ମାସୁଲ୍ ମାଗିଲା ବେଳକୁ ଅପା ସିଧାସଳଖ ପୋଲିସରେ ଦେଇଦେବି ବୋଲି ତାଗିଦ୍ କରିବାରୁ ଜଗୁଆଳି ମାସୁଲ ନେବା ବନ୍ଦ କରିଦେଲା। ତା'ପରଠାରୁ ଜଗୁଆଳିକୁ କେହି ମାସୁଲ ଦେଲେ ନାହିଁ।

ବିଲୁଆପଡ଼ା 'ରଜା' ଆଠଖଣ୍ଡି ଗାଁକୁ ନେଇ କାମରେ ବେଠି ଖଟାଉଥିଲା, ସବୁଘରର ଜଣକେ କରି ବର୍ଷକୁ ସାତଦିନ ଲେଖାଏଁ ତା ଜମିରେ ବେଠିରେ ହଳ କରି ଦେବାକୁ, ଅନ୍ୟାନ୍ୟ କାମ କରିଦେବାକୁ ବାଧ୍ୟ କରୁଥିଲା। ବିଲୁଆପଡ଼ା ରାଜାର କଥା ମାନୁଥିଲେ କନ୍ଧମାନେ। ମାତ୍ର ଅପାଙ୍କ ସହାୟତାରେ ରଜାର କଥା ଆଉ ମାତିଲେ ନାହିଁ ।

ଗାନ୍ଧିଙ୍କ ସମାଜବାଦ ଓ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନକୁ ଆଗେଇ ନେବାପାଇଁ ଅପାଙ୍କ ସହିତ ସାମିଲ୍ ହୋଇଛନ୍ତି ଜଗନ୍ନାଥ ଭାଇ, ଶିବର ସ୍ତ୍ରୀ ମୁକ୍ତା, ଶାଳୀ ଚନ୍ଦ୍ରମା, ଜୁନି ଅପା, ଜନୁଭାଇ ଓ ରମୁଭାଇ ଆଦି। ଏମାନେ ସମସ୍ତେ ମିଶି ଶିବଭାଇର ଅସଂପୂର୍ଣ୍ଣ କାମଟିକୁ ସଂପୂର୍ଣ୍ଣ କରିବା ପାଇଁ ସଂକଳ୍ପ କରି ଅପାଙ୍କୁ ସହଯୋଗ କରିଛନ୍ତି ।

ଶିବଭାଇର ମୃତ୍ୟୁପରେ ତା ସ୍ତ୍ରୀ ମୁକ୍ତା ଓ ଷୋଳବର୍ଷର ଝିଅ ପାର୍ବତୀ ମାନସିକ ଯନ୍ତ୍ରଣା ଭିତରେ ନ ରହି ଆଶ୍ରମିକ ଜୀବନକୁ ଆଦରି ନେଇଛନ୍ତି ଓ ନିଜର ଜୀବନକୁ ସେବାକାର୍ଯ୍ୟରେ ନିୟୋଜିତ କରିଛନ୍ତି ।

ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କନ୍ଧମାନେ ଭୂଦାନ ଆନ୍ଦୋଳନରେ ସର୍ବସ୍ୱ ଦାନ କରିବା ନିଶାରେ ଆଗଭର ହୋଇଉଠିଛନ୍ତି। ଏହି ପରିପେକ୍ଷୀରେ କୋଟିଆ କନ୍ଧର କଥା "ପାହାନ୍ ତିଞ୍ଜାରା – ବାଣ୍ଟିକୁଣ୍ଡି ଖାଇବା – ଯେମିତି ଝୋଲାର ପାଣି ।" ଏଥିରେ ପ୍ରଭାବିତ ହୋଇ ବୋରିଖାଲ, ଯମୁକୋଡ଼ି ଗାଁ, କୁଟୁଡ଼ୁକୁପା, ଜିମ୍ବାଖାଲ ଇତ୍ୟାଦି ଗ୍ରାମର କନ୍ଧମାନେ ଆପଣା ଆପଣା ଜମି କୋଠକୁ ଦାନ କରି ଏଥିରୁ ଭୂମିହୀନ ଲୋକ ଜମିନେବେ ଓ ସମସ୍ତେ ମିଳିମିଶି ଖାଇବେ। ଏହିପରି ଭୂଦାନ ହୋମଯଜ୍ଞ ପ୍ରତ୍ୟେକ ଗ୍ରାମରେ ପ୍ରସାରିତ ହୋଇଛି ।

'ଚନ୍ଦ୍ରପୁର' ଗ୍ରାମର ଭୂମି ମାଲିକମାନେ ମଧ୍ୟ ଭୂଦାନ କରିବା ପାଇଁ ଆଗେଇ ଆସିଛନ୍ତି। ଗ୍ରାମର ପ୍ରହ୍ଲାଦ ସାହୁ, ପ୍ରହ୍ଲାଦ ପାଣିଗ୍ରାହୀ, ଦରବୁଢ଼ା ଭଳିଆ ଭୂମିମାଲିକମାନେ ଆପଣା ଜମିରୁ ଦେଇଦେଲେଣି ଭୂମିହୀନଙ୍କୁ ଭୂମିଦାନ କରିଦେଇଛନ୍ତି ଓ ଧୀରେ ଧୀରେ ତାଙ୍କ ମନ ବଦଳି ଯାଇଛି। ସେମାନେ ଭୂମିହୀନଙ୍କୁ ଭୂମିଦାନ ଦେବା ସହିତ ଜମିରେ କୂଅ ଖୋଳିଦେଲେଣି, ଭୂମି ଚାଷ କରିବାକୁ ବଳଦ ଦାନ କରିଛନ୍ତି। ଏମାନେ କହି ବୁଲିଲେଣି ସମସ୍ତେ ସୁଖରେ ନରହିବା ଯାକେ କେହି ଏକୁଟିଆ ସୁଖରେ ରହି ପାରିବ ନାହିଁ। ଏହା ଫଳରେ ଆଞ୍ଚଳିକ ଦୂରବସ୍ଥା ଦୂରହେବା ସଙ୍ଗେ ସଙ୍ଗେ ଆଧାତ୍ମିକ ଉନ୍ନତି ବି ଘଟିବ, ପରସ୍ପର ସହିତ ସ୍ନେହପ୍ରୀତି ବଢିବ।

ଏହିପରି ଭାବରେ ସମସ୍ତେ ଏକ ଭାବଧାରା ଏକ ବିଚାରରେ କାମ କରିଛନ୍ତି। ସମସ୍ତେ କ୍ଷୁଦ୍ର ସ୍ୱାର୍ଥ ଛାଡ଼ି ସାମାଜିକ ଦାୟିତ୍ୱକୁ ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ ବୋଲି ଗ୍ରହଣ କରିଛନ୍ତି। ଫଳରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭାତୃଭାବ ପ୍ରତିଷ୍ଠା ହୋଇ ଶାନ୍ତି ଓ ଅହିଂସାର ସୁସ୍ଥ ସମାଜ ଗଢି ଉଠିଛି। ସମସ୍ତେ ଏକ ଉଦ୍ଦେଶ୍ୟରେ ଏକ ଭାବଧାରାରେ ଚାଲି କାମ କଲାବେଳକୁ ଚିହ୍ନା ଅଚିହ୍ନାର ମଣିଷ ନଭାବି ପ୍ରତିଜ୍ଞାବଦ୍ଧ ହୋଇ ଏକାଠି ମିଶି କାର୍ଯ୍ୟ କରିଛନ୍ତି ଓ ସମସ୍ତଙ୍କ ଅନ୍ତରରେ ସ୍ନେହ, ପ୍ରୀତି ଓ ସହଯୋଗ ମନୋଭାବ ଦ୍ୱାରା ଉପନ୍ୟାସରେ ମାନବିକତା ପ୍ରତିଷ୍ଠା ହୋଇପାରିଛି।

ସହାୟକ ଗ୍ରନ୍ଥସୂଚୀ :

୧. କର ବାଉରୀ ବଂଧୁ, ଗୋପୀନାଥ ମହାନ୍ତି, ଦିଲ୍ଲୀ, ସାହିତ୍ୟ ଅକାଦେମୀ, ୨୦୦୫, ପୃ-୨।

୨. ମହାନ୍ତି ଗୋପିନାଥ, ଶିବଭାଇ, ବିନୋଦବିହାରୀ, କଟକ, ଗ୍ରନ୍ଥମନ୍ଦିର,୧୯୫୫, ପୃ-୩ ।

୩. ମହାନ୍ତି ଗୋପିନାଥ, ଶିବଭାଇ, ବିନୋଦବିହାରୀ, କଟକ, ଗ୍ରନ୍ଥମନ୍ଦିର,୧୯୫୫,, ପୃଷ୍ଠା- ୩ ।

●

BAGEESHA
ବାଗୀଶ
ପ୍ରଥମ ବର୍ଷ, ସଂଖ୍ୟା - ୦୬ | ନଭେମ୍ବର - ଡିସେମ୍ବର ୨୦୨୩
Volume No. 01 | Issue No. 06 | Nov-Dec 2023
Refereed Peer-Reviewed Jornal

# ଓଡ଼ିଆ ଲୋକଗୀତର ସାମାଜିକ ଆବେଦନ

OPEN ACCESS
https://bageesha.in

■ ଡ. ଜ୍ୟୋସ୍ନା ରାଣୀ କର
ସହକାରୀ ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ମଡ଼େଲ ଡ଼ିଗ୍ରୀ ମହାବିଦ୍ୟାଳୟ, ନୟାଗଡ଼
DOI : https://orcid.org/0009-0000-2040-9573

Article Received : 13.09.2023 | Accepted : 12.12.2023 | Published : 01.01.2024

**ସାରାଂଶ**

ଲୋକଜୀବନର ଚିନ୍ତା, ଚେତନା ଚଳଣି, ଗୋଷ୍ଠୀ-ସ୍ୱର ତଥା ସଂସ୍କୃତିର ନିଛକ ଛନ୍ଦ ହେଉଛି ଲୋକଗୀତ। ଝିଅବିଦାର କରୁଣ ରାଗିଣୀ ଠାରୁ ଆରମ୍ଭ କରି ଜହ୍ନିଓଷା ଓ ଦୋଳିଗୀତର ଉଲ୍ଲସିତ ପଦରେ ଲୋକଗୀତ ସମୃଦ୍ଧ। ଗରିବ କୃଷକ ପ୍ରାଣ ଫସଲ ଆମଦାନୀକୁ ଧ୍ୟେୟ କରି ହେଉ କିମ୍ବା କାର୍ତ୍ତିକ ପୂର୍ଣ୍ଣିମାରେ ଡ଼ଙ୍ଗା ଭସେଇ ଅତୀତର ନୌବାଣିଜ୍ୟ ଗାଥାକୁ ରୋମନ୍ଥନ କରିବା ହେଉ, ସବୁଠାରେ ଲୋକଗୀତର ଛାପ ଅଦ୍ୱିତୀୟ। ସେହି ସାଧାରଣ ଜୀବନର ବେଦନାର ବେଦ, ଓଡ଼ିଆ ମାଟିର ଅନୁଭୂତି ଓ ଜୀବନଚର୍ଯ୍ୟାର ଅନ୍ତର୍ନିହିତ ଛନ୍ଦ ଲୋକଗୀତକୁ ଆହୁରି ସରଳ ଭାବେ ବୁଝିବା ଏହି ଆଲେଖ୍ୟରେ।

ଲୋକଗୀତ ଅଲିଖିତ ବା ମୌଖିକ ସାହିତ୍ୟର ଯଥାର୍ଥ ରୂପରେଖା। ଲୋକତୁଣ୍ଡରେ ବଚନ ମାଧ୍ୟମରେ ପ୍ରସାରିତ ହୋଇ ଏହା ପ୍ରସସ୍ତ ହୋଇଥାଏ। .ଗୋଷ୍ଠୀ ଜୀବନର ମାର୍ମିକ ଆଲେଖ୍ୟ ରୂପ ଲାଭ କରିଥାଏ ଏହି ସାହିତ୍ୟରେ। ଗୋଟିଏ ଜାତିର ଐତିହ୍ୟ ଓ ସଂସ୍କୃତିର ପରିସ୍ଫୁଟନ ଘଟିଥାଏ ଲୋକସାହିତ୍ୟରେ। ସ୍ୱଚ୍ଛନ୍ଦତା ଓ ସାବଲୀଳ ରୀତିରେ ସମସ୍ତଙ୍କର ହୃଦୟକୁ ଜୟ କରିବାର କମନୀୟ କୌଶଳରେ ଏହି ସାହିତ୍ୟ ପାଠକକୁ ବାନ୍ଧିରଖେ। ପଲ୍ଲୀ ଜୀବନର ନିଛକ କାରୁକଳା ଜୀବନ୍ତ ରୂପ ଲାଭ କରିଥାଏ ଏହି ସାହିତ୍ୟରେ।

ଲୋକସାହିତ୍ୟର ସମସ୍ତ ବିଭାଗ ମଧ୍ୟରୁ ଲୋକଗୀତ ସବୁଠାରୁ ଜନପ୍ରିୟ ତଥା ଆମୋଦପ୍ରଦ ଧାରାଟିଏ। ମଣିଷର ଭାବପ୍ରକାଶର ଆଦ୍ୟ ମାଧ୍ୟମ ଥିଲା ପଦ୍ୟ ବା ଗୀତ। କେଉଁ ଆଦିମ କାଳରୁ ମଣିଷ ମନରେ ଉତ୍ପନ୍ନ ହେଉଥିବା ଅସଂଖ୍ୟ ଭାବରାଜିକୁ ସେ ଗୀତ ମାଧ୍ୟମରେ ପରିପ୍ରକାଶ କରୁଥିଲା। 'ଲୋକ' କହିଲେ କେବଳ ପଲ୍ଲୀର ଅଶିକ୍ଷିତ ଗାଉଁଲି ଲୋକକୁ ବୁଝାଏ ନାହିଁ, ଅହମିକା ଶୂନ୍ୟ ସରଳ ହୃଦୟର ବ୍ୟକ୍ତିଙ୍କୁ ମଧ୍ୟ ବୁଝାଇଥାଏ ସେ ସହରର କିମ୍ବା ଗ୍ରାମର ହୋଇଥାନ୍ତୁ। "ଲୋକଗୀତ କହିଲେ ପଲ୍ଲୀ ଓ ନଗରର ଶିକ୍ଷିତ, ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଜନସାଧାରଣଙ୍କଦ୍ୱାରା ବିଭିନ୍ନ ପର୍ବପର୍ବାଣି, ଓଷାବ୍ରତ, ବିବାହ, ବ୍ରତଘରରେ ଯାହା ଗାନ କରାଯାଏ ଓ କଥା ପ୍ରସଙ୍ଗରେ ଉଦାହରଣ ଦେବା ନିମନ୍ତେ ଯେଉଁ ଲୋକୋକ୍ତି ପ୍ରୟୋଗ କରାଯାଇଥାଏ,ଏହି ସବୁ ଗୀତକୁ ହିଁ ଲୋକଗୀତ କୁହାଯାଏ ।" (୧)

ଲୋକଗୀତର ରଚୟିତା କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମାରେଖା ମଧ୍ୟରେ ଆବଦ୍ଧ ନୁହନ୍ତି। କୌଣସି ନିର୍ଦ୍ଦିଷ୍ଟ କାଳଖଣ୍ଡ ପାଇଁ ଏହା ଉଦ୍ଦିଷ୍ଟ ନୁହେଁ, ସମୟକୁ ଅତିକ୍ରମ କରି ଏହାର ଆବେଦନ ସର୍ବକାଳିକ। ଗ୍ରାମ୍ୟ ଜୀବନର ସୁଖଦୁଃଖାନୁଭୂତିର ସ୍ୱର ଝଙ୍କୃତ ହେଉଥାଏ,ଏହି ଲୋକଗୀତ ମଧ୍ୟରେ। ପାହାଡ଼ି ଝରଣାର ସାବଲୀଳ ପ୍ରବାହ ପରି ଏହାର ଗତି ଅବାଧ ଓ ଛଳଛଳ ମାଧୁର୍ଯ୍ୟ ପରିପୂର୍ଣ୍ଣ। ଏହାର ଆଡ଼ମ୍ବରବିହୀନ ଶୈଳୀରୂପ ତଥା ସରଳ ସୌକୁମାର୍ଯ୍ୟପୂର୍ଣ୍ଣ ଭାଷା ଏହାକୁ ସମସ୍ତଙ୍କର ନିକଟତର କରାଇଥାଏ। "ଲୋକଗୀତ ଜୀବନରସର ପ୍ରାଚୁର୍ଯ୍ୟରେ ଭରପୂର। ଲୋକ ସାଧାରଣତଃ କଳ୍ପନାବିଳାସୀ ନୁହଁନ୍ତି। ବାସ୍ତବତାର ପୂଜାରୀ, ସେମାନେ ଆମରଣ ବାସ୍ତବ ଜୀବନର ସଂଘର୍ଷରେ ଆସନ୍ତି, କଳ୍ପନାବିଳାସରେ ଜୀବନ ବିତାଇବାକୁ ଅବସର କାହିଁ? ବହୁ ଗୀତ ଏଇ ସଂଘର୍ଷର ପ୍ରତୀକ ରୂପେ ସୃଷ୍ଟି ହୋଇଅଛି ।" (୨)

ଲୋକ ଜୀବନର ଜୀବନବେଦ ଲୋକଗୀତରେ ଜୀବନାନୁଭୂତିର ବିପୁଳ ସ୍ୱାକ୍ଷର ଅଙ୍କିତ। ପାରିବାରିକ ଚଳଣି, ଗୋଷ୍ଠୀବଦ୍ଧଚେତନା, ଲୋକ ସମାଜର ସାର୍ବିକ ପରିପ୍ରକାଶ ଏଇ ଲୋକଗୀତ। ଲୋକ ଜୀବନର ରସ-ପ୍ରାଚୁର୍ଯ୍ୟରେ ଏହା ମହନୀୟ। ଲୋକସଂଗୀତ ମୌଖିକ ଗୀତ, ଏହାର କୌଣସି ନିର୍ଦ୍ଦିଷ୍ଟ ରଚୟିତା ନାହାଁନ୍ତି। ଅନ୍ତରର ବ୍ୟଥାକୁ, ସୁଖକୁ ପରିପ୍ରକାଶ କରିବା ପାଇଁ ଲୋକଗୀତର ସୃଷ୍ଟି। ଓଡ଼ିଆ ଜୀବନ ଓ ଓଡ଼ିଆ ଚଳଣି ଓଡ଼ିଆର ସାମାଜିକ ଗତିଭଙ୍ଗୀ ଇତ୍ୟାଦିର ସୁବିସ୍ତୃତ ପଟ୍ଟଭୂମି ହେଉଛି ଲୋକଗୀତ। ଏଥିରେ ସ୍ଥାନ

ପାଇଛି ଓଡ଼ିଆ ଜୀବନର ପ୍ରତ୍ୟେକଟି କୋଣ ଅନୁକୋଣର ଛବି। ଓଡ଼ିଆର ବିବାହ, ଆଚାର ବିଚାର, କୃଷି, ଐତିହ୍ୟ, କଳା ସ୍ଥାପତ୍ୟ ସବୁକିଛି ଲୋକଗୀତରେ ମୂର୍ତ୍ତିମନ୍ତ। ଲୋକଗୀତ ଭଳି ଏକ ପ୍ରଭାବଶାଳୀ ବିଭାଗଠାରୁ ଅନ୍ୟ କୌଣସି ବିଭାଗ ଏତେ ସମର୍ଥ ହୋଇନପାରେ।

ଲୋକଗୀତରେ ବ୍ୟକ୍ତିଗତ ଚିନ୍ତାଚେତନାର ଉର୍ଦ୍ଧ୍ୱରେ ସାମୂହିକ ଜନମାନସର ସ୍ୱର, ଭାବନା ପ୍ରତିଫଳିତ ହୋଇଥାଏ। ଏଥିରେ ସାଂଗୀତିକତାର ମାଧୁର୍ଯ୍ୟ ଅନୁରଣିତ ହୋଇଥାଏ। ସରଳ ବିଷୟବସ୍ତୁର ସଂଯୋଜନା ଏଥିରେ ଅପୂର୍ବ ଛନ୍ଦ ମାଧୁର୍ଯ୍ୟ ସୃଷ୍ଟି କରେ। ଏହା କେବେ ପୁରାତନ କିମ୍ବା ନୂତନ ନୁହେଁ। ଏଥିରେ ପ୍ରତି ସମୟରେ ନୂତନତାର ଉନ୍ମେଷ ଦେଖା ଦେଇଥାଏ। ନୂତନ ସମ୍ଭାରରେ ଏହା ସର୍ବଦା ଜନମାନସକୁ ଭାବାଭିଭୂତ କରିଥାଏ। "A folk song is neither new nor old. It is like a forest tree with its roots deeply buried in the past but which continually puts forth new branches, new leaves new fruits." [୩]

ସମାଜର ପରିଚାଳନାରେ ନାରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବିବାହ ନାରୀ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଝିଅଟିଏ ବାପଘର ଛାଡ଼ି ଶାଶୁ ଘରକୁ ଗଲାବେଳେ ତାର ଅନ୍ତର ଅଜଣା ଭୟରେ ଥରି ଉଠେ। ତା'ର ଛାତି ଗଭୀର ଦୁଃଖ ଓ ବେଦନାରେ ପରିପୂର୍ଣ୍ଣ ହୋଇଯାଏ। ଲୋକଗୀତ ନାରୀ ଜୀବନର ଅନେକ ଅକୁହା ବେଦନାର ଗନ୍ତାଘର। ତା'ର କୋହପୂର୍ଣ୍ଣ ଅଶ୍ରୁଧାରା ସିକ୍ତ କରିଛି କାନ୍ଦଣା ଗୀତର ପ୍ରତି ପଦକୁ। ତାର କାରୁଣ୍ୟ ରାଗିଣୀର ସ୍ୱର ଶ୍ରୋତାଙ୍କୁ ବିଭୋର କରିଦିଏ। ଗେଲବସରରେ ଲାଳିତ ପାଳିତ ହୋଇଥିବା ଝିଅଟି ନିଜ ଆତ୍ମୀୟ ସ୍ୱଜନଙ୍କୁ ପରିତ୍ୟାଗ କରି ଅଜଣା ଘରକୁ ଗଲାବେଳେ ସ୍ୱତଃ ତା'ର ଅନ୍ତର ବେଦନା ଗୀତର ରୂପ ନେଇଥାଏ। ଏହି କାନ୍ଦଣାରେ ନିଜେ ବିତେଇଥିବା ବାଲ୍ୟକାଳ, ଭବିଷ୍ୟତରେ ନିଜ ଉପରେ ହେବାକୁଥିବା ବିଭିନ୍ନ ସମ୍ଭାବ୍ୟ ଅତ୍ୟାଚାରକୁ ସ୍ମରଣ କରି ବେଦନା ଜଣାଇଥାଏ। ଲୋକରତ୍ନ ଡକ୍ଟର କୁଞ୍ଜ ବିହାରୀ ଦାଶଙ୍କ ଭାଷାରେ "ଗାଉଁଲି ନାରୀକବିମାନଙ୍କର କୋମଳ ଅନ୍ତରରୁ ଅଶ୍ରୁବିନ୍ଦୁ ସଂଗେ ଯେଉଁ ମୁକ୍ତାମାନ ଝରିପଡ଼ିଥାଏ, ସେଇ ହେଉଛି କାନ୍ଦଣା ଗୀତ।"[୪] ଏଥିରେ ଆଶୁ କବିତ୍ୱ ପ୍ରତିଫଳିତ ହୋଇଥାଏ। ତେଣୁ ଝିଅଟିଏ ଯେତେବେଳେ ନିଜ ବାପା ମା'ଙ୍କୁ ଛାଡ଼ି ଶାଶୁ ଘର ଯାଉଥାଏ, ସେହି ଦୁଃଖଭରା ମୁହୂର୍ତ୍ତରେ ନିଜର ମନର କଥାକୁ ତା'ର ଜନ୍ମଦାତ୍ରୀଙ୍କୁ ଜଣାଇ କହେ : "କଳାମେଘ ବୋଲି ମୁଁ ଚାହେଁନାହିଁ ଲୋ ବୋଉ, / କଳାହାଣ୍ଡି ବୋଲି ମୁଁ ଧୁଏନାହିଁ ଲୋ ବୋଉ ।/ ମୀନ ଖେଳୁଥାଏ ଜଳ ଭିତରେ, ଲୋ ବୋଉ,/ ମୁହିଁ ଖେଳୁଥାଏ ତୋର କୋଳରେ, ଲୋ ବୋଉ।"

ଏହିପରି ଗାଁର ସାଙ୍ଗସାଥି,ନୂଆବୋଉ, ଭାଇ ଇତ୍ୟାଦିଙ୍କ ନିକଟରେ ନିଜ ମନ କଥା କାନ୍ଦ ମାଧ୍ୟମରେ ଜଣାଇଥାଏ। ସେମାନଙ୍କ ସହ ବିତାଇଥିବା ସମୟ, ମଧୁମୟ ଦିନଗୁଡ଼ିକୁ ମନେପକେଇ ଝିଅଟି ଭାବ ବିହ୍ୱଳ ହୋଇପଡ଼େ। ଝିଅଟି ତା'ର ଭାଉଜଙ୍କୁ ସମ୍ବୋଧନ କରି କାନ୍ଦି କହିଥାଏ : "ଚକୁଳି ପିଠା ତ ଅଣଲେଉଟା, ହେ ନୂଆବୋଉ, / ଆଉ କି ଦେଖିବି ଜନମ କୋଠା, ହେ ନୂଆବୋଉ ।"

ଓଡ଼ିଆ ଘରେ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବମାନଙ୍କରେ ବହୁ ପ୍ରକାରର ଖାଦ୍ୟ ତିଆରି ହୋଇଥାଏ। ଜହ୍ନିଓଷା ଓ ରଜପର୍ବ ଉତ୍କଳୀୟ କୁମାରୀ କନ୍ୟା ତଥା ନବ ବଧୂମାନଙ୍କର ବିଶେଷ ପର୍ବ। କାର୍ତ୍ତିକେୟଙ୍କ ପରି ସୁନ୍ଦର ବର ଲାଭ ଆଶାରେ କୁମାରୀ କନ୍ୟାଗଣ ଜହ୍ନିଓଷା କରିଥାନ୍ତି। ରଜପର୍ବରେ କିଶୋରୀ ଓ ନବବଧୂମାନେ ପୋଡ଼ପିଠା ସମେତ ଅନ୍ୟାନ୍ୟ ପିଠାମିଠା ଖାଇ ନୂତନ ବସ୍ତ୍ର ପରିଧାନ କରି ଏହି ସାଂସ୍କୃତିକ ପର୍ବକୁ ପାଳିଥାନ୍ତି। 'ଦୋଳିଗୀତ'ରେ ତରୁଣୀମାନେ ଓଡ଼ିଆମାନଙ୍କର ଚିରପରିଚିତ ଖାଦ୍ୟର ସୂଚନା ଦେଇ କହିଥାନ୍ତି : "ମଦରଙ୍ଗା ଶାଗ ରାଇ / ପଖାଳ ଭାତକୁ ଚିଲିକା ଶୁଖୁଆ / ମାଣିକ ପାଟଣା ଦହି।"

ଓଡ଼ିଆ କୃଷକମାନେ କୃଷିକାର୍ଯ୍ୟ ସମୟରେ ନିଜର ଶ୍ରମ ଲାଘବ କରିବା ପାଇଁ ବିଭିନ୍ନ ପୁରାଣ କଥାମାନ ଉଦ୍ଧାର କରି ଗୀତସ୍ୱରରେ ଗାନ କରିଥାନ୍ତି। ପଲ୍ଲୀଜୀବନ ମୁଖ୍ୟତଃ କୃଷିକୈନ୍ଦ୍ରିକ। କୃଷି କାର୍ଯ୍ୟ ଭଲ ହେଲେ, ଜମିରେ ଭଲ ଫସଲ ହେଲେ କୃଷକର ମନ ଅତ୍ୟନ୍ତ ପ୍ରଫୁଲ୍ଲିତ ହୋଇଯାଏ। ତେଣୁ ସେ ଜାଣିଥିବା ପୌରାଣିକ ଆଖ୍ୟାନଗୁଡ଼ିକୁ ମନେପକାଇ ଲୋକଗୀତ ଗାଇଥାଏ : "ରାମର ଭାରିଜା ନୀଳାବତୀ ରାଣୀ/ ଲାଉ କଳସୀରେ ବୋହୁଥିଲେ ପାଣି/ଅର୍ଘ୍ୟ ବନ୍ଦାଇଲେ ଯଶୋଦା /ଗଙ୍ଗାରୁ ନୀର ଆଣି ହୋ ।"

ନୌବାଣିଜ୍ୟ କ୍ଷେତ୍ରରେ ଏକଦା ଓଡ଼ିଆ ପୁଅ ସମଗ୍ର ଭାରତ ବର୍ଷରେ ଶୀର୍ଷସ୍ଥାନ ଅଧିକାର କରିଥିବା ବିଷୟ ଇତିହାସ ସ୍ୱୀକୃତ। ତାର ସ୍ମୃତିଚାରଣ ଉଦ୍ଦେଶ୍ୟରେ ବର୍ତ୍ତମାନ ସୁଦ୍ଧା କାର୍ତ୍ତିକ ପୂର୍ଣ୍ଣିମା ଦିନ ଆମେ ଡଙ୍ଗାଭସାଇ ଉତ୍ସବ ପାଳନ କରୁଛୁ। ଏହି ଡଙ୍ଗା ଭସାଇବା ସମୟରେ ସମ୍ମିଳିତ ସ୍ୱରରେ ଝଙ୍କୃତ ହୋଇଥାଏ : "ଆ କା ମା ବୈ / ପାନ ଗୁଆ ଥୋଇ/ ପାନଗୁଆଯାକ ତୋର/ମାସକ ଧରମ ମୋର ।"

ଓଡ଼ିଆ ଲୋକଗୀତରେ ଓଡ଼ିଆମାନଙ୍କ ଦ୍ୱାରା ବ୍ୟବହୃତ ବେଶଭୂଷା ଓ ଅଳଙ୍କାରର ସୂଚନା ପ୍ରଦତ୍ତ। 'ଲୋକଗୀତ 'ରେ ଉଭୟ ଅଭିଜାତ ଗୋଷ୍ଠୀ ଓ ନିମ୍ନବର୍ଗଙ୍କ ଦ୍ୱାରା ବ୍ୟବହୃତ ଅଳଙ୍କାରର ସୂଚନା ଦିଆଯାଇଛି। ନାରୀମାନେ କେଶ ପ୍ରସାଧନ ଉପରେ ବିଶେଷ ଗୁରୁତ୍ୱ ଦେଇଥାନ୍ତି। କଳା, ସଂସ୍କୃତି ଓ ଧର୍ମକ୍ଷେତ୍ରରେ ଓଡ଼ିଶା ତଥା ଭାରତ ସମସ୍ତଙ୍କର ଆଦର୍ଶ ସ୍ଥାନୀୟ ହୋଇଆସିଛି। ଓଡ଼ିଆ ଘରେ ବହୁ ଓଷାବ୍ରତ ପାଳିତ ହେଉଥିବାରୁ କୌଣସି ଗୀତ ବା ନୃତ୍ୟ ଆରମ୍ଭ ପୂର୍ବରୁ କଳାପ୍ରିୟ ଓଡ଼ିଆ ଜାତି ପ୍ରଥମେ ତାର ଆରାଧ୍ୟ ଦେବାଦେବୀଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିସାରିବା ପରେ ତାର କାର୍ଯ୍ୟ ପ୍ରାରମ୍ଭ କରିଥାଏ। "ଗାଁ ଗୋହିରିରେ ବେତ/ ମା ମଙ୍ଗଳାକୁ ମୋ ଦଣ୍ଡବତ /ଅନୁକୂଳ ହେଲା ଗୀତ ।"

ଲୋକସାହିତ୍ୟ ସ୍ରଷ୍ଟା କେବଳ ବାସ୍ତବବାଦୀ ନୁହେଁ; କଳ୍ପନାର ଇନ୍ଦ୍ରଜାଲରେ ପାଠକର ହୃଦୟକୁ ରସାପ୍ଳୁତ କରିଦିଏ। ତା'ର ପ୍ରେମ କୃତ୍ରିମତାହୀନ। ତା' ମନରେ ଯେଉଁ ପ୍ରେମ ଭାବନା ସୃଷ୍ଟି ହୁଏ, ତାକୁ ସେ କବିତାରେ ପରିପ୍ରକାଶ କରେ। ନାଉରିଆଟିଏ ଓଦାଲୁଗା ପିନ୍ଧି ଚାଲୁଥିବା ତରୁଣୀଟିକୁ ଦେଖି ଗାଇଉଠିଛି : "କଦଳୀ ପତର ବାଆକୁ ଫରଫର /ଓଦାଲୁଗା ପିନ୍ଧି ଗୋରୀ ବାହାର/ ହଳଦୀ ଜରଜର ହୋ ।"

ବୀରଜାତି ଓଡ଼ିଆ ନିଜର ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିବା ନିମନ୍ତେ ଅନେକ ପାରମ୍ପରିକ କୌଶଳକୁ ଆୟତ୍ତ କରିଛି। ଏଥିରେ ସାମରିକ ପଦ୍ଧତି, ଅସ୍ତ୍ର ଚାଳନା ରୀତି, ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ରର ନାମ ଏବଂ ସେଗୁଡ଼ିକର ଚାଳନା କୌଶଳ ସମ୍ବନ୍ଧରେ ଦର୍ଶାଯାଇଥାଏ। ଓଡ଼ିଆ ଜାତି ଥିଲା ଯୁଦ୍ଧ କୁଶଳୀ, ତାର ସମର କୌଶଳ ଅନେକ କ୍ଷେତ୍ରରେ ବିଜୟ ଆଣୁଥିଲା। ଓଡ଼ିଆ ପୁଅ ଦିନେ ଜୟ କରିଥିଲା ଆଗଙ୍ଗା ଗୋଦାବରୀ। ସେଇ ଓଡ଼ିଆ ଜାତିର ବୀରତ୍ୱ ବିମଣ୍ଡିତ ସମର ଦକ୍ଷତା ଓଡ଼ିଆ ଲୋକଗୀତର ପରିସର ମଣ୍ଡନ କରିଛି। ପୁଚିଖେଳ କୁମାରୀମାନଙ୍କର ଅନ୍ୟ ଏକ ଖୁସିର ଅନୁଭବ। ସାଧାରଣତଃ ଦୁଇ ପ୍ରକାରର ପୁଚି ଖେଳ ରହିଥାଏ। ଠିଆ ପୁଚି ଓ ବସା ପୁଚି। ଏହା ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା। ଜଣେ ଅନ୍ୟ ଜଣକୁ ହରାଇବା ପାଇଁ ଚେଷ୍ଟିତ ଥାଆନ୍ତି। ଜଣେ କିଶୋରୀ ଅନ୍ୟ ଜଣକୁ କହିଥାଏ : "କଳା ବାଇଗଣ ଧଳା ବାଇଗଣ/ କାଟିଦେଲି ଗଉଣିଏ,/ ମୋ ସାଙ୍ଗେ ଯେ ପୁଚି ଖେଳିବ/ ମାରିଦେବି କହୁଣୀଏ ।"

ଲଉଡ଼ି ଖେଳରେ ଗୋପାଳ ଜାତିର ବିଶେଷତ୍ୱ, ବାଡ଼ି ଚାଳନା ବିଷୟରେ ସବିଶେଷ ବିବରଣୀ ପ୍ରାପ୍ତ ହୋଇଥାଏ। ସେହିପରି ଯୋଗୀ ଗୀତରେ କେନ୍ଦରା ବଜାଇ ନାନା ପ୍ରକାରର ପୌରାଣିକ ଉପାଖ୍ୟାନ ବୋଲି ଭିକ୍ଷା ବୃତ୍ତି କରିଥାନ୍ତି। ଓଡ଼ିଶାର ବ୍ୟକ୍ତି ଜୀବନଠାରୁ ଜାତୀୟ ଜୀବନ ସହ ଯଦି କୌଣସି ଦେବତା ଆତ୍ମୀୟ ଭାବେ ଜଡ଼ିତ, ତେବେ ସେ ହେଉଛନ୍ତି ଆମର ପ୍ରାଣପ୍ରିୟ ଦେବତା ଶ୍ରୀ ଜଗନ୍ନାଥ। ଅତି ଆନନ୍ଦର ସହ ପ୍ରତି ଓଡ଼ିଆ ଜଗନ୍ନାଥଙ୍କର ସବୁ ପର୍ବପର୍ବାଣି ପାଳନ କରେ। ନୂତନ କର୍ମାରମ୍ଭରେ ସେ ତାର ପ୍ରିୟ ଦେବତାଙ୍କୁ ସ୍ମରଣ କରେ। ଲୋକକବିଙ୍କ ଲେଖନୀରେ : "ଧାଇଁ ଧପଡ଼ି ମୁଁ ତ ମୃଦଙ୍ଗେ ଦେଲି ହାତ,/ ପ୍ରଥମେ ବନ୍ଦିଲି ମୁଁ ଓଡ଼ିଶା ଜଗନ୍ନାଥ।"

ଓଡ଼ିଆ ଲୋକଗୀତ ହେଉଛି ସମାଜ ଓ ସମୟର ଅପ୍ରତିହତ ପ୍ରତିଛବି। ଏଥିରେ ଯେପରି ସମାଜର ବହୁବିଧ ଚିତ୍ର ପରିଦୃଷ୍ଟ, ସେହିପରି ଭାବରେ ସମୟର ପଦଧ୍ୱନି ଅନୁରଣିତ। କଳାପାହାଡ଼ର ଓଡ଼ିଶା ଆକ୍ରମଣ, ବହୁ ଦେବାଦେବୀ ମନ୍ଦିର ଧ୍ୱଂସସାଧନର ଘଟଣା ଓଡ଼ିଆ ଲୋକଗୀତରେ ସ୍ଥାନ ପାଇଛି। "ଲୋକଗୀତ ପୁଣି ଜୀବନର ଅସ୍ତ୍ୟର୍ଥକ ବିଶ୍ୱାସ ଓ କଳ୍ପନାର ରୂପ। ଏହା ବୈରାଗ୍ୟର ସଂଗୀତ ନୁହେଁ, ଆସକ୍ତ ସଂସାରୀର। ଦୁଃଖ ଅଛି ଦୈନ୍ୟ ଅଛି, ବ୍ୟଥା ବେଦନାର ଅନୁଭବ ସେ ଗୀତର ଭାବପଞ୍ଜର ନିର୍ମାଣ କରିଥାଏ ।"

ଇତିହାସ ଓ କିମ୍ବଦନ୍ତୀ ଆଧାରିତ ବହୁ ଅଧ୍ୟୟନର ସ୍ମୃତି ଫର୍ଦ୍ଦକୁ ସାଇତି ରଖିଛି ଲୋକଗୀତ। ଓଡ଼ିଆ ଲୋକଗୀତର ବ୍ୟାପକ ପରିସର ମଧ୍ୟରେ ଓଡ଼ିଶାର ଲୋକସଂସ୍କୃତିକୁ ପ୍ରତିଟି ସ୍ତରରେ ଅନୁସନ୍ଧାନ କରାଯାଇପାରେ। ଓଡ଼ିଆର ବ୍ୟକ୍ତି ଜୀବନ, ପାରିବାରିକ, ସାମାଜିକ ଓ ଜାତୀୟ ଜୀବନର ଅନ୍ତଃସ୍ୱର ଓଡ଼ିଆ ଲୋକଗୀତରେ ପ୍ରତିଫଳିତ। ଆଧୁନିକ ସାହିତ୍ୟଠାରୁ ଏହା କୌଣସି ଗୁଣରେ କମ ନୁହେଁ। ମନୁଷ୍ୟର ସମସ୍ତ ଅନୁଭୂତିର ନିଚ୍ଛକ ଚିତ୍ର ଏଥିରେ ଉତ୍କୀର୍ଣ୍ଣ। ଏହା ଓଡ଼ିଆ ସଂସ୍କୃତିର ଗୀତିମୟ ପରିପ୍ରକାଶ, ଏଥିରେ ପ୍ରତିଧ୍ୱନିତ ଓଡ଼ିଆ ପ୍ରାଣମୟ ସତ୍ତା, ବିଶୁଦ୍ଧ ଜୀବନଚର୍ଯ୍ୟା ପାଇଁ ଏଥିରେ ସମସ୍ତ ଉପାଦାନ ସଂରକ୍ଷିତ ହୋଇରହିଛି। ଲୋକସାହିତ୍ୟର ଆବେଦନ ସାର୍ବକାଳିକ,ଏହାର ଅନ୍ତର୍ନିହିତ ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ।


ସହାୟକ ଗ୍ରନ୍ଥସୂଚୀ :

୧) ସାହୁ, ନାରାୟଣ, ଲୋକ ସଂସ୍କୃତି -ଲୋକ ସାହିତ୍ୟ, ପୃ. ୬୨, ଚିନ୍ମୟ ପ୍ରକାଶନ, ବିନୋଦ ବିହାରୀ, କଟକ -୨

୨) ଦାଶ, କୁଞ୍ଜ ବିହାରୀ, ଓଡ଼ିଆ ଲୋକ ଲୋକଗୀତ ଓ କାହାଣୀ, ପୃ -୧୧, ୧ମ ସଂସ୍କରଣ, ୧୯୫୮, ଓଡ଼ିଆ ଗବେଷଣା ପରିଷଦ, ବିଶ୍ୱଭାରତୀ, ଶାନ୍ତିନିକେତନ

୩) Williams, R.V, Folk song, Encyclopaedia Britanica, Page - 448, 14th Edn,1932

୪ ) ଦାଶ, କୁଞ୍ଜ ବିହାରୀ, ଓଡ଼ିଆ ଲୋକ ଲୋକଗୀତ ଓ କାହାଣୀ, ପୃ - ୭୭, ୧ମ ସଂସ୍କରଣ, ୧୯୫୮, ଓଡ଼ିଆ ଗବେଷଣା ପରିଷଦ, ବିଶ୍ୱଭାରତୀ, ଶାନ୍ତିନିକେତନ

୫ ) ସାହୁ, ଡ଼କ୍ଟର ଆଦିକନ୍ଦ, କଳଗୌରବ, ପୃ ୨୩୯-୨୪୦


●

ALOCHANA
ସମାଲୋଚନା
ନୂଆ ଫର୍ଦ୍ଦ

ପ୍ରଥମ ବର୍ଷ, ସଂଖ୍ୟା - ୦୬ | ନଭେମ୍ବର - ଡିସେମ୍ବର ୨୦୨୩
Volume No. 01 | Issue No. 06 | Nov-Dec 2023

Refereed Peer-Reviewed Jornal

BAGEESHA
ବାଗୀଶ
https://bageesha.in
OPEN ACCESS

# ଗ୍ରାଫିକ୍ କଥା ରଚନା ବନାମ ବସ୍ତୁନିଷ୍ଠ ସହସମ୍ବନ୍ଧ ବନାମ ଆତ୍ୟନ୍ତିକ ବାସ୍ତବତା ବନାମ ଚଳମାନତା ବନାମ 'ସ୍ଥାବର ଜଙ୍ଗମ'

■ ଡ. ରବୀନ୍ଦ୍ର କୁମାର ଦାସ
ସହଯୋଗୀ ପ୍ରଫେସର୍, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ, ଶାନ୍ତିନିକେତନ

“

ସ୍ଥାବର ଏବଂ ଜଙ୍ଗମ ବନାମ 'ସ୍ଥାବରଜଙ୍ଗମ': ସ୍ଥାବର(static) ଏବଂ ଅସ୍ଥାବର (dynamic) ଆୟାମ ଦ୍ୱୟର "spirit's progressive self-expression in life" (ଶ୍ରୀ ଅରବିନ୍ଦ) ବା "ଜୀବନରେ ଚେତନାର ପ୍ରଗତିଶୀଳ ଆତ୍ମ-ଅଭିବ୍ୟକ୍ତି" ହେଉଛି 'ସ୍ଥାବରଜଙ୍ଗମ' ଉପନ୍ୟାସର କେନ୍ଦ୍ରୀୟ ଆଭିପ୍ରାୟିକତା। ଏଥିରେ ପୃଥିବୀର ବାୟୁମଣ୍ଡଳ, ଶିଳାମଣ୍ଡଳ, ଜୈବମଣ୍ଡଳ ଏବଂ ଜଳମଣ୍ଡଳର ବିଭିନ୍ନ ଉପାଦାନ ଚରିତ୍ର ଭାବେ ଉଭା ହେଇଛନ୍ତି। ଉପନ୍ୟାସର ଆରମ୍ଭରୁ ଶେଷ ଯାଏ ଚଳମାନତା ଏବଂ ସ୍ଥିରତାକୁ ନେଇ କଥାବସ୍ତୁ ଗତିଶୀଳ। କଥକ ମଧ୍ୟ ଏ କଥା ନିଜେ ସ୍ୱୀକାର କରିଛନ୍ତି।

”

ଆରମ୍ଭ: ଏହି ପ୍ରବନ୍ଧଟି କଥାକାର କଇଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ' ଉପନ୍ୟାସ, ଯାହା ୨୦୦୭ ମସିହାରେ କାଦମ୍ବିନୀ ମିଡ଼ିଆ, ଭୁବନେଶ୍ୱର ଦ୍ୱାରା ପ୍ରକାଶ ପାଇଥିଲା ତାହାକୁ ଭିତ୍ତିକରି ପ୍ରସ୍ତୁତ। ଏହା ଏକ ଭିନ୍ନ ଧରଣର ଉପନ୍ୟାସ। କାରଣ ଏଥିରେ ଜଣେ ହେଲେ ବି ମଣିଷ ଚରିତ୍ର ନାହାଁନ୍ତି; କିନ୍ତୁ ସେମାନେ ମଣିଷ ଭଳି ଆଚରଣ କରିବା ସହିତ ମଣିଷର ଯେଭଳି ସହଜାତ ଗୁଣଧର୍ମମାନ ରହିଥାଏ, ସେସବୁକୁ ନିଜ ନିଜ ମଧ୍ୟରେ ବହନ କରି ମଣିଷ ପରି ଜୀବନ ସଂଘର୍ଷରେ ସମ୍ମୁଖୀନ ହୋଇଛନ୍ତି।

ଅର୍ଥାତ୍ ଏହି ଉପନ୍ୟାସଟି ସହିତ ପାଠକୀୟ ଅନ୍ତରଙ୍ଗତା ଅର୍ଜନ କରିବାକୁ ହେଲେ ପାଠକକୁ ଚଳନ୍ତି ଆଉ ଅଚଳନ୍ତି ଅଣମାନବୀୟ ଆୟାମ ପରିସରଭୁକ୍ତ ଚରିତ୍ରସମୂହ ମଧ୍ୟକୁ ପ୍ରବେଶ କରି ନିଜ ଭିତରସ୍ଥ ମାନବୀୟ ଆୟାମ ମଧ୍ୟକୁ ଲେଉଟି ଆସିବାକୁ ପଡ଼ିବ। ତାପରେ ଜଣେ ମଣିଷ-ପାଠକ ଜାଣି ପାରିବ ଯେ ଏ ଉପନ୍ୟାସରେ ସ୍ଥାନିତ, ଚିତ୍ରିତ ତଥା ପରିବେଷିତ ଚରିତ୍ରମାନେ ଗୋଟାପଣେ ଅଣମାନବୀୟ ହେଲେ ହେଁ ଏମାନେ ପ୍ରତ୍ୟେକେ ମାନବୀୟ ଭାବ ଏବଂ ଗୁଣଧର୍ମର ପରିବାହୀ ଅଟନ୍ତି।

**କଥନିକା-୧**

ଶବ୍ଦ ଏବଂ ଅର୍ଥର ସାହିତ୍ୟ ଯେତେବେଳେ ଭାବ ନିଷ୍ପତ୍ତି ଘଟାଏ ସେତେବେଳେ ପ୍ରଥମେ ଶବ୍ଦ; ତାପରେ ଚିତ୍ର; ତାପରେ ବସ୍ତୁକୈନ୍ଦ୍ରିକ ଅବଧାରଣା ଦେଇ ଭାବଭୂଇଁ ନିର୍ମିତ ହୁଏ। ତେବେ ଗ୍ରାଫିକ କଥା ରଚନାରେ ଉଭୟ ରେଖାଚିତ୍ର ଏବଂ ଶବ୍ଦଚିତ୍ର ଦେଇ ଏହି ଭାବ ନିଷ୍ପତ୍ତି ପ୍ରକ୍ରିୟାଟି ସଂଘଟ ହୁଏ। କଇଳାଶ ପଟ୍ଟନାୟକଙ୍କ 'ସ୍ଥାବର ଜଙ୍ଗମ'ରେ ରେଖାଚିତ୍ର ନାହିଁ; କିନ୍ତୁ ଶବ୍ଦଚିତ୍ର ମାଧ୍ୟମରେ ଆମେ ସ୍ଥାବର ଅସ୍ଥାବର ଅଣମାନବୀୟ ଚରିତ୍ରସମୂହର ଚିତ୍ରଶାଳାକୁ ପ୍ରବେଶ କରି ସତସତିକା ମାନବୀୟ ଅବବୋଧ ଏବଂ ଅନୁଭବର ସ୍ୱାଦ ଏଥିରୁ ଆସ୍ୱାଦନ କରିପାରିବା। ସେଥିପାଇଁ ଏହାକୁ ଗ୍ରାଫିକ କଥା ରଚନା ଭୂଇଁରେ ରୋପି ଆକଳନ କରାଯାଇ ପାରିବ ।

**ବିସ୍ତାରିତ ବିଶ୍ଳେଷଣ-୧**

ଗ୍ରାଫିକ୍ କଥା ରଚନା ବନାମ୍ 'ସ୍ଥାବରଜଙ୍ଗମ': 'ସ୍ଥାବରଜଙ୍ଗମ'ରୁ ପରିଚ୍ଛେଦଗୁଡ଼ିକ ହଟେଇ ଦେଇ ଯଦି ବକ୍ତବ୍ୟର ଆବଶ୍ୟକତା

ଅନୁସାରେ ରେଖାଚିତ୍ର ଟାଣିଦେଇ ସେଥିରେ କଥା, ରେଖାଚିତ୍ର, ୱର୍ଡ ବେଲୁନ୍, ପ୍ୟାନେଲ୍ସ ଆଦି ଯୋଡ଼ି ଦିଆଯାଏ, ତେବେ ତାହା ପ୍ରାରୂପଗତ ଦୃଷ୍ଟିରୁ ସଙ୍ଗେ ସଙ୍ଗେ ଏକ ସଫଳ ଗ୍ରାଫିକ କଥାରଚନାରେ ପରିଣତ ହେଇଯିବ। ଗ୍ରାଫିକ୍ କଥାରଚନାରେ ଗୋଟିଏ କେନ୍ଦ୍ରୀୟ କଥା ପ୍ରସଙ୍ଗ ସହିତ ଚରିତ୍ର ସମୂହର ବିକାଶ କ୍ରମ, ବିଷୟବସ୍ତୁ, ସଂଳାପ ଏବଂ ବର୍ଣ୍ଣନା ଆଦି ରହିଥାଏ। ସେହି ଦୃଷ୍ଟିରୁ ବିଚାର କଲେ ଏ ଉପନ୍ୟାସରେ 'ଜୀବନମୁଖୀ ହେଇ ବଞ୍ଚିବା ପାଇଁ ଚରିତ୍ରମାନେ ଯେଭଳି ସଂକଳ୍ପବଦ୍ଧ ହୋଇଛନ୍ତି' - ତାହାକୁ ଏହି କଥା ରଚନାର କେନ୍ଦ୍ରୀୟ ବକ୍ତବ୍ୟ ଭାବରେ ଗ୍ରହଣ କରିହେବ।

କଥକ ପ୍ରତିଟି ଚରିତ୍ରକୁ ଯଥୋଚିତ ବିକାଶ କ୍ରମରେ ମାତ୍ର ୭୦ ପୃଷ୍ଠାର ସଂକ୍ଷିପ୍ତ ପରିସର ମଧ୍ୟରେ ଥାପି ନିଜର ବୈୟକ୍ତିକ ସଂପୃକ୍ତି ମାଧ୍ୟମରେ ବିଷୟବସ୍ତୁକୁ ଆଗକୁ ଆଗକୁ ସାକୁଲେଇ ସାକୁଲେଇ ନେଇଛନ୍ତି। ସାକୁଲେଇ ସାକୁଲେଇ ଏଇଥି ପାଇଁ ଯେ ଏଥିରେ କଥକ ହିଁ କଥନ, କଥକ ହିଁ କଥା, କଥକ ହିଁ ଚର ଏବଂ କଥକ ହିଁ ଅଚର। ତାଙ୍କ ମାଧ୍ୟମରେ ହିଁ ଏଠାରେ କାଉ, ଗୁଣ୍ଡୁଚି, ଶାଗୁଣା, କୋଚିଲା ଖାଇ, ତେନ୍ତୁଳି ଗଛ ଆଦି ପ୍ରଥମେ ଶବ୍ଦ; ତାପରେ ଚିତ୍ର; ତାପରେ ବସ୍ତୁ ଏବଂ ଶେଷରେ ଭାବସ୍ପନ୍ଦନ ହେଇ ଆମ ଚେତନା ଭିତରକୁ ପଶୁଛନ୍ତି। ସେମାନେ ତ ପଶୁଛନ୍ତି, ତା ସହିତ ପଶୁଛନ୍ତି ସେମାନଙ୍କ ଆଚାରବିଚାର, ଘାତପ୍ରତିଘାତ, ଘର୍ଷସଂଘର୍ଷ ଏବଂ ଆହୁରି ଅନେକ କିଛି। ତେଣୁ ଆଖି ଖୋଲି ଏ ଉପନ୍ୟାସଟି ସହିତ ସହୃଦୟ ଅନ୍ତରଙ୍ଗ ହେଲେ ଯାହା ଯାହା ଆମ ଅବବୋଧରେ ଉଦ୍ଭାସିତ ହେବ, ଆଖି ବନ୍ଦକରି ଭାବିତ ହେଲେ ବି ସେଇ ସେଇ ଅବବୋଧସମୂହ ଆମ ମାନସପଟରେ ଗ୍ରାଫିକ୍ ପରିମଣ୍ଡଳ ସୃଷ୍ଟି କରି ଭାବଜଗତ ଆଡ଼କୁ ଆମକୁ ଟାଣିନେବ। ଉଦାହରଣ ସ୍ୱରୂପ: "ଅରଣ୍ୟ। ଆକାଶକୁ ଛୁଇଁ ଦେବାର ସ୍ପର୍ଦ୍ଧା କରି ବାହୁ ବିସ୍ତାରିଥିବା ଯୁଆନ୍ ଶାଳଗଛଟେ ସେଠି। ତେଲ ଲିପିଲା ପରି ପିଚ୍ ପିଚ୍ ଶାଗୁଆପତ୍ର, ଝଙ୍କାଝଙ୍କା। ସେଠି କାଉ ବସେ। କୋଇଲି ବସେ। ଗୁଣ୍ଡୁଚି ମୂଷା ଦଳ ଦଳ ଡାଳମାଙ୍କୁଡ଼ି ଖେଳନ୍ତି। ସାପ ଗୋଟେ ଅଧେ ବୁଲିଯାଆନ୍ତି। ଅକାଳେ ସକାଳେ ମହୁମାଛି ଆସେ। ଭଲମନ୍ଦ ପଚାରିଯାଏ ହଳଦିବସନ୍ତ ।'(ପୃ-୯)।

ଉଦ୍ଧୃତାଂଶଟିରେ କଥାୟନଗତ ରୈଖିକ ବା ଗ୍ରାଫିକ୍ ସଚିତ୍ରତାର ସ୍ପର୍ଶ ଅଧିକ। ଏଠି ଶବ୍ଦର ଅର୍ଥାୟନତା ଅପେକ୍ଷା ଶବ୍ଦର ଚିତ୍ରାୟନତା ଅଧିକ ପ୍ରଭାବଶାଳିତା ହାସଲ କରିଛି; ଯାହା ଗ୍ରାଫିକ୍ କଥା ରଚନାରେ ପ୍ରତ୍ୟକ୍ଷ ଭାବେ ଅଭିବ୍ୟକ୍ତ ହୋଇଥାଏ। ହୁଏତ ଏ କଥା ରଚନାରେ ଚିତ୍ର ନାହିଁ ଅଥବା ପ୍ରତ୍ୟକ୍ଷ ଭାବେ ଗ୍ରାଫିକ୍ ଡିଜାଇନ୍ ନାହିଁ; କିନ୍ତୁ ଗ୍ରାଫିକ୍ କଥା ରଚନାର ଅନ୍ୟ ସମସ୍ତ ଗୁଣଧର୍ମ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି- ଯେହେତୁ ଏହା ଏକ ମଣିଷଶୂନ୍ୟ କଥାରଚନା, ତେଣୁ ପାଠକ ମଣିଷଟିଏ ଏହାକୁ ପଢ଼ିବା ବେଳେ ଶବ୍ଦସ୍ତର ଦେଇ ସିଧାସଳଖ ମଣିଷମଣ୍ଡଳକୁ ନ ଯାଇ ଶବ୍ଦସ୍ତର ଦେଇ ସିଧାସଳଖ ଅଣମାନବୀୟମଣ୍ଡଳକୁ ଯାଇ ସେଇଠାରୁ ଚିତ୍ର-ବସ୍ତୁ-ଅବଧାରଣା ପାହାଚ ଚଢ଼ି ଚଢ଼ି ନିଜ ଚେତନା ଭିତରେ ମହଜୁଦ ଥିବା ଭାବମଣ୍ଡଳ ସହିତ ସହସମ୍ବନ୍ଧିତ ହେବ। ତେଣୁ ଏ ଉପନ୍ୟାସକୁ ପାଠକରିବା ଅର୍ଥ ଏକ ପ୍ରକ୍ରିୟା ସହିତ ସମକାଳ ଏବଂ ସମତାଳ ହେବା। ଏହି ପ୍ରକ୍ରିୟାଟିକୁ ଯଦି ଟିକେ ତଳେଇ କରି ଲକ୍ଷ୍ୟ କରାଯାଏ, ତେବେ ସେଥିରେ ଗ୍ରାଫିକ୍ କଥାୟନ ଘରାନା (genre) ଅଧିକ ମାତ୍ରାରେ ଘନୀଭୂତ ହେଇଛି ବୋଲି ମନେ ହେବ ।

**କଥନିକା-୨**

ବସ୍ତୁନିଷ୍ଠ ସହସମ୍ବନ୍ଧ ବା objective correlative ଅନୁଷଙ୍ଗଟି ଟି.ଏସ୍. ଇଲିୟଟଙ୍କ 'Hamlet and His Problems' ପ୍ରବନ୍ଧରେ ରହିଛି। ଇଲିୟଟ କହୁଛନ୍ତି ଯେ, କଳାକର୍ମର ପ୍ରାରୂପ ମଧ୍ୟରେ ଆବେଗଗତ ଅଭିବ୍ୟକ୍ତିର ଅନ୍ୱେଷଣ 'ବସ୍ତୁନିଷ୍ଠ ସହସମ୍ବନ୍ଧ' ଦ୍ୱାରା କେବଳ ସମ୍ଭବ ହୋଇଥାଏ। ଅନ୍ୟ ଭାବେ କହିଲେ ଏହା ଏକ ବସ୍ତୁଗୁଚ୍ଛ, ଏକ ସ୍ଥିତି, ଏକ ଘଟଣାଗୁଚ୍ଛ ଭିତରେ ଥିବା ନିର୍ଦ୍ଦିଷ୍ଟ ଭାବ ସଂବେଗର ସୂତ୍ର ରୂପେ କାର୍ଯ୍ୟ ସମ୍ପାଦନ କରିଥାଏ। ଯେତେବେଳେ ବାହ୍ୟ ତଥ୍ୟାବଳୀ ସହିତ ଇନ୍ଦ୍ରିୟଗ୍ରାହ୍ୟ ଅନୁଭୂତି ଯୁକ୍ତ ହୁଏ ସେତେବେଳେ ସଙ୍ଗେ ସଙ୍ଗେ ଅନୁରୂପ ଭାବସଂବେଗ ନିଷ୍ପନ୍ନ ହୁଏ। ଧରାଯାଉ ଲେଡ଼ି ମାକବେଥ୍ ନିଦ୍ରାଚ୍ଛନ୍ନ ଅବସ୍ଥାରେ ଚାଲି ଚାଲି ଯାଉଛନ୍ତି; ତେବେ ଏହି ନିଦ୍ରାଚ୍ଛନ୍ନ ଚାଲିବା ଘଟଣା ଆମ ଇନ୍ଦ୍ରିୟଗ୍ରାହ୍ୟ ଚେତନା ସହିତ ଫଟ୍ କରି ଯୁକ୍ତ ହେଇଯିବ। ଏବଂ ତା'ପରେ ତାହା ଆମ ଅନ୍ତର୍ନିହିତ ମାନସିକ ଚେତନାରେ ଧଡ଼୍ କରି ଛାପ ଅଙ୍କନ କରିବ। ତାପରେ ଆମେ ଭାବିବସିବା ଯେ ଲେଡ଼ି ମାକ୍‌ବେଥ୍ ନୁହେଁ; ଆମେ ନିଦ୍ରାଚ୍ଛନ୍ନ ଅବସ୍ଥାରେ ଚାଲି ଚାଲି ଯାଉଛୁ। ତେଣୁ କଳାସୃଷ୍ଟି ମଧ୍ୟସ୍ଥ ଆନୁକ୍ରମିକ ଘଟଣା ବିନ୍ୟାସ ଆଦି ପଶ୍ଚାତରେ ଥିବା କଳାତ୍ମକ ଅଭିବ୍ୟକ୍ତି ଲାଗି ବସ୍ତୁନିଷ୍ଠ ସହସମ୍ବନ୍ଧଟି ହେଉଛି ଏକ ଅନିବାର୍ଯ୍ୟ ଆୟୁଧ ସଦୃଶ।

'ସ୍ଥାବର ଜଙ୍ଗମ'ର ପ୍ରତିଟି ଚରିତ୍ର ନନ୍ ହ୍ୟୁମେନ୍ ହେଇଥିବାରୁ ସେମାନେ ବାହାରୁ ଖପ୍ ଖାପ୍ ଡେଇଁ ଡେଇଁ ପାଠକ ଭିତରକୁ ପଶି ଯାଆନ୍ତି। ପାଠକ ସେଇଠୁ ଭାବେ ଇଏ ମାଈ ମାଙ୍କଡ଼ ବା କୋଚିଲା ଖାଇ ବା ଦୂରସ୍ଥ ବରଗଛ ନୁହେଁ; ଏ ସବୁ ମୁଁ ନିଜେ। ତାପରେ ସେମାନେ ପାଠକର ଭାବନାରୁ ପାଠକର ଚେତନା ଭିତରକୁ ଓହ୍ଲାଇ ପଡ଼ନ୍ତି। ଏମିତି ଆଉ କ'ଣ କ'ଣ ଘଟେ ନିମ୍ନରେ ଆଲୋଚନା ହେବ ।

**ବିସ୍ତାରିତ ବିଶ୍ଳେଷଣ-୨**

ବସ୍ତୁନିଷ୍ଠ ସହସମ୍ବନ୍ଧ ବନାମ 'ସ୍ଥାବରଜଙ୍ଗମ': ଆଲୋଚ୍ୟ ଉପନ୍ୟାସରେ ଯେତେ ଯେତେ ଅଣମାନବୀୟ ଘଟଣାଗୁଚ୍ଛ, ବସ୍ତୁଗୁଚ୍ଛ ଏବଂ ସ୍ଥିତି ବା ଅବସ୍ଥାର ଚିତ୍ରଣ ହୋଇଛି, ସେସବୁରେ କିନ୍ତୁ ମାନବୀୟ ଭାବ ଏବଂ ଗୁଣଧର୍ମ କୁଟି କୁଟି ଭରିରହିଛି। ତେଣୁ ପାଠକ ଯେତେବେଳେ କୋଚିଲାଖାଇ ଦମ୍ପତିଙ୍କର ବାତ୍ସଲ୍ୟ ମମତା, ମାଈ ମାଙ୍କଡ଼ର ଅଭାବିତ ଭଲ ପାଇବା ଆଦିର ଭାବ ସମ୍ବେଗ ମଧ୍ୟରେ ନିଜକୁ ପରିଶୀଳିତ କରାଇବ, ସେତେବେଳେ ତାକୁ ଲାଗିବ ଏ ଭାବସମ୍ବେଗ ମୋର ବୋଲି। ବସ୍ତୁନିଷ୍ଠ ସହସମ୍ବନ୍ଧ କହିଲେ ଏହି ପ୍ରକ୍ରିୟାକୁ ହିଁ ବୁଝାଯାଏ। ଯେଉଁଠି ଚରିତ୍ରମାନଙ୍କର ବାହ୍ୟ ଏବଂ ଅନ୍ତଃକରଣ ତା ନିଜ

ଭିଟାଭୂଇଁରୁ ଉତ୍ତରିତ ହୋଇ ପାଠକର ବାହ୍ୟ ଓ ଅନ୍ତଃକରଣ ମଧ୍ୟରେ 'ଗଣ୍ଡି ଗର୍ଭେ ଗୁଳି ଗଲା ପରି ଗଳି' ଗଳିଯାଏ।

ଧରାଯାଉ...(୧) ଶାଳଗଛ ଚଳମାନତା ପାଇଁ ଲାଳାୟିତ। ସେଥିପାଇଁ ସେ ଚଳନ୍ତି ଜୀବଜନ୍ତୁଙ୍କ ସହିତ ନିଜର ଅଚରତ୍ୱକୁ ନେଇ ତୁଳନା କରିଛି ଏବଂ ତା'ର ସାଂପ୍ରତିକ ସ୍ଥାବରମୟ ସ୍ଥିତିକୁ ନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛି। ଶେଷରେ ଚଳମାନ ଗଞ୍ଜାର ଦୁଃଖରେ ସେ ସମଦୁଃଖୀ ହୋଇ ନିଜକୁ ନିଜେ ଆବିଷ୍କାର କରି ଜାଣି ପାରିଛି ଯେ ଏ ପୃଥିବୀରେ କି ଚର କି ଅଚର- ସଭିଙ୍କର ଯନ୍ତ୍ରଣା ତଥା ଉତ୍ଥାନ ପତନ ରହିଛି।

ଧରାଯାଉ...(୨) ବରଗଛର ସଂଘର୍ଷମୟ ଆତ୍ମକଥା। ସେ ବନ୍ୟାଜଳରେ ଭାସି ଭାସି ଆସି ଶେଷରେ ଗୋଟିଏ ସ୍ଥାନରେ ଥଇଥାନ ହେଇ ଓହଳ ଆଉ ଡାଳପତ୍ର ମେଲାଇ ଆଜି ପ୍ରପିତାମହ ଆସନରେ ଆସୀନ।

ଧରାଯାଉ...(୩) ଖାଦ୍ୟ ଗ୍ରହଣ ପାଇଁ କାଉ, ଶାଗୁଣା, କୁକୁରମାନଙ୍କର ସଂଘର୍ଷ।

ଧରାଯାଉ...(୪) ଶିଉଳିର ଅପୁଷ୍ପକ ଉଦ୍ଭିଦ ଛତୁ ବିଷୟକ ଜିଜ୍ଞାସା ଜନିତ ଆଗ୍ରହ।

ଧରାଯାଉ...(୫)କୋକିର ଜାନ୍ତବ ଆକ୍ରମଣରେ ଗୋଡ଼ ଏବଂ ବେକ ଭାଙ୍ଗିଯାଇଥିବା ଗଞ୍ଜାକୁକୁଡ଼ାର କ୍ଷୀଣ, କରୁଣ, କଷ୍ଟଜ ଯନ୍ତ୍ରଣାର ମର୍ମନ୍ତୁଦ ସ୍ୱରଲିପି ଏବଂ ତା ସହିତ ମାଈ କୁକୁଡ଼ା ପ୍ରତି ତା'ର ପ୍ରାଣଜ ତଥା ଦେହଜ କାମାତୁରତା।

ଧରାଯାଉ..(୬) ମାଈ କୁମ୍ଭାଟୁଆର ମାଆ ହେବାର ଆନନ୍ଦ ଏବଂ ବାପା କୁମ୍ଭାଟୁଆର ବାପା ହେବାର ଗୌରବ।

ଏଠାରେ 'ଧରାଯାଉ- ୧' ଠାରୁ ଆରମ୍ଭ କରି 'ଧରାଯାଉ-୬' ପର୍ଯ୍ୟନ୍ତ ସମସ୍ତ ଘଟଣାଗୁଚ୍ଛ, ବସ୍ତୁଗୁଚ୍ଛ ଏବଂ ସ୍ଥିତି ଇତ୍ୟାଦିରେ 'ବସ୍ତୁନିଷ୍ଠ ସହସମ୍ବନ୍ଧ' ବା 'objective correlative' ଏକ ଭାବସଂବେଗ ନିର୍ବାହକାରୀ ଆୟୁଧ ଭାବେ ଭୂମିକା ତୁଲାଇଛି। ଏସବୁ ପାଠ କଲେ ଲାଗିବ ଏସବୁ ସେଇ ଚରଅଚର ନିର୍ଜୀବ ବସ୍ତୁ କିମ୍ବା ସଜୀବ ବସ୍ତୁଙ୍କର ଆଚରଣ କି ଉଚ୍ଚାରଣ (dia-logue) ନୁହେଁ; ଏସବୁ ମୋ କିମ୍ବା ଆମ ଜୀବନର ଆଚରଣ ଏବଂ ଉଚ୍ଚାରଣ ସହିତ ସହସମ୍ବନ୍ଧିତ (correlated)। ଉପନ୍ୟାସର ପ୍ରତିଟି ବକ୍ତବ୍ୟରେ ସେଇ ଅବଧାରଣା ନିଷ୍ପନ୍ନ ହୋଇଛି ।

**କଥନିକା-୩**

ଗୋଟିଏ ସମୟରେ ବାସ୍ତବତା ଥିଲା। କଳ୍ପନା ବି ଥିଲା। କଥା ସାହିତ୍ୟରେ ବାସ୍ତବତା ଏବଂ କଳ୍ପନାକୁ ନେଇ କଥାକାର କଥା ନିର୍ମାଣ କରୁଥିଲା; କିନ୍ତୁ ଏ ନିର୍ମାଣ ପ୍ରକ୍ରିୟାରେ ବାସ୍ତବତା ବାରିହେଇ ପଡୁଥିଲା। କାଳ୍ପନିକତା ବି ବାରିହେଇ ପଡୁଥିଲା। ଅର୍ଥାତ୍ ଏ ଦୁଇଟି ଗଣ୍ଡେଇ ବି ଯାଉଥିଲେ। ଫିଟି ବି ଯାଉଥିଲେ। କିନ୍ତୁ ଆତ୍ୟନ୍ତିକ ବାସ୍ତବତା ବା ହାଇପର ରିଏଲିଟି କ୍ଷେତ୍ରରେ କଥା ରଚନାରେ ବାସ୍ତବତା ଏବଂ କଳ୍ପନା ଏମିତି ଫେଣ୍ଟିହେଇ ଦ୍ରବୀଭୂତ ହେଇ ଯାଆନ୍ତି ଯେ ଦୁଇଟି ଯାକର ଘନ ବନ୍ଧନ ଆଉ ଫିଟେ ନାହିଁ। ଭିନ୍ନ ଏକ ଡାଏମେନ୍ସନ ବା ଆୟାମ ବା ସ୍ଥିତିକୁ ଦୁହେଁ ଯାକ ଉଠି ଯାଇ ଏକାୟିତ ହେଇ ଯାଆନ୍ତି। ତେଣୁ ଏଠାରେ ଭୌତିକ ଦୂରତା ଏବଂ ପାର୍ଥକ୍ୟ ଲୁପ୍ତ ହେଇଯାଏ। ଏହାକୁ ହାଇପର ରିଏଲିଟି ବା ଆତ୍ୟନ୍ତିକ ବାସ୍ତବତା କୁହାଯାଏ।

ଏହି ଆତ୍ୟନ୍ତିକ ବାସ୍ତବତାର ପ୍ରଚ୍ଛନ୍ନ ସ୍ପର୍ଶ 'ସ୍ଥାବର ଜଙ୍ଗମ'ରେ ରହିଛି। ଚଳମାନ ଏବଂ ସ୍ଥିରମାନ ଚରିତ୍ରମାନେ ଏଠାରେ ନିଜ ନିଜର ବାସ୍ତବ ସ୍ଥିତିକୁ ଅତିକ୍ରମ କରି ଲେଖକୀୟ କଳ୍ପନା ଚୋଟରେ ଗୋଟିଏ ଗୋଟିଏ ଭିନ୍ନ ପରିମଣ୍ଡଳ ଭିତରକୁ ନିକ୍ଷେପିତ ହେଇଛନ୍ତି। ଫଳରେ ଚରିତ୍ରମାନେ ଅଣମାନବୀୟ ପରିମଣ୍ଡଳ ପରିସରଭୁକ୍ତ ସକଳ ବ୍ୟାକରଣର ଖୋଳପାକୁ ଭାଙ୍ଗିଦେଇ ଉଚ୍ଚାରଣ ଏବଂ ଆଚରଣରେ ମାନବୀୟ ଗୁଣଧର୍ମରେ ବିଲୀନ ହେଇଯାଇଛନ୍ତି। ଉପନ୍ୟାସ ପାଠକଲେ ଲାଗିବ ଏଇ ହନୁଟାର, ଏଇ କୋଚିଲା ଖାଇଟାର, ଏଇ ଗଞ୍ଜାଟାର ମାର୍ମିକାୟନ (mystification) ମୋ(ପାଠକ) ଭିତରେ, ମୋ ଚେତନାରେ ଚରି ଚରି ଯାଇ ସବୁ ରେଖା ଆଉ ଗତିଶୀଳତାର ନିୟମକୁ ନିଃଶେଷ କରି ମୋତେ ସେମାନଙ୍କ ମଧ୍ୟରେ ଏକାକାର କରିଦେଉଛନ୍ତି ।

**ବିସ୍ତାରିତ ବିଶ୍ଳେଷଣ-୩**

ଆତ୍ୟନ୍ତିକ ବାସ୍ତବତା ବନାମ 'ସ୍ଥାବରଜଙ୍ଗମ': 'ସ୍ଥାବରଜଙ୍ଗମ' ଉପନ୍ୟାସରେ କଥକ ନିଜେ ନିଜ ବୌଦ୍ଧିକ ମନମଣ୍ଡଳରେ ସନ୍ତରଣ କରି ଜଡ଼, ଉଦ୍ଭିଦ ଓ ପ୍ରାଣୀମାନଙ୍କ ମଧ୍ୟରେ ମୁଁ-ଆମ୍ଭେ-ଆମ୍ଭମାନଙ୍କ ଅଙ୍ଗନିଭା କଥାକୁ ନିଷିକ୍ତ କରାଇବାକୁ ଚେଷ୍ଟା କରିଛନ୍ତି। ତାଙ୍କରି ଭାଷାରେ "ଜୀବନର ବିବିଧ ସତ୍ୟ, ତା'ର ବିଶ୍ଳେଷଣ, ତା'ର ଉପସ୍ଥାପନ ଭିତରେ ଶାଳ ଓ ବରର ଅନୁରୂପ ଉପଲବ୍ଧିକୁ ଚିତ୍ରିତ କରାଯାଇଛି। ଶାଳ ଭିତରର ଅସ୍ଥିରତା ହିଁ ଏମିତି ବାତାବରଣଟିଏ ଗଢ଼ିବ, ତା' ଭିତରେ ଯେଉଁଠି ସେ ନୂଆ କିଛି କରିବା ପାଇଁ ଉତ୍ସାହ ପାଇବ। ବରଗଛର ଅନୁଭବ ତା'ର ଦୀର୍ଘ ସଂଘର୍ଷମୟ ଜୀବନର ଅନୁଭବ। ସେ ଅନୁଭବ ମଣିଷର ବି। ସେ ଅନୁଭବ ମୋର, ଆପଣଙ୍କର, ସମସ୍ତଙ୍କର ।"(ପୃ.୬-୭)

"ପ୍ରେମର ତ୍ରିଭୁଜ ଏବଂ ବହିର୍ବାସ୍ତବତା ଭିତରୁ ଘୁଞ୍ଚିଆସି କିଛି ଅଲଗା ଲେଖିବା କଥା ଭାବୁ ଭାବୁ ସେ ହୋଇଗଲା 'ସ୍ଥାବରଜଙ୍ଗମ'।" (ପୃ.୯) କଥକ ଏଠାରେ ଯେଉଁ ବହିର୍ବାସ୍ତବତାରୁ ଘୁଞ୍ଚିଆସି 'ସ୍ଥାବରଜଙ୍ଗମ' ରଚନା କରିବା କଥା କହୁଛନ୍ତି ଏହାରି ନାମ ହିଁ ଆତ୍ୟନ୍ତିକ ବାସ୍ତବତା ।

'ସ୍ଥାବରଜଙ୍ଗମ'ରେ ବାସ୍ତବରେ ବାସ୍ତବତାକୁ ସଂକେତାତ୍ମକ ବା ପ୍ରତୀକାତ୍ମକ ରୀତିରେ ଭ୍ରମିତ କରି ଦିଆ ଯାଇଛି। ଏହି ଉପନ୍ୟାସ ବାହାରକୁ ଲାଗିବ- ହଁ ମ! ଏଠି ସଜୀବନିର୍ଜୀବ କାରକମାନଙ୍କୁ ଚିତ୍ରଣ କରାଯାଇଛି। ଏମିତି କଥା ରଚନା ତ ପୂର୍ବରୁ ରହିଛି। ଏଠି କ'ଣ ଆଉ ଅଧିକ ଅଛିବା ? କିନ୍ତୁ ଏ କଥା ଭଲ ଭାବରେ ମନେ ରଖିବାକୁ ହେବ ଯେ ଅତୀତରେ ଯେଉଁ କଥା ରଚନା ଏଇଭଳି ପଶୁପକ୍ଷୀ ବା ପାଣିପବନକୁ ନେଇ ଲେଖା ହେଉଥିଲା ସେସବୁଥିରେ ମୁଖ୍ୟତଃ ନୈତିକତା ବା ହିତଅହିତ ଆଦିର କଥା ରହୁଥିଲା। ଚରିତ୍ର ନିର୍ମାଣ ବା ଆଦର୍ଶବୋଧ ବା ମୂଲ୍ୟବୋଧର ଆହ୍ୱାନରେ ସେସବୁ ରଚାଯାଉଥିଲା। ପାପପୁଣ୍ୟ, ଭଲମନ୍ଦ ଆଦି ଦ୍ୱିପାର୍ଶ୍ୱିକୀ ବୈପରୀତ୍ୟର କଥା

ସେଠି ଥିଲା। ସୂକ୍ଷ୍ମତା ଅପେକ୍ଷା ସ୍ଥୂଳତା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ଏ ଉପନ୍ୟାସରେ ଚେତନାଗତ ରୂପାନ୍ତରକୁ ଅଧିକ ଗୁରୁତ୍ୱ ଦିଆ ଯାଇଛି। ଏଠାରେ ହିଂସାକୁ ଧୂସର ରୂପ ବୋଲି ନକହି ହିଂସାକୁ ସବୁଜ ରୂପ ବୋଲି କୁହାଯାଇଛି। କଥକଙ୍କ ଭାଷାରେ "ତେବେ ଧୂସରତା ଭିତରେ ଥାଏ ଆକ୍ରମଣ, ଆକ୍ରୋଶ, ରକ୍ତପାତ, ହିଂସ୍ରତା। ସେଠି ବିନଷ୍ଟ କରିବାର ମନୋବୃତ୍ତି। ଆଉ ସବୁଜତାରେ ? କୌଣସି ଏକ ଭଲ କାମ ଲାଗି ଯୋଉ ହିଂସ୍ରତାକୁ ଉପଯୋଗ କରାଯାଏ - ସେ ମୋ ଆଖିରେ ହିଂସାର ସବୁଜ ରୂପ ।"(ପୃ.୫)

ଏଭଳି ବକ୍ତବ୍ୟ ତଥା ସେହି ବକ୍ତବ୍ୟକୁ ଏହି ଉପନ୍ୟାସ ମଧ୍ୟରେ ପ୍ରୟୋଗ କରିବା ପଛରେ ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ହିଂସା ସମ୍ପର୍କିତ ଅବଧାରଣା ଧୂଳିସାତ ହୋଇଯାଇଛି। ଡୁଆଲିଷ୍ଟିକ ଅପୋଜିସନର କେନ୍ଦ୍ର (logos) ଭାଙ୍ଗି ଯାଇଛି। ଏହା ଦ୍ୱାରା ଧାରାବାହିକ ରୀତିରେ ପ୍ରଚଳିତ ହୋଇ ଆସୁଥିବା ବାସ୍ତବତାଯୁକ୍ତ ବକ୍ତବ୍ୟ ଏକ ସନ୍ଦେହଜନକ ସ୍ଥିତିକୁ ବରଣ କରି ତା ମୌଳିକ ରୂପକୁ ହରାଇ ଆଉ ଏକ ନୂଆ ବାସ୍ତବତା ନିର୍ମାଣ କରିଛି। ସେଥିପାଇଁ ଆଲୋଚ୍ୟ ଉପନ୍ୟାସରେ ଆମୂଳଚୂଳ କାଳ୍ପନିକତା ଆଉ ବାସ୍ତବତା ମଧ୍ୟରେ ଫରକ ହ୍ରାସ ପାଇଛି। ଫଳରେ ଉପନ୍ୟାସରେ ବର୍ଣ୍ଣିତ ଘଟଣା ତଥା ଚିତ୍ରିତ ସ୍ଥାନକାଳପାତ୍ରରେ କୃତ୍ରିମ ବୁଦ୍ଧିମତ୍ତା ସହିତ ଆଭାସୀ ବାସ୍ତବତା ଫେଣ୍ଟିହେଇ not unreal; but real, real more than real (ବଦ୍ରିଲାର୍ଡ) ବା ହାଇପର୍ ରିଏଲ ହେଇଯାଇଛି। ତେଣୁ ପାଠକ ଏଠାରେ ପଶୁପକ୍ଷୀ ବା ଗଛବୃଛ ଭଳି ସଙ୍କେତ ସମୂହ ସାହାଯ୍ୟରେ ବାସ୍ତବତାର ଛଳଶୀଳତା ମଧ୍ୟରୁ ଅସଲ ବାସ୍ତବତାକୁ ପୃଥକ୍ କରି ଚେତନାର ମୂଳ ଚୌହଦୀ ଭିତରକୁ ଗର୍ଭିତ ହୋଇ ପାରିବ ।

**କଥନିକା-୪**

ଉତ୍ତର ଆଧୁନିକ ବା ଉତ୍ତର ସଂରଚନାବାଦୀ କାଳଖଣ୍ଡରେ ଚଳମାନତା ଏବଂ ରୂପାନ୍ତରକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏଠି ସବୁକିଛି ସ୍ୱତଃ ବା ସ୍ୱୟଂକ୍ରିୟ ରୀତିରେ ଘଟେ। ଏ ଘଟିବା ଗୋଟିଏ ତୃତୀୟ ପରିବର୍ତ୍ତନଶୀଳତାର ପ୍ରକ୍ରିୟା ଭାବେ ପରିଚୟ ହାସଲ କରିଥାଏ। ଚଳମାନ ସ୍ୱୟଂଶାସନ ଉତ୍ତରସଂରଚନାବାଦୀ କାଳଖଣ୍ଡର ସାଂସ୍କୃତିକ ସନ୍ନିବନ୍ଧନ ଭାବେ ବିଚାର୍ଯ୍ୟ। ସେଥିପାଇଁ ଏବର ସମୟ ସକଳ ରୈଖିକତାକୁ ପରିହାର କରି ଏକ ଦ୍ରୁତଗାମୀ ପରିବର୍ତ୍ତନ ଆଡ଼କୁ ଲମ୍ଫ ପ୍ରଦାନ କରେ; ଅନିଶ୍ଚିତତା ଆଡ଼କୁ ଖେଦିଯାଇ ସ୍ୱକୀୟ ଅବବୋଧ ଏବଂ ଅସ୍ମିତା ନିର୍ମାଣ କରେ; ଅବିରତ ଧାରାରେ ପୃଥିବୀର ଅନାବିଷ୍କୃତ ଦିଗଦିଗନ୍ତ ଦିଗରେ ପାଦ ଚାଳି ଅଦେଖା, ଅବ୍ୟକ୍ତ ସୁଯୋଗକୁ ଆତ୍ମସ୍ଥ କରିବାକୁ ପ୍ରୟାସ କରେ। ଯାହା ଆଲୋଚ୍ୟ ଉପନ୍ୟାସରେ ଯୁଆନ୍ ଶାଳଗଛ, ଶାରୀରିକ ଖର୍ବତାଯୁକ୍ତ ଗଞ୍ଜା କୁକୁଡ଼ା, ବରଗଛ ପ୍ରଭୃତି ଚରିତ୍ର ମଧ୍ୟରେ ବିଦ୍ୟମାନ ।

ବିସ୍ତାରିତ ବିଶ୍ଳେଷଣ-୪

ସ୍ଥାବର ଏବଂ ଜଙ୍ଗମ ବନାମ 'ସ୍ଥାବରଜଙ୍ଗମ': ସ୍ଥାବର(static) ଏବଂ ଅସ୍ଥାବର (dynamic) ଆୟାମ ଦ୍ୱୟର "spirit's progressive self-expression in life" (ଶ୍ରୀ ଅରବିନ୍ଦ) ବା "ଜୀବନରେ ଚେତନାର ପ୍ରଗତିଶୀଳ ଆତ୍ମ-ଅଭିବ୍ୟକ୍ତି" ହେଉଛି 'ସ୍ଥାବରଜଙ୍ଗମ' ଉପନ୍ୟାସର କେନ୍ଦ୍ରୀୟ ଆଭିପ୍ରାୟିକତା। ଏଥିରେ ପୃଥିବୀର ବାୟୁମଣ୍ଡଳ, ଶିଳାମଣ୍ଡଳ, ଜୈବମଣ୍ଡଳ ଏବଂ ଜଳମଣ୍ଡଳର ବିଭିନ୍ନ ଉପାଦାନ ଚରିତ୍ର ଭାବେ ଉଭା ହେଇଛନ୍ତି। ଉପନ୍ୟାସର ଆରମ୍ଭରୁ ଶେଷ ଯାଏ ଚଳମାନତା ଏବଂ ସ୍ଥିରତାକୁ ନେଇ କଥାବସ୍ତୁ ଗତିଶୀଳ। କଥକ ମଧ୍ୟ ଏ କଥା ନିଜେ ସ୍ୱୀକାର କରିଛନ୍ତି। ଯଥା: "ମଣିଷ ଭିତରେ କେତୋଟି ମୌଳିକ ସକାରାତ୍ମକ ଗୁଣର ବିକାଶ ପାଇଁ ମୁଁ ଆଗ୍ରହୀ। ଶାଳଗଛର ଚଳମାନତାର ଆଗ୍ରହ ହେଉ କି ଗଞ୍ଜାର ଗଭୀର ଆତ୍ମପ୍ରତ୍ୟୟ, କୋଚିଲାଖାଇ ଦମ୍ପତିଙ୍କ ପାରସ୍ପରିକ ପ୍ରୀତି ଓ ଦାୟିତ୍ୱବୋଧ ଭିତରେ ସେଇ ଗୁଣାବଳୀର ସୂତ୍ର ନିହିତ। ସ୍ଥିର ଭିତରେ ଚଳମାନତା ଶଗଡ଼ ଗୁଳାରୁ ବାହାରି ନୂଆ ରାସ୍ତା ତିଆରି କରିବାର ଅଭୀପ୍ସା ହୁଏତ ଦେବ। ମାନବେତର ଜୀବମାନଙ୍କ ଭିତରେ ଜୀବନବୋଧର ପରିଚିତ ଅଥଚ ଅପରିଚିତ କିଛି କଥା ହୁଏତ ମିଳିବ ।"(ପୃ-୭)

ଉପନ୍ୟାସର ପ୍ରଥମ ଅଧ୍ୟାୟରୁ ଯୁଆନ୍ ଶାଳଗଛ ଭିତରେ ସ୍ଥିତାବସ୍ଥା ଜୀବନଜନିତ ଅତୃପ୍ତି ସଞ୍ଚାରିତ। ତା ଦେହରେ ଚଳତ୍ ଶକ୍ତିଯୁକ୍ତ କାଉ, କୋଇଲି, ଗୁଣ୍ଡୁଚି ମୂଷା, ଜନ୍ଦାପିମ୍ପୁଡ଼ି ଚଳପ୍ରଚଳ ହେଉଥିଲେ ବି ଶାଳଗଛ ଗୋଟିଏ ଜାଗାରେ ଠିଆ ହୋଇ ହୋଇ ବିଷଣ୍ଣ ହେଇପଡ଼ିଛି। ତାହାରି ମୁହଁରେ କଥକ କୁହାଉଛନ୍ତି - "ଗତିମାନେ ତ ଏମିତି। ନିଧଡ଼କ ଚାଲିବା କାହିଁ? ଧିକ୍ ଏ ଉଦ୍ଭିଦ ଜୀବନ !" (ପୃ-୧୦)। ନଈ କୂଳେ ଥିବା ବରଗଛଟି ତା ପରି "ଆଜୀବନ କେବଳ ଅସନ୍ତୁଷ୍ଟ ଥିବ ଊର୍ଦ୍ଧ୍ୱଗ ଓ ନିମ୍ନଗ ହେବାର ଚିରାଚରିତତାରେ ?" ପ୍ରଶ୍ନରେ ଶାଳଗଛ ଆକ୍ତାମାକ୍ତା ହୁଏ।

ଶାଳଗଛ ମାଇ ମାଙ୍କଡ଼ର ଇଚ୍ଛାନୁସାରୀ ଲମ୍ଫାଲମ୍ଫିକୁ ଦେଖି ଈର୍ଷା କରେ। ତା ଶିରାପ୍ରଶିରାରେ ସ୍ଥିରତାକୈନ୍ଦ୍ରିକ ନିତ୍ୟ ବର୍ଦ୍ଧମାନ ଦୁଃଖର ସମାପ୍ତିକୁ ନେଇ ପୀଡ଼ା ଅନୁଭବ କରେ। ତା ସତ୍ତ୍ୱେ ବି ଶାଳ ଭାବେ "ଗତିଶୀଳତାର ଇଚ୍ଛା ଟି ବଞ୍ଚିରହୁ ମୋ ଭିତରେ ।ଠୁ ତା'ରି ଭିତରେ ଦିନେ ନା ଦିନେ ତ ଅନୁଭବ କରିବି ମୁଁ ସତ୍ୟକୁ ! ଆଜୀବନ ଏକନିଷ୍ଠ ଆକାଂକ୍ଷା କରୁଥିବା ସତ୍ୟକୁ!!" (ପୃ-୧୫)

କଥକ କଇଳାଶ ପଟ୍ଟନାୟକ ଆଲୋଚ୍ୟ ଉପନ୍ୟାସରେ ଶାଳଗଛକୁ ଏକ ଉତ୍ପ୍ରେରକ ସତ୍ତା ଭାବେ ଠିଆ କରେଇଛନ୍ତି। ତା ଭିତରେ ବହୁବିଧ ପ୍ରଶ୍ନଶୀଳତା, ଦ୍ୱନ୍ଦ୍ୱାତ୍ମକତା, ଅସହାୟତାର ପ୍ରଲେପ ବୋଳିଦେବା ସହିତ ତାକୁ ଆତ୍ମବିଶ୍ଳେଷଣ କରିବା ଲାଗି ବି ପ୍ରାସଙ୍ଗିକତା ଖଞ୍ଜି ଦେଇଛନ୍ତି। ତେଣୁ ଶାଳଗଛ ଶେଷରେ ସବୁ ଆଡୁ ନିଜକୁ ଓହରାଇ ଆଣି ଯେତେବେଳେ ନିଜ ଭିତରକୁ ଫେରିଆସିଛି, ସେତେବେଳେ ନିଜ ପ୍ରଶ୍ନର ଉତ୍ତର ନିଜେ ପାଇଯାଇଛି ।

ଶାଳଗଛ ଯେମିତି ବିଭିନ୍ନ ପ୍ରତିକୂଳତା ଏବଂ ଉଦ୍‌ବିଗ୍ନତା ସତ୍ତ୍ୱେ ଜୀଇଁ ଜୀଇଁ ଆସିଛି ଠିକ୍ ସେହିପରି 'ସ୍ଥାବରଜଙ୍ଗମ' ଉପନ୍ୟାସରେ ଆଜୀବନ ଯୁଦ୍ଧରତ ବରଗଛ, କୋକିଶିଆଳୀର ମରଣାନ୍ତକ ଆକ୍ରମଣରେ ମୁମୂର୍ଷୁ ଅବସ୍ଥାର ସମ୍ମୁଖୀନ ହେଇଥିବା ଗଞ୍ଜା ଏବଂ ନିଜ ଜୀବନସାଥୀ ହନୁ ଓ ଅନ୍ୟ ମାଙ୍କଡ଼ ସାଥୀମାନଙ୍କୁ ହରାଇ ଏକା ହେଇଯାଇଥିବା ମାଈ ମାଙ୍କଡ଼ର ଜୀବନ ବୃତ୍ତ ଚିତ୍ରିତ।

ସ୍ଥିରତା ଭିତରେ ଚଳମାନତା ଏବଂ ଅପରିବର୍ତ୍ତନୀୟତା ମଧ୍ୟରେ ପରିବର୍ତ୍ତନୀୟତାର ସ୍ୱାଦ ଚାଖିବା ପାଇଁ ଶାଳଗଛ ପରି ପ୍ରବୀଣ ମହାମହିମ ବରଗଛ ଅବତୀର୍ଣ୍ଣ। କାଉ ଯେତେବେଳେ ବରଗଛର ସାହସ ଏବଂ ପ୍ରତିରକ୍ଷା କ୍ଷମତାକୁ ତାରିଫ କରିଛି, ସେତେବେଳେ ବରଗଛ ଖରା, ବର୍ଷା, ଶୀତ, ପବନ, ବଜ୍ର, ଘଡ଼ଘଡ଼ି, ଭୂମିକମ୍ପ, ବନ୍ୟା ପ୍ରଭୃତି ପ୍ରତିକୂଳ ସମସ୍ୟା ସହିତ ଲଢ଼ି ଲଢ଼ି କେମିତି ଜୀବନ ନିର୍ବାହ କରିଆସିଛି, ତାହା ହିସାବ କରିଛି। ତା'ର ମନେ ପଡ଼ିଛି ସେ କେମିତି ଅତୀତରେ ଦିନେ ପ୍ରବଳ ବନ୍ୟା ଜଳରେ ଉତ୍ପାଟିତ ହୋଇ ଅନିଶ୍ଚିତ, ଅସ୍ଥିରତାର ଦଂଶନ ସହି ସହି ତୀବ୍ର ଜଳ ସ୍ରୋତରୁ ନିଜକୁ ବଞ୍ଚେଇ ଅଭିଜ୍ଞତା ଅର୍ଜନ କରିଥିଲା। ସେଇ ଅଭିଜ୍ଞତା ତା ଭିତରେ ଆତ୍ମବିଶ୍ୱାସ ଭରିଦେଇଥିଲା। ଆତ୍ମବିଶ୍ୱାସରୁ ସାହସ ଏବଂ ସାହସରୁ ବୁଦ୍ଧି ସାଉଁଟି ସାଉଁଟି ସେ ଆଜି ପ୍ରବୀଣ ବନିଯାଇଛି। "ଯୁଦ୍ଧ ବିନା ଯେ ଜୀବନ ନାହିଁ ଏବଂ ସଂଗ୍ରାମ ବିନା ସୁଖ ନାହିଁ; "ଯେ ଧାରାବାହିକ ଯୁଝି ଶିଖିଛି, ସେ ଅବଶ୍ୟ ବିଜୟୀ ହେବ। ସୁଖୀ ହେବ ।' - ଏହି ଆତ୍ମପ୍ରତ୍ୟୟ ତାକୁ ସମୃଦ୍ଧ କରିଛି; ତାକୁ ଅନ୍ୟ ଉଦ୍ଭିଦମାନଙ୍କ ଭିତରେ ଯୋଗ୍ୟତମ (survival of the fittest) କରି ଠିଆ କରାଇଛି ।

କାଉ, ମାଈ ମାଙ୍କଡ଼ ଓ ଗଞ୍ଜାକୁକୁଡ଼ା ଚରିତ୍ର ତ୍ରୟ ମଧ୍ୟ ଜୀବନ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛନ୍ତି। କୁକୁର ସହିତ ଲଢ଼ି କାଉ ମଲାଗୋରୁର ଆଖି ଖୋଳି ଖାଇବା କିମ୍ବା ଘାଉଲା ମଇଁଷି ପିଠିକୁ ଥଣ୍ଟରେ ଖୁମ୍ପି ଖୁମ୍ପି କ୍ଷୁଧା ମେଣ୍ଟାଇବା ସମୟରେ ଯେଉଁ ଭଳି ଭାବରେ ପ୍ରତିକୂଳତାର ସମ୍ମୁଖୀନ ହୋଇଛି ଅଥଚ ପରାଜିତ ହୋଇନାହିଁ ତାହା ଆମକୁ ଡାରଉଇନଙ୍କ ବିବର୍ତ୍ତନବାଦର "ବଞ୍ଚିବା ପାଇଁ ଯୁଝିବା ଏବଂ ଯୋଗ୍ୟତମର ଉତ୍ତରାଧିକାରୀତ୍ୱ'ର କଥାକୁ ସୂଚାଇଦିଏ। ଶିଶୁ ମାଙ୍କଡ଼ ସହିତ ମାଈ ମାଙ୍କଡ଼କୁ ଛାଡ଼ି ହନୁ ଯେତେବେଳେ ଦୂରକୁ ଚାଲିଯାଇଛି, ସେତେବେଳେ ମାଈ ମାଙ୍କଡ଼ ଏକକାଳୀନ ହନୁହରା ଏବଂ ଦଳହରା ହେଇଯାଇଛି। ସକଳ ଏକାକୀତ୍ୱ ସତ୍ତ୍ୱେ ମାଈ ମାଙ୍କଡ଼ ମଧ୍ୟରେ ଆଗକୁ ଚାଲିବାର ସାହସ ସଞ୍ଚୟ କରିଛି। କଥକଙ୍କ ଭାଷାରେ "ହନୁର ବିନା ଅଧିନାୟକତ୍ୱରେ "ସଂସାରକୁ ଦେଖେଇଦବ ମାଈ ନିଜେ। ସେ ପାରିବ। ସେ ଦୁର୍ବଳ ନୁହେଁ, ସେ ବୋକା/ମୂର୍ଖ ନୁହେଁ ।"(ପୃ-୬୪)।

ଏଠାରେ କଥକ ପୁରୁଷ ଅଧୀନସ୍ଥ ନାରୀକୁ ଚଳମମାନତା ଅର୍ଜନ କରିବା ପାଇଁ ପ୍ରେରଣା ଦେଇଛନ୍ତି। ତାହା ପୁଣି ମାଈ ମାଙ୍କଡ଼ ଜରିଆରେ। କୋକିଶିଆଳର ଜାନ୍ତବ ଆକ୍ରମଣରେ ଗୋଡ଼ ଏବଂ ବେକରେ ଭୟଙ୍କର କ୍ଷତ ସୃଷ୍ଟି ହୋଇଥିବା ଗଞ୍ଜାକୁକୁଡ଼ାର 'ଷ୍ଟ୍ରଗଲ ଫୋର୍ ଏକ୍ସିଷ୍ଟେନ୍ସ' ଏ ଉପନ୍ୟାସରେ କାରୁଣ୍ୟର ବାତାବରଣ ସୃଷ୍ଟି କରିଛି। ଯନ୍ତ୍ରଣା, ବିକଳାଙ୍ଗତା ଆଉ ହତାଶ ତା'ର ପଥ ଓଗାଳୁଥିଲେ ବି ସେ ସ୍ଥିର ହେଇ ନ ଯାଇ ଚଳମାନ ପ୍ରକ୍ରିୟାକୁ ଆପଣେଇ ("ଗଞ୍ଜା ବଞ୍ଚିରହିଲା। ଗଞ୍ଜା ବଞ୍ଚିବାର ପଣ କଲା ।') ବଞ୍ଚି ରହିଛି ।

ଶାଳଗଛର ସମ୍ମୁଖରେ ଘଡ଼ଘଡ଼ିର ନିଆଁରେ ତାଳଗଛ ଜଳିଯିବା ପରେ ଶାଳ ଭିତରେ ଆତ୍ମରକ୍ଷାର ସଂଭାବ୍ୟ ଉଦ୍ୟମ ବୃଦ୍ଧି ପାଇଛି। ଅନ୍ୟ ଗଛମାନେ ଚଳମାନତାର ସପକ୍ଷରେ କାହିଁକି କିଛି କହୁ ନାହାଁନ୍ତି, ସେଥିପାଇଁ ଶାଳ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ କହିଛି- "ଗତି କେହି ବି ବଦଳାଇବାକୁ ଚେଷ୍ଟିତ ନୁହେଁ, ଇଚ୍ଛା ବି କରିବେ ନାଇଁ ? କାହିଁକି? କାହିଁକି?" (ପୃ.୭୮)

'ସ୍ଥାବରଜଙ୍ଗମ' ଗୋଟିଏ ଛୋଟିଆ କଥାରଚନା ହେଲେ ମଧ୍ୟ ଏଥିରେ ପ୍ରତି ମୁହୂର୍ତ୍ତରେ ଯୁଦ୍ଧରତ ଥିବା ମଣିଷମାନଙ୍କ ପାଇଁ ଅନେକ ସଚେତନଶୀଳ ବାର୍ତ୍ତା ରହିଛି। ପଛକୁ ଘୁଞ୍ଚିଆସିବା ନୁହେଁ; ଆଗକୁ ମାଡ଼ି ଯିବା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ। ଅତଏବ ଚଳମାନତାକୁ କେନ୍ଦ୍ରରେ ରଖି ଔପନ୍ୟାସିକ ଏଠାରେ ଯେଉଁ ପ୍ରକାରର ପରୀକ୍ଷା ନିରୀକ୍ଷା କରିଛନ୍ତି, ତାହା ଭିନ୍ନ ଏକ ପରିମଣ୍ଡଳ ନିର୍ମାଣ କରେ। ଯେଉଁ ପରିମଣ୍ଡଳ ଆତ୍ମବିଶ୍ୱାସରେ ଆହ୍ଲାଦିତ ଏବଂ ରୂପାନ୍ତର ଶକ୍ତି ଦ୍ୱାରା ସଞ୍ଚାଳିତ ।

ସହାୟକ ଗ୍ରନ୍ଥସୂଚୀ :

୧.ପଟ୍ଟନାୟକ, କଇଳାଶ, ସ୍ଥାରଜଙ୍ଗମ, ପ୍ରଥମ ପ୍ରକାଶ, କାଦମ୍ବିନୀ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର, ୨୦୦୭

୨.Andersyn, Shawn, Why Effectively Dealing with Change in a Dynamic Environment Takes Skill in Managing Conflict, 2023

୩.ଦାସ, ଚିତ୍ତରଞ୍ଜନ, ଶବ୍ଦ ଶତକ, ସୁହୃଦ ପ୍ରକାଶନୀ, ଭୁବନେଶ୍ୱର,୨୦୦୨ ।

୪.ଦାସ, ରବୀନ୍ଦ୍ର କୁମାର, ଉତ୍ତର ଆଧୁନିକ ସମାଲୋଚନାବାଦର କାଠଗଡ଼ାରେ ଓଡ଼ିଆ ସାହିତ୍ୟ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ, ୨୦୧୭ ।

୫.Eliot, T. S., The Sacred Wood, Methuen & Co. Ltd., London, Fourth Edition, 1934.

୬.Hart, Kelvin, Postmodernism, One World Oxford, First South Asian Edition, 2006.

ALOCHANA
ସମାଲୋଚନା
ପ୍ର ସ ଙ୍ଗ ନୂ ଆ
ପ୍ରଥମ ବର୍ଷ, ସଂଖ୍ୟା - ୦୬ | ନଭେମ୍ବର - ଡିସେମ୍ବର ୨୦୨୩
Volume No. 01 | Issue No. 06 | Nov-Dec 2023
Refereed Peer-Reviewed Jornal
BAGEESHA
ବାଗୀଶ
https://bageesha.in
OPEN ACCESS

# ଲୋହିତ କୋକିଳ : କବି ବ୍ରଜନାଥ ରଥ

■ ଡ. ବିଜୟଲକ୍ଷ୍ମୀ ଦାଶ
ସହଯୋଗୀ ପ୍ରଫେସର୍, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

"ସମୀକ୍ଷକମାନଙ୍କ ଦୃଷ୍ଟିରେ ବ୍ରଜନାଥ ବିପ୍ଳବୀ କବି, ମାନବବାଦୀ କବି, ବାସ୍ତବବାଦୀ କବି, ପ୍ରଗତିଶୀଳ କବି। ଏହିପରି ଅନେକ ବିଶେଷଣର ମୋହର ତାଙ୍କଠି ବାଜିସାରିଛି। ଏସବୁକୁ ମିଶାଇଦେଲେ ଆମେ ଜାଣିପାରିବା ଯେ ଏ ସମସ୍ତ କାବ୍ୟଗୁଣ ମଧ୍ୟରେ କିଛି କିଛି ସାମଞ୍ଜସ୍ୟ ଅଛି। ଅତଏବ ମୋ ମତରେ ବ୍ରଜନାଥ ଜଣେ ସତ୍ କବି। ସତ୍ କବିର ସମସ୍ତ ମାପଦଣ୍ଡ ବ୍ରଜନାଥଙ୍କ ପାଖରେ ଖୁନ୍ଦି ହୋଇରହିଛି। ତାଙ୍କ କାବ୍ୟ ସୃଜନରେ ରହିଛି ସମକାଳୀନ ଅବକ୍ଷୟମୁଖୀ ଯୁଗଚଳଣି, ଜନତା ଓ ନେତାଙ୍କ ଆଚାର ସଂହିତା, ଦୁଃସ୍ଥିତି ଓ ଦୁର୍ଗତି ଭୋଗୁଥିବା ନିରୀହ ମଣିଷଙ୍କ କଥା ସାଙ୍ଗକୁ ସମାଜଚିତ୍ର ସହିତ ପ୍ରେମ ଓ ପ୍ରକୃତିର ମାର୍ମିକ ଚିତ୍ର।"

(୧)

କବି ବ୍ରଜନାଥ ରଥଙ୍କ ସାହିତ୍ୟ ଭିତ୍ତିକୁ ନେଇ ମୋତେ ଯେ ଲେଖିବାକୁ ହେବ; ଏହା ମୋ ପାଇଁ କମ୍ ଗୌରବର କଥା ନୁହେଁ। ଅବଶ୍ୟ ଏ ଲେଖା ପାଇଁ ନିଜକୁ ପ୍ରସ୍ତୁତ କରୁ କରୁ କେତେବେଳେ ବ୍ରଜନାଥ ରଥଙ୍କ ସ୍ମୃତିରେ ବୁଡ଼ିଯାଇଛି, ତାହା ନିଜେ ବି ଜାଣିପାରିନାହିଁ। କବି ବ୍ରଜନାଥ ରଥଙ୍କ କବିତାକୁ ନେଇ ଯାହା ଅନୁଭବ କରିଛି, ସେସବୁକୁ ମନ-ପ୍ରାଣ-ହୃଦୟରେ ଅଧିଷ୍ଠିତ କରାଇଛି। ତାହାର ଏକ ସିଧାସଳଖ ପରିପ୍ରକାଶ ହେଉଛି ଏଇ ରଚନା। ବ୍ରଜନାଥ ରଥ : ଏକ ଅକ୍ଷୟ ଅମର ବହୁଳ ଚର୍ଚ୍ଚିତ ପ୍ରଚଣ୍ଡ ପ୍ରତିଭା। ତାଙ୍କର ନିରପେକ୍ଷ, ନିର୍ଲିପ୍ତ ଓ ନିର୍ଭୀକ ମତ ଓ ବକ୍ତବ୍ୟ ପ୍ରତ୍ୟେକ ସଚେତନ ସ୍ରଷ୍ଟା ଓ ପାଠକକୁ ବିହ୍ୱଳିତ କରେ। ପ୍ରଗତିଶୀଳ ସାହିତ୍ୟ ଧାରାକୁ ଯେଉଁମାନଙ୍କ କାବ୍ୟ-ପୁରୁଷ ଓ ଶିଳ୍ପ-ପ୍ରତିଭା ଏକ ନୂତନ ଛକରେ ଠିଆ କରାଇପାରିଥିଲା ସମୁଦାୟ ସାହିତ୍ୟ ଓ କଳାକୁ, ଯାହାଙ୍କ ରୁଚିଶୀଳ ଅସୀମ ପାଣ୍ଡିତ୍ୟ ଓ ପରିମାର୍ଜିତ ଦୃଷ୍ଟିଭଙ୍ଗୀ ସାହିତ୍ୟକୁ ଏକ ଅପରୂପ ସିଂହାସନରେ ଆସୀନ କରାଇଥିଲା, ଯାହାଙ୍କ ବ୍ୟକ୍ତିଗତ ଜୀବନର ଐକାନ୍ତିକତା ପ୍ରଗତିଶୀଳ ସାହିତ୍ୟକୁ ସଂପୂର୍ଣ୍ଣତାର ରସରେ ପ୍ଲାବିତ କରିଥିଲା, ସେମାନଙ୍କ ମଧ୍ୟରୁ କବି ବ୍ରଜନାଥଙ୍କ ନାମ ଅତ୍ୟୁଜ୍ଜ୍ୱଳ।

(୨)

ବାଲେଶ୍ୱର ଯେଉଁଠି ଊନବିଂଶ ଶତାବ୍ଦୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିପୁଳ ଉଦ୍‌ବର୍ତ୍ତନ ଘଟିଥିଲା, ସେହି ସ୍ଥାନର ଜଣେ ସର୍ବବାଦୀ-ସମ୍ମତ, ସଂସ୍କୃତିପ୍ରେମୀ ବ୍ୟକ୍ତି ହେଲେ କବି ବ୍ରଜନାଥ ରଥ। ଜୀବନରେ ଦୁଇଥର ତାଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଛି। ତମ୍ବା ତାର ପରି ନହନହକା ଦେହ, ତୀକ୍ଷ୍ଣ ନାକ, ଉନ୍ନତ କପାଳ। ଖଦଡ଼ ଧୋତି, ପଞ୍ଜାବୀ ତାଙ୍କର ପରିଧାନ। ଆଡ଼ମ୍ବର ବା ଅହଂକାର ତାଙ୍କୁ ଛୁଇଁପାରିନାହିଁ। ସ୍ୱରରେ ତୀବ୍ରତା ଥିଲା, କଥାବାର୍ତ୍ତାରେ ଟାଣପଣ ବାରି ହୋଇପଡୁଥିଲା। କବି ବ୍ରଜନାଥଙ୍କ ସହ ପରିଚୟର ସୂତ୍ରଧର ଥିଲେ କବି ସଦାଶିବ ଦାଶ। କହିଥିଲେ ବାଲେଶ୍ୱରର ଜଣେ ବିଶିଷ୍ଟ ଚିନ୍ତକ, ବୁଦ୍ଧିଜୀବୀ ତଥା ସୁସାହିତ୍ୟିକ। ପିଏଚ୍.ଡ଼ି. ଗବେଷଣା ସମୟରେ କବି ବ୍ରଜନାଥଙ୍କ କବିତା

ସହିତ ଅନ୍ତରଙ୍ଗତା ବଢ଼ିଥିଲା। ଆଲୋଚନା ଓ ଅଧ୍ୟାୟରେ କବିଙ୍କୁ ସ୍ଥାନିତ କରିଥିଲି। ଜଣେ ଅତି ସାଧାରଣ ମଣିଷ ଭାବରେ ସାଧାସିଧା ସରଳ ଜୀବନଯାପନ କରୁଥିବା କବି ବ୍ରଜନାଥ ତାଙ୍କର କ୍ରିୟାକଳାପ, ଚିନ୍ତା-ଚେତନା ଓ ବକ୍ତବ୍ୟ-ମନ୍ତବ୍ୟ ସବୁଥିରେ ବାରି ହୋଇଯାଉଥାଆନ୍ତି। ମୋ ଦୃଷ୍ଟିରେ ବ୍ରଜନାଥ ପାଲଟିଗଲେ ଅସପତ୍ନ ବ୍ୟକ୍ତିତ୍ୱର ଅଧିକାରୀ ଜଣେ ଅସାଧାରଣ କବି। ସ୍ନେହ ବାଣ୍ଟିବା ଓ ଭଲପାଇବାରେ ସମୃଦ୍ଧ ଏକ କବିପ୍ରାଣ। ବୈଶାଦୃଶ୍ୟ ବିରୋଧରେ ସ୍ୱର ଉଠାଇଥିବା ଜଣେ ଅସାଧାରଣ କବି। ଛଳନାଠାରୁ ଅନେକ ଦୂରରେ ସେ। ନିଜ ବିଚାରଧାରାରେ ଦୃଢ଼, ସ୍ଥିର। ସାଦାସିଧା ମଣିଷଟେ ସେ। ଠିକ୍ ସକାଳରେ କୁଆଁତାରା ପରି। ବ୍ରଜନାଥଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଅନ୍ୟର ନକାରାତ୍ମକ ଚିନ୍ତାକୁ ସକାରାତ୍ମକ କରାଇବାରେ ସେ ବେଶ୍ ଧୂରୀଣ ।

(୩)

ବର୍ତ୍ତମାନ କବି ବ୍ରଜନାଥଙ୍କ ଜୀବନୀ ଓ ସାରସ୍ୱତ ସୃଜନଶୀଳତା ପ୍ରସଙ୍ଗ ଆଲୋଚନା କରିବା। କବି ବ୍ରଜନାଥ ୧୯୩୬ ମସିହା ଜାନୁଆରୀ ମାସ ୧୨ ତାରିଖରେ ବାଲେଶ୍ୱରର ସୁନହଟର ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା – ବିଶ୍ୱନାଥ ରଥ, ମା' – ତାରାମଣି। ଦୁହିଁଙ୍କ ସ୍ମୃତିରେ ସେ ବିଶ୍ୱତାରା ପାଠାଗାର ସ୍ଥାପନ କରିଥିଲେ। ବ୍ରଜନାଥଙ୍କ ବାପାଙ୍କର ପୈତୃକ ଗାଁ ଥିଲା ବାଲେଶ୍ୱର ଜିଲ୍ଲାର ଖଇରା ଥାନା ଅନ୍ତର୍ଗତ ଅଚ୍ୟୁତପୁର ପଞ୍ଚାୟତର ସୁନିନ୍ଦା। ବିଶ୍ୱନାଥ ଜଣେ ସାହିତ୍ୟପ୍ରାଣ ବ୍ୟକ୍ତି। ସଂସ୍କୃତ ସାହିତ୍ୟରେ ସେ ନିପୁଣ। ସେ ସମୟର ବଡ଼ବଡ଼ କବି, ସାହିତ୍ୟିକମାନଙ୍କର ଉପାଦେୟ ବହି ସବୁ ଘରେ ରଖି ସେ ପଢୁଥିଲେ। ସଂସ୍କୃତର ଉପାଦେୟ ଶ୍ଳୋକ ସବୁକୁ ଅନୁବାଦ କରି 'ମୁକ୍ତଶତକ' ନାମକ ପୁସ୍ତକ ରଚନା କରିଥିଲେ। ସେ ଜଣେ ଜ୍ୟୋତିଷ ଶାସ୍ତ୍ରବିଦ୍ ମଧ ଥିଲେ। ସେ ସମୟର ବାଲେଶ୍ୱରର ଖ୍ୟାତନାମା ପ୍ରସିଦ୍ଧ ଜମିଦାର ସାମନ୍ତ ରାଧା ପ୍ରସନ୍ନ ଦାସ ଖୁସି ହୋଇ ତାଙ୍କୁ ସୁନହଟରେ ଖଣ୍ଡିଏ ଜମି ଘର କରିବାକୁ ଓ ପରିବାର ଭରଣପୋଷଣ ପାଇଁ ୧୦ ଏକର ଚାଷଜମି ଦେଇଥିଲେ। ସେହିଦିନଠାରୁ ସୁନହଟଠାରେ ବିଶ୍ୱନାଥ ସପରିବାର ବସବାସ କଲେ ।[୧] ଏଇ ସୁନହଟ ଘରେ କବି ବ୍ରଜନାଥଙ୍କ ଜନ୍ମ। ଚତୁର୍ଥ ଶ୍ରେଣୀଯାଏଁ ବ୍ରଜନାଥ ବାପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଠ ପଢୁଥିଲେ। ପଞ୍ଚମ ଶ୍ରେଣୀରେ ସିଧାସଳଖ ଭିକ୍ଟୋରିଆ ଜୁବୁଲି ମଧ୍ୟଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ। ଏହି ସ୍କୁଲରେ ବାପା ବିଶ୍ୱନାଥ ଶିକ୍ଷକତା କରୁଥିଲେ। ଏଠାରେ ସପ୍ତମ ଶ୍ରେଣୀଯାଏଁ ପଢ଼ି ୧୯୪୮ରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢ଼ିଲେ। ସପ୍ତମ ଶ୍ରେଣୀରେ ପଢୁଥିବାବେଳେ କିଛି ସହପାଠୀଙ୍କୁ ଧରି ଡାବଲରେ ବହି ସବୁ ସାଇତି କରି ଗଢ଼ିଥିଲେ 'ପାଠକ ବନ୍ଧୁ ପାଠାଗାର'। ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ତାଙ୍କ ନେତୃତ୍ୱରେ ଗଢ଼ାଯାଇଥିଲା 'ସୁନହଟ କ୍ଲବ'। ୧୯୫୨ ମସିହାରେ ମାଟ୍ରିକ୍ ପାସ୍‌କରି ଫକୀରମୋହନ କଲେଜରେ ନାମ ଲେଖାଇଲେ। ୧୯୫୩-୫୪ ମସିହାରେ କଲେଜ ୟୁନିଅନ୍‌ର ସଭାପତି ଥିଲେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଲେଖକ ମନୋଜ ଦାସ ଓ ଛାତ୍ର ସଂସଦର ସଂପାଦକ ଥିଲେ କବି ବ୍ରଜନାଥ। ସାମ୍ୟବାଦୀ ଓ ବାମପନ୍ଥୀ ଆଦର୍ଶରେ ବ୍ରଜନାଥ ବିଶ୍ୱାସୀ ଥିଲେ। ଛାତ୍ର ଆନ୍ଦୋଳନ, ସୀମା ଆନ୍ଦୋଳନ, ବାଲିଆପାଳ କ୍ଷେପଣାସ୍ତ୍ର ଘାଟୀ ବିରୋଧୀ ଆନ୍ଦୋଳନ, ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତି ବିରୋଧରେ ସଂଗ୍ରାମ ଓ ଜନମତ ଗଠନ ସହ ସକ୍ରିୟ ରହି ଜଣେ ସଂଗ୍ରାମୀ ସାଧକ ଭାବରେ ନିଜକୁ ପ୍ରତିଷ୍ଠିତ କରାଇଥିଲେ ।

୧୯୫୧ ମସିହାରେ ନବମ ଶ୍ରେଣୀର ଛାତ୍ର ଥିବା ସମୟରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପ୍ରକାଶିତ 'ଡଗର' ପତ୍ରିକାରେ ତାଙ୍କର ପ୍ରଥମ କବିତା 'ବ୍ୟର୍ଥତା' ପ୍ରକାଶ ପାଇଥିଲା। ଦୀର୍ଘଦିନ ଧରି ଫକୀରମୋହନ ସାହିତ୍ୟ ପରିଷଦର ସେ ସଦସ୍ୟ ଥିଲେ। ୧୯୬୪ ମସିହାରେ ଯୁବଲେଖକ ସମ୍ମେଳନର ସଂଗଠନ ସଂପାଦକ ଓ ୧୯୬୯ରେ ସଭାପତି ମଧ ଥିଲେ। ୨୦୦୩-୨୦୦୭ ମସିହାଯାଏ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ବିଶ୍ୱତାରା ପାଠାଗାର ସାଙ୍ଗକୁ ବିଶ୍ୱଶ୍ରୀ ପ୍ରେସ୍ ପ୍ରତିଷ୍ଠା କରିଥିଲେ। ବାଲେଶ୍ୱରରେ ସାରସ୍ୱତ ବାତାବରଣକୁ ବେଶ୍ ଚଳଚଞ୍ଚଳ କରାଇବାରେ ବ୍ରଜବାବୁଙ୍କ ଉଦ୍ୟମ ଥିଲା ପ୍ରଶଂସନୀୟ। ବାଲେଶ୍ୱରର ଅନ୍ୟତମ ସାରସ୍ୱତ ଅନୁଷ୍ଠାନ 'ସୁବର୍ଣ୍ଣଶ୍ରୀ' ସାହିତ୍ୟ ପ୍ରତିଷ୍ଠାନର ସେ ଥିଲେ ଆଜୀବନ ସଭାପତି ।

'ମରୁଗୋଲାପ', 'ନିଜସ୍ୱ ସଂଳାପ', 'ମରୁଗୋଲାପ ଓ ଅନ୍ୟାନ୍ୟ କବିତା', 'ନିଃଶବ୍ଦ ପ୍ରତିବାଦ', 'ସଭ୍ୟତାର ମୁହଁ', 'ମନର ମାନଚିତ୍ର', 'ହେ ମହାଜୀବନ', 'ଲଘୁ ଶତକ' (ବ୍ୟଙ୍ଗ କବିତା), 'ହେ ମୋର ସ୍ୱଦେଶ', 'ସ୍ୱ ନିର୍ବାଚିତ କବିତା', 'ସମୟର ଶବ୍ଦଲିପି', 'ସାମାନ୍ୟ ଅସାମାନ୍ୟ', 'ଏକ ଏକ ଏକପଦୀ', 'ସ୍ମୃତିର ଚିତ୍ରପଟ' ପ୍ରଭୃତି କବିତା ସଂକଳନର ସ୍ରଷ୍ଟା ହେଉଛନ୍ତି 'ବ୍ରଜନାଥ ରଥ'। 'ତସ୍‌ଲିମାଙ୍କ ଶ୍ରେଷ୍ଠ କବିତା', 'ଦୁଃଖିନୀ ଝିଅର ଗୀତ' (ନିର୍ବାଚିତ କଲାମ୍) 'ତସ୍‌ଲିମାଙ୍କ ଗଦ୍ୟ ରଚନା', 'ମୋ ପିଲା ଦିନ' (ତସ୍‌ଲିମାଙ୍କ ଆତ୍ମଜୀବନୀ). 'ଜେଲ୍ ପତ୍ରାବଳୀ ଓ ଅନ୍ୟାନ୍ୟ ରଚନା', 'ଅନ୍ନଦା ମଙ୍ଗଳ' (ମଧ୍ୟଯୁଗୀୟ ବଙ୍ଗଳା କବି ଭାରତଚନ୍ଦ୍ର ରାୟ ଗୁଣାକରଙ୍କ ପ୍ରସିଦ୍ଧ କାବ୍ୟର ଗଦ୍ୟାନୁବାଦ) ଓ ବିଶ୍ୱକବି ରବୀନ୍ଦ୍ରନାଥଙ୍କ କ୍ଷୁଦ୍ର କବିତାର ଅନୁବାଦ ବ୍ରଜନାଥ କରିଛନ୍ତି ।

'ଗଡ଼ିଗଡ଼ି ଗଲି ବଲ' - ଶିଶୁ କବିତା, ଧରିତ୍ରୀ, 'ସମସାମୟିକ ଓଡ଼ିଆ ପ୍ରେମ କବିତା', 'କହ୍ନେଇନାମା', 'କାନ୍ତକବି ସାହିତ୍ୟାଲେଖ', 'ରଘୁନାଥ ଦାସ ପରିକ୍ରମା', 'ରଘୁନାଥ ଦାସ ରଚନା ସମଗ୍ର', 'ବିପ୍ଳବୀ ମନମୋହନ ସ୍ମୃତି ସଂଚୟନ', 'ନରେନ୍ଦ୍ର ନନ୍ଦନିକା କାବ୍ୟ', 'ଅଭିଯାତ୍ରୀ' ସଂପାଦନା ସାଙ୍ଗକୁ 'ରାଧାମୋହନ ଗଡ଼ନାୟକଙ୍କ ଜୀବନୀ' (କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ) ବ୍ରଜନାଥଙ୍କ ସାରସ୍ୱତ କୃତିର ଅପୂର୍ବ ନିଦର୍ଶନ ।

(୪)

ଏହି ପର୍ଯ୍ୟାୟରେ କବିଙ୍କ ସାରସ୍ୱତ ସର୍ଜନାର ବିବିଧ ଦିଗ ଉପରେ ଆଲୋଚନା କରିବା। କବିଙ୍କ କବିତାର ବୈଶିଷ୍ଟ୍ୟ ସଂପର୍କରେ କଥାକାର ମନୋଜ ଦାସ ଲେଖିଥିଲେ; "ସର୍ବୋପରି ନିଜକୁ ବିଜ୍ଞାପିତ ନକରି ସେ ନୀରବରେ ଭବିଷ୍ୟତ ନିମନ୍ତେ ଏକ ପ୍ରତିଷ୍ଠାନ ନିର୍ମାଣରେ ବ୍ରତୀ ରହିଆସିଛନ୍ତି। ଭାରତର କେତେ ଜଣ ସୃଜନଶୀଳ ସାହିତ୍ୟିକ ତାହା କରିଥିବେ? ଅନ୍ତତଃ ଓଡ଼ିଶାରେ ସେ ଦିଗରେ ବ୍ରଜନାଥ ଅଦ୍ୟାବଧି ଅଦ୍ୱିତୀୟ। ବ୍ରଜନାଥଙ୍କ କବିତାର ପରିସର ବ୍ୟାପକ। ଆଦର୍ଶ ଓ ବିଦ୍ରୋହର ସ୍ୱରଠୁଁ ଆରମ୍ଭ କରି ସୁନ୍ଦର, ଲଳିତ ଓ କମନୀୟତା ପ୍ରତି ତାଙ୍କର ମାର୍ମିକ ସ୍ୱୀକୃତି, ସମସାମୟିକ ସମ୍ବାଦ-ବିସମ୍ବାଦର ପ୍ରତିକ୍ରିୟାଠୁଁ ଦୁରାଚାରୀ, ଦୁଃଶାସନୀ ଓ ପ୍ରତାରକମାନଙ୍କ ପ୍ରତି କଦବା ତୀର୍ଯ୍ୟକ କଦବା ପ୍ରଖର ବ୍ୟଙ୍ଗ ପର୍ଯ୍ୟନ୍ତ ଝଙ୍କୃତ ତାଙ୍କ କାବ୍ୟିକ ପ୍ରେରଣାର ଧ୍ୱନି। ଛନ୍ଦର ସାବଲୀଳ, ସର୍ବଜୟୀ ପ୍ରୟୋଗରେ ସେ ଅତୁଳନୀୟ। ବ୍ୟାପକ ଜାଲ୍-ଭେଜାଲ୍ ଅଧ୍ୟୁଷିତ ଆଧୁନିକ କବିତାର ଶୁଷ୍କ ମୈଦାନ ସହ ସମାନ୍ତରାଳ ଭାବରେ ବ୍ୟାପ୍ତ ବ୍ରଜନାଥଙ୍କ ଏକକ ସୃଜନୀର ସବୁଜ ଉଦ୍ୟାନ।[୨]

ପ୍ରଥମେ ଆମେ ଜାଣିବା ଦରକାର କବି ବ୍ରଜନାଥଙ୍କ କାବ୍ୟ ଚେତନାର ବୈଶିଷ୍ଟ୍ୟ ସଂପର୍କରେ, ଯାହା ମାଧ୍ୟମରେ ତାଙ୍କ କାବ୍ୟିକ ଅଭିପ୍ରାୟଟି ସ୍ପଷ୍ଟ ହୋଇପାରିବ। ସମୀକ୍ଷକମାନଙ୍କ ଦୃଷ୍ଟିରେ ବ୍ରଜନାଥ ବିପ୍ଳବୀ କବି, ମାନବବାଦୀ କବି, ବାସ୍ତବବାଦୀ କବି, ପ୍ରଗତିଶୀଳ କବି। ଏହିପରି ଅନେକ ବିଶେଷଣର ମୋହର ତାଙ୍କଠି ବାଜିସାରିଛି। ଏସବୁକୁ ମିଶାଇଦେଲେ ଆମେ ଜାଣିପାରିବା ଯେ ଏ ସମସ୍ତ କାବ୍ୟଗୁଣ ମଧ୍ୟରେ କିଛି କିଛି ସାମଞ୍ଜସ୍ୟ ଅଛି। ଅତଏବ ମୋ ମତରେ ବ୍ରଜନାଥ ଜଣେ ସତ୍ କବି। ସତ୍ କବିର ସମସ୍ତ ମାପଦଣ୍ଡ ବ୍ରଜନାଥଙ୍କ ପାଖରେ ଖୁନ୍ଦି ହୋଇରହିଛି। ତାଙ୍କ କାବ୍ୟ ସୃଜନରେ ରହିଛି ସମକାଳୀନ ଅବକ୍ଷୟମୁଖୀ ଯୁଗଚଳଣି, ଜନତା ଓ ନେତାଙ୍କ ଆଚାର ସଂହିତା, ଦୁଃସ୍ଥିତି ଓ ଦୁର୍ଗତି ଭୋଗୁଥିବା ନିରୀହ ମଣିଷଙ୍କ କଥା ସାଙ୍ଗକୁ ସମାଜଚିତ୍ର ସହିତ ପ୍ରେମ ଓ ପ୍ରକୃତିର ମାର୍ମିକ ଚିତ୍ର। ଜଣେ କବି କେବଳ ଗୋଟିଏ ଭାବଭୂମି ଉପରେ ଦଣ୍ଡାୟମାନ ହୋଇ କାବ୍ୟ ରଚନା କରେ ନାହିଁ। କବିପ୍ରାଣକୁ ଯାହା ଆଲୋଡ଼ିତ କରେ ତାହା କାବ୍ୟିକ ପରିମଣ୍ଡଳର ଉପାଦାନ ପାଲଟିଯାଏ। ଏହି ଦୃଷ୍ଟିରୁ ବ୍ରଜନାଥଙ୍କ ଭାବର ପରିଧି ବେଶ୍ ସଂପ୍ରସାରିତ। ସ୍ରଷ୍ଟାପଣ ଭିତରେ ଫୁଟିଉଠେ କବିଙ୍କ ଦ୍ରଷ୍ଟାପଣ ।

ବ୍ରଜନାଥ ଗଦ୍ୟ କବିତା, ମୁକ୍ତଛନ୍ଦର କବିତା ସାଙ୍ଗକୁ ଛନ୍ଦ କବିତା ମଧ୍ୟ ଲେଖିଛନ୍ତି। କବିଙ୍କର ପାଶ୍ଚାତ୍ୟ କାବ୍ୟାଦର୍ଶ ଓ ଶୈଳୀଶିଳ୍ପ ପ୍ରତି ଅବଧାନତା ଅଛି; କିନ୍ତୁ ଆକୁଳତା ନାହିଁ। ଏକ ସୁଗମ ଶ୍ରୁତିସୁଭଗ ଛାନ୍ଦସିକତାକୁ ସେ ନିଜ ପ୍ରକାଶଭଙ୍ଗୀରେ ବେଳହୁଁ ଲାଳନପାଳନ କରିଆସିଛନ୍ତି। ବ୍ରଜନାଥଙ୍କ ଛନ୍ଦବିଧାନ ପଦ୍ୟରୀତି ସଂପନ୍ନ। ସାଙ୍ଗୀତିକତା ଓ ଧ୍ୱନିମାଧୁର୍ଯ୍ୟ ଗୁଣରେ ଅଭିଷିକ୍ତ। ଷଷ୍ଠ ଦଶକର ଓଡ଼ିଆ କବିତାରେ କବିମାନେ ଯେତେବେଳେ ପାଶ୍ଚାତ୍ୟ କାବ୍ୟଶୈଳୀର ଅନୁକରଣରେ ବାକ୍‌ରୀତି ଓ ଗଦ୍ୟଛନ୍ଦରେ କବିତା ଲେଖିଲେ, କବି ବ୍ରଜନାଥ ସମୟର ପ୍ରଭାବକୁ ଅସ୍ୱୀକାର କରି ଛନ୍ଦ ପ୍ରତି ଦୁର୍ବାର ଆକର୍ଷଣ ଦେଖାଇଲେ। ତାଙ୍କ କବିତା ବେଳହୁଁ ପ୍ରମାଣ କରିଦେଲା ଯେ, ଆଧୁନିକ, ଆନ୍ତର୍ଜାତିକ ହେବା ପାଇଁ ପାଶ୍ଚାତ୍ୟ କାବ୍ୟରୀତିର ଆହରଣ ଅନିବାର୍ଯ୍ୟ ନୁହେଁ। ଓଡ଼ିଆ କବି ପାଇଁ ଜରୁରୀ ତା'ର ପରଂପରା ଓ କାବ୍ୟଧାରାକୁ ଯଥୋଚିତ ସମ୍ମାନ ଦେଇ ତାକୁ ଆଧାର ଭାବେ ଗ୍ରହଣ କରି ସମକାଳୀନ ଜୀବନକୁ ପରିବର୍ତ୍ତିତ ସାମାଜିକ ପ୍ରେକ୍ଷାପଟ ଆଧାରରେ କବିତାକୁ ଗଢ଼ିତୋଳିବା। ଯାହା ଫଳରେ କି କବିତାକୁ ଦୁର୍ବୋଧ୍ୟତା ସ୍ପର୍ଶ କରିପାରିବ ନାହିଁ ।

କବିଙ୍କର ପ୍ରଥମ କବିତା ସଂକଳନ 'ମରୁଗୋଲାପ' ୧୯୬୦ ମସିହାରେ ପ୍ରକାଶ ପାଏ। ଏହାପରେ ୧୯୭୨ ମସିହାରେ ଏହାର ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୁଏ। ନାମକରଣରେ ଏକ ପରିପକ୍ୱ ଅବବୋଧ ପରିଲକ୍ଷିତ ହୁଏ। 'ମରୁ' ରୁକ୍ଷ ବାସ୍ତବତାର ପ୍ରତୀକ ହୋଇଥିଲାବେଳେ ଗୋଲାପ: ସୌନ୍ଦର୍ଯ୍ୟ, ସ୍ୱପ୍ନ, ପ୍ରେମର ପ୍ରତୀକ। କବିଙ୍କ ଆଦ୍ୟ ସାଧନା ପର୍ବର କାବ୍ୟଚିନ୍ତନ ଓ ଛନ୍ଦବିଧାନର ପରିଚୟ ନିମିତ୍ତ ଦୁଇଟି ପଂକ୍ତି ଉଦ୍ଧାର କରାଯାଇପାରେ –"ଆଲୋକର ଦେଶ ନୁହଁଇ ତଥାପି ଦୂର / ପାଦତଳୁ ନୂଆ 'ବ୍ୟାବିଲୋନ୍' ତୋଳେ ମଥା;/ ଡେରି ନୁହେଁ ଗୁଣ ମରୁଯାତ୍ରୀର ଦଳ /ସାହାରାରେ କାଲି ଗୋଲାପ କହିବ କଥା ।"(ମରୁ-ସଂଗୀତ)

ଏହି ସଂକଳନରେ ସ୍ଥାନିତ ଆଉ ଏକ ଆକର୍ଷଣୀୟ କବିତା ଯାହାକି ଗୋଟିଏ ପ୍ରଜାପତିର ମୃତ୍ୟୁ ଉପରେ ଆଖ୍ୟାୟିତ। କବି ହୃଦୟର ଅଭିବ୍ୟକ୍ତି ଏହିପରି – "ଧରା-ଅଂଗନେ ଝରାଫୁଲ ସମ / ପ୍ରଜାପତିଟିଏ ପଡ଼ିଛି ଝରି /ଦେଖିଚ କି ତାକୁ ଦେଖିଚ କେହି? /ଥରଥର ତା'ର ଥରିଲା ଡେଣାରେ / ଚଳ-ଚଞ୍ଚଳ ନୟନ-ଡୋଳାରେ /ମୃତ୍ୟୁର ନୀଳ ଶୀତଳ ରାତ୍ରି / ଆସିଚି ନଇଁ, /ଦେଖିଚ କି ତାକୁ / ଦେଖିଚ କେହି?"(ଗୋଟିଏ ମୃତ ପ୍ରଜାପତିର କବିତା)

ଆଦ୍ୟ ଜୀବନର ପ୍ରେମଭାବନାକୁ ନେଇ 'ସ୍ୱାଗତିକା', 'ପ୍ରଥମ ପ୍ରଣୟ' କବିତା ଲେଖିଛନ୍ତି। ଯେଉଁଥିରେ ପ୍ରେମ ସହ ସଂଘର୍ଷର କଥା ବି ଅଛି। ବାସ୍ତବ ପରିସ୍ଥିତିକୁ ସାମ୍ନା କରିବାର ସଂକଳ୍ପବଦ୍ଧତା ଅଛି। କବି ବ୍ରଜନାଥଙ୍କ ପ୍ରେମମୟ ଅଭିବ୍ୟକ୍ତିର ପ୍ରତିବିମ୍ବ ହେଉଛି ସେଇ 'ବାଳିକା ବଧୂ'ଙ୍କର ସୁନ୍ଦର ମୁହଁ। 'ସ୍ୱାଗତିକା'ରେ କବି ଲେଖିଛନ୍ତି- "ତୁମେ ଯିଏ ଆସି ଚପଳା-ଚରଣା ବାଳିକା /ମନ ଉପବନେ କନକ-କୁସୁମ କଳିକା/ ଥର ଥର ପଦପାତରେ /ତୁମେ ଯିଏ ଆସ ଏ ମୋର ଜୀବନ ବାଟରେ ।" ('ସ୍ୱାଗତିକା', 'ମରୁଗୋଲାପ' – ୧୯୬୬)

ସ୍ୱଭାବ ସୁଲଭ ଢଙ୍ଗରେ ଆଶାର ସ୍ୱପ୍ନରେ ବିଭୋର କରାନ୍ତି କବି ବ୍ରଜନାଥ। କବିଙ୍କ କବିତାରେ ତାହା ସୁସ୍ପଷ୍ଟ। "ରୂପ-ରସ-ଗନ୍ଧରେ ପୁଣିଥରେ ଆମେ ବି /ହସିବାତ ରୁକ୍ଷ ଏ

ମହୀରେ /ଆଦ୍ୟ ସେ ମିଳନର ମଧୁମୟ କାହାଣୀ /ଇତିହାସ ନୁହେଁ କେବେ ସହିରେ ।"('ପ୍ରଥମ ପ୍ରଣୟ', 'ମରୁଗୋଲାପ')

ଅତିକ୍ରାନ୍ତ ଯୌବନ ପଥରେ କବି ହୃଦୟେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଉଲ୍ଲେଖ କରୁଛନ୍ତି- "ସେଦିନର ମଧୁମୟ ମିଳନର ସ୍ୱପ୍ନ /ଇତିହାସ ହେଲା ଆଜି ସହିରେ! /ସେଦିନର ମଧୁମୟ ପ୍ରଣୟ ଉଚ୍ଛ୍ୱାସ /ଆଜି କି ହୃଦୟେ ଜାଗେ ନାହିଁରେ?/କାହିଁ ସେହି ଫାଲ୍‌ଗୁନ୍, କାହିଁ ସେହି ଅତୀତ /କାହିଁ ସେହି ସୁରଭିତ ସନ୍ଧ୍ୟା? /କାହିଁ ସେହି ଥରଥର ଲଜିତ ଚାହାଣି /ଅଧୀର ଅଧର ପ୍ରୀତି-ବନ୍ଧ୍ୟା? /କାହିଁ ସେହି ଅତୀତର ପରିଚୟ ପ୍ରଥମ /ପ୍ରଥମ-ପ୍ରଣୟ ଆଜି କାହିଁରେ? /ସେଦିନର ମଧୁମୟ ମିଳନର ସ୍ୱପ୍ନ /ହେଲା କି ତ ଇତିହାସ ସହିରେ?" ('ପ୍ରଥମ ପ୍ରଣୟ', 'ମରୁଗୋଲାପ')

ଜୀବନବୋଧ ଓ ପ୍ରେମ 'ମରୁଗୋଲାପ'ର ଗୋଟିଏ ପର୍ଯ୍ୟାୟର ଆଧାର ହୋଇଥିଲାବେଳେ 'ସଂଗ୍ରାମ ଓ ଶାନ୍ତି' ମରୁଗୋଲାପର ଆଉ ଏକ ପାଶ୍ୱର୍। କବିଙ୍କର ସଂଗ୍ରାମୀ ପ୍ରାଣର ବ୍ୟଥା ନିମ୍ନ କବିତାର ପଂକ୍ତି ଭିତରେ ପ୍ରକାଶିତ। ଲେନିନ୍‌ଙ୍କ ସ୍ମରଣରେ ସେ ଗାଇଛନ୍ତି- "'ବିପ୍ଳବ' ବିନା ଆଉ/ ପଥ ନାହିଁ ପଥ ନାହିଁ / 'ସଂଗ୍ରାମ' ବିନା ନାହିଁ ସରଣୀ;/ କହିଗଲ ଏହି କଥା / ଜନତାର ଦରବାରେ /କରିଗଲ ଅଦ୍ଭୁତ କରଣୀ। /ହେ ଲେନିନ୍ ଅମ୍ଳାନ ଅମର! /ହେ ଲେନିନ୍ ଦୁର୍ବାର ଅଜର!!"('ହେ ମହାଜୀବନ', କବିତା)

ଆଲ୍‌ଜେରିଆର ବିଦ୍ରୋହିଣୀ ବାଳିକା 'ଜମିଲା ବୋହିରୋଡ଼', ଯିଏକି ଯୌବନକୁ ତିଳେ ତିଳେ ହତ୍ୟାକରି ଫରାସୀ ସାମ୍ରାଜ୍ୟବାଦର ଶିବିରରେ ସଢୁଛି। ତା'ରି ମୁକ୍ତି ଉଦ୍ଦେଶ୍ୟରେ କବି 'ହସିଦିଏ ମୃତ୍ୟୁମୁଖୀ ଫୁଲ' କବିତାରେ ପ୍ରତିବାଦର ସ୍ୱର ଉଠାଇଛନ୍ତି। "ଏ ପାଖେ ଜୀବନ ସେ ପାଖେ ମୃତ୍ୟୁ /ଆଗରେ ମୁକ୍ତି ଫଳକ ଝୁଲେ /ତୁମେ କେ ବାଳିକା / ଅଗ୍ନି କଣିକା? /ନବ ବିକଶିତ / ରକ୍ତ-କଳିକା/ ବନ୍ଦୀଶାଳାର/ ଲୌହ ଶଳାକା /ଟାଳିଟାଳି ଆଜି ବଜ୍ର ବାହନେ /ଜଳି ଜଳି ଆଜି ବହ୍ନି ଦହନେ /ହସୁଛି ମୃତ୍ୟୁ ସାଗର କୂଳେ; /ଦୁଇ ପାଖେ ଦୁଇ ଶାଣିତ ଖଡ୍‌ଗ /ଆଗରେ ମୁକ୍ତି ଫଳକ ଝୁଲେ ।"('ହସିଦିଏ ମୃତ୍ୟୁମୁଖୀ ଫୁଲ'- ମରୁଗୋଲାପ)

ପ୍ରତିବାଦର ସ୍ୱର ଆହୁରି ତୀବ୍ର ଶାଣିତ ହୋଇଛି 'ମେ ପହିଲାର କବିତା'ରେ। କବି ଶୋଷଣ ଦଗ୍‌ଧ ପୃଥିବୀକୁ ଭାଗ କରିବାପାଇଁ ଭାଗ କରିବା ପାଇଁ ଆକାଶକୁ ବର୍ଚ୍ଛାବଦ୍ଧ କରିଛନ୍ତି। "ପୃଥିବୀର ଦୁଇ ଶିବିରେ ବାଜୁଛି ତୂର୍ଯ୍ୟ /ଆକାଶ ବୁକୁରେ ବର୍ଚ୍ଛା ମାରୁଛି 'ମେ ପହିଲାର ସୂର୍ଯ୍ୟ' ।" ('ମେ' ପହିଲାର କବିତା', ମରୁଗୋଲାପ)

ଦ୍ୱିତୀୟ ସଂସ୍କରଣରେ 'ମରୁଗୋଲାପ' ସହ ଯୋଡ଼ି ହୋଇଛି 'ଅନ୍ୟାନ୍ୟ କବିତା'ର ଏକ ନୂଆ ଅଧ୍ୟାୟ। ନୂଆ ରୂପ ପାଇଛି 'ମରୁଗୋଲାପ ଓ ଅନ୍ୟାନ୍ୟ କବିତା' ନାମରେ। ଧର୍ମର ବୀଭତ୍ସତା ଓ ସଂକୀର୍ଣ୍ଣତାକୁ ଆକ୍ଷେପ କରିବାକୁ ଯାଇ କବି ଉଲ୍ଲେଖ କରିଛନ୍ତି-"ସଭ୍ୟତାର ନଦୀଧାରେ ବସି /ମୁଁ ଦେଖିଛି ଧର୍ମ ନାମେ ଶତଶତ ଯୁଦ୍ଧ ଅଭିଯାନ, /ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ମଠର ପ୍ରାଙ୍ଗଣେ- /ଅବିରତ କୋକଶାସ୍ତ୍ର ଗାନ/ ମୁଁ ପାରୁଛି ଶୁଣି; /ମୁଁ ପୁଣି ଶୁଣିଛି ଶତ ନରହତ୍ୟା, ଲୁଣ୍ଠନର/ ବୀଭତ୍ସ କାହାଣୀ ।"

କବିଙ୍କର ଦ୍ୱିତୀୟ କବିତା ସଂକଳନ 'ନିଜସ୍ୱ ସଂଳାପ' ୧୯୬୯ ମସିହା ଏହାର ପ୍ରକାଶ କାଳ। କବିତାଗୁଡ଼ିକ ୧୯୫୫ରୁ ୧୯୬୫ ମଧ୍ୟରେ ରଚିତ। ସଂକଳନ ପ୍ରକାଶ ପାଇବାର ଦୁଇବର୍ଷ ପୂର୍ବରୁ ୧୯୬୭ ମସିହାରେ ଉତ୍ତର ବଙ୍ଗର ତରାଇ ଅଞ୍ଚଳର ପାଦଦେଶରେ ନକ୍ସଲବାଡ଼ୀରେ ବିପ୍ଳବୀ ଚେତନାର ନବଉନ୍ମେଷ ଆରମ୍ଭ ହୋଇସାରିଥାଏ। ଗ୍ରାମାଞ୍ଚଳରେ ଅନ୍ୟାୟରେ ଧନୀ ଜମିବାଲା, ସାଉକାର, ଗାଁ ମହାଜନମାନେ ଦଖଲ କରିବସିଥିବା ହଜାର ହଜାର ଏକର ଜମିକୁ କ୍ଷମତାକୁ ଆସିଲେ ମାର୍କସ୍‌ବାଦୀ କମ୍ୟୁନିଷ୍ଟ ପାର୍ଟି ଗରିବ କୃଷକ, ଭୂମିହୀନ ପ୍ରଜାଙ୍କ ମଧ୍ୟରେ ବାଣ୍ଟିଦେବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲା। କମ୍ୟୁନିଷ୍ଟ ପାର୍ଟି 'ଲଂଗଳ ଯାହାର ଜମି ତାହାର' ରୀତିରେ ଜମି ବାଣ୍ଟିବ ବୋଲି କହିଥିଲା। ଏହି ପ୍ରତିଶ୍ରୁତି ଦେଇଥିଲେ ସଭାପତି ହରେକୃଷ୍ଣ କୋନାର୍। ଏହି ଆନ୍ଦୋଳନର ପ୍ରଭାବ ଓଡ଼ିଶାରେ ବି ପଡ଼ିଲା। କିନ୍ତୁ ନକ୍ସାଲ ଆନ୍ଦୋଳନର କୌଣସି ଛାପ 'ନିଜସ୍ୱ ସଂଳାପ'ରେ ସ୍ଥାନିତ କବିତାରେ ପଡ଼ି ନଥିଲା। ୧୯୬୯ରେ ବଲାଙ୍ଗୀରଠାରେ ଅନୁଷ୍ଠିତ ହୋଇଥିବା ଓଡ଼ିଆ ଯୁବଲେଖକ ସମ୍ମେଳନର ଅଧିବେଶନରେ କବି ସଭାପତି ଭାବରେ ନିର୍ବାଚିତ ହୋଇଥାନ୍ତି। ଏହି ଅଧିବେଶନରେ ଯୁଗ୍ମ ସଂପାଦକ ଥିଲେ କବି ସଦାଶିବ ଦାଶ। ଯୁବ ଲେଖକ ସମ୍ମେଳନ ମାଧ୍ୟମରେ ପ୍ରଗତିଶୀଳ ଧାରାକୁ ଲୋକପ୍ରିୟ କରାଇବା ପାଇଁ ବ୍ରଜନାଥ ପରିକଳ୍ପନା କରୁଥାଆନ୍ତି। ଏ ସଂକଳନସ୍ଥ ଅଧିକାଂଶ କବିତାରେ କବିଙ୍କର ଜୀବନବାଦୀ ଦୃଷ୍ଟିଭଙ୍ଗୀ ପରିଲକ୍ଷିତ। 'ଭୁଲ' ଓ 'ମୁଁ ଏକ କାଗଜଫୁଲ' କବିତାକୁ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। "ଜୀବନ ଅମଡ଼ା ପଥେ ଚାଲୁଚାଲୁ /ଭୁଲ୍ ମୁଁ କରିଛି କେତେ/ ହିସାବ ତାହାର ନାହିଁ; /କେତେଥର ମୁହିଁ ଖସଡ଼ା ପଥରେ/ କଚଡ଼ା ଖାଇଛି ପୁଣି /କଳନା ବା ତା'ର କାହିଁ??"('ଭୁଲ୍' - ନିଜସ୍ୱ ସଂଳାପ)

"ମୁଁ ଏକ କାଗଜ ଫୁଲ /ସୌରଭର ସତ୍ତା ସିନା ନାହିଁ/ ଅନାମିକା ହେଲେ ହେଁ ତଥାପି /ରହି ରହି ପୃଥିବୀର / ବିପର୍ଯ୍ୟସ୍ତ ଟେବୁଲ୍ ଉପରେ /ଫୁଲ ବୋଲି ଗର୍ବ କରେ ମୁହିଁ।/ ସଭ୍ୟତାର ଧୂଳି ଆସି କ୍ରମେ /ନାଲି ନେଳି ପାଖୁଡ଼ାରେ ମୋର/ ଧୀରେ ଧୀରେ ଜମେ। /ବେଳେବେଳେ ସମୟର ପବନରେ / ବୃନ୍ତ ମୋର ହଲିଗଲା ବେଳେ /ମୁଁ ଭାବୁଛି ସତେ ଅବା /ନିଜ ମୁହଁ ନିଜର ବିସ୍ମୟ /ନାମହୀନ, ଗନ୍ଧହୀନ /ମୁଁ ଏକ କାଗଜ ଫୁଲ /ଏହି ମୋର ଆତ୍ମ ପରିଚୟ ।" ('ମୁଁ ଏକ କାଗଜ ଫୁଲ', ନିଜସ୍ୱ ସଂଳାପ, ପୃ.୪୧)

ସାଧାରଣତଃ କବି ବ୍ୟକ୍ତିଗତ ସୁଖ, ଦୁଃଖ, ପ୍ରେମ, ପ୍ରଣୟ ଭଳି ନାନାଦି ଅନୁଭୂତିକୁ କବିତାରେ ଉତ୍‌ଥାପନ

କରିପାରିଥାଆନ୍ତେ। କବି ଏଠାରେ ବ୍ୟକ୍ତିଗତ ଭାବନା ଉପରେ ଗୁରୁତ୍ୱ ନଦେଇ ସମାଜ ପ୍ରତି ଅଙ୍ଗୀକାରବଦ୍ଧ ରହିଛନ୍ତି। ଗାନ୍ଧିବାଦର ଦ୍ୱାହି ଦେଇ ସ୍ୱାଧୀନ ଭାରତର ଦଳେ ଶୋଷକ ଖଦଡ଼ଧାରୀ ଅହିଂସାବାଦୀମାନେ କିପରି ଜନସାଧାରଣଙ୍କୁ ଭୁଆଁ ବୁଲେଇ ସର୍ବସାଧାରଣଙ୍କୁ ଶୋଷଣ କରୁଛନ୍ତି, କବି ଶ୍ରୀ ରଥ 'ବଗ' ପ୍ରତୀକ ମାଧ୍ୟମରେ ଚିତ୍ରଣ କରିଛନ୍ତି ।

"ତୁମେ ସେ 'ବଗ'କୁ କେବେ ଏ ମାଟିର ମଣିଷ ସହ/ ତୁଳନା କରିଛ ବନ୍ଧୁ? ଆଜି ମୋତେ ସତ କରି କହ; /ପ୍ରାଣର ବ୍ୟଗ୍ରତା ତଳେ ଆଖିରେ ଯା ଉଗ୍ରତାର ବହ୍ନି /ତୁମେ କି ପାରିବ କେବେ ଶ୍ୱେତପକ୍ଷ ସେ ବଗକୁ ଚିହ୍ନି? /ନିରୀହର ଅବତାର, ସାରଲ୍ୟର ମୂର୍ତ୍ତିମାନ ଜୀବ /ଏ ଜଗତ ନ ହେବାଠୁଁ ନାହିଁ ବନ୍ଧୁ ଅନ୍ୟ କାହିଁ ଠାବ; /ସେଥିପାଇଁ ଲୋଡ଼ା ଆଜି କିଛି କିଛି ପ୍ରଥମେ ସାଧନା /ବୀଭତ୍ସ ଜୀବନ ପାଇଁ ଅହିଂସା ହିଁ ପ୍ରଥମ କାମନା /'ବଗ' ଠାରୁ ଏ ଶତାବ୍ଦୀ ଶିଖିଅଛି ବହୁ ଦିନ ପରେ/ ବଞ୍ଚିବାକୁ ଚାହଁ ଯଦି ଖାଣ୍ଟି ଏକ ମଣିଷ ଭାବରେ /ଧର୍ମ୍ମ ନାମେ ନରହତ୍ୟା ଯେତେ ତୁମେ କରିବାର କର /ତେବେ ତ ପାଇବ ଯାଇ ବଞ୍ଚôଚବାର ନ୍ୟାର୍ଯ୍ୟ ଅଧିକାର ।" ('ବଗ' - ନିଜସ୍ୱ ସଂଳାପ, ପୃ.୪)

ଜୀବନ ପ୍ରତି ଗଭୀର ଶ୍ଳେଷାତ୍ମକ ଦୃଷ୍ଟିଭଙ୍ଗୀ ପରିଲକ୍ଷିତ ହୋଇଥାଏ 'ଡ଼ିସେମ୍ବର ପଚିଶ' କବିତାରେ। ଯୀଶୁଙ୍କ ପୁଣ୍ୟ ଜନ୍ମ ତିଥିରେ ରାତ୍ର ସମୟର ବର୍ଣ୍ଣନା ଦେବାକୁ ଯାଇ କବି ଲେଖିଛନ୍ତି – "ଈଗଲ୍‌ର ଶାନ୍ତି ବାଣୀ, ପରମାଣୁ ମରଣ ଯନ୍ତ୍ରଣା/ ପୋପ୍‌ର ବାର୍ତ୍ତା ଆଉ ଆଣବିକ ହସର ଯନ୍ତ୍ରଣା /ନାଟୋର ମିଳିତ ଚୁକ୍ତି ସବୁ ମିଶି ହୁଏ ଏକାକାର /ଦିନର ଆଲୋକଠାରୁ ବରଂ ଭଲ ରାତିର ଅନ୍ଧାର ।" ('ଡିସେମ୍ବର ପଚିଶ', 'ନିଜସ୍ୱ ସଂଳାପ')

'ନିଜସ୍ୱ ସଂଳାପ'ରେ ସ୍ଥାନିତ 'ପ୍ରେମ' ଓ 'ଅଳୀକ କମନା' କବିତାରେ କବିଙ୍କର ଜୀବନବାଦୀ ଦୃଷ୍ଟିଭଙ୍ଗୀ ପ୍ରତଫଳିତ। ସାଧାରଣ ଭିତରେ ଅସାଧାରଣର ପରିକଳ୍ପନା କବି ବ୍ରଜନାଥଙ୍କ ବିଶେଷତ୍ୱ। ହୃଦୟକୁ ଟେଲିଗ୍ରାଫ୍ ତା'ର ସହିତ ଛଳନା କର କବି ଲେଖିଛନ୍ତି – "ଏହି ଟେଲିଗ୍ରାଫ୍ ତା'ର ଗୁଡ଼ାକର /କି ଅସୀମ ଧୈର୍ଯ୍ୟ /ଦିନ ପରେ ଦିନ / ଆଉ ରାତି ପରେ ରାତି/ ଖାଲି / ମଣିଷକୁ ମଣିଷର /ଖବର ଦେବାରେ ହିଁ ବ୍ୟସ୍ତ।/ ଆହା! / ହୃଦୟ ଗୁଡ଼ାକ / ସବୁ ଟେଲିଗ୍ରାଫ୍ ତା'ର ହୁଅନ୍ତା କି?" ('ଅଳୀକ କାମନା', 'ନିଜସ୍ୱ ସଂଳାପ')

ଜୀବନ ଓ ଯୌବନ ପ୍ରତି ଅହେତୁକ ଆକର୍ଷଣ ପ୍ରତି କବି ହୃଦୟର ଭାବନା ପ୍ରକାଶିତ।

"ମୃତ୍ୟୁର ରହସ୍ୟମୟ ନୀଳାଚଳରେ ତିଆରି / ଜୀବନର ଝଲମଲ ପିଆଲାରେ / ଠୋପାଏ 'ଅମୃତ'; /ଯାହାକୁ / ରଙ୍ଗୀନ ସୁରାଭାବି ପିଇଁ ପିଇଁ /ବୟସର ବୁଲ୍‌ବୁଲ୍ ଉଡ଼ିଗଲା।"(ପ୍ରେମ, ନିଜସ୍ୱ ସଂଳାପ)

'ନିଃଶବ୍ଦ ପ୍ରତିବାଦ'ରେ ତିନୋଟି ପରିସ୍ଥିତିକୁ ନେଇ ଲେଖାଯାଇଥିବା କବିତା ପରିଲକ୍ଷିତ। ପ୍ରାକ୍ ଜରୁରୀକାଳୀନ ପରିସ୍ଥିତି, ଜରୁରୀକାଳୀନ, ଉତ୍ତର ଜରୁରୀକାଳୀନ। ୧୯୭୦ ମସିହା ପରବର୍ତ୍ତୀ ଓ ପ୍ରାକ୍ ୧୯୭୦ ମସିହା କାଳରେ ଜନ ଜୀବନର ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଜାତୀୟ ଘଟଣାଗୁଡ଼ିକ ମଧ୍ୟରେ ଭାରତ-ଚୀନଯୁଦ୍ଧ, ଜବାହରଲାଲ୍‌ଙ୍କ ତିରୋଧାନ, ଭାରତ-ପାକିସ୍ଥାନ ଯୁଦ୍ଧ, ତାସ୍‌କେଣ୍ଟ ଚୁକ୍ତି, ଶାସ୍ତ୍ରୀଙ୍କ ମୃତ୍ୟୁ ଓ ଇନ୍ଦିରାଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ଲାଭ ଇତ୍ୟାଦି ଘଟଣା ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରଭାବ ୧୯୭୦ ମସିହା ପରେ ଆମ ଉପରେ ପଡ଼ିଥିଲା। ଦୁର୍ନୀତି-ନଗରୱାଲା ମାମଲା, ବିହାରରେ କଂଗ୍ରେସ ନେତାଙ୍କ ସାର୍ବଜନୀନ ଦୁର୍ନୀତି, ରାଜା-ଜମିଦାରମାନଙ୍କ ଭତ୍ତା ଓ ହାତପାଣ୍ଠି ନାମରେ ଅର୍ଥାଗାରରୁ କୋଟି କୋଟି ଟଙ୍କା ଖର୍ଚ୍ଚ, ପ୍ରାଇଭେଟ୍ ସେକ୍ଟର ବ୍ୟାଙ୍କର ବେପାରୀ ମନୋବୃତ୍ତି ଦେଶର ଅର୍ଥବ୍ୟବସ୍ଥାକୁ ଦୁର୍ବଳ କରି ଦେଇଥିଲା। ୧୯୭୫ ମସିହାରେ ବଙ୍ଗ ବନ୍ଧୁଙ୍କୁ ହତ୍ୟା କରାଗଲା ଓ ବାଲାଂଦେଶ ମିଲିଟାରୀ ଶାସନ ଅଧୀନକୁ ଚାଲିଗଲା। ଏହ୍ଲାବାଦ ହାଇକୋର୍ଟର ରାୟ ମଧ୍ୟ ଶ୍ରୀମତୀ ଗାନ୍ଧିଙ୍କ ବିରୋଧରେ ଯାଇଥିଲା। ୧୯୭୫ ମସିହା ଜୁନ୍ ମାସ ୨୬ ତାରିଖରେ ଇନ୍ଦିରାଗାନ୍ଧୀ ଦେଶରେ ଆଭ୍ୟନ୍ତରୀଣ ଜରୁରୀ ପରିସ୍ଥିତି ଜାରି କଲେ ।

କବି ବ୍ରଜନାଥ ରଥ ଯଦିଓ କମ୍ୟୁନିଷ୍ଟ ପାର୍ଟି ପାଖରୁ ଦୂରେଇ ଯାଇଥିଲେ ତଥାପି କବି ଜନଗଣଙ୍କ ଉଦ୍ଦେଶ୍ୟରେ ଦୁର୍ଦ୍ଦିନରେ ଠିଆ ହୋଇଥିଲେ। କବି ରାଜା ବଗିଚା ଲେବର କଲୋନୀ କଟକଠାରେ ଥିବା କବି ରବି ସିଂଙ୍କ ଘରେ ସେ ସମୟରେ ପୁଲିସ୍ ଗୁଳିରେ ଆହତ ହୋଇ ଲୋକ ଆଗୋଚରରେ କଟକକୁ ଚିକିତ୍ସିତ ହେବାପାଇଁ ଆସିଥିବା ବିପ୍ଲବୀ ନାଗଭୂଷଣଙ୍କୁ ଦେଖା କରିସାରିଲେଣି। ବିପ୍ଳବର ନୀରବ ସମର୍ଥକ ସାଜିଥିଲେ କବି ବ୍ରଜନାଥ। ପ୍ରାକ୍ ଜରୁରୀକାଳନ ପରିସ୍ଥିତି ଉପରେ ଲିଖିତ ଏକ ବହୁ ଚର୍ଚ୍ଚିତ କବିତା 'ପୋଷ୍ଟର' ନିର୍ବାଚନ ଶେଷରେ ନଗରର ଜରାଜୀର୍ଣ୍ଣ ପ୍ରାଚୀର ଉପରେ ଦେଖିଛନ୍ତି କବି ଝୁଲନ୍ତା ପୋଷ୍ଟରମାନଙ୍କୁ। 'ତାରା' ଓ 'ପ୍ରଦୀପ' ନିର୍ବାଚନ ସଂକେତକୁ ନେଇ କବି କବିତା ଲେଖିଛନ୍ତି। 'ତାରା' ପ୍ରଶ୍ନ କରୁଛି – "ସେମାନେ କିଏ ସେ ମୋତେ/ ଆକାଶର ଅନ୍ତହୀନ ନୀଳିମାରୁ ଆଣି /ବନ୍ଦୀ କଲେ ସୀମିତ ଏ ପ୍ରାଚୀର ଗାତ୍ରରେ?।"/ 'ପ୍ରଦୀପ' କହୁଛି –"ପ୍ରାଗୈତିହାସିକ ଏଇ ପୃଥିବୀର/ ସୂଚୀ ଭେଦ୍ୟ ଆଦିମ ଅନ୍ଧାରେ/ ଛିନ୍ନ କରି ଘନୀଭୂତ ତମସାର ନୀଳ ଯବନିକା /ମୁଁ ତ ଉଠିଥିଲି ଜଳି/ ଆଲୋକର ପ୍ରଥମ ବର୍ତ୍ତିକା। XXX ଶ୍ରୀହୀନ କରିଲେ ମୋତେ/ ନେଲେ ମୋ ରୁଚିର ଦୀପ୍ତ ଆଲୋକ ଚୋରାଇ? XXX" ('ପୋଷ୍ଟର', ନିଃଶବ୍ଦ ପ୍ରତିବାଦ)

କବି ବ୍ରଜନାଥ ସମ୍ଭ୍ରାନ୍ତବର୍ଗର ବାବଦୂକ ସାଜିଥିବା ଇତିହାସକାରମାନଙ୍କୁ ମଧ୍ୟ ଆକ୍ଷେପ କରିଛନ୍ତି। ଇତିହାସକାରମାନେ ସର୍ବଦା ରାଜା ଓ ବ୍ୟକ୍ତିଗତ ବୀରତ୍ୱର ସ୍ତୁତିଗାନ କରନ୍ତି। ସାଧାରଣ ଜନତା ସେମାନଙ୍କ ଦୃଷ୍ଟିରେ ମୂଲ୍ୟହୀନ। ଦେଶର ଅର୍ଥନୀତି, ରାଜନୀତି ଓ ସମାଜ ବ୍ୟବସ୍ଥାକୁ ନିୟନ୍ତ୍ରଣ ଓ ସମୃଦ୍ଧ କରାଇବାରେ ଜନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ସାଧାରଣ ଲୋକର ଶ୍ରମକୁ ସ୍ୱୀକୃତି ଦେଇ ଅର୍ଥନୀତିରେ

ଉତ୍ପାଦନକାରୀର ଗୁରୁତ୍ୱକୁ ବସ୍ତୁତାନ୍ତ୍ରିକ ପଦ୍ଧତିରେ ପରଖି, ପୃଥିବୀର ଇତିହାସକୁ ବ୍ୟାଖ୍ୟା କଲେ ମାର୍କସ୍ ଓ ଏଙ୍ଗେଲ୍ସ। ଏହି ପରୀକ୍ଷଣ ପଦ୍ଧତିକୁ ମେଟେରିଆଲିଷ୍ଟ ଇଣ୍ଟରପ୍ରିଟେସନ୍ ଅଫ୍ ହ୍ୟୁମାନ୍ ହିଷ୍ଟ୍ରୀ କୁହାଯାଏ। ପ୍ରଚଳିତ ଇତିହାସର ତାତ୍ତ୍ୱିକ ଅବଧାରଣାକୁ ଏହା ପରିବର୍ତ୍ତନ କରିଦେଲା। ଶ୍ରମିକ ଓ କୃଷକ ନୂଆ ଇତିହାସର ନିର୍ମାତା ହେଲେ। କବି ବ୍ରଜନାଥ 'ଇତିହାସ କିଏ ଗଢ଼େ' କବିତାରେ ପ୍ରଶ୍ନୋତ୍ତର ଛଳରେ ଲେଖୁଛନ୍ତି – "ଇତିହାସ କିଏ ଗଢ଼େ/ ସେମାନେ ନା ତୁମେ?/ ଇତିହାସ କିଏ ଲେଖେ / ତୁମେ ନା ସେମାନେ? XXX ଇତିହାସ ଗଢ଼ନ୍ତିନି ତୈମୁର୍, ନାଦିରଶାହା / ଚେଙ୍ଗିଜ ଅବା ଆଲେକ୍‌ଜାଣ୍ଡାର/ ଚ୍ୟାଂକାଇ ଶେକ୍, ନିରୋ/ ଇନ୍ଦିରା, ୟାହିଆ ଖାଁ/ ମୁସୋଲିନୀ, ହେର୍ ହିଟଲର୍। / ଋଷିଆର ଜାର୍ ଅବା ଫ୍ରାନ୍ସର ଲୁଇ। / ଏମାନେ ତ କେବେ ହେଲେ / ଇତିହାସ ଗଢ଼ନ୍ତି ତ ନାହିଁ। XXX / ଇତିହାସ ଗଢ଼ନ୍ତି ସେମାନେ, /ଶତଶତ ସିଂହାସନ ଉତ୍‌ଥାନେ-ପତନେ /ଅବିଚଳ ରହି ଯେଉଁମାନେ /ଧରିଥାନ୍ତି ଧରଣୀର ଉତ୍ପାଦନ ପଦ୍ଧତିର ଡୋରି /ସେମାନେ ହିଁ ତାହାର କାଣ୍ଡାରୀ। XXX ଇତିହାସ ଗଢ଼ାହୁଏ ଶ୍ରମ ଆଉ ସ୍ୱପ୍ନର ସଂଗମେ/ ଇତିହାସ ଗଢ଼ାହୁଏ କୃଷକ ଶ୍ରମିକ ଆଉ/ ଶତଶତ ମେହେନତି ମଣିଷର ଘର୍ମର ପ୍ଲାବନେ/ ଧରଣୀର ମହାଗ୍ରନ୍ଥ ପରେ/ ସେମାନେ ଲେଖନ୍ତି ନିତି/ ସଭ୍ୟତାର ମହା ଇତିହାସ/ ଲୁହ ଆଉ ଲହୁର ଅକ୍ଷରେ ।" ('ଇତିହାସ କିଏ ଗଢ଼େ' – 'ନିଃଶବ୍ଦ ପ୍ରତିବାଦ', ପୃ.୩୪-୩୫) [ କ୍ରମଶଃ...]


ସହାୟକ ସୂଚୀ :

(୧)ଓଡ଼ିଆ ସାହିତ୍ୟର ଅମ୍ଳାନ ପ୍ରତିଭା, କବି ବ୍ରଜନାଥ ରଥ, 'ସ୍ମୃତିରଥରେ ବ୍ରଜନାଥ', କାଳୀପଦ ପଣ୍ଡା, ପୃ.୫୦ ।

(୨)'ଏକ ଅନିର୍ବାଣ ପ୍ରତ୍ୟୟର ସ୍ମୃତି', ମନୋଜ ଦାସ, ମହାଜୀବନର କବି ବ୍ରଜାନାଥ ଜୀବନାଲୋକ, ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ପୃ.୧୫ ।

(୩)'ମନର ମାନଚିତ୍ର' ମୁଖବନ୍ଧ।

(୪)"ଓଡ଼ିଶାର 'ଲୋହିତ କୋକିଳ' ଓ ସାହିତ୍ୟର ଉତ୍ତର କବାଟ କବି ବ୍ରଜନାଥ ରଥ", ସମରେନ୍ଦ୍ର ନାଏକ, ମହାଜୀବନର କବି : ବ୍ରଜନାଥ, ଜୀବନାଲୋକ, ପୃ.୬୪୮।

(୫)ମରୁଗୋଲାପ, ନିଜସ୍ୱ ସଂଳାପ, ନିଃଶବ୍ଦ ପ୍ରତିବାଦ, ସଭ୍ୟତାର ମୁହଁ, ମନର ମାନଚିତ୍ର, ହେ ମହାଜୀବନ, ଲଘୁଶତକ, ହେ ମୋର ସ୍ୱଦେଶ, ସାମାନ୍ୟ ଅସାମାନ୍ୟ କବିତା ସଂକଳନ ।


●

●●● ସାକ୍ଷାତକାର

# ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବିଶିଷ୍ଟ ସମାଲୋଚକ ଓ ଗବେଷକ ପ୍ରଫେସର **ମଣୀନ୍ଦ୍ର କୁମାର ମେହେର**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର।

**ମଣୀନ୍ଦ୍ର କୁମାର ମେହେର**(୨୧ ଜୁନ ୧୯୬୩ ମସିହା)ଙ୍କ ଜନ୍ମସ୍ଥାନ ବରଗଡ଼ ଜିଲ୍ଲାର ବରପାଲି। ପିତା - ସ୍ୱର୍ଗତ କିଶୋର ଚନ୍ଦ୍ର ମେହେର, ମାତା- ଶ୍ରୀମତୀ ପ୍ରେମଶୀଳା ମେହେର। ବୃତ୍ତି ତାଙ୍କର ଗବେଷଣା ଓ ଅଧ୍ୟାପନା।ତାଙ୍କ ଅନ୍ୟ ଏକ ପରିଚୟ ହେଉଛି ସେ ଓଡ଼ିଆ ସାହିତ୍ୟର ଯଶସ୍ୱୀ ସାଧକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ବଂଶଜ। ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଆଦି ଓଡ଼ିଶାର ସ୍ୱନାମଧନ୍ୟ ବିଶ୍ୱବିଦ୍ୟାଳୟରେ ସେ ଦୀର୍ଘ ୩୫ ବର୍ଷ ଧରି ଅଧ୍ୟାପନା ଦାୟିତ୍ୱ ନିର୍ବାହ କରିବା ପରେ ବର୍ତ୍ତମାନ ଭିଜିଟିଙ୍ଗ୍ ପ୍ରଫେସର ଭାବେ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଅବସ୍ଥାପିତ। ସେ ଜୀବନର ସର୍ବାଧିକ ସମୟ ନିଷ୍ଠାର ସହ ଉତ୍ସର୍ଗ କରିଦେଇଛନ୍ତି ସାହିତ୍ୟ ପାଇଁ। ଜଣେ ଶ୍ରଦ୍ଧାଶୀଳ ମଣିଷ ଭାବେ ସେ ସମସ୍ତଙ୍କର ପ୍ରିୟପାତ୍ର। ଓଡ଼ିଆ ସାହିତ୍ୟର ବିବିଧ ଦିଗରେ ଉତ୍ସର୍ଗୀକୃତ ତାଙ୍କ ଲେଖନୀ ତାଙ୍କ ପ୍ରତିଭାର ନିଦର୍ଶନ। ଓଡ଼ିଆ ସମାଲୋଚନା ଓ ଗବେଷଣା କ୍ଷେତ୍ରରେ ତାଙ୍କର ରହିଛି ଅନବଦ୍ୟ ଅବଦାନ। ତାଙ୍କ କୃତି ରାଜି ମଧ୍ୟରେ 'ମୋର ସ୍ୱପ୍ନ ଓ ସ୍ମୃତିରୁ କେତୋଟି ଗଳ୍ପ', 'ସାହିତ୍ୟର ଅନ୍ତଃସ୍ୱର' (ପ୍ରବନ୍ଧ ଓ ସମାଲୋଚନା), 'ନିଷ୍କଳଙ୍କ ମୁକୁଟ'(ସମାଜସେବୀ ନିକୁଞ୍ଜ ବିହାରୀ ସିଂହଙ୍କ ଜୀବନୀ), 'ଆଲୋକ ଓ ଅମୃତର କବି ଗଙ୍ଗାଧର' (ପ୍ରବନ୍ଧ ଓ ସମାଲୋଚନା), 'ମନୋଜ ଦାସଙ୍କ ଗଳ୍ପରେ ମାନବ ଜୀବନ', 'ଗଙ୍ଗାଧର ମେହେର: ସୃଷ୍ଟି, ସମୀକ୍ଷା ଓ ସ୍ମୃତିରକ୍ଷା', 'କବିପୁତ୍ର ଅର୍ଜୁନ ମେହେର' (ଜୀବନ ଚିତ୍ର), 'ସ୍ୱଭାବକବି ଗଙ୍ଗାଧରମେହେର' (ଜୀବନୀ), 'ସଚ୍ଚିଦାନନ୍ଦ ରାଉତରାୟ (ମନୋଗ୍ରାଫ୍)', 'ଗଙ୍ଗାଧର ମେହେର ଜୀବନ ଓ ସୃଜନ', 'ସୃଜନ ସନ୍ଦେଶ' (ପ୍ରବନ୍ଧ ଓ ସମାଲୋଚନା), 'ଅମୃତମୟ ଅମୃତରୟ(ପ୍ରବନ୍ଧ ଓ ସମାଲୋଚନା), 'ଆଲୋକର ପଥେ'(ପ୍ରବନ୍ଧ), 'ଅମୃତ ନନ୍ଦନ'(କବିପୁତ୍ର ଭଗବାନ ମେହେରଙ୍କ ଜୀବନୀ), 'ଶବ୍ଦ ସ୍ପନ୍ଦନ'(ସମାଲୋଚନା), 'ମନସ୍ୱୀ ମନୋଜ'(ଜୀବନୀ), 'କିଏ ଗୋ ତୁ ଜ୍ୟୋତିର୍ମୟୀ', 'ମେହେର ସାହିତ୍ୟରେ ମାନବୀୟ ମହନୀୟତା', 'ଫକୀରମୋହନ ଓ ଗଙ୍ଗାଧର', 'ଲକ୍ଷ୍ମୀର



ଅଭିସାର: ଦିବ୍ୟକାରୁଣ୍ୟ ଓ ଦିବ୍ୟକରୁଣା', 'ଚିନ୍ତାନାୟକ ଚିତ୍ତରଞ୍ଜନ', 'ମନସ୍ୱିନୀ ମନୋରମା', 'ଯଦୁନନ୍ଦନ', 'ରବୀନ୍ଦ୍ରନାଥ ଓ ଗଙ୍ଗାଧର', 'ଗଙ୍ଗାଧର ମେହେର : ଜୀବନାୟନ ଓ ସାହିତ୍ୟାୟନ', 'ଜୀବନ ଦ୍ୟୁତି ଓ କାବ୍ୟିକ ବିଭୂତି', 'ତେଜୋମୟୀ ତପସ୍ୱିନୀ', 'ଆକାଶ ଯେଉଁଠି ମାଟି ଛୁଏଁ', 'ରାଧାନାଥ ଓ ଗଙ୍ଗାଧର', 'ମଙ୍ଗଳେ ଅଇଲା ଉଷା', 'ଫକୀର ମୋହନ: କ୍ରାନ୍ତି ଓ କାରୁଣ୍ୟ', 'ବୋଧଦାୟିନୀ ବ୍ୟାସ ବିହାର', 'ମନୋଜୀୟ ଅଭୀପ୍ସା', 'ଗଙ୍ଗାଧର ଓ ଭାରତୀଭାବନା', 'ପୂର୍ଣ୍ଣିମା ଇନ୍ଦୁ', 'ପିତୃପ୍ରୟାଗ', 'ଭୂୟୋଦର୍ଶୀ ଭଗବାନ', 'ଗଙ୍ଗାଧର ଓ ନନ୍ଦକିଶୋର'। ଏହା ବ୍ୟତୀତ 'ସ୍ୱଭାବକବି ଗଙ୍ଗାଧର ଗ୍ରନ୍ଥାବଳୀ', 'ପିତୃତର୍ପଣ', 'ବାନ୍ଧଶିଳ୍ପୀର ସାଧନା'(ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ଆତ୍ମଜୀବନୀ), 'କୃତଜ୍ଞତା: କୃପା କଣିକାର' (ବୀରବର ସାହୁଙ୍କ ଚିତ୍ର କୃତି), 'ଟୁକୁରା କାଗଜ'(କବିପୁତ୍ର କିଶୋର ଚନ୍ଦ୍ର ମେହେରଙ୍କ ଡାଏରୀ), 'ପ୍ରଜ୍ଞାଲୋକ' (ପ୍ରଫେସର ନାରାୟଣ ପୃଷ୍ଟଙ୍କ ଅଭିନନ୍ଦନିକା), 'ଗଙ୍ଗାଧର ପ୍ରସଙ୍ଗ'(କବିପୌତ୍ର ବିନୋଦ ଚନ୍ଦ୍ର ମେହେରଙ୍କ ରଚିତ ନିବନ୍ଧ ମାଳା) 'ପିତୃ ପ୍ରସଙ୍ଗ' (କବିପୁତ୍ର ଭଗବାନ ମେହେରଙ୍କ ଦ୍ୱାରା ରଚିତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୀବନୀ) ଆଦି ପ୍ରମୁଖ ଗ୍ରନ୍ଥର ସମ୍ପାଦନ ଦାୟିତ୍ୱ ତୁଲେଇ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି।

ଚଳିତ ସଂଖ୍ୟାର 'ବାଗୀଶ ବରେଣ୍ୟ'ରେ ଏମିତି ଜଣେ ପ୍ରତିଭୂଙ୍କ ସାନିଧ ପାଇ 'ବାଗୀଶ' ନିଜକୁ ଧନ୍ୟ ମନେକରୁଛି। ଓଡ଼ିଆ ସମାଲୋଚନା ଓ ଗବେଷଣା ସାହିତ୍ୟକୁ ତାଙ୍କ ଅବଦାନ ସ୍ମରଣୀୟ। ଏହି ସକ୍ରାନ୍ତରେ ତାଙ୍କୁ ପଚରାଯାଇଥିବା କିଛି ପ୍ରଶ୍ନ ଓ ଉତ୍ତର ଆମେ ନିମ୍ନରେ ଉପସ୍ଥାପନ କଲୁ। ଆମର ବିଶ୍ୱାସ ଏହା ନିଶ୍ଚୟ ପାଠକଙ୍କ ପାଇଁ ଶିକ୍ଷଣୀୟ ହେବ।

୧. ସାହିତ୍ୟରେ ଆଲୋଚନା ବା ସମାଲୋଚନା କହିଲେ ଆପଣ କ'ଣ ବୁଝନ୍ତି ?

ଉତ୍ତର : ଉଚ୍ଚକୋଟୀର ସାହିତ୍ୟର ଉପାଦାନ ଅନୁସନ୍ଧାନ, ତାହାର ପ୍ରଭାବଦୀପ୍ତ, ବୋଧଗମ୍ୟ ଅନୁଶୀଳନ ଓ ପାଠକ-ପ୍ରାଣକୁ ଶ୍ରେଷ୍ଠ କଳା ଓ କାରିଗରୀ ପ୍ରତି ଉନ୍ମୁଖ ରଖିବାର ଅନବରତ ଉଦ୍ୟମ ହେଲା ପ୍ରକୃତ ସାହିତ୍ୟ ସମାଲୋଚନା ।

୨. ଅଦ୍ୟାବଧି ଆପଣଙ୍କର ଅନେକ ଆଲୋଚନାତ୍ମକ ଲେଖା ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି। ଏପରିକି ଆପଣଙ୍କ ଅନେକ ଆଲୋଚନାତ୍ମକ ପୁସ୍ତକ ମଧ୍ୟ ପ୍ରକାଶିତ। ତେବେ ଆପଣ ନିଜର ଆଲୋଚନାରେ କେଉଁ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଇଥାନ୍ତି ଓ କାହିଁକି ?

ଉତ୍ତର : ମାନବାତ୍ମାର ସୌନ୍ଦର୍ଯ୍ୟ ପ୍ରକଟନରେ କେଉଁ ସାହିତ୍ୟ କେତେ ପ୍ରେରଣା-ଗର୍ଭିତ ତାହା ହିଁ ପ୍ରତିପାଦନ କରିବା ମୋର ମୁଖ୍ୟ ଲକ୍ଷ୍ୟ ।

୩. ଆପଣ ଦୀର୍ଘ ସମୟ ଧରି ଆଲୋଚନା ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଅଛନ୍ତି। ଏମିତିକି ଆପଣ ଓଡ଼ିଆ ସମାଲୋଚନା ସାହିତ୍ୟର ବଦଳୁଥିବା ଗତିଧାରାକୁ ଦେଖିଛନ୍ତି। ତେବେ ଆମେ ଜାଣିବାକୁ ଚାହିଁବୁ, ବିଗତ ଦଶନ୍ଧିର ସମାଲୋଚନା ସାହିତ୍ୟ ଓ ବର୍ତ୍ତମାନର ସମାଲୋଚନା ସାହିତ୍ୟ ମଧ୍ୟରେ କେଉଁ ସବୁ ପରିବର୍ତ୍ତନ ଲକ୍ଷ୍ୟ କରନ୍ତି ?

ଉତ୍ତର : ସମ୍ପ୍ରତି ସାହିତ୍ୟ ସମାଲୋଚନା ପାଠ୍ୟକ୍ରମ କୈନ୍ଦ୍ରିକ ଅଥଚ ଛାତ୍ରଛାତ୍ରୀଙ୍କ ପାଇଁ ସରଳ ଓ ବୋଧଗମ୍ୟ ହୋଇ ନ ପାରିବା ସ୍ୱୟଂ ସମାଲୋଚକମାନଙ୍କ କଠିନ ସାହିତ୍ୟ-ତତ୍ତ୍ୱକୁ ଆତ୍ମସ୍ଥ କରି ନ ପାରିବାର ଅକ୍ଷମତାକୁ ଇଂଗିତ କରିଦିଏ ।

୪. ବର୍ତ୍ତମାନ ସମୟରେ ଅନେକ ମୌଳିକ ସାହିତ୍ୟ ସୃଷ୍ଟି ହେଉଛି। ଯାହାର ସଂଖ୍ୟା ସମାଲୋଚନା ସାହିତ୍ୟ ଅପେକ୍ଷା ଖୁବ୍ ବେଶୀ। ଏ ଭିଡ଼ ଭିତରେ ସମାଲୋଚନା ସାହିତ୍ୟ ଅଣନିଶ୍ୱାସୀ ହେଲା ଭଳି ମୋର ପ୍ରତୀତ ହୁଏ। ଏ କ୍ଷେତ୍ରରେ ଆପଣଙ୍କ ମତ କ'ଣ ?

ଉତ୍ତର : ଉଚ୍ଚକୋଟୀର ସାହିତ୍ୟ ସମାଲୋଚନା ମଧ୍ୟ ହେଉଛି ମୌଳିକ ସାହିତ୍ୟ। ଯେଉଁ ସମାଲୋଚନାରେ ମୌଳିକତାର ଅଭାବ, ତାହା ଅଣନିଶ୍ୱାସୀ ହୋଇପଡ଼ିବା ସ୍ୱାଭାବିକ।

୫. ଆପଣ ଓଡ଼ିଆ ସାହିତ୍ୟର ବିବିଧ ପ୍ରସଙ୍ଗ ଓ କ୍ଷେତ୍ରରେ ନିଜର ଲେଖନୀ ଚାଳନା କରିଆସିଛନ୍ତି। ତେବେ ଏସବୁ ମଧ୍ୟରୁ ସାହିତ୍ୟର କେଉଁ କ୍ଷେତ୍ରରେ(କବିତା, କଥା ସାହିତ୍ୟ, ଲୋକସାହିତ୍ୟ ଅନ୍ୟାନ୍ୟ) ଅଲୋଚନାତ୍ମକ ଲେଖା ପ୍ରସ୍ତୁତ କରିବାରେ ଆପଣଙ୍କୁ ଆନନ୍ଦ ମିଳେ ଓ କାହିଁକି ?

ଉତ୍ତର : ମୁଁ ଯାହା ବି ଯେତେବେଳେ ଲେଖେ, ତାହା ପାଠକର ସୂକ୍ଷ୍ମ ସମ୍ବେଦନଶୀଳତାକୁ ଉଜ୍ଜୀବିତ କରିବା ପାଇଁ ହିଁ ଉଦ୍ଦିଷ୍ଟ। ତେଣୁ ସବୁ ପ୍ରକାର ଲେଖା ପ୍ରସ୍ତୁତି ବେଳେ ମୋ ଅନ୍ତର ଆନନ୍ଦ-ମଗ୍ନ ।

୬. ଆପଣ ଦୀର୍ଘ ସମୟ ଧରି ବିବିନ୍ନ ବିଶ୍ୱବିଦ୍ୟାଳୟରେ ଜଣେ ଦକ୍ଷ ପ୍ରଫେସର ଓ ଗବେଷଣା ନିର୍ଦ୍ଦେଶକ ଭାବେ କାର୍ଯ୍ୟ ନିର୍ବାହ କରିଛନ୍ତି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟମାନଙ୍କରେ ହେଉଥିବା ଗବେଷଣାକୁ ଯଦି ମୂଲ୍ୟାଙ୍କନ କରାଯାଏ ମୋ ମତରେ ଅନେକାଂଶରେ ଏହା ଉପାଧି ସର୍ବସ୍ୱ ମନେହୁଏ। ଏ କ୍ଷେତ୍ରରେ ଆପଣଙ୍କ ମତାମତ କ'ଣ ?

ଉତ୍ତର : ଖାଣ୍ଟି ସତ୍ୟ। ଆଉ ତାହା ହିଁ ଆମର ଦୁର୍ଭାଗ୍ୟ। କିନ୍ତୁ

ଏତିକି କହିଦେଲେ ଆମର କର୍ତ୍ତବ୍ୟ ସରିଯାଉନାହିଁ। ଗବେଷକ ଗବେଷିକା ହେଲେ ଦିଗଦର୍ଶକଙ୍କ ଦର୍ପଣ। ତେଣୁ ପ୍ରଥମେ ନିଜକୁ ସଜାଡ଼ିବା ହେଉଛି ଆଜିର ଆହ୍ୱାନ।

**୭. ଜଣେ ବରିଷ୍ଠ ଆଲୋଚକ ଭାବେ ବର୍ତ୍ତମାନର ନୂଆ ପିଢ଼ିର ଅଲୋଚକମାନଙ୍କୁ ଆପଣ କ'ଣ ବାର୍ତ୍ତା ଦେବେ ?.**

ଉତ୍ତର : ସାହିତ୍ୟର ଜଣେ ଦରଦୀ ପାଠକ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆଉ ସେଥିରୁ ନିଜ ଜୀବନର ବିକାଶ ପାଇଁ ଯଦି ଜଣେ ଅନ୍ୱେଷଣ କରୁଥାଏ କଲ୍ୟାଣମୟ କରୁଣା , ତାହେଲେ ସେ ଯେଉଁ ବିଷୟରେ ଆଲୋକପାତ କଲେ ମଧ ତାହା ଅନୁରାଗୀ ପାଠକ ନିମିତ୍ତ ହୋଇପାରିବ ନିଶ୍ଚିତ ଭାବରେ ଚେତନା-ଉଦ୍ରେକ-କ୍ଷମ ।


ଉପସ୍ଥାପକ : ବିକେଶ ସାହୁ, ସଂପାଦକ

---

## ପ୍ରମୁଖ ସମ୍ମାନ ଓ ସ୍ୱୀକୃତି

- ଅଶୋକ ଚନ୍ଦନ ସ୍ମୃତି ସମ୍ମାନ, ଚେତାବନୀ ସାହିତ୍ୟ ସମ୍ମାନ, କେସିଙ୍ଗା, ୧୯୯୬
- ସଂସ୍କୃତି ସମ୍ବର୍ଦ୍ଧନା, ଶ୍ରୀ ଜଗନ୍ନାଥ ସଂସ୍କୃତି ମହାବିଦ୍ୟାଳୟ, ବିଜୟ ପଲ୍ଲୀ, ଜି : ବରଗଡ଼, ୧୯୯୬
- ଖଡ଼ିଆଳ ଚକ୍ର ସମ୍ମାନ, ବରୁଣେଶ୍ୱର କ୍ଷେତ୍ର, ଯାଜପୁର, ୨୦୦୧
- ଅଖିଳ ଚକ୍ର ସମ୍ମାନ, ବରୁଣେଶ୍ୱର କ୍ଷେତ୍ର, ଯାଜପୁର, ୨୦୦୧
- ହାଜି ଅସରଫ୍ ଉଦୟ ପ୍ରତିଭା ପୁରସ୍କାର, ଫକୀର ମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର-୨୦୦୩
- ରୁଦ୍ର ଆହ୍ୱାନ ସମ୍ମାନ, ବଲାଙ୍ଗୀର, ୨୦୦୪
- ଗଙ୍ଗାଧର ବଳ ସ୍ମୃତି ସମ୍ମାନ, ଆନନ୍ଦପୁର ସାହିତ୍ୟ ସଂସଦ-୨୦୧୦
- କୋଶଳ ସାହିତ୍ୟଶ୍ରୀ ସମ୍ମାନ, କୋଶଳ ଜ୍ୟୋତିଷ୍ଣାନ ପଣ୍ଡିତ ମହାସଭା, ୨୦୧୧
- ସ୍ୱଭାବକବି ଗଙ୍ଗାଧର ସମ୍ମାନ, ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ, ଭୁବନେଶ୍ୱର, ୨୦୧୧
- ସୁବ୍ରତ ରଥ ସ୍ମାରକୀ ପୁରସ୍କାର, ଗଙ୍ଗାଧର ଫାଉଣ୍ଡେସନ୍, କଟକ, ୨୦୧୨
- ଗଙ୍ଗାଧର ମେହେର ସମ୍ମାନ, ପଦ୍ମପୁର, ୨୦୧୨
- ଗଙ୍ଗାଧର ସମ୍ମାନ, ଇସ୍‌କଫ୍, ସମ୍ବଲପୁର, ୨୦୧୨
- ଗଙ୍ଗାଧର ସମ୍ମାନ, ଗଙ୍ଗାଧର ମେହେର କ୍ଲବ୍, ସୁବଳୟା, ୨୦୧୩
- ନାରାୟଣ ପୃଷ୍ଟେଠ ସ୍ମୃତି –ସମ୍ମାନ, ଲୋକମହୋତ୍ସବ, 'ତିହାର', ଅତାବିରା, ୨୦୧୫
- ଦୟାଲାଲ୍ ଯୋଶୀ ସ୍ମୃତି ପୁରସ୍କାର, ଗାନ୍ଧୀଭବନ, ବରଗଡ଼ ପୁସ୍ତକ ମେଳା, ୨୦୧୬
- ବ୍ରଜନାଥ ରଥ ସମ୍ମାନ, ବାଲେଶ୍ୱର, ୨୦୧୮
- ତ୍ୟାଗ, ନୂଆଖାଇ ସମ୍ମାନ, ବୁର୍ଲା, ୨୦୧୮
- ଚେତାବନୀ ସାହିତ୍ୟ ସଂସଦ, କେଶିଙ୍ଗା, ୨୦୧୮
- ସାଗରିକା ସମ୍ମାନ, ବାଲେଶ୍ୱର, ୨୦୨୨
- ରାଧାନାଥ ସାହିତ୍ୟ ସମ୍ମାନ, ବାଲେଶ୍ୱର, ୨୦୨୨
- ଫକୀର ମୋହନ ସାରସ୍ୱତ ସମ୍ମାନ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ୨୦୨୩

●




# ଅଭିନବ ଚୈତନ୍ୟ

(ଉପନ୍ୟାସ)

କଥାକାର : କ୍ଷୀରୋଦ ପରିଡ଼ା
ପ୍ରକାଶକ : ପକ୍ଷୀଘର ପ୍ରକାଶନୀ
ପ୍ରଥମ ପ୍ରକାଶ : ୨୦୨୨
ପୃଷ୍ଠା - ୧୨୬, ମୂଲ୍ୟ - ୧୯୫ ଟଙ୍କା

ଉଭୟ ମୌଳିକ ସୃଷ୍ଟି ସଂରଚନା ଓ ଅନୁବାଦ କ୍ଷେତ୍ରରେ ଜେନ ପରିଚିତ ନାମ କ୍ଷୀରୋଦ ପରିଡ଼ା। ସମକାଳର ସାହିତ୍ୟିକ ପରିମଣ୍ଡଳରେ ସେ ବିବିଧ ଭୂମିକରେ ଅବତୀର୍ଣ୍ଣ। ଜେନ ପତ୍ରିକା ସମ୍ପାଦକ ଭାବେ ମଧ ରହିଛି ତାଙ୍କ ସୁନାମ। ତାଙ୍କ ଜନ୍ମ ୧୯୫୬ ମସିହାରେ, କେନ୍ଦ୍ରାପଡ଼ା ଜିଲ୍ଲାର ବାଟିପଡ଼ା ଗାଁରେ। ସେ ବାଣିଜ୍ୟ, କଳା ଓ ବ୍ୟବସାୟ ପରିଚାଳନରେ ସ୍ନାତକୋତ୍ତର ଓ ଆଇନ୍‌ରେ ସ୍ନାତକ ଉପଧାପ୍ରାପ୍ତ। ସରକାରୀ ଉଦ୍ୟୋଗ ଓ କେତୋଟି ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ପ୍ରଶାସନିକ ପଦବୀରେ କାର୍ଯ୍ୟକରି, ଅବସର ଗ୍ରହଣ କରିବା ପରେ ସାହିତ୍ୟ ପତ୍ରିକା ସମ୍ପାଦନାରେ ବ୍ରତୀ ରହିଛନ୍ତି। ଜଣେ ଖ୍ୟାତନାମା କବି, ପ୍ରାବନ୍ଧିକ, ଅନୁବାଦକ, ସମ୍ପାଦକ ଓ ସୌଖୀନ ଚିତ୍ରଶିଳ୍ପୀ ଭାବେ ତାଙ୍କର ପରିଚିତି ରହିଛି। ତାଙ୍କ ରଚିତ ୪ଟି କବିତା ସଂକଳନ- 'ଆରୋହଣ', 'ସେଇ ସୁଦୂର ନଈ', 'ଶିଖା ଶିଖର' ଓ 'ଶୂନ୍ୟ ଇଲାକା' ପ୍ରକାଶିତ ହୋଇଥିବାବେଳେ ଫିଚର ରଚନା ଓ ଅନୁବାଦ କ୍ଷେତ୍ରରେ ରହିଛି ତାଙ୍କର ବିପୁଳ ଅବଦାନ। ପ୍ରକାଶିତ ଅନୂଦିତ ପୁସ୍ତକଗୁଡ଼ିକ ମଧରେ ରହିଛି – ନୋବେଲ ପୁରସ୍କାରପ୍ରାପ୍ତ କବି ରବୀନ୍ଦ୍ରନାଥ ଠାକୁରଙ୍କ ଜୀବନର ଶେଷତମ କବିତାଗୁଡ଼ିକୁ ନେଇ ରଚିତ ବଙ୍ଗଳା କବିତା ସଂକଳନର ଅନୁବାଦ 'ଶେଷଲେଖା।" ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଲେଖକମାନଙ୍କ ପୁସ୍ତକର ଅନୁବାଦ- ଶଙ୍ଖ ଘୋଷଙ୍କ ବଙ୍ଗଳା କବିତା ସଂକଳନର ଅନୁବାଦ 'ଗାନ୍ଧର୍ବ କବିତାଗୁଛ', ଇନ୍ଦିରା ଗୋସ୍ୱାମୀଙ୍କ ଅସମୀୟା ଗଳ୍ପ ସଂକଳନର ଅନୁବାଦ 'ଲୋହିତ ନଦୀର ଧାରେ ', କୁଅଁର ନାରାୟଣଙ୍କ ହିନ୍ଦୀ କବିତା ସଂକଳନ 'ନୂହଁର ଆରେକ ପୃଥିବୀ', ମହାଶ୍ୱେତା ଦେବୀଙ୍କ ବଙ୍ଗଳା ଉପନ୍ୟାସର ଅନୁବାଦ 'ରୁଦାଲି', ଚନ୍ଦ୍ରଶେଖର କମ୍ବାରଙ୍କ କନ୍ନଡ଼ କବିତା ସଂକଳନର ଅନୁବାଦ 'ହାମ୍ପିର ଶିଳାଖଣ୍ଡ, କେଦାରନାଥ ନାଥ ସିଂହଙ୍କ ହିନ୍ଦୀ କବିତା ସଂକଳନର ଅନୁବାଦ 'ସର୍ଜନାର ନିରୀକ୍ଷଣ', ମହାଶ୍ୱେତା ଦେବୀଙ୍କ ବଙ୍ଗଳା ଉପନ୍ୟାସର ଅନୁବାଦ ' ଅଧିବା ଓ ତିନିକନ୍ୟା', କେଦାରନାଥ ସିଂହଙ୍କ ହିନ୍ଦୀ କବିତା ସଂକଳନର ଅନୁବାଦ 'ମତଦାନ କେନ୍ଦ୍ରରେ ଛାଇନିଦ'। ସରସ୍ୱତୀ ସମ୍ମାନ ପ୍ରାପ୍ତ ଲେଖକଙ୍କ ପୁସ୍ତକ- ସୁରଜିତ୍ ପତରଙ୍କ ପଞ୍ଜାବୀ କବିତା ସଂକଳନର ଅନୁବାଦ 'ଅନ୍ଧାରରେ ବିଷଣ୍ଣ ବର୍ଣ୍ଣମାଳା, ସୁନୀଲ ଗଙ୍ଗୋପାଧାୟଙ୍କ ବଙ୍ଗଳା ଗଳ୍ପ ସଂକଳନର ଅନୁବାଦ 'ନିର୍ବାଚିତ ଗଳ୍ପ', ସୁନୀଲ ଗଙ୍ଗୋପାଧାୟଙ୍କ ବଙ୍ଗଳା କବିତା ସଂକଳନର ଅନୁବାଦ 'କେବଳ ତମେ ନୀରା'। କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପ୍ରାପ୍ତ ଲେଖକଙ୍କ ପୁସ୍ତକ- ମଙ୍ଗଲେଶ ଡବରାଲଙ୍କ ହିନ୍ଦୀ କବିତା ସଂକଳନର ଅନୁବାଦ 'ଆମେ ଯାହା ଦେଖୁ', କେନ୍ଦ୍ର ସାହିତ୍ୟ ଅକାଦେମୀ ଦ୍ୱାରା

ପ୍ରକାଶିତ। ଚିତ୍ରା ମୁଦ୍‌ଗଲଙ୍କ ହିନ୍ଦୀ ଗଳ୍ପ ସଙ୍କଳନର ଅନୁବାଦ 'ବୟାନ'। ଅନ୍ୟାନ୍ୟ ସମ୍ମାନରେ ସମ୍ମାନିତ ଲେଖକଙ୍କ ପୁସ୍ତକ- କନ୍ନଡ଼, ମାଲୟାଲମ, ତାମିଲ, ବଙ୍ଗଳା ଓ ହିନ୍ଦୀ ଭାଷାର ପାଞ୍ଚଟି ଉପନ୍ୟାସ 'ଅନନ୍ୟା ପାଞ୍ଚ' (ମୂଳ ଲେଖକ- ଭୈକମ୍ ମହମ୍ମଦ ବଶୀର, ମୁକ୍ତିବୋଧ, ମହାଶ୍ୱେତା ଦେବୀ, ୟୁ.ଆର. ଅନନ୍ତମୂର୍ତ୍ତି ଓ ଡି. ଜୟକାନ୍ତନଙ୍କ ଉପନ୍ୟାସ), ଚଉଦଟି ଭାରତୀୟ ଭାଷାର ଗଳ୍ପ ସଙ୍କଳନ 'ଏକତ୍ର ଏକତ୍ରିଶ', ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀଙ୍କ ଶ୍ରୀମଭାଗବତର ଅନୁବାଦ, ନୋବେଲ ବିଜୟୀ କଥାକାରମାନଙ୍କ ଉପରେ ଫିଚର ଗ୍ରନ୍ଥ 'ନୋବେଲ ବିଜୟୀ କଥାକାରଙ୍କ ଆତ୍ମକଥନ', ଡେନ୍‌ମାର୍କର ପ୍ରସିଦ୍ଧ କବି ଏରିକ୍ ଷ୍ଟିନ୍ୟୁସ୍‌ଙ୍କ କବିତା ସଂକଳନ 'ଇତିହାସ ଆଉ ଥରେ'ର ଅନୁବାଦରେ ଡ. ସୀତାକାନ୍ତ ମହାପାତ୍ରଙ୍କ ସହ-ଅନୁବାଦକ, ଅନିତା ଅଗ୍ନିହୋତ୍ରୀଙ୍କ ବଙ୍ଗଳା ଉପନ୍ୟାସ 'ମହାନଦୀ' ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରାରା ପ୍ରକାଶିତ। ଯାହା ତାଙ୍କ ବହୁମୁଖୀ ପ୍ରତିଭାର ନିଦର୍ଶନ।

ସମ୍ମାନ ଓ ସ୍ୱୀକୃତି ସ୍ୱରୂପ ସେ ପାଇଛନ୍ତି- ପ୍ରଜାତନ୍ତ୍ର କବିତା ପୁରସ୍କାର ( ୨୦୦୫), ଝଙ୍କାର ଅନୁବାଦ ପୁରସ୍କାର (୨୦୦୬). ଧ୍ୱନିପ୍ରତିଧ୍ୱନି ସାଗରିକା ଅନୁବାଦ ପୁରସ୍କାର, ବ୍ରହ୍ମାନନ୍ଦ ଦାସ ସ୍ମୃତି ଅନୁବାଦ ପୁରସ୍କାର, ଚଲାପଥ କବିତା ପୁରସ୍କାର, ଏକାମ୍ର ପୁସ୍ତକ ମହୋତ୍ସବ ଆଦାନପ୍ରଦାନ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଅନୁବାଦ ପୁରସ୍କାର (୨୦୧୦ ମସିହା ପାଇଁ), ଚନ୍ଦ୍ରଭାଗା ଅନୁବାଦ ପୁରସ୍କାର, କାଦମ୍ବିନୀ ଅନୁବାଦ ପୁରସ୍କାର, ପୁନର୍ନବା ଅନାଦି ଅନନ୍ତ କବିତା ସମ୍ମାନ, ଆନନ୍ଦପୁର ସାହିତ୍ୟ ସମ୍ମାନ, ଫକୀରମୋହନ ଅନୁବାଦ ସମ୍ମାନ, ଗୌରବ ସାରସ୍ୱତ ସମ୍ମାନ, ଭାରତ ସରକାରଙ୍କ ସଂସ୍କୃତି ବିଭାଗର ସିନିୟର ଫେଲୋସିପ୍ (୨୦୧୬-୧୭), ବିଜୟକୃଷ୍ଣ ମହାନ୍ତି ସ୍ମୃତି ସମ୍ମାନ ୨୦୧୯ ପ୍ରମୁଖ।

ଆସିବା ମୁଖ୍ୟ ବିଷୟକୁ। ଅଭିନବ ଚୈତନ୍ୟ ପ୍ରସଙ୍ଗ ନୂଆ ନୁହେଁ। ଓଡ଼ିଆ କଥା ସାହିତ୍ୟର ପ୍ରାଚୀନତମ କଥାଗ୍ରନ୍ଥ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ 'ରୁଦ୍ରସୁଧାନିଧି' ସମ୍ପର୍କରେ ସମସ୍ତେ ଜାଣନ୍ତି। ତେବେ ସେହି କଥାବସ୍ତୁକୁ ଅକ୍ଷୁର୍ଣ୍ଣ ରଖି ପୁନଃ ଏକ କଥାଗ୍ରନ୍ଥ ପ୍ରସ୍ତୁତ କରିବା ନିଶ୍ଚୟ ଏକ ଦୁରୂହ ବ୍ୟାପାର। ସାଧାରଣତଃ ମୌଳିକ କଥା ସଂରଚନା ଏକ ଭିନ୍ନ ଦିଗ ହୋଇଥାଏ। ଯହିଁରେ ଲେଖକୀୟ ବିଷୟ ଚୟନର ସ୍ୱାଧୀନତା ଓ ଚିନ୍ତନର ମୌଳିକତା ସ୍ୱାଭାବିକ ଢଙ୍ଗରେ ହୋଇପାରିଥାଏ। କିନ୍ତୁ ଏଠାରେ ଏହା ବିପରୀତ। ପୂର୍ବରୁ ପରିକଳ୍ପିତ ଚରିତ୍ର ଓ ବିଷୟକୁ ଅପରିବର୍ତ୍ତିତ ରଖି ସମକାଳରେ ଏକ ଉପନ୍ୟାସର ପରିକଳ୍ପନା କରିବା ସେତେ ସହଜ କଥା ନୁହେଁ। କିନ୍ତୁ କ୍ଷୀରୋଦ ପରିଡ଼ା ଏହା ପ୍ରମାଣିତ କରିଦେଇଛନ୍ତି ଯେ ଏହା ସମ୍ଭବ। ରୁଦ୍ରସୁଧାନିଧିର ମୁଖ୍ୟ ଚରିତ୍ର 'ଅଭିନବ ଚୈତନ୍ୟ' ନାମାନୁସାରେ ସେ ଉକ୍ତ ଉପନ୍ୟାସର ନାମକରଣ କରିଛନ୍ତି। ସମକାଳରେ ପ୍ରଚଳିତ ଭାଷା ଓ ଭାବରେ ଗଢିଛନ୍ତି ରୁଦ୍ରସୁଧାନିଧିକୁ ନୂତନ ରୂପରେ। ଏରୂପ କେବଳ ପଠନରେ ହିଁ ଅନୁମେୟ। ଏ ବିଷୟରେ ଲେଖକୀୟ ଅଭିବ୍ୟକ୍ତି ଏହିପରି- "ପାଞ୍ଚ ଶହ ବର୍ଷ ତଳେ ରଚିତ ହୋଇଥିଲା ଓଡ଼ିଆ ଭାଷାର ପ୍ରଥମ ଲିଖିତଗଦ୍ୟ ରଚନା – 'ରୁଦ୍ରସୁଧାନିଧି', ତାହାରି ରଚନାର ଅର୍ଦ୍ଧସହସ୍ରାବ୍ଦୀ ପୂର୍ତ୍ତି ଅବସରରେ। ସ୍ରଷ୍ଟା ନାରାୟଣାନନ୍ଦ ଅବଧୂତସ୍ୱାମୀ ଓ ରୁଦ୍ରସୁଧାନିଧି ଉପରେ ଏକ ପ୍ରବନ୍ଧ ଲେଖିଲି। ପାଞ୍ଚଶହ ବର୍ଷ ତଳର ଓଡ଼ିଆ ଭାଷାରେ, ପୁଣି ଅଭିନବ ଗଦ୍ୟ ରୂପରେ ରଚିତ ଏହି ପୁସ୍ତକକୁ ଏକ ସମକାଳୀନ ମୁଖ୍ୟପାଠ ରୂପରେ ଉପନ୍ୟାସଟିଏ ଲେଖିବାର ପରିକଳ୍ପନା କଲି। କିନ୍ତୁ କାମଟି ସହଜ ଦିଶୁଥିଲେ ବି ତାହା ବହୁ ଶ୍ରମ ଦାବି କରିଥିଲା। ମୂଳପାଠ ପ୍ରତି ସଶ୍ରଦ୍ଧ ରହି ସାଧୁତାର ସହ ତାହାର ଅପୂର୍ବ ଭାଷା ବିଭବ ଓ ଅନୁପମ ଶୈଳୀକୁ ସାଥିରେ ନେଇ ଏକ ସମକାଳୀନ ମୁଖ୍ୟପାଠ ରୂପରେ ରଚନା ଆରମ୍ଭ କଲି।" ବାସ୍ତବରେ ଏମିତି କିଛି ପ୍ରୟାସ ବହୁତ କମ୍ ବ୍ୟକ୍ତିବିଶେଷ କରିପାରନ୍ତି।

ଏଠାରେ କହିବା ଉଚିତ ହେବ ଯେ, ଗ୍ରନ୍ଥଟିକୁ ଆଲୋଚନା କରିବା ଆମ ଉଦ୍ଦେଶ୍ୟ ନୁହେଁ। ପାଠକ ମନରେ ପୁସ୍ତକଟି ପ୍ରତି ଆକର୍ଷଣ ଓ ସାମାନ୍ୟ ଅବବୋଧ ସୃଷ୍ଟି ହିଁ ଆମ ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଜଣେ ପାଠକ ଭାବେ ମୋର ନିବେଦନ ସମସ୍ତେ ନିଶ୍ଚିତ ଭାବେ ଏହି ଉପନ୍ୟାସକୁ ପଢିବା ଅବଶ୍ୟକ। ଏହାର ପଠନ ଦ୍ୱାରା ହିଁ ଆମ ପ୍ରାଚୀନ କଥାୟନ ଓ ବର୍ତ୍ତମାନ ସହ ଥିବା ଏହାର ସମନ୍ୱୟ ବିଷୟରେ ଜାଣିପାରିବେ। ଉକ୍ତ ଗ୍ରନ୍ଥ ପଠନରେ ପାଠକେ ଏକ ଆଭିନବ ରସ ଆସ୍ୱାଦନ କରିପାରିବେ। ଯଥାର୍ଥରେ ସୌଭାଗ୍ୟବନ୍ତ ମହାରଣାଙ୍କ ଭାଷାରେ - "ଏହି ଉପନ୍ୟାସର ଭାବ, ଶବ୍ଦ ଓ ଶୈଳୀର ଚମତ୍କାର ପ୍ରୟୋଗ ଆପଣଙ୍କ ସୃଜନକଳାର ଏକ ବିଶେଷ ପ୍ରତିବେଦନ କହିଲେ ଅତ୍ୟୁକ୍ତି ହେବ ନାହିଁ।" ଏକ ଅଭିନବ କଥାଶିଳ୍ପ ଭାବେ 'ଅଭିନବ ଚୈତନ୍ୟ' ସମକାଳୀନ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ଜାହିର କରିବ ଏ ବିଶ୍ୱାସ ମୋର ଅଛି । ପୁସ୍ତକଟି ଜନାଦୃତି ଲାଭକରୁ ଏହା ହିଁ ମୋର କାମନା ।

- ସଂପାଦକ, ବାଗୀଶ

●

BAGEESHA | VOLUME N0. 01 | ISSUE N0. 06 | NOV - DEC 2023




ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-